# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▸ www.amrutadunia.org




ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା


■ Vol. 10, Issue. 303, Sunday, 25 February 2024, Puri, Pages- 23, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୦୩, ରବିବାର, ୨୫ ଫେବୃଆରୀ ୨୦୨୪, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୭ ଟଙ୍କା







ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 www.amrutadunia.org

Vol. 10, Issue. 303, Sunday, 25 February 2024, Puri, Pages- 23, Rs. 7/-

ଦଶମ ବର୍ଷ, ସଂଖ୍ୟା-୩୦୩, ରବିବାର, ୨୫ ଫେବୃଆରୀ ୨୦୨୪, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୭ ଟଙ୍କା





ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

# ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org



Selfie ଦୁନିଆ

ସେଲ୍ଫି ଦୁନିଆରେ ଆପଣଙ୍କ ଫଟୋ ସ୍ଥାନୀତ କରିବା ପାଇଁ ଇଚ୍ଛୁକ ଥିଲେ
selfiedunia96@gmail.com
କିମ୍ବା ୯୦୪୦୦୦୫୦୮୪ ହ୍ୱାଟ୍ସଆପରେ ନିଜନାମ ଓ ଠିକଣା ସହ ଫଟୋ ପଠାଇବାକୁ ଅନୁରୋଧ



■ Vol. 10, Issue. 303, Sunday, 25 February 2024, Puri, Pages- 23, Rs. 7/-

■ ଦଶମ ବର୍ଷ, ସଂଖ୍ୟା-୩୦୩, ରବିବାର, ୨୫ ଫେବୃଆରୀ ୨୦୨୪, ପୁରୀ, ୨୩ ପୃଷ୍ଠା, ମୂଲ୍ୟ - ୭ ଟଙ୍କା


# ଜୁଲାଇ ୧ରୁ ଦେଶରେ ଲାଗୁହେବ ନୂଆ ଅପରାଧ ଆଇନ୍



- ■ ଆଉ ରହିବନି ପୁରୁଣା ନ୍ୟାୟ ବ୍ୟବସ୍ଥା
- ■ ଶୀତ ଅଧିବେଶନରେ ବିଲ୍ ପାରିତ କରିଥିଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ

ଭାରତୀୟ ଆଇନ ପ୍ରକ୍ରିୟାରେ ୩ଟି ନୂଆ ଫୌଜଦାରୀ ଆଇନ ଲାଗୁ ହେବାକୁ ଯାଉଛି। ଏହି ତିନୋଟି ନୂଆ ଅପରାଧିକ ନିୟମ ଜୁଲାଇ ପହିଲାରୁ କାର୍ଯ୍ୟକାରୀ ହେବ। ଏନେଇ ଆଜି କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ବିଜ୍ଞପ୍ତିରେ କୁହାଯାଇଛି।ଏହି ତିନି ଅପରାଧିକ ନିୟମ ହେଉଛି, ଭାରତ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ। ବ୍ରିଟିଶ କାଳରୁ ଚାଲି ଆସିଥିବା ଇଣ୍ଡିଆନ ପେନାଲ କୋଡ (ଆଇପିସି) ଏବଂ କୋଡ ଅଫ୍ କ୍ରିମିନାଲ ପ୍ରୋସିଜର୍ (CrPC) ପରିବର୍ତ୍ତେ ଭାରତୀୟ ନ୍ୟାୟ ସଂହିତା ଲାଗୁ ହେବ। ଭାରତୀୟ ସାକ୍ଷ୍ୟ ସଂହିତା, ୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା ବିଲ୍, ୨୦୨୩ ଏବଂ ଭାରତୀୟ ନ୍ୟାୟ ସଂହିତା, ୨୦୨୩ ଗତ ବର୍ଷ ଶୀତ ଅଧିବେଶନ ସମୟରେ ସଂସଦର ଉଭୟ ଗୃହରେ ପାରିତ ହୋଇଥିଲା। ଏହାପରେ ରାଷ୍ଟ୍ରପତିଙ୍କଠାରୁ ଅନୁମୋଦନ ପାଇବା ପରେ ବିଲ୍ ଆଇନରେ ପରିଣତ ହୋଇଥିଲା, ଯାହା ଆସନ୍ତା ଜୁଲାଇ ୧ରୁ କାର୍ଯ୍ୟକାରୀ ହେବ। ସଂସଦରେ ଏହି ବିଲ୍ ଆଗତ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ କହିଥିଲେ, ଏହି ନୂଆ ନିୟମ ଭାରତୀୟତା, ଭାରତୀୟ ସମ୍ବିଧାନ ଏବଂ ଲୋକଙ୍କ କଲ୍ୟାଣ ଉପରେ ଗୁରୁତ୍ୱାରୋପ କରେ। ଏଥିସହ ଟେକ୍ନୋଲୋଜିର ବ୍ୟବହାରକୁ ଉତ୍ସାହିତ କରିଥାଏ ଏବଂ ଅନୁସନ୍ଧାନ, ପ୍ରବର୍ତ୍ତନ ଏବଂ ନ୍ୟାୟିକ ବ୍ୟବସ୍ଥାରେ ଫରେନସିକ୍ ସାଇନ୍ସକୁ ଅଧିକ ଗୁରୁତ୍ୱ ଦେଇଥାଏ ବୋଲି ଶାହ କହିଥିଲେ। ସେ ଆହୁରି କହିଥିଲେ, ଏହି ତିନୋଟି ନିୟମ ଅନୁଯାୟୀ ସମସ୍ତ ବ୍ୟବସ୍ଥା କାର୍ଯ୍ୟକାରୀ ହେବା ପରେ ପାଞ୍ଚ ବର୍ଷ ମଧ୍ୟରେ ଭାରତୀୟ ଅପରାଧିକ ନ୍ୟାୟ ବ୍ୟବସ୍ଥା ବିଶ୍ୱରେ ସବୁଠାରୁ ଉନ୍ନତ ହେବ।

## ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା

# ୩୪ଟି ନୂଆ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠିତ

- ■ ୫ ଏନ୍ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ
- ■ ବୌଦ୍ଧଗଡ଼, ଆସ୍କା, ଛତ୍ରପୁର, କରଞ୍ଜିଆ ଓ କଣ୍ଟାବାଞ୍ଜି ମ୍ୟୁନିସିପାଲିଟିକୁ ଉନ୍ନୀତ




ଭୁବନେଶ୍ୱର(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ୨୦ଟି ଜିଲ୍ଲାରେ ୩୪ଟି ନୂତନ ବିଜ୍ଞପିତ ଅଞ୍ଚଳ ପରିଷଦ ଗଠନ ଏବଂ ଚାରିଟି ଜିଲାର ପାଞ୍ଚ ଟି ଏନଏସି କୁ ମୁନିସିପାଲିଟି କୁ ଉନ୍ନୀତ କରାଯିବା ବିଷୟ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼ ମୟୁରଭଞ୍ଜ ର କରଞ୍ଜିଆ ବଲାଙ୍ଗିର ର କଣ୍ଟାବାଞ୍ଜି ଓ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ଆସ୍କା ଏନଏସି କୁ ମୁନିସିପାଲିଟି କୁ ଉନ୍ନୀତ କରାଯାଇଛି । ୫T ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଙ୍କ ବିଭିନ୍ନ ଜିଲ୍ଲା ଗସ୍ତ ଅବସରରେ ଜନସାଧାରଣ ଙ୍କ ପ୍ରସ୍ତାବ ଏବଂ ବିକାଶ ର ଆବଶ୍ୟକତା କୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି । ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗୁଡିକ ହେଲା – ଅନୁଗୋଳ ଜିଲ୍ଲାର ପାଲଲହଡା ଓ ଛେଣ୍ଡିପଦା, ବାଲେଶ୍ୱର ଜିଲ୍ଲାର ବସ୍ତା ଓ ସିମୁଳିଆ, ବରଗଡ ଜିଲ୍ଲାର ପାଇକମାଳ ଓ ଭେଡେନ, ଭଦ୍ରକ ଜିଲ୍ଲାର ଅଗରପଡା, ବଲାଙ୍ଗିର ଜିଲ୍ଲାର ବେଲପଡା ଓ ସଂଇତଳା, ଯାଜପୁର ଜିଲ୍ଲାର ବିଞ୍ଝାରପୁର, ପାଣିକୋଇଲି, ଜାରକା ଓ ଚଣ୍ଡିଖୋଲ, କଳହାଣ୍ଡି ଜିଲ୍ଲାର ଜୟପାଟଣା, କନ୍ଧମାଳ ଜିଲ୍ଲାର ରାଇକିଆ, କୋରାପୁଟ ଜିଲ୍ଲାର ବୋରିଗୁମା, ନୂଆପଡା ଜିଲ୍ଲାର ସିନାପାଲି, ରାୟଗଡ ଜିଲ୍ଲାର ଚାନ୍ଦିଲି, ମୁନିଗୁଡା ଓ ବିଷମକଟକ, ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି, ସୁନ୍ଦରଗଡ ଜିଲ୍ଲାର ବଣେଇ, ଗଞ୍ଜାମ ଜିଲ୍ଲାର ଶେରଗଡ ଓ କୁକୁଡାଖଣ୍ଡି, ନୟାଗଡ ଜିଲ୍ଲାର କଣ୍ଟିଲୋ, ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଓ ବେଗୁନିଆ, କଟକ ଜିଲ୍ଲାର ସାଲେପୁର, ବଡମ୍ବା, ନରସିଂହପୁର ଓ ନିଆଳି, ମୟୁରଭଞ୍ଜ ଜିଲ୍ଲାର ବେତନଟି, ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଏବଂ ବୌଦ୍ଧ ଜିଲ୍ଲାର କଣ୍ଟାମାଳ। ସୂଚନାଯୋଗ୍ୟ ଯେ ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ

▶(ପୃଷ୍ଠା-୧୫)

## ମାଟ୍ରିକ ପରୀକ୍ଷାରେ ଲିକ୍ ହୋଇନି ପ୍ରଶ୍ନପତ୍ର

କଟକ(ବ୍ୟୁରୋ)

ମାଟ୍ରିକ ପରୀକ୍ଷା ସୁରୁଖୁରୁରେ ଚାଲିଛି। କୌଣସି ପ୍ରଶ୍ନପତ୍ର ଲିକ୍ ହୋଇ ନାହିଁ। ବିଭ୍ରାନ୍ତ କରିବାକୁ କେହି ଏଭଳି କରିଛି।' ମାଟ୍ରିକ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି ବୋର୍ଡ ଉପସଭାପତି ନିହାର ରଞ୍ଜନ ମହାନ୍ତି ।ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି, କୌଣସି ପ୍ରଶ୍ନପତ୍ର ଲିକ୍ ହୋଇ ନାହିଁ। ଇଂରାଜୀ ପରୀକ୍ଷାକୁ ୨୪ ଘଣ୍ଟା ବିତି ସାରିଥିଲେ ବି ଆମ ପାଖକୁ କୌଣସି ଅଭିଯୋଗ ଆସିନି। ବିଭ୍ରାନ୍ତ କରିବାକୁ କେହି ଏଭଳି ଚକ୍ରାନ୍ତ କରିଛି ।ସେ କହିଛନ୍ତି, କିଛି ପରୀକ୍ଷା କେନ୍ଦ୍ରରେ ତ୍ରୁଟି ହୋଇଥିବା ଇଓରୁ ଧରାପଡ଼ିଛି । ଧରାପଡ଼ିଥିବା ତ୍ରୁଟିରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସୁପାରିସ ହୋଇଛି । ଏନେଇ ପରୀକ୍ଷା ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ପଚରାଉଚରା କରାଯିବାରୁ ସେମାନେ ଭୁଲ୍ ଜାଣିପାରିନଥିବା କହିଛନ୍ତି । ସେମାନଙ୍କୁ ଅଧିକ

▶(ପୃଷ୍ଠା-୧୫)

## ଲୋକସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନଙ୍କ ବଡ଼ ନିଷ୍ପତ୍ତି

# ସଂସଦୀୟ ନିର୍ବାଚନ ମଣ୍ଡଳୀର ଅନ୍ୟ ଜିଲ୍ଲାରେ ଅବସ୍ଥାପିତ ହେବେନାହିଁ ଅଧିକାରୀ




ନୂଆଦିଲ୍ଲୀ

ଆଗାମୀ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଅଧିକାରୀଙ୍କ ଟ୍ରାନ୍ସଫର ଓ ପୋଷ୍ଟିଂକୁ ନେଇ ନିର୍ବାଚନ ଆୟୋଗ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ନିର୍ବାଚନ ଆୟୋଗ ସବୁ ରାଜ୍ୟ ସରକାରମାନଙ୍କୁ ଏହା ସୁନିଶ୍ଚିତ କରିବାକୁ କହିଛନ୍ତି ଯେ ଯେଉଁ ଅଧିକାରୀମାନେ ୩ ବର୍ଷ ପୂରଣ କରିବା ପରେ ଜିଲ୍ଲାରୁ ବାହାରକୁ ସ୍ଥାନାନ୍ତରିତ ହୋଇଛନ୍ତି ସେମାନେ ଯେପରି ସେହି ଲୋକସଭା ନିର୍ବାଚନମଣ୍ଡଳିର ଜିଲ୍ଲାରେ ଅବସ୍ଥାପିତ ନହୁଅନ୍ତି। ବର୍ତ୍ତମାନ ନିର୍ଦ୍ଦେଶରେ ଥିବା ତ୍ରୁଟି ସୁଧାର କରି ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି ଯେ ସେହି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶ ଯେଉଁଠାରେ ଦୁଇଟି ସଂସଦୀୟ ନିର୍ବାଚନ ମଣ୍ଡଳି ରହିଛି ସେମାନଙ୍କୁ ଛାଡି ଅନ୍ୟ ରାଜ୍ୟ ସରକାରମାନେ ଏହା ସୁନିଶ୍ଚିତ କରନ୍ତୁ ଯେଉଁ ଅଧିକାରୀଙ୍କୁ ଜିଲ୍ଲାରୁ ବାହାରକୁ ସ୍ଥାନାନ୍ତରିତ କରାଯାଇଛି ସେମାନେ ଯେପରି ସେହି ସଂସଦୀୟ କ୍ଷେତ୍ରରେ ଅବସ୍ଥାପିତ ନ ଥାନ୍ତି। ଉଲ୍ଲେଖଯୋଗ୍ୟ ଯେ ନିର୍ବାଚନ ଆୟୋଗଙ୍କ ନୀତି ଅନୁସାରେ ସେହି ସବୁ ଅଧିକାରୀମାନଙ୍କୁ ଟ୍ରାନ୍ସ ଫର କରାଯାଇଛି ଯେଉଁମାନେ ହୁଏତ ସେମାନଙ୍କ ଗୃହ ଜିଲ୍ଲାରେ ଅବସ୍ଥାପିତ ଥିଲେ ଅଥବା ଗୋଟିଏ ସ୍ଥାନରେ ୩ ବର୍ଷ ପୂରଣ କରିଛନ୍ତି। ଏଥିରେ ସେହି ଅଧିକାରୀ

▶(ପୃଷ୍ଠା-୧୫)

## ପୋଖରୀକୁ ଖସିଲା ଟ୍ରାକ୍ଟର

# ୭ ଶିଶୁଙ୍କ ସମେତ ୨୨ ଭକ୍ତ ମୃତ



ନୂଆଦିଲ୍ଲୀ

ଉତ୍ତରପ୍ରଦେଶର କାସଗଞ୍ଜ ଜିଲାରେ ଏକ ବଡ଼ ସଡ଼କ ଦୁର୍ଘଟଣା ଘଟିଛି। ସକାଳ ପ୍ରାୟ ୧୦ଟା ସମୟରେ ଭକ୍ତଙ୍କ ଭର୍ତ୍ତି ଏକ ଟ୍ରାକ୍ଟର ଟ୍ରଲି ନିୟନ୍ତ୍ରଣ ବାହାରକୁ ଯାଇ ପାଟିଆଲି-ଦରିଆଭଗଞ୍ଜ ରାସ୍ତାରେ ଥିବା ପୋଖରୀରେ ଖସିପଡିଥିଲା। ପୋଖରୀ ଭିତରକୁ ଯିବା ପରେ ଟ୍ରାକ୍ଟର ଟ୍ରଲି ଓଲଟି ପଡିଥିଲା। ଯେଉଁଥିରେ ଅଧିକାଂଶ ଭକ୍ତଙ୍କ ଶଳିଳ ସମାଧି ହୋଇଥିଲା। ଏହି ଦୁର୍ଘଟଣାରେ ଖବର ଲେଖାହେବା ପର୍ଯ୍ୟନ୍ତ ୨୨ ଲୋକଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ୮ ଜଣ ମହିଳା ଏବଂ ୭ ଶିଶୁ ଅଛନ୍ତି। ବହୁ ଗୁରୁତର ଆହତ ଭକ୍ତଙ୍କୁ ଜିଲା ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ଏବଂ କେତେକଙ୍କୁ ଅନ୍ୟ ହସ୍ପିଟାଲକୁ ରେଫର କରାଯାଇଛି। ଘଟଣାସ୍ଥଳରୁ ଜିଲା ଡାକ୍ତରଖାନା ପର୍ଯ୍ୟନ୍ତ ବିଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହୋଇଛି। ଡିଏମ, ଏସପି ଏବଂ ଅନ୍ୟାନ୍ୟ ପ୍ରଶାସନିକ ଏବଂ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଛି। ମୃତକଙ୍କ ପରିବାରରେ ଉତ୍ତେଜନା ଦେଖାଦେଇଛି। ଏହି ଦୁର୍ଘଟଣାରେ ଗୋଟିଏ ପରିବାରର ଅନେକ ଲୋକ ମୃତକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ। ବର୍ତ୍ତମାନ ସୁଦ୍ଧା ୨୨ଜଣଙ୍କ ମୃତ୍ୟୁ ନିଶ୍ଚିତ ହୋଇଛି। ସିଏମଓ ଡକ୍ଟର ରାଜୀବ ଅଗ୍ରୱାଲ କହିଛନ୍ତି ଯେ ପାଟିଆଲିର ସିଏଚସିରେ ୭ଜଣ ଶିଶୁ ଏବଂ ୮ ଜଣ ମହିଳାଙ୍କୁ ମୃତ ଘୋଷଣା କରାଯାଇଛି। ଏହା ସହିତ ଆଉ ୫ଜଣଙ୍କୁ ମୃତ ଘୋଷଣା କରାଯାଇଥିଲା। ଆମ୍ବୁଲାନ୍ସ ଯୋଗେ ଜିଲା ଡାକ୍ତରଖାନାକୁ ଅଣାଯାଇଥିବା ଅନ୍ୟ ଆହତଙ୍କ ପରୀକ୍ଷା ଚାଲିଛି। ମୃତ୍ୟୁସଂଖ୍ୟା ବୃଦ୍ଧି ହେବାର ସମ୍ଭାବନା ରହିଛି। ପରିସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ରହିଛି।

## ବିଏମ୍ସି କମିଶନର ବିଜୟ ଅମୃତ କୁଲାଙ୍ଗେଙ୍କ ସ୍ଥାନରେ ଦାୟିତ୍ୱ ନେଲେ ରାଜେଶ ପାଟିଲ

ଭୁବନେଶ୍ୱର (ବ୍ୟୁରୋ)

ବିଏମ୍ସି କମିଶନର ବିଜୟ ଅମୃତ କୁଲାଙ୍ଗେ ଅଚାନକ ଛୁଟିରେ ଯାଇଛନ୍ତି। ତାଙ୍କ ବଦଳରେ ରାଜେଶ ପାଟିଲଙ୍କୁ ବିଏମ୍ସି କମିଶନର ଦାୟିତ୍ୱ ଦିଆଯାଇଛି । ଏକ ମାସ ପାଇଁ ଛୁଟିରେ ଯାଇଛନ୍ତି ବରିଷ୍ଠ ପ୍ରଶାସନିକ ଅଧିକାରୀ ବିଜୟ ଅମୃତ କୁଲାଙ୍ଗେ। ଖବର ଅନୁଯାୟୀ, ଭୁବନେଶ୍ୱର ମହାନଗର ନିଗମର କମିଶନର ବିଜୟ ଅମୃତ କୁଲାଙ୍ଗେ ଏକ ମାସର ଛୁଟିରେ ଯିବା ପାଇଁ ଆବେଦନ କରିଥିଲେ। ଯାହାକୁ ରାଜ୍ୟ ସରକାର ମଞ୍ଜୁର କରିଛନ୍ତି । ତାଙ୍କ ବଦଳରେ ଆଉ ଜଣେ ପ୍ରଶାସନିକ ଅଧିକାରୀ ରାଜେଶ ପାଟିଲଙ୍କୁ ବିଏମ୍ସିର ନୂତନ କମିଶନର ଭାବେ ନିଯୁକ୍ତି ଦେଇଛନ୍ତି ରାଜ୍ୟ ସରକାର । ଏନେଇ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ୨୦୦୫ ବ୍ୟାଚର ଏହି ଆଇଏଏସ ଅଫିସର ରାଜେଶ ପାଟିଲ ଅନେକ ଜିଲାରେ ଜିଲାପାଳ ଭାବେ କାମ କରି ଆସିଛନ୍ତି ।

## ସେ କହିଲେ...



କ୍ୱାଡ୍ ସୁରକ୍ଷା ଆଲୋଚନା ଏପରି ଏକ ଅଭିବ୍ୟକ୍ତି ଯେ ଅନ୍ୟ କେହି ଦେଶ ସମାନ ଚିନ୍ତାଧାରାର ଦେଶଗୁଡ଼ିକ ଉପରେ 'ଭିଟୋ' ବ୍ୟବହାର କରିପାରିବେ ନାହିଁ। ବଞ୍ଚିବା, ବିକାଶ ଏବଂ ବିଶ୍ୱ ସମୃଦ୍ଧିରେ ଯୋଗଦାନ ଦେବା ପାଇଁ ଏହି ମେଣ୍ଟ ଗଠନ କରାଯାଇଛି। କ୍ୱାଡ୍ ଏକ ବହୁ ଧ୍ରୁବୀୟ ବିଶ୍ୱ ବ୍ୟବସ୍ଥାର ବିକାଶକୁ ପ୍ରତିଫଳିତ କରେ ଏବଂ ଏହାର ମୂଳ ଆଭିମୁଖ୍ୟ ଏକତରଫା ନୁହେଁ, ସହଯୋଗୀ ଅଟେ । ଚାରି ଦେଶର ସମସ୍ତ ସରକାର ସେମାନଙ୍କର ସାଧାରଣ ଆଚରଣଠାରୁ ଭିନ୍ନ ଆଚରଣ କରିଛନ୍ତି। କ୍ୱାଡ୍ ହେଉଛି ଏକ ' ଆଲୋକସ୍ତମ୍ଭ' ଏବଂ ଏହା ଏକ ସୃଜନଶୀଳ, ନମନୀୟ, ସକ୍ରିୟ, ଉତ୍ତରଦାୟୀ ଏବଂ ବ୍ୟାପକ ଆଭିମୁଖ୍ୟଯୁକ୍ତ।

ଏସ୍ ଜୟଶଙ୍କର
ବୈଦେଶିକ ବ୍ୟାପାର ମନ୍ତ୍ରୀ

# ମୋଦିଙ୍କ ସମେତ ୧୦୦ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ ବିଜେପି !

ନୂଆଦିଲ୍ଲୀ

ଆସନ୍ତା ମାସରେ ନିର୍ବାଚନ କମିଶନ ଦେଶର ସାଧାରଣ ନିର୍ବାଚନ କେବେ ହେବ, ତା'ର ତାରିଖ ଘୋଷଣା କରିପାରନ୍ତି। ତାରିଖ ଘୋଷଣା ହେବା ପୂର୍ବରୁ କେନ୍ଦ୍ରରେ କ୍ଷମତାସୀନ ବିଜେପି ପ୍ରଥମ ଦଫାରେ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଘୋଷଣା କରିବ। ଗୁରୁବାର ଦିନ ଦଳ ପକ୍ଷରୁ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଓ ସେମାନେ କେଉଁଠି ଲଢ଼ିବେ, ତା'ର ତାଲିକା ଜାରି କରାଯିବ। ଏହି ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ନାଁ ରହିବ ବୋଲି ବିଜେପି ସୂତ୍ରରୁ ଜଣାପଡ଼ିଛି। ମିଳିଥିବା ସୂଚନା ଅନୁସାରେ, ପ୍ରାର୍ଥୀଙ୍କ ନାଁ ଚୂଡ଼ାନ୍ତ କରିବା ପାଇଁ ଆସନ୍ତା ୨୯ ତାରିଖରେ ବିଜେପିର କେନ୍ଦ୍ର ନିର୍ବାଚନ କମିଟିର ବୈଠକ ବସିବ। ଏହି ବୈଠକରେ ୧୦୦ ଜଣ ପ୍ରାର୍ଥୀଙ୍କ ନାଁ ଫାଇନାଲ କରାଯିବ। ବୈଠକ ପରେ ଅର୍ଥାତ ସେହି ଗୁରୁବାର କିମ୍ବା ଏହାର କିଛି ଦିନ ପରେ ବିଜେପି ମୁଖ୍ୟାଳୟରେ କିଏ କେଉଁଠୁ ପ୍ରାର୍ଥୀ ହେବେ, ତା'ର ଘୋଷଣା କରାଯିବ।ବିଜେପି ଏଥର ଏକାକୀ ୩୭୦ ଓ ଏନଡିଏ ୪୦୦ରୁ ଅଧିକ ଆସନ ଜିତିବ ବୋଲି ଲକ୍ଷ୍ୟ ରଖିଛି। ତେଣୁ ସେହି ଅନୁସାରେ ଦଳ ପ୍ରାର୍ଥୀଙ୍କୁ ମଧ୍ୟ ଚୟନ କରିବ। ଏପରି ସ୍ଥିତିରେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକାର ଗୁରୁତ୍ୱ ବେଶ ଅଧିକ ରହିଛି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ପ୍ରଦେଶର ବାରାଣସୀରୁ କ୍ରମାଗତ ୨ ଥର ନିର୍ବାଚନ ଜିତିଛନ୍ତି। ୨୦୧୪ରେ ତାଙ୍କ ବିଜୟ ବ୍ୟବଧାନ ୩.୩୭ ଲକ୍ଷ ଭୋଟ ରହିଥିଲା। ୨୦୧୯ରେ ଏହା ୪.୮ ଲକ୍ଷରେ ପହଞ୍ଚିଥିଲା।ଅମିତ ଶାହ ୨୦୧୯ରେ ଗୁଜରାଟର ଗାନ୍ଧିନଗର ଲୋକସଭା ଆସନରୁ ଲଢ଼ିଥିଲେ। ପୂର୍ବରୁ ଏଠାରେ ଏଲକେ ଆଡଭାନୀ ଲଢୁଥିଲେ। ଆଡଭାନୀଙ୍କ ଭଳି ଶାହ ମଧ୍ୟ ବିପୁଳ ଭୋଟ ବ୍ୟବଧାନରେ ବାଜି ମାରିଥିଲେ। ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ମୋଦି ବିଜେପି ନେତା ଓ କର୍ମୀମାନଙ୍କୁ ୩୭୦ ଟାର୍ଗେଟକୁ ପୂରଣ କରିବା ପାଇଁ କଠିନ ପରିଶ୍ରମ କରିବାକୁ କହିଥିଲେ। ଆସନ୍ତା ୧୦୦ ଦିନ ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ସମସ୍ତଙ୍କୁ ଜଣାଇଥିଲେ।

# ବାଇକ୍‌ରେ ବୁଲିଲେ ୫-ଟି ଅଧ୍ୟକ୍ଷ

## ନଦୀକୂଳ ବାସିନ୍ଦାଙ୍କ ସହ କଥା ହେଲେ ଓ ପ୍ରତିଶ୍ରୁତି ଦେଲେ



ଭଦ୍ରକ (ଅମୃତ ମିଡିଆ)

ଭଦ୍ରକ ଜିଲ୍ଲା ଗସ୍ତରେ ୫-ଟି ତଥା ଆମ ଓଡ଼ିଶା ଓ ନବୀନ ଓଡିଶାର ଅଧକ୍ଷ ଭି.କେ. ପାଣ୍ଡିଆନ । ପ୍ରଥମେ ଭଣ୍ଡାରିପୋଖରୀ ସ୍ଥିତ ଆଖୁଆପଦାଠାରେ ଆନିକଟ ବୁଲି ଦେଖିଛନ୍ତି । ପରେ ସାଧାରଣ ସଭା ମଧ୍ୟ କରିଛନ୍ତି । ଲୋକଙ୍କ ଦାବିପତ୍ର ନେବା ସହ ଉନ୍ନୟନମୂଳକ କାର୍ଯ୍ୟର ଘୋଷଣା କରିଛନ୍ତି । କିନ୍ତୁ ଧାମନଗର ନିର୍ବାଚନ ମଣ୍ଡଳୀର ଦୁଃଖ କୁହାଯାଉଥିବା ବୈତରଣୀ ନଦୀର ବାମ ବନ୍ଧ ମଧ୍ୟ ବୁଲିଛନ୍ତି । କିନ୍ତୁ ଲୋକଙ୍କ ଦୁଃଖକୁ ଅନୁଭବ କରିବା ପାଇଁ ନିଜେ ୫-ଟି ଅଧକ୍ଷ ବାଇକ୍ ଚଳାଇ ପ୍ରାୟ ୧୦କି.ମି.ରୁ ଅଧିକ ବନ୍ଧ ରାସ୍ତାରେ ବୁଲିଛନ୍ତି । ୫-ଟି ଅଧକ୍ଷ ଆସୁଥିବା ଜାଣି ଲୋକେ ବନ୍ଧ ପାର୍ଶ୍ୱରେ ଠିଆ ହୋଇଥିଲେ । ୫-ଟି ଅଧକ୍ଷ ନିଜେ ଗାଡି ଅଟକାଇ ନଦୀ କୂଳରେ ରହୁଥିବା ବାସିନ୍ଦାଙ୍କ ସହ କଥା ହୋଇଛନ୍ତି ଆଉ କହିଛନ୍ତି ଯେ, କିଛି ଅଭାବ କିମ୍ବା ଦାବି ଥିଲେ ମୋତେ ନିଜେ ଲିଖିତ ଭାବେ ଜଣାନ୍ତୁ । ଅନେକ ଲୋକେ ନିଜ ନିଜର ଅଭିଯୋଗକୁ ଲିଖିତ ଆକାରରେ ମଧ୍ୟ ଦେଇଛନ୍ତି । ଏମିତି କି ଅନେକ ସ୍ଥାନରେ ୫-ଟି ଅଧକ୍ଷଙ୍କ ସହ ସେଲ୍ଫି ନେଇଛନ୍ତି । ପରେ ନଦୀ ବନ୍ଧର ମଲ୍ଲି ମାହାରା ଓ ଗୌରାଙ୍ଗପୁର ଏସ୍କେପ ଯାଇ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ବନ୍ୟା ସମୟରେ ଲୋକଙ୍କ ପାଇଁ ଦୁଃଖ ସାଜିଥିବା ଏହି ଏସ୍କେପକୁ କେମିତି ଭାବେ ପରିଚାଳନା କଲେ ସମାଧାନ ହେବ ସେ ନେଇ ମଧ୍ୟ ଆଲୋଚନା କରିଛନ୍ତି । କୋଚିଲା ମୁହାଣରେ ପ୍ରସ୍ତାବିତ କୋଚିଲା ବ୍ୟାରେଜ ସ୍ଥାନକୁ ମଧ୍ୟ ଦେଖିବା ସହ ସମୀକ୍ଷା କରିଛନ୍ତି । ଏହି ପରିଦର୍ଶନ ସମୟରେ ଧାମନଗର ବାସିନ୍ଦା ବେଶ ଉତ୍ସାହିତ ହୋଇଥିଲେ । ଅନେକ ସ୍ଥାନରେ ଫୁଲ ପକାଇ, ବାଣ ଫୁଟାଇ ସ୍ୱାଗତ କରିଥିଲେ । ହଜାର ହଜାର ମହିଳା ପଟୁଆରରେ ୫-ଟି ଅଧକ୍ଷଙ୍କୁ ସ୍ୱାଗତ କରିଛନ୍ତି । ଆଉ ସେହି ସ୍ଥାନରେ ସର୍ବସାଧାରଣରେ କହିଥିଲେ ଯେ ଆପଣଙ୍କର ଦୁଃଖ ନିଶ୍ଚିତ ଦୂର ହେବ । ୫୦ କିଲୋମିଟର ରାସ୍ତା ଅତିକ୍ରମ କରି ଆସିଲି । ଡେରି ହେଲା, କ୍ଷମା କରନ୍ତୁ । ରାସ୍ତାରେ ଆସିବା ବେଳେ ବହୁ ସମସ୍ୟା ବିଷୟରେ ବୁଝିଲି । ବର୍ଷେ ଭିତରେ ରାସ୍ତା ହେବ, ପୁଣି କାମ ପରେ ଆସିବି, ଆଉ ଧୂଳି ପଡିବ ନାହିଁ । ଆପଣଙ୍କ ପାଇଁ ଆମେ ଦିନ ରାତି ଖଟିବୁ । ଦୁଇ ଥର ଆସିଥିଲି, । ୧୨୦ ରୁ ୧୦୦ ଦରଖାସ୍ତରେ ୧୧୨ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ମଞ୍ଜୁର କରିଛନ୍ତି । ବୈତରଣୀ ନଦୀ ବନ୍ଧ ପାଇଁ ୬୦ କୋଟି ଟଙ୍କା, ବନ୍ୟା ଓ ବାତ୍ୟା ସମସ୍ୟା ଦୂର ହେବ । ୧୨ କୋଟିରେ ବାଇପାସ ରାସ୍ତା ହେବ । ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଧାମନଗରବାସୀଙ୍କ ଭଲ ପାଇବା ନିଶ୍ଚିତ ପହଞ୍ଚୁଛି । ଆଜି ମଧ୍ୟ ଦାବିପତ୍ର ଦେଇଛନ୍ତିମାନେ ୭ ଦିନରେ ପୂରଣ ହେବ । ମୁଁ ରାସ୍ତା ରାସ୍ତାରେ ୧୫ କିମି ବାଇକ୍‌ରେ ଗଲି, ୩୦ କିମି ଗାଡିରେ ବୁଲିଲି । ଭଦ୍ରକାଳୀ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ଚଉଡା ହେବା କାମ ଆରମ୍ଭ ହେଲା, ବାବା ଆଖଣ୍ଡଳମଣୀଙ୍କ ପୀଠର ଉନ୍ନତିକରଣ ପରେ ସ୍ୱପ୍ନ ଭଳି ଲାଗିବ ।

# ମଧୁମେହରେ ଦୁର୍ବଳତା ଦୂର କରେ ଏହି ସବୁ ଖାଦ୍ୟ





ମଧୁମେହ ରୋଗୀଙ୍କର ବିଭିନ୍ନ ସମସ୍ୟା ମଧ୍ୟରେ ଆଉ ଏକ ମୁଖ୍ୟ ସମସ୍ୟା ଥାଏ ଦୁର୍ବଳତା। କାରଣ ଜଣେ ମଧୁମେହ ରୋଗୀ ଅଧିକ ଭୋକିଲା ଅନୁଭବ କରନ୍ତି ଏବଂ ସେମାନେ ଖାଇବା ପରେ ମଧ ଦୁର୍ବଳତା ଏବଂ ଥକ୍କା ଦୂର ହୁଏ ନାହିଁ। ଏହାର ମୁଖ୍ୟ କାରଣ ହେଉଛି, ରକ୍ତରେ ଶର୍କରା ବୃଦ୍ଧି ।ରକ୍ତରେ ଶର୍କରା ବୃଦ୍ଧି କାରଣରୁ ଶରୀରର ଶକ୍ତି ହ୍ରାସପାଏ। ମଧୁମେହ ରୋଗୀଙ୍କ ଶରୀରର ଶକ୍ତି ପାଇଁ ଖାଦ୍ୟ ଉପରେ ବିଶେଷ ଧ୍ୟାନ ଦେବା ଉଚିତ୍। କେଉଁ ସବୁ ଖାଦ୍ୟ ଖାଇଲେ ମଧୁମେହ ରୋଗୀଙ୍କ ଦୁର୍ବଳତା ହ୍ରାସପାଏ, ଜାଣନ୍ତୁ...

ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ରକ୍ତରେ ଶର୍କରାକୁ ନିୟନ୍ତ୍ରଣରେ ରଖିବା ଏବଂ ଶରୀରକୁ ଶକ୍ତିଶାଳୀ କରିବା ପାଇଁ ଜଣେ ମଧୁମେହ ରୋଗୀ କମ୍ ଚର୍ବିଯୁକ୍ତ ପ୍ରୋଟିନ୍ ଏବଂ କ୍ୟାଲସିୟମରେ ଭରପୂର ଖାଦ୍ୟ ଗ୍ରହଣ କରିବା ଉଚିତ୍। ଏହା ମାଂସପେଶୀ ଏବଂ ହାଡକୁ ମଜବୁତ କରିବାରେ ସାହାଯ୍ୟ କରିଥାଏ ଏବଂ ଶରୀରକୁ ଶକ୍ତି ଯୋଗାଇଥାଏ। ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ। ଚିକେନ୍, ଅଣ୍ଡା, ମାଛ ପରି ପ୍ରୋଟିନ୍ ସମୃଦ୍ଧ ଖାଦ୍ୟ ଖାଆନ୍ତୁ। ସର୍ବଦା ଧ୍ୟାନ ଦେବେ, ପ୍ରୋଟିନ ଯୁକ୍ତ ଖାଦ୍ୟ ବାଛିବା ବେଳେ ଯେପରି ଅଧିକ ଚର୍ବି ନଥିବା ଖାଦ୍ୟ ବାଛନ୍ତୁ। ତେଣୁ ସର୍ବଦା ସୀମିତ ପରିମାଣର ପ୍ରୋଟିନ ଯୁକ୍ତ ଖାଦ୍ୟ ଖାଆନ୍ତୁ। ମଧୁମେହ ରୋଗୀଙ୍କ ଏନର୍ଜି ପାଇଁ କ୍ୟାଲସିୟମରେ ଭରପୂର ଖାଦ୍ୟ ଖାଇପାରିବେ। ଏଥିପାଇଁ କମ୍ ଚର୍ବି କ୍ଷୀର, ପନିର ଏବଂ କଦଳୀ ଖାଆନ୍ତୁ। ଏହା ଶରୀରକୁ ଉଭୟ ପ୍ରୋଟିନ୍ ଏବଂ କ୍ୟାଲସିୟମ୍ ଯୋଗାଇବ। ସୋୟାବିନରୁ ପ୍ରସ୍ତୁତ ଟୋଫୁ ଖାଇପାରିବେ। ବାଦାମ ଏବଂ ପନିପରିବା- ଜଣେ ମଧୁମେହ ରୋଗୀ ଖାଦ୍ୟରେ ବାଦାମ ଏବଂ ଅଖରୁଟ୍ ଅନ୍ତର୍ଭୁକ୍ତ କରିବା ଉଚିତ୍। ଏହା ଶରୀରକୁ ଭିଟାମିନ୍, କ୍ୟାଲସିୟମ୍ ଏବଂ ସୁସ୍ଥ ଚର୍ବି ଯୋଗାଇଥାଏ। ବ୍ରୋକୋଲି, କାଲେ, ପାଳଙ୍ଗ ଏବଂ କୋବି ଖାଇବା ମଧ୍ୟ ମଧୁମେହରେ ଉପକାରୀ ବୋଲି ବିବେଚନା କରାଯାଏ।

# କ୍ୟାନସର ଭୟ



କ୍ୟାନସର ପରି ମାରାତ୍ମକ ରୋଗକୁ ଭଲ କରିବା ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାର ନିର୍ଦ୍ଦିଷ୍ଟ ଉପଚାର ବାହାରି ପାରିନାହିଁ। ଆସନ୍ତା ୧୦ରୁ ୧୫ ବର୍ଷ ମଧ୍ୟରେ ଏହା ଆହୁରି ୭୦ ପ୍ରତିଶତ ବଢ଼ିପାରେ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରାଥମିକ ସ୍ତରରେ ଏହାର ଚିକିତ୍ସା କିଛି ମାତ୍ରାରେ ସଫଳ ହୋଇଥିଲେ ମଧ୍ୟ ଏକ ନିର୍ଦ୍ଦିଷ୍ଟ ସୋପାନରେ ପହଞ୍ଚିବା ପରେ ଚିକିତ୍ସା ଫଳପ୍ରଦ ହେଉନାହିଁ। ତେବେ ନିଜର ଦୈନନ୍ଦିନ ଖାଦ୍ୟରେ ସାମାନ୍ୟ ପରିବର୍ତ୍ତନ ଆଣି କ୍ୟାନସର ରୋଗ ଠାରୁ ନିଜକୁ ସହଜରେ ଦୂରେଇ ରଖି ହେବ ବୋଲି ଜଣାପଡ଼ିଛି।

**ବ୍ରୋକୋଲି:** ବ୍ରୋକୋଲି ଖାଇବା ଦ୍ୱାରା ମୁଖ, ସ୍ତନ, ଯକୃତ କ୍ୟାନସର ହେବାର ଆଶଙ୍କା କମ୍ ଥାଏ । ସପ୍ତାହରେ ୨ରୁ ୩ ଥର ଏହାକୁ ଖାଇବା ଆବଶ୍ୟକ । ତରକାରୀ ଓ ସୁପ୍ ପରିବର୍ତ୍ତେ ଏହାକୁ ସିଝାଇ ହାଲୁକା ଲୁଣ ଦେଇ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ଲାଭଦାୟକ ।

**ଗ୍ରୀନ୍ ଟି:** ଦିନକୁ ୨ରୁ ୩ ଥର ଗ୍ରୀନ୍ ଟି ପିଇବା ଦ୍ୱାରା ବ୍ରେଷ୍ଟ୍ ଏବଂ ପ୍ରୋଷ୍ଟେଟ୍ କ୍ୟାନସର ସମସ୍ୟା କମିଥାଏ।



**ବିଲାତି:** ବିଲାତିରେ ଆଣ୍ଟି ଅକ୍ସିଡେଣ୍ଟର ମାତ୍ରା ଭରପୁର ରହିଛିଙ୍କ ଯାହା ଶରୀରରେ ରୋଗ ପ୍ରତିରୋଧକ ଭାବେ କାମ କରେ । ଏଥିରେ ଭିଟାମିନ୍ 'ଏ', 'ସି' ଏବଂ 'ଇ'ର ମାତ୍ରା ମଧ୍ୟ ରହିଛି। ଏହା ବ୍ରେଷ୍ଟ୍ କ୍ୟାନସର ପରି ସମସ୍ୟାରୁ ଦୂରେଇ ରଖେ। ବିଲାତିକୁ ଜୁସ୍ କିମ୍ବା ସାଲାଡ୍ ମାଧ୍ୟମରେ ଖାଇବା ସ୍ୱାସ୍ଥ ପାଇଁ ଭଲ ।

**ଜାମୁକୋଳି:** କ୍ୟାନସର ରୋଗଠାରୁ ନିଜକୁ ଦୂର ରଖିବା ଦିଗରେ ଜାମୁକୋଳି ଖାଇବା ବେଶ ଉପଯୋଗୀ। ଏହା ଚର୍ମ, ସ୍ତନ ଏବଂ ଯକୃତକୁ କ୍ୟାନସର ଜୀବାଣୁଠାରୁ ଶରୀରକୁ ସୁରକ୍ଷା ଦେଇଥାଏ।

**ଅଦା:** ଶରୀରରେ ଥିବା ଟକ୍ସିନ୍ ଅଦା ସେବନ ଦ୍ୱାରା ହିଁ କ୍ଷୟ ହୁଏ । ଅଦା ସେବନ ଦ୍ୱାରା ଚର୍ମ ଏବଂ ବ୍ରେଷ୍ଟ କ୍ୟାନସର ହେବା ଆଶଙ୍କା କମ୍ ହୁଏ ।

**ରସୁଣ:** ରସୁଣରେ ଏପରି ଅନେକ ତତ୍ତ୍ୱ ରହିଛି ଯାହା କ୍ୟାନସର ସମସ୍ୟାକୁ ଦୂରକରେ । ପ୍ରତିଦିନ ୨ କୋଲା ରସୁଣ ଖାଇବା ଦ୍ୱାରା କ୍ୟାନସର ହେବା ଆଶଙ୍କା ବହୁ ପରିମାଣରେ କମିଯାଏ ।



# ଦିନରେ କେତେଥର ଫେସୱାସ କରିବା ଉଚିତ ?

ଫ୍ରେଶ୍‌ନେଶ୍ ପାଇଁ ଅଧିକାଂଶ ଲୋକ ଫେସ୍ ୱାଶ୍ ବ୍ୟବହାର କରନ୍ତି। ବିଶେଷ କରି ଯେଉଁମାନଙ୍କର ତେଲିଆ ସ୍କିନ୍, ସେମାନେ ଅଧିକ ଥର ଫେସ୍ ୱାଶ୍ କରନ୍ତି। ଏପରି କରିବା ଦ୍ୱାରା ସ୍କିନ୍ ଡ୍ୟାମେଜ୍ ହୋଇପାରେ। କାରଣ ବାରମ୍ବାର ଫେସ୍ ୱାଶ୍ କରିବା ଫଳରେ ଚର୍ମର ପ୍ରାକୃତିକ ତୈଳ ଅଂଶ ବାହିରି ଯାଏ। ଚର୍ମର ଉପର ଆସନ୍ତରଣ ମଧ୍ୟ ଡ୍ୟାମେଜ ହୁଏ। ଫଳରେ ଚର୍ମ ଖରାପ ହେବାକୁ ଲାଗେ। ସେଥିପାଇଁ ଆବଶ୍ୟକତା ଅନୁସାରେ ଫେସ୍ ୱାଶ୍ କରିବା ଉଚିତ୍।

### କେତେଥର ମୁହଁ ଧୋଇବା ଉଚିତ୍ ?

ଅଧିକାଂଶ ଚର୍ମ ପ୍ରକାର ପାଇଁ ଦିନକୁ ଦୁଇଥର, ସକାଳେ ଥରେ ଏବଂ ସନ୍ଧ୍ୟାରେ ଥରେ ମୁହଁ ଧୋଇବାକୁ ପରାମର୍ଶ ଦିଆଯାଇଛି। ସକାଳେ ମୁହଁ ଧୋଇବା ହେଉଛି ଚର୍ମର ଯତ୍ନର ପ୍ରଥମ ପଦକ୍ଷେପ। ଏହା ପରେ ଆମେ ମୁହଁରେ ମଶ୍ଚରାଇଜର, ସେରମ୍ ଏବଂ ବିଭିନ୍ନ ପ୍ରକାର ମେକଅପ୍ ଲଗାଇଥାଉ। ତେଣୁ ରାତିରେ ମୁହଁ ଧୋଇବା ଜରୁରୀ, କାରଣ ଦିନର ମଇଳା ଏବଂ ତ୍ୱଚାରେ ଜମା ହୋଇଥିବା ମୃତ ଚର୍ମ କୋଷଗୁଡ଼ିକ ଦୂର ହୋଇପାରିବ।

### ମୁହଁ କିପରି ଧୋଇବେ ?

ମୁହଁ ଧୋଇବାର ପ୍ରଥମ ନିୟମ ହେଉଛି ଗରମ ପାଣିର ବ୍ୟବହାରଠୁ ଦୂରେଇ ରହିବା। ମୁହଁ ଧୋଇବା ପାଇଁ ଥଣ୍ଡା କିମ୍ବା ଉଷୁମ ପାଣି ବ୍ୟବହାର କରନ୍ତୁ। ଏଥି ସହିତ, ସଠିକ୍ କ୍ଲିଜର୍ ବାଛିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ସର୍ବପ୍ରଥମେ, ମୁହଁକୁ ପାଣିରେ ଓଦା କରନ୍ତୁ ଏବଂ ପରେ ବୃତ୍ତାକାର ଗତିରେ, ଯଥା ଆଙ୍ଗୁଠିକୁ ଏକ ବୃତ୍ତାକାର ଗତିରେ କ୍ଲିଞ୍ଜରକୁ ମସାଜ୍ କରନ୍ତୁ। ପ୍ରାୟ ୩୦ ସେକେଣ୍ଡ ପାଇଁ କ୍ଲିଞ୍ଜର୍ କିମ୍ବା ଫେସ୍ ୱାଶକୁ ମୁହଁରେ ମସାଜ୍ କରିପାରିବେ। ଏହାପରେ ମୁହଁକୁ ସଫା ପାଣିରେ ଧୋଇ ଦିଅନ୍ତୁ। ମନେ ରଖନ୍ତୁ ମୁହଁକୁ ସର୍ବଦା ସଫା ନରମ କପଡାରେ ପୋଛନ୍ତୁ, ଆଦୌ ଘଷନ୍ତୁ ନାହିଁ। ଯଦି ସନ୍ଧ୍ୟାରେ ମୁହଁ ଧୋଉଛନ୍ତି, ତେବେ ପ୍ରଥମେ ମୁହଁରୁ ମେକଅପ୍ ସଫା କରନ୍ତୁ। ଏଥିପାଇଁ ମେକଅପ୍ ରିମୁଭର୍ ବ୍ୟବହାର କରନ୍ତୁ। ଏହା ସାହାଯ୍ୟରେ କାଜଲ୍, ଲିପଷ୍ଟିକ୍, ଫାଉଣ୍ଡେସନ୍ ଏବଂ ମସ୍କରା ଇତ୍ୟାଦିକୁ ମୁହଁରୁ ବାହାର କରନ୍ତୁ। ଏହା ପରେ ବିନା ଫେସ୍ ୱାଶରେ କେବଳ ମୁହଁକୁ ଧୋଇ ଦିଅନ୍ତୁ।

### ତେଲିଆ ଚର୍ମ ପାଇଁ ଟିପ୍ସ:

ଅତ୍ୟଧିକ ତେଲିଆ ଚର୍ମ ପାଇଁ ସମସ୍ୟାରେ ପଡୁଥିବା ଲୋକମାନେ କଞ୍ଚା କ୍ଷୀର ସହ ମୁହଁ ସଫା କରିପାରିବେ। ଏକ ପାତ୍ରରେ କଞ୍ଚା କ୍ଷୀର ନିଅନ୍ତୁ, ସେଥିରେ ଏକ କପଡା ବୁଡ଼ାଇ ମୁହଁ ସଫା କରନ୍ତୁ। ଏହା ଉଭୟ ମୃତ ଚର୍ମ କୋଷ ଏବଂ ଅତ୍ୟଧିକ ତେଲକୁ ବାହାର କରିଥାଏ। ଏହା ପରେ, ଫେସ୍ ୱାଶରେ ମୁହଁକୁ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ଚେହେରା ଅଧିକ ତୈଳ ହେବ ନାହିଁ, କି ଅଧିକ ଥର ଫେସ୍ ୱାଶ୍ କରିବାକୁ ପଡିବ ନାହିଁ।

# ନିୟମିତ ବ୍ୟାୟାମରେ ବ୍ୟତିକ୍ରମ ଶାରୀରିକ ସମସ୍ୟା ସୃଷ୍ଟିର କାରଣ

ନିୟମିତ ବ୍ୟାୟାମ କରିବା ଦ୍ୱାରା ଶରୀରର ଆକାର ଖୁବ୍ ? ସୁନ୍ଦର ରହିବା ସହ ସୁସ୍ଥ ମଧ୍ୟ ରୁହେ। ଯଦି ନିୟମିତ ବ୍ୟାୟାମରେ ବ୍ୟତିକ୍ରମ କରାଯାଏ ତେବେ ଶରୀରର ଆକାରରେ ଅଦ୍ଭୁତ ପ୍ରକାର ପରିବର୍ତ୍ତନ ଆସିବା ସହ ସ୍ୱାସ୍ଥ୍ୟ ଜନିତ ସମସ୍ୟା ଉପୁଜେ। କେବଳ ସେତିକି ନୁହେଁ ସ୍ମରଣଶକ୍ତି କ୍ଷୟ ହେବାର ମଧ୍ୟ ସମ୍ଭାବନା ରହିଛି। ଆସନ୍ତୁ ଜାଣିବା ନିୟମିତ ବ୍ୟାୟାମରେ ସାମାନ୍ୟ ଅବହେଳା ଆପଣଙ୍କୁ କେଉଁ ପ୍ରକାର ସମସ୍ୟାର ସମ୍ମୁଖୀନ କରାଇବ।

**ରକ୍ତଚାପ ବଢ଼ାଏ:** ନୟିମିତ ବ୍ୟାୟାମ ହଠାତ ବନ୍ଦ କରନ୍ତୁ ନାହିଁ । ବ୍ୟାୟାମ ବନ୍ଦ କରିବା ଦ୍ୱାରା ଶରୀରର ରକ୍ତଚାପ ବଢ଼ିବାକୁ ଲାଗେ।

**ରକ୍ତରେ ଶର୍କରାର ମାତ୍ରା ବଢ଼େ:** ନିୟମିତ ବ୍ୟାୟାମ ହାଠତ୍ ବନ୍ଦ କଲେ ରକ୍ତରେ ଶର୍କରାର ମାତ୍ରା ଦୁଇରୁ ତିନି ସପ୍ତାହ ପର୍ଯ୍ୟନ୍ତ ପୂର୍ବ ପରି ସ୍ଥିର ରୁହେ। କିନ୍ତୁ ପରେ ରକ୍ତରେ ଶର୍କରାର ମାତ୍ରା ବଢ଼ିବାକୁ ଲାଗେ। ଏହାପରେ ବି ଯଦି ବ୍ୟାୟାମ ନ କରନ୍ତି ତେବେ ଆପଣଙ୍କୁ ଡାଇବେଟିସ୍ ହେବାର ଅଧିକ ସମ୍ଭାବନା ରହିଛି।

**ଶରୀରର ଓଜନ ବଢ଼େ:** ଅନେକ ଲୋକ ନିୟମିତ ବ୍ୟାୟାମ କରି ସୁନ୍ଦର ସ୍ୱାସ୍ଥ୍ୟ ପାଇବା ପରେ ବ୍ୟାୟାମ କରିବାରେ ଅବହେଳା କରିଥାନ୍ତି କିମ୍ବା ଛାଡ଼ି ଦିଅନ୍ତି। ଏପରି କରିବା ଦ୍ୱାରା ଶରୀର ଆକାର ଓ ଓଜନରେ ପରିବର୍ତ୍ତନ ଦେଖାଯାଏ। ବିଶେଷ କରି ଅଣ୍ଟା ବଢ଼ିବା ଦେଖାଯାଏ।

**ଶରୀର ଫୁଲେ:** ବ୍ୟାୟାମ ବନ୍ଦ କରିବାର ଦୁଇ ସପ୍ତାହ ପରେ ଶରୀରରେ ଓଜନ କମିବା ବନ୍ଦ ହୋଇଯାଏ। ସମୟ କ୍ରମେ ଆପଣଙ୍କ ଶରୀର ପୃଥଳାକାର ଦେଖାଯାଏ। ପରେ ପୁନର୍ବାର ଏରୋବିକ୍ସ, କାର୍ଡିଓ କଲେ ମଧ୍ୟ ଶରୀର ଆକାର ପୂର୍ବ ପରି ସୁନ୍ଦର ହେବାରେ ଅଧିକ ସମୟ ଲାଗିଥାଏ।

**ମାନସିକ ସ୍ତରକୁ ପ୍ରଭାବିତ କରେ:** ନିୟମିତ ବ୍ୟାୟାମ ଯେ କେବଳ ଶରୀରକୁ ସୁନ୍ଦର କରେ ତାହା ନୁହେଁ, ମସ୍ତିଷ୍କକୁ ମଧ୍ୟ ଖୁବ୍ ସୁସ୍ଥ ରଖେ। କିନ୍ତୁ ବ୍ୟାୟାମ ବନ୍ଦ କରିବାର ଦୁଇ ସପ୍ତାହ ପରେ ମସ୍ତିଷ୍କ ଅଧିକ ପରିମାଣରେ ପ୍ରଭାବିତ ହୁଏ। ମସ୍ତିଷ୍କ କାର୍ଯ୍ୟକ୍ଷମ ହେବାରେ ବାଧା ସୃଷ୍ଟି ହୁଏ ଓ ମାନ୍ଦା ଅନୁଭବ ହୁଏ।



# ଶରୀର ପାଇଁ ଗୋଟିଏ ଗ୍ଲାସ୍ ଗରମ ପାଣି



ସକାଳୁ ବିଛଣା ଛାଡ଼ିବା ପରେ ଅନେକ ଅଳସ ଭାଙ୍ଗିବା ପାଇଁ ଗରମ ଚା ଓ କଫି ପିଇବାକୁ ପସନ୍ଦ କରିଥାନ୍ତି। ସେହିପରି ଆଉ କିଛି ଲୋକ ଖାଲି ପେଟରେ ଥଣ୍ଡା ପାଣି ପିଇଥାନ୍ତି। କିନ୍ତୁ ଆୟୁର୍ବେଦ ହିସାବରେ ସକାଳୁ ବିଛଣା ଛାଡ଼ିବା ପରେ କଫି ପରିବର୍ତ୍ତେ ଯଦି ଗରମ ପାଣି ପିଆଯାଏ ତେବେ ଏହା ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦୂର କରେ ଯାହା ପାଇଁ ଔଷଧର ଆବଶ୍ୟକତା ରହିବ ନାହିଁ।

**ହଜମଶକ୍ତି ବଢ଼ାଏ:** ଅନେକ ଲୋକ ମିଲ୍ ଖାଇବା ପରେ ପାଣି ପିଇଥାନ୍ତି। ତେବେ ମିଲ୍ ପରେ ଥଣ୍ଡା ପାଣି ପିଇବା ପରିବର୍ତ୍ତେ ଉଷୁମ ପାଣି ପିଅନ୍ତୁ। ଏହା ଖାଦ୍ୟ ହଜମରେ ସାହାଯ୍ୟ କରେ।

**କୋଷ୍ଠ କାଠିନ୍ୟ ଦୂର କରେ:** ସକାଳୁ ଖାଲି ପେଟରେ ଥଣ୍ଡା ପାଣି ପିଇବା ପରିବର୍ତ୍ତେ ଗୋଟେ ଗ୍ଲାସ୍ ଉଷୁମ ପାଣି ପିଇଲେ କୋଷ୍ଠ କାଠିନ୍ୟ ସମସ୍ୟା ଦୂର କରେ।

**ଗଳା ଯନ୍ତ୍ରଣା କମେ:** ଥଣ୍ଡାରୁ ଗଳାରେ ଯନ୍ତ୍ରଣା ଅନୁଭବ ହେଉଥିଲେ ଗୋଟେ ଗ୍ଲାସ୍ ଗରମ ପାଣି ପିଅନ୍ତୁ ଦେଖିବେ ତାହା ତୁରନ୍ତ ଆରାମ ଦେବ।

**ଋତୁସ୍ରାବ ଯନ୍ତ୍ରଣା ଦୂରାଏ:** ମାସିକ ଋତୁସ୍ରାବ ସମୟରେ ପେଟ, ଅଣ୍ଟା କିମ୍ବା ମାଂସପେଶୀ ଜିନତ ଯନ୍ତ୍ରଣାରୁ ଆରାମ ପାଇବା ପାଇଁ ଔଷଧ ନୁହେଁ ବାରମ୍ବାର ଗରମ ପାଣି ପିଅନ୍ତୁ। ଏହା ତୁରନ୍ତ ଆରାମ ଦେବ।

**ଶରୀରରୁ ଟକ୍ସିନ୍ ଦୂର କରେ:** ସକାଳୁ ଖାଲି ପେଟରେ ଉଷୁମ ପାଣି କିମ୍ବା ଟିକେ ଅଧିକ ଗରମ ପାଣି ପିଇବା ଦ୍ୱାରା ଶରୀରରୁ ଟକ୍ସିନ୍ ଅର୍ଥାତ୍ ବିଷାକ୍ତ ପଦାର୍ଥ ବାହାର କରିବାରେ ସାହାଯ୍ୟ କରେ।

**ଶରୀର ଓଜନ ହ୍ରାସ କରେ:** ଯେଉଁମାନେ ଶରୀର ପାଇଁ ଓଜନ କମାଇବାକୁ ଚାହାନ୍ତି, ସେମାନଙ୍କ ପାଇଁ ସକାଳେ ଗରମ ପାଣି ପିଇବା ବେଶ୍ ଜରୁରୀ। ଏହା ଶରୀରକୁ ଶକ୍ତି ଯୋଗାଉଥିବା ସମସ୍ତ ରାସାୟନିକ ପଦାର୍ଥକୁ ବୃଦ୍ଧି କରିବା ସହ ଶରୀରରୁ କ୍ୟାଲୋରୀ ହ୍ରାସ କରିବାରେ ସାହାଯ୍ୟ କରେ।



# ଦିନରେ ଗୋଟିଏ ସେଓ ରଖିବ ଆପଣଙ୍କ ହୃଦୟକୁ ସୁସ୍ଥ



ବର୍ତ୍ତମାନ ସମୟରେ କହିହେବ ନାହିଁ କେବଳ ବୃଦ୍ଧାବସ୍ଥାରେ ହିଁ ଜଣେ ରୋଗର ଶିକାର ହେବ। ବର୍ତ୍ତମାନର ଜୀବନଶୈଳୀରେ ଏତେ ମାତ୍ରାରେ ପରିବର୍ତ୍ତନ ଆସିଛି ଯେ, ଦୁର୍ବଳ ହୃଦୟ ବା ହୃଦ ରୋଗୀ ସଂଖ୍ୟା ବଢ଼ିବାକୁ ଲାଗିଛି। ଏହି ବର୍ଦ୍ଧିତ ରୋଗୀ ସଂଖ୍ୟାରେ କେବଳ ବୟସ୍କ ଲୋକ ନୁହେଁ ଛୋଟ ପିଲା ଠାରୁ ଆରମ୍ଭ କରି ଯୁବକ ଗୋଷ୍ଠୀ ମଧ୍ୟ ରହିଛନ୍ତି। ପ୍ରାରମ୍ଭିକ ସମୟରେ ରକ୍ତ ଚାପର କମ୍ ବେଶୀ ହେବା ଭବିଷ୍ୟତରେ ହୃଦ୍ ଜନିତ ରୋଗର ସମସ୍ୟା ସୃଷ୍ଟି କରେ। ଯଦି ପ୍ରତିଦିନର ଖାଦ୍ୟରେ ଗୋଟିଏ ସେଓ ଖାଆନ୍ତି ତେବେ ଏପରି ରୋଗ ହେବାର ଆଶଙ୍କା ବହୁ ପରିମାଣରେ କମିଯିବ। ପ୍ରତିଦିନ ଗୋଟିଏ ସେଓ ଖାଇବା ଦ୍ୱାରା ଶରୀରରେ ଇଲେକ୍ଟ୍ରାଲାଇଟ ସନ୍ତୁଳିତ ହୋଇ ରୁହେ। ସେଓରେ ଥିବା ଫାଇବର ଏବଂ ଭିଟାମିନ୍ ଶରୀରରେ ପୋଷକ ତତ୍ତ୍ୱକୁ ବଢ଼ାଏ। ଯଦି ଶରୀରରେ ହଠାତ୍ ରକ୍ତଚାପ ମାତ୍ରା କମିଯାଏ, ତେବେ ତୁରନ୍ତ ଗୋଟିଏ ସେଓ ଖାଆନ୍ତୁ। ଏପରି କରିବା ଦ୍ୱାରା ଶରୀରକୁ ତରନ୍ତ ଶକ୍ତି ମିଳିବା ସହ ରକ୍ତ ଚାପରେ ସ୍ଥିରତା ଆସେ। ଏହା ଶରୀରରେ ସୋଡିୟମର ମାତ୍ରା ବଢ଼ାଇ ବୃକକ୍‌ରେ ଏହାର ଖରାପ ପ୍ରଭାବ ପକାଇବାକୁ ଦିଏ ନାହିଁ। ମଧୁମେହ ରୋଗୀ ମଧ୍ୟ ପ୍ରତିଦିନ ଗୋଟେ ସେଓ ଖାଇପାରିବେ।

# ଚୋରା ଦେଶୀ ମଦ ସହ ଗାଡି ଜବତ, ଜଣେ ଗିରଫ

**ଆଠଗଡ଼(ଅମୃତ ମିଡିଆ):** ଚୋରା ଦେଶୀ ମଦ ସହ ଗାଡି ଜବତ । ଏହାସହ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ପୁରୁଣା କଟକ ସମ୍ବଲପୁର ରାସ୍ତା କଲରାଗଡ଼ ଛକ ନିକଟରୁ ଜବତ କରିଛି ଅବକାରୀ ବିଭାଗ । ଖବର ଅନୁଯାୟୀ, ଏକ ଚୋରା ଦେଶୀ ମଦ ବୋଝେଇ ଗାଡି ଯାଉଥିଲା । ଏହି ସମୟରେ ଗୁଇନ୍ଦା ସୂଚନା ପାଇ ଚଢାଉ କରିଥିଲା ଅବକାରୀ ବିଭାଗ । ପୁରୁଣା କଟକ ସମ୍ବଲପୁର ରାସ୍ତାର କଲରାଗଡ ଛକ ନିକଟରୁ ଏକ ଚାରିଚକିଆ ଡାଲା ଗାଡିକୁ ଜବତ କରିଥିଲା ଅବକାରୀ ବିଭାଗ । ଏହି ଗାଡିରୁ ପ୍ରାୟ ୫୪ଟି ବ୍ୟାରେଲରେ ଦେଶୀ ମଦ ଜବତ କରିଛି । ଏହାସହ ଜଣଙ୍କୁ ଗିରଫ କରିଛି ଅବକାରୀ ବିଭାଗ । ଗିରଫ ଜଣଙ୍କ ହେଲେ ତିଗିରିଆ ଥାନା କଲରାଗଡ଼ ଗାଁର ଏସ୍‌ପି ସନ୍ଦୀପ କୁମାର ବୋଲି ଜଣାପଡିଛି । ଗିରଫ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି । ତେବେ ଜବତ ହୋଇଥିବା ଦେଶୀ ମଦର ଆନୁମାନିକ ମୂଲ୍ୟ ୪ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ସୂଚନା ଦେଇଛି ଅବକାରୀ ବିଭାଗ ।

# ବିପୁଳ ପରିମାଣର ବ୍ରାଉନ୍‌ସୁଗାର ଜବତ, ଦମ୍ପତି ଅଟକ

**ଝାରସୁଗୁଡ଼ା (ଅମୃତ ମିଡିଆ):** ବିପୁଳ ପରିମାଣର ବ୍ରାଉନ୍ ସୁଗାର ଜବତ । ଝାରସୁଗୁଡ଼ା ତେଲିଭଟାରୁ ବିପୁଳ ପରିମାଣର ବ୍ରାଉନ୍‌ସୁଗାର ଜବତ ହୋଇଛି । ଏହାସହ ଘଟଣାରେ ଦୁଇ ଜଣଙ୍କ ଅଟକ ରଖିଛି ପୋଲିସ । ଉଭୟଙ୍କ ଅଟକ ରଖି ଜେରା କରୁଛି ପୋଲିସ । ଖବର ଅନୁଯାୟୀ, ବିଳମ୍ବିତ ରାତିରେ ଝାରସୁଗୁଡ଼ା ତେଲିଭଟାରେ ଚଢାଉ କରିଥିଲା ସଦର ଥାନା ପୋଲିସ । ଏହି ଚଢାଉରେ ପୋଲିସ ଦୁଇ ଜଣଙ୍କ ଅଟକ ରଖିଛି । ତେବେ ଅଟକ ଥିବା ଦୁଇ ଜଣ ସଂପର୍କରେ ସ୍ୱାମୀ-ସ୍ତ୍ରୀ ବୋଲି ସୂଚନା ରହିଛି । ସେମାନଙ୍କ ନିକଟରୁ ବିପୁଳ ପରିମାଣର ବ୍ରାଉନସୁଗାର ଜବତ ହୋଇଛି । ତେବେ ଏହି ବ୍ରାଉନସୁଗାର କାରବାରରେ କିଏ କିଏ ସାମିଲ ଅଛନ୍ତି । ସେ ନେଇ ପୋଲିସକୁ ସ୍ପଷ୍ଟ ସୂଚନା ମିଳିନାହିଁ । ପରେ ପୋଲିସ ପ୍ରେସମିଟ୍ ଜରିଆରେ ବ୍ରାଉନ୍‌ସୁଗାର ଜବତ ନେଇ ସବିଶେଷ ତଥ୍ୟ ଦେବ ବୋଲି ସୂଚନା ମିଳିଛି ।

# ଗଞ୍ଜେଇ ଜବତ, ଅଭିଯୁକ୍ତ କୋର୍ଟଚାଲାଣ

**ଦେଓଗାଁ (ଅମୃତ ମିଡିଆ):** ଦେଓଗାଁ ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୨୬ ଉପରେ ଦେଓଗାଁ ଦମକଳ କେନ୍ଦ୍ର ନିକଟରେ ପୁଲିସ ଚଢ଼ାଉ କରି ୭ କେଜି ଗଞ୍ଜେଇ ସହ ଜଣେ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଗତ ଗୁରୁବାର ଦିନ ଦେଓଗାଁ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଅଗ୍ନିଶମ ଅଫିସ ନିକଟରେ ଛିଡ଼ା ହୋଇଥିବା ଦୁଇ ଜଣ ଯୁବକଙ୍କ ଉପରେ ଚଢ଼ାଉ କରିଥିଲେ । ହେଲେ ଜଣକୁ କାବୁ କରିଥିବା ବେଳେ ଜଣେ ଫେରାର ହୋଇଯାଇଥିଲେ । କିନ୍ତୁ ଚଢ଼ାଉ ସ୍ଥାନରୁ ଦୁଇଟି ଏୟାର ବ୍ୟାଗ ମିଳିଥିଲା ତାହାକୁ ତଲାସି କରିବା ପରେ ସେଠାରେ ୭ ପ୍ୟାକେଟ ଗଞ୍ଜେଇ ଥିବା ଜଣାପଡିଥିଲା । ଗଞ୍ଜେଇକୁ ଜବତ କରି ଓଜନ କରିବା ପରେ ତାହା ୭ କେଜି ହୋଇଥିଲା । ଏ ନେଇ ଦେଓଗାଁ ପୁଲିସ କେଶ ନମ୍ବର ୪୨ରେ ଏକ ମାମଲା ରୁଜୁ କରି ବୌଦ୍ଧ ଜିଲ୍ଲା କଣ୍ଟାମାଲ ବ୍ଲକ ଖଳିଆ ପାଲି ଗାଁର ମହାଦେବ ରଣାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଦେଓଗାଁ ଥାନା ଅଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି ।

# ଘୁଞ୍ଚି ଘୁଞ୍ଚି ଯାଉଛି ଝଞ୍ଜାବତୀ ନଦୀ ଉପରେ ସୁଉଚ୍ଚ ସେତୁ ନିର୍ମାଣ



**ରାୟଗଡା(ଅମୃତ ମିଡିଆ):** ଜିଲ୍ଲା ସୀମାନ୍ତ କେରଡା ସହ ପଡୋଶୀ ଆନ୍ଧ୍ର ସମେତ ଦକ୍ଷିଣ ଭାରତକୁ ଯୋଡୁଛି ରାୟଗଡା ସହର ଉପକଣ୍ଠ ଦେଇ ପ୍ରବାହିତ ହେଉଥିବା ଝଞ୍ଜାବତୀ ନାଳ ଉପରେ ଥିବା ବ୍ରିଟିଶ ଅମଳର ଶତାୟୁ ପୁରୁଣା ସେତୁ । ଏହି ସେତୁ ପ୍ରଶାସନର ଦୃଷ୍ଟିରେ ଯାତାୟାତ ପାଇଁ ସୁରକ୍ଷିତ ନ ଥିବା ବେଳେ ଏହାର ବିକଳ୍ପ ନେଇ ରାୟଗଡା-କେରଡା ମୁଖ୍ୟ ରାସ୍ତାରେ ଝଞ୍ଜାବତୀ ନାଳ ଉପରେ ସୁଉଚ୍ଚ ସେତୁ ନିର୍ମାଣ ନିମନ୍ତେ ଆଜକୁ ୬ବର୍ଷ ତଳେ ୨୦୧୭ ମସିହାରେ ଓଡିଶା ସରକାରଙ୍କ ନିର୍ମାଣ

## ଅସୁରକ୍ଷିତ ରାସ୍ତା ପାଲଟିଛି ଯୋଗାଯୋଗର ମାଧ୍ୟମ

ବିଭାଗ ଅଧିନସ୍ଥ ରାୟଗଡା ଜିଲ୍ଲା ରାସ୍ତା ଓ କୋଠାବାଡି ପୂର୍ତ୍ତ ବିଭାଗ ବିଭାଜନ-୧ ଦ୍ୱାରା ଟେଣ୍ଡର ଆହ୍ୱାନ କରାଯାଇ ବିଶାଖାପାଟଣମର ଏସଭିଏସ ମୋକାମ୍ବିକା କନଷ୍ଟ୍ରକସନ୍ ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସେତୁ ନିର୍ମାଣ ସଂସ୍ଥାକୁ ପ୍ରକଳ୍ପ ଆକଳିତ ମୂଲ୍ୟ ୧୦କୋଟି ୩୪ଲକ୍ଷ ୪୭ହଜାର ୩୧୮ଟଙ୍କା ବ୍ୟୟ ଅଟକଳରେ କାର୍ଯ୍ୟାରମ୍ଭ ନିମନ୍ତେ ଏପ୍ରିଲ ୧୫ତାରିଖରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା, ଯାହାର ଅବଧି ସମୟ ଏକ ବର୍ଷ ରହିଥିଲା ।

୨୦୧୮ ମସିହା ଏପ୍ରିଲ୍ ୧୪ତାରିଖ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ ହେବାର ଥିଲା । କିନ୍ତୁ ପାରିପାର୍ଶ୍ୱିକ ସ୍ଥିତି ସହ ଅନେକ ଟେକ୍ନିକଲ ବିଷୟକୁ ନେଇ କାର୍ଯ୍ୟରେ ବିଳମ୍ବିତ ଦେଖା ଦେଇଥିଲା । ଏଥି ମଧ୍ୟରେ ୩ ଥର ଲେଖାଁଏ ଡିଜାଇନିଂରେ ପରିବର୍ତ୍ତନ କରାଯାଇଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଛି । ଝଞ୍ଜାବତୀ ନାଳର ଦୁଇ ପାର୍ଶ୍ୱରେ ସୁଦୀର୍ଘ ଉଚ୍ଚ ପିଲାର ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଥିବାବେଳେ ଉଭୟ ପାର୍ଶ୍ୱକୁ ଯୋଡୁଥିବା ଲୁହାରେ ର୍ନିମିତ ୬୧ମିଟର ଲମ୍ବାର ବୁଷ୍ଟ ଗାର୍ଡର ଥୋଇବା ବ୍ୟବସ୍ଥା ନିମନ୍ତେ ଅଟକି ରହିଛି । ବୁଷ୍ଟ ଗାର୍ଡର ଥୋଇବା ବ୍ୟବସ୍ଥା ବହୁ ସାବଧାନ



ସହ ସତର୍କତା ଅବଲମ୍ବନ କରାଯିବାକୁ ଥିବାରୁ ଏଥିରେ ବିଳମ୍ବ ହେଉଥିବା ବେଳେ ହାଇଦ୍ରାବାଦର ଏକ ସଂସ୍ଥା ସହ ବିଭାଗ ଯୋଗାଯୋଗରେ ରହିଛି ଏବଂ ଆସନ୍ତା ୨୦୨୪ ଜାନୁଆରୀ ୩୧ ତାରିଖ ସୁଦ୍ଧା ଏହି ଲଂଚିଙ୍ଗ ବ୍ୟବସ୍ଥା ଶେଷ ହୋଇଯାଇଥିବ ଏବଂ ସେତୁଟିରେ ଆପ୍ରୋଚ ରାସ୍ତା ନିର୍ମାଣ କରାଯାଇ କାର୍ଯ୍ୟକ୍ଷମ କରାଯିବ ବୋଲି ଯାହା ସୂଚନା ଦିଆଯାଇଥିଲା ତାହା ପାଣିର ଗାର ସଦୃଶ୍ୟ ହୋଇଛି । ବିଭାଗୀୟ ଉଦାସୀନତା ଜଳ ଜଳ ଦିଶୁଛି । ପଦ୍ମ ଘୁଂଚି ଘୁଂଚି ଗଲା ଭଳି ଏହି ରାସ୍ତା ନିର୍ମାଣର ତାରିଖ ମଧ୍ୟ ଘୁଂଚି ଘୁଂଚି ଯାଉଛି ।

ତେବେ ସେତୁ ନିର୍ମାଣରେ ୬ବର୍ଷ ସମୟ ପାଖାପାଖି ଅତିକ୍ରମ କରିସାରିଥିବା ବେଳେ ପୁରୁଣା ସେତୁଟି ଅସୁରକ୍ଷିତ ଥିବାରୁ ପ୍ରଶାସନ ଏଥିରେ ଅଧିକ ଟନ୍ ବୋଝେଇ ମାଲବାହୀ ଗାଡିଗୁଡିକ ଯାତାୟାତ ନିମନ୍ତେ କଟକଣା କରିଥିଲେ ମଧ୍ୟ ପ୍ରଶାସନର ଏହି କଟକଣାକୁ ଅଣଦେଖା କରାଯାଉଥିବା ଦେଖିବାକୁ ମିଳୁଛି । ରାୟଗଡା-କେରଡା ମୁଖ୍ୟ ରାସ୍ତା ପଡୋଶୀ ଆନ୍ଧ୍ର ସମେତ ଦକ୍ଷିଣ ଭାରତର ବିଭିନ୍ନ ରାଜ୍ୟକୁ ସଂଯୋଗ କରୁଥିବାରୁ ଏହା ଏକ ବ୍ୟସ୍ତବହୁଳ ରାସ୍ତାରେ ପରିଣତ ହୋଇଛି । ଜିଲ୍ଲାରେ ଥିବା ବିଭିନ୍ନ ଶିଳ୍ପାନୁଷ୍ଠାନକୁ ହେଉ ତଥା ରାୟଗଡା ଜିଲ୍ଲା ଦେଇ ଓଡିଶାର ବିଭିନ୍ନ କୋଣ ଅନୁକୋଣକୁ ଯିବା ପାଇଁ ଏହି ରାସ୍ତାରେ ଥିବା ପୁରୁଣା ସେତୁଟି ମୁଖ୍ୟ ଭୂମିକା ଗ୍ରହଣ କରେ । ବର୍ତ୍ତମାନ ରାୟଗଡା ପୂର୍ତ୍ତ ବିଭାଗ ଦ୍ୱାରା ପିତାମହଲ ଠାରୁ ସିରିକଣା ଦୀର୍ଘ ୧୦.୦୫ କିଲୋମିଟରର ବାଇପାସ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ୬ କିଲୋମିଟର ରାସ୍ତା ସଂପୂର୍ଣ୍ଣ ହୋଇଥିବା ଜଣାପଡିଛି । ଆଉ ବଳକା ୪ କିଲୋମିଟରର ଏହି ରାସ୍ତାଟି ସଂପୂର୍ଣ୍ଣ ରୂପେ ନିର୍ମାଣ ହୋଇଗଲେ ପୁରୁଣା ସେତୁ ଉପରେ ଯାତାୟାତ କମିବା ସହ ରାୟଗଡା ସହର ମଧ୍ୟକୁ ଆଉ ମାଲବାହୀ ଗାଡିଗୁଡିକର ଯାତାୟାତ ଅନେକ ମାତ୍ରାରେ କମିଯିବ ଏବଂ ସହରରେ ଘଟୁଥିବା ସଡକ ଦୁର୍ଘଟଣା ସଂଖ୍ୟାରେ ମଧ୍ୟ ହ୍ରାସ ପାଇବ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ସାତକୋଶିଆ ଅଭୟାରଣ୍ୟରେ ଶୁଖିଲା ପଡିଛି ନାଳ

## ଜଳ ସଂକଟ ଆଶଙ୍କା, ବନ୍ୟଜନ୍ତୁଙ୍କ ପିଇବା ଲାଗି ବଢିଲା ଚିନ୍ତା

**ବନ୍ତଲା(ଅମୃତ ମିଡିଆ):** ମାଡ଼ିଆସୁଛି ଗ୍ରୀଷ୍ମ ତାତି ଆଉ ଡହଡହ ଖରା । ଏବେଠାରୁ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ନାଳଗୁଡ଼ିକ ପ୍ରାୟ ଶୁଖିଗଲାଣି । ଫେବୃଆରୀ ମାସ ନ ସରୁଣୁ ଯଦି ଏପରି ସ୍ଥିତି, ତେବେ ଆଉ ଦୁଇମାସ ପରେ ସ୍ଥିତି କ'ଣ ହେବ, ତାହା ଚିନ୍ତାର ବିଷୟ ପାଲଟିଛି । ସାତକୋଶିଆର ବନ୍ୟଜନ୍ତୁଙ୍କ ପାଇଁ ଜଳ ସଂକଟ ବି ଦେଖାଦେଇପାରେ । ସୂଚନା ଅନୁଯାୟୀ, ଅନୁଗୁଳ ଜିଲ୍ଲାରେ ଥିବା ସାତକୋଶିଆ ଅଭୟାରଣ୍ୟ ବହୁ ବିରଳ ପ୍ରଜାତିର ବନ୍ୟପ୍ରାଣୀଙ୍କ ଆବାସସ୍ଥଳୀ । ଏହି ଅଭୟାରଣ୍ୟରେ ୩୮ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀଙ୍କ ସହ ଅନେକ ବିରଳ ପକ୍ଷୀ ରହିଛନ୍ତି । ଏହାମଧ୍ୟରେ କଲରାପତରିଆ



ବାଘ, ହାତୀ, ଭାଲୁ, ଗୟଳ, ହରିଣ, ସମ୍ବର, ବାର୍‌ହା ଭଳି ଅନେକ ପ୍ରଜାତିର ବନ୍ୟଜନ୍ତୁ ରହିଛନ୍ତି ।

ତେବେ ଏଠିକାର ପ୍ରାକୃତିକ ନାଳ, ଝରଣାଗୁଡ଼ିକରୁ ବନ୍ୟଜନ୍ତୁ ନିଜର ଶୋଷ ମେଣ୍ଟାଇଥାନ୍ତି । କିନ୍ତୁ, ଗ୍ରୀଷ୍ମଦିନରେ ଏହି ପ୍ରାକୃତିକ ଜଳାଶୟ ଓ ନାଳଗୁଡ଼ିକ ଶୁଖିଲା ପଡୁଥିବାରୁ ବନ୍ୟଜନ୍ତୁଙ୍କ ପାଇଁ ଜଳ ଯନ୍ତ୍ରଣା ଆଶଙ୍କା ରହିଥାଏ । ଚଳିତବର୍ଷ ବି ଏଥିରୁ ବାଦ୍ ଯାଇନାହିଁ । ଏବେ ଠାରୁ ନାଳଗୁଡ଼ିକ ପ୍ରାୟ ଶୁଖିଯିବାରୁ ବନ୍ୟଜନ୍ତୁ ପିଇବା ପାଣି ପାଇବାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି । ତେବେ, ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ବନ୍ୟପ୍ରାଣୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଥିବା ସାତକୋଶିଆ ଡିଏଫ୍‌ଓ ସରୋଜ ପଣ୍ଡା କହିଛନ୍ତି । ସେ କହିଛନ୍ତି, ବନ୍ୟପ୍ରାଣୀଙ୍କୁ ଶୋଷ ମେଣ୍ଟାଇବା ଏବଂ ସେମାନଙ୍କୁ ଶିକାରୀଙ୍କ କବଳରୁ ରକ୍ଷା କରିବାକୁ ବନ ବିଭାଗ ମଧ୍ୟ ସ୍ୱତନ୍ତ୍ର ପ୍ରସ୍ତୁତି ଆରମ୍ଭ କରିଛି । ଚଳିତବର୍ଷ ଗ୍ରୀଷ୍ମଦିନରେ ବନ୍ୟଜନ୍ତୁଙ୍କ ପାନୀୟଜଳ ମୁକାବିଲା ପାଇଁ ରାଇଗୁଡ଼ା, ମଝିପଡ଼ା, କୁକୁରପେଟା ନିକଟରେ ପୋଖରୀ ଖୋଳାଯାଇଥିବା ସେ କହିଛନ୍ତି ।

# ଶିଳାନ୍ୟାସ ପରେ ବି ହେଉନି କାର୍ଯ୍ୟ

**ଦେଓଗାଁ(ଅମୃତ ମିଡିଆ):** ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ଚାନ୍ଦିଲି ପାହାଡକୁ ରାଜ୍ୟ ସରକାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ସହ ବିକାଶ ପାଇଁ ୧ କୋଟି ଟଙ୍କା ଅନୁଦାନ ଦେଇଛନ୍ତି । କିନ୍ତୁ ସରକାର ଦେଇଥିବା ଅନୁଦାନ କାମ ନ ହୋଇ ପଡି ରହିଥିବା ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର ଅଭିଯୋଗ କରିଛନ୍ତି ।

ଚାନ୍ଦିଲି ପାହାଡର ଉନ୍ନତୀକରଣ ପାଇଁ ରାଜ୍ୟ ସରକାର ମଞ୍ଜୁର କରିଥିବା ୧ କୋଟି ଟଙ୍କାର ଅନୁଦାନ ତା.୨୮।୧୨।୨୦୨୩ ରିଖରେ ଟେଣ୍ଡର ହୋଇଥିଲା । କାମ ପାଇଥିବା ଠିକାଦାର ଟେଣ୍ଡର ପାଇବାର ୩ମାସ ବିତି ଯାଇଥିଲେ ମଧ୍ୟ କାମ ଆରମ୍ଭ କରି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏହି ପ୍ରକଳ୍ପ କାମ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ସରକାରୀ ସ୍ତରରେ ନିୟମ ରହିଛି । କିନ୍ତୁ ଟେଣ୍ଡର ପ୍ରକ୍ରିୟାର ତିନିମାସ ଅବଧି ବିତିଯାଇଥିବାରୁ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଦେଓଗାଁ ବ୍ଲକର ବିକାଶ ପାଇଁ ସ୍ଥାନୀୟ ନେତାମାନେ ଶିଳାନ୍ୟାସ ପାଇଁ କ୍ରିୟାଶୀଳ ହେଉଥିବା ବେଳେ କାମର ତତ୍ପରତା ପାଇଁ କାହାର ନଜର ନାହିଁ ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି । ଏ ନେଇ ଦେଓଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ



ଦାୟନିଧି ଖମାରୀଙ୍କୁ ପଚାରିବାରୁ ଟେଣ୍ଡର ପାଇଥିବା ଠିକାଦାରଙ୍କୁ ୬ମାସ ଭିତରେ କାମ ସାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏଥିରେ ବ୍ୟତିକ୍ରମ ଘଟିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ । ବିଭାଗୀୟ ଜେ.ଇ ପ୍ରଶାନ୍ତ କୁମାର ନାଏକ କହିଛନ୍ତି କାମ କରିବାକୁ ମୁଁ ଲେଆଉଟ ଦେଇସାରିଛି । କାମରେ ଠିକାଦାର ଅବହେଳା କଲେ ତାଙ୍କ ବିରୋଧରେ ଓ.ଟି(ଓଭର ଟାଇମ ଡ୍ୟୁ) ପାଇଁ ଜିଲ୍ଲାପାଳଙ୍କୁ ଲେଖାଯିବ ବୋଲି କହିଥିଲେ । ବଲାଙ୍ଗୀର ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଶାନ୍ତ ସିଂଙ୍କୁ ପଚାରିବାରୁ କାହିଁକି କାମ ଆରମ୍ଭ ହୋଇନାହିଁ ସେ ନେଇ ବିଡିଓଙ୍କ ସହିତ ଆଲୋଚନା କରି ପଦକ୍ଷେପ ନିଆଯିବ । ଯିଏ ଅବହେଳା କରିଛି ତାଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ ।

# ଗରମ କଡେଇରେ ପଡି ଶିଶୁ ଗୁରୁତର

**ଭଦ୍ରକ(ଅମୃତ ମିଡିଆ):** ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ରାଧାବଲ୍ଲଭପୁର ପଞ୍ଚାୟତ ଛତ୍ରପଦା ଗାଁରେ ଅଭାବନୀୟ ଘଟଣା ଘଟିଛି । ଗରମ ସିମେଇ କଡେଇରେ ପଡି ଜଣେ ଶିଶୁ ଗୁରୁତର ହୋଇଛି । ସୂଚନା ମୁତାବକ, ରଜନୀକାନ୍ତ ଭୋଇଙ୍କ ୫ ବର୍ଷୀୟ ପୁଅ ଅନିଲ ଭୋଇ ସନ୍ଧ୍ୟାରେ ଖେଳୁଥିବା ଅବସ୍ଥାରେ ଗରମ ସିମେଇ କଡେଇରେ ପଡ଼ିଯାଇଥିଲା । ଫଳରେ ତାର ମୁହଁ, ଛାତି, ପେଟ ସମେତ ହାତ ପାପୁଲି ଆଦି ସ୍ଥାନ ସିଝିଯାଇ ଫୁଟକା ହୋଇଯାଇଥିଲା । ତାକୁ ଗୁରୁତର ଅବସ୍ଥାରେ ପ୍ରଥମେ ଧାମନଗର ଓ ପରେ ଭଦ୍ରକ ମେଡ଼ିକାଲକୁ ନିଆଯାଇଥିଲା । ହେଲେ ଶିଶୁଟିର ଅବସ୍ଥା ଅଧିକ ସଂକଟାପର୍ଣ୍ଣ ଥିବାରୁ ତାକୁ ଭୁବନେଶ୍ୱର ଏମ୍ସ ସ୍ଥାନାନ୍ତର କରାଯାଇଛି ।

# କୁକୁଡ଼ା ଚିଆଁ ବଣ୍ଟନକୁ ନେଇ ହଟ୍ଟଗୋଳ

**ପରଜଙ୍ଗ(ଅମୃତ ମିଡିଆ):** ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ଜୟପୁରାକାଟେଣୀ ଗାଁରେ କୁକୁଡ଼ା ଚିଆଁ ବଣ୍ଟନ ବେଳେ ହଟ୍ଟଗୋଳ ହୋଇଛି । ଉତ୍ତ୍ୟକ୍ତ ଲୋକେ କୁକୁଡ଼ା ଚିଆଁ ବୋହି ନେଇଛନ୍ତି । ୨୦୨୨-୨୩ ମସିହାରେ ପରଜଙ୍ଗ ଆଇସିଡିଏସ୍ ରିପୋର୍ଟ ଅନୁଯାୟୀ ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା କମ ଓଜନ ଶିଶୁ ଏବଂ ରକ୍ତହୀନତା ମହିଳା ମାନଙ୍କର ଏକ ଚିଠା ପ୍ରସ୍ତୁତ କରାଯାଇଥିଲା । ଯାହାର ଆଧାରରେ ମକ୍ସେଲ ନାମକ ଏକ ସଂସ୍ଥା କୁକୁଡ଼ା ବଣ୍ଟନ ପାଇଁ ଦାୟିତ୍ୱ ବହନ କରିଥିଲା । ତେବେ ଜୟପୁରାକାଟେଣୀ ଗାଁରେ କୁକୁଡ଼ା ବଣ୍ଟନ ବେଳେ ଲୋକଙ୍କ ସନ୍ଦେହ ଜାତ ହୋଇଥିଲା । ମନ ଇଚ୍ଛା ଲୋକ ଦେଖାଣିଆ ଭାବେ କିଛି ଲୋକଙ୍କୁ କୁକୁଡ଼ା ଦେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି । ଯାହାକୁ ପାଥେୟ କରି ଲୋକମାନେ ଆଉ କିଛି ନ ମାନି ସିଧାସଳଖ ଭାବେ କୁକୁଡ଼ା ଗୁଡିକ ବୋହି ନେଇଥିଲେ । କିଛି କୁକୁଡ଼ା ମଧ୍ୟ ଉଡି ଯାଇଥିବା ଦେଖିବାକୁ ମିଳିଛି । ଏ ନେଇ କୁକୁଡ଼ା ଚିଆଁ ବୋଝେଇ ପିକଅପ୍ ଭ୍ୟାନଟି ଫେରାର ମାରିଥିଲା ।

# ୨୬ରେ ସଚିବାଳୟ ଘେରାଉ କରିବ କଂଗ୍ରେସ

**ବାଲେଶ୍ୱର(ଅମୃତ ମିଡିଆ):** ବାଲେଶ୍ୱର ସହର ସିନେମା ଛକସ୍ଥିତ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ସଞ୍ଜିବ ଗିରି ଉପସ୍ଥିତ ରହି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ରମାଗତ ଭାବେ ଠକି ଆସୁଛନ୍ତି । ଖଣି, ପାଣି, ଚିଟ୍‌ଫଣ୍ଡ ଦୁର୍ନୀତିଠାରୁ ଆରମ୍ଭ କରି ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ନିଯୁକ୍ତି କ୍ଷେତ୍ରରେ ସରକାର ଲୋକଙ୍କୁ ସେବା ଦେବାରେ ବିଫଳ ହୋଇସାରିଛନ୍ତି । ତେଣୁ ଉଭୟ ସରକାରଙ୍କ ବିରୋଧରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ଆସନ୍ତା ୨୬ ତାରିଖରେ ଦଳର କର୍ମୀମାନେ ରାଜ୍ୟ ସଚିବାଳୟ ଘେରାଉ କରିବେ । ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତା ସମ୍ପର୍କରେ ଉଲ୍ଲେଖ କରିବା ସହ ଏହି ଘେରାଉରେ ବାଲେଶ୍ୱର ଜିଲ୍ଲାରୁ ମୋଟ ୩ ହଜାର କର୍ମୀ ଯୋଗ ଦେବେ ବୋଲି ସୂଚନା ଦେଇଛନ୍ତି ।

# ପଥର ବୋଝେଇ ଗାଡି ଜବତ

**ଆଠଗଡ(ଅମୃତ ମିଡିଆ):** ଆଠଗଡ ତହସିଲ ପକ୍ଷରୁ ଚଢାଉ କରାଯାଇ ଗୋଟିଏ ପଥର ବୋଝେଇ ଗାଡିକୁ ଜବତ କରାଯାଇଛି । ଶୁକ୍ରବାର ସକାଳେ ଆଠଗଡ ଥାନା ଅନ୍ତର୍ଗତ ଆଠଗଡ ମୁଣ୍ଡଳି ରାସ୍ତାର ହୋଟେଲ ନିକଟରେ ପଥର ବୋଝେଇ ଗାଡିକୁ ଜବତ କରି ଆଠଗଡ ତହସିଲ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଏହି ଚଢାଉରେ ଆଠଗଡର ଅତିରିକ୍ତ ତହସିଲଦାର ଅଶୋକ କୁମାର ସ୍ୱାଇଁ ଓ ସଦର ରାଜସ୍ୱ ନିରୀକ୍ଷକ ସିଲୁ ସାହୁ ପ୍ରମୁଖ ସାମିଲ ଥିଲେ । ଜବତ ଗାଡି ଠାରୁ ୩୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇ ଛଡାଯାଇଥିବା ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ ପ୍ରକାଶ କରିଛନ୍ତି ।

# ଥାଇଲାଣ୍ଡରେ ରୋଟାରୀ ପ୍ରଶିକ୍ଷଣ ଶିବିର ଆୟୋଜିତ



## ଓଡ଼ିଶାରୁ ଦେଢ଼ଶହରୁ ଊର୍ଦ୍ଧ୍ୱ ପ୍ରତିନିଧିଙ୍କ ଯୋଗଦାନ

**ଭୁବନେଶ୍ୱର(ବ୍ୟୁରୋ):** ରୋଟାରୀ ଜିଲ୍ଲା ୩୨୬୨ ପକ୍ଷରୁ ସୁଦୂର ଥାଇଲ୍ୟାଣ୍ଡ ଠାରେ ଏଜିଟିସ୍ ଓ ଡିଟିଟିଏସ୍ ସମୂହଙ୍କୁ ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଶିବିର ଆୟୋଜିତ ହୋଇଯାଇଛି । ନିର୍ବାଚିତ ପ୍ରାନ୍ତପାଳ ଜଙ୍ଘାଶିଷ ମହାପାତ୍ରଙ୍କ ନେତୃତ୍ୱରେ ସମଗ୍ର ରୋଟାରୀ ଜିଲ୍ଲାରୁ ଏଥିରେ ଦେଢ ଶହରୁ ଊର୍ଦ୍ଧ୍ୱ ରୋଟାରୀୟାନ୍ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ୍ ଅଫ୍ ବ୍ୟାଙ୍କଗ୍‌ର ଉପପ୍ରାନ୍ତପାଳ ଭାସନା ମଉତଉତ ଆନନ୍ତ, ପ୍ରଫେସର୍ ପି ଲଳିତାସ ହୋନ୍‌ଗ୍ରାତାନାଓଙ୍ଗ, ପି ଭାନନ୍ତା ଲିମ୍‌ଉଇବୁଲ୍, ରୋଟାରୀ କ୍ଲବ୍ ଚାଇନା ଟାଉନ୍‌ର ପି ଥାନିତ୍ରା ମୀସାସ୍ୱିଥିଚାଇ, ପୂର୍ବତନ ପ୍ରାନ୍ତପାଳ ଆଚାରା ପଣ୍ଡାଆଏଙ୍ଗ୍ ପ୍ରମୁଖ ଯୋଗ ଦେଇ ସମାଜସେବା କ୍ଷେତ୍ରରେ ରୋଟାରୀୟାନ୍ ମାନଙ୍କ ଭୂମିକା ଉପରେ ଆଲୋକପାତ କରିବା ସହ ଏଦିଗରେ ରୋଟାରୀୟାନ୍‌ମାନେ କିପରି ଅଧିକରୁ ଅଧିକ ଯୋଗଦାନ ଦେଇପାରିବେ ସେ ନେଇ ନିଜ ନିଜର ପ୍ରଶିକ୍ଷୀୟ ଅଭିଭାଷଣ ଦେଇଥିଲେ । ୨୦୨୪-୨୫ ରେ ସମଗ୍ର ରୋଟାରୀ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, କୌଶଳ ବିକାଶ ଓ ଆତ୍ମନିର୍ଭରତା କ୍ଷେତ୍ରକୁ ଫୋକସ୍ କରିବାର ଆହ୍ୱାନ ଦେଇ ନିର୍ବାଚିତ ପ୍ରାନ୍ତପାଳ ଜଙ୍ଘାଶିଷ ମହାପାତ୍ର ନିଜର ସଂକଳ୍ପ ରଖିଥିଲେ । ଏହି ଅବସରରେ ରୋଟାରୀ କ୍ଲବ ଅଫ୍ ବ୍ୟାଙ୍କଗ୍ ପକ୍ଷରୁ ନିର୍ବାଚିତ ପ୍ରାନ୍ତପାଳ ଶ୍ରୀ ମହାପାତ୍ର ଓ ପ୍ରଥମ ମହିଳା ଇତୁନ୍ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାକ୍ତନ ପ୍ରାନ୍ତପାଳ ଶାନ୍ତନୁ ପାଣିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସୁଦୂର ଥାଇଲ୍ୟାଣ୍ଡରେ ଆୟୋଜିତ ହୋଇଯାଇଥିବା ଏହି ଦୁଇଦିନିଆ କର୍ମଶାଳାକୁ ସଫଳ କରାଇବାରେ , ରୋଟାରୀୟାନ୍ ସାକ୍ୟ ସିଂ ପଟ୍ଟନାୟକ,ବିଭୂତି ଭୂଷଣ କର, ଅନିଲ୍ ସାହା, ସୁଶାନ୍ତ ପଟ୍ଟନାୟକ, ରମେଶ ସାହୁ,ସଞ୍ଜିବ ହୋତା,ସୁରଜ୍ ରାଜ୍ , ପ୍ରଶାନ୍ତ ମିଶ୍ର,ବିଜୟ ଅଗ୍ରୱାଲ, ଦିଲ୍ଲିପ ସାହୁ ଇତ୍ୟାଦି ପ୍ରମୁଖ ଭୂମିକା ନିର୍ବାହ କରିଥିଲେ ।

# ବେଧଡ଼କ ହେଉଛି ବେଆଇନ୍ ବାଲି ଉତ୍ତୋଳନ



**ମୋହନା(ଅମୃତ ମିଡିଆ):** ଦିବାଲୋକରେ ବେଧଡକ ଭାବେ ନଦୀ ଗର୍ଭରୁ ବାଲି ଉତ୍ତୋଳନ ହୋଇ ଟ୍ରାକ୍ଟର ଯୋଗେ ଚାଲାଣ ହେଉଛି । ନା କଟାଯାଉଛି ରୟାଲଟି , ନା ଅଛି ପ୍ରଶାସନର ଜୋରିମାନାକୁ ଭୟ । ଗଜପତି ଜିଲ୍ଲାରେ ପ୍ରଶାସନର ଦୁର୍ବଳତାର ସୁଯୋଗ ନେଇ ବାଲିମାଫିଆ ଏବେ ବେଫିକର୍ । ଫଳରେ ପ୍ରକୃତିରୁ ଲଘୁ ଖଣିଜ ସମ୍ପଦ ଲୁଟ ହେବା ସଙ୍ଗେ ସଙ୍ଗେ ସରକାରଙ୍କ ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହାନୀ ଘଟି ଚାଲିଛି । ଗଜପତି ଜିଲ୍ଲାର ମୋହନା ତହସିଲ ଅଧିନସ୍ଥ ଖସଡ଼ା ଠାରୁ ସଂଯୁକ୍ତ ଆର ଉଦୟଗିରିର ଅଞ୍ଜରବା ଗ୍ରାମ ଦେଇ ପ୍ରବାହିତ ରାମ ନଦୀର ବିଭିନ୍ନ ସ୍ଥାନରେ ଗଜିଉଠିଛି ବେଆଇନ ବାଲି ଖାଦାନ । ଅଞ୍ଜରବା ଗ୍ରାମର କିଛି ଯୁବକ ନଦୀ ମଧ୍ୟରେ ଜେସିବି ଦ୍ୱାରା ବାଲି ଉତ୍ତୋଳନ କରି ପ୍ରତି ଟ୍ରାକ୍ଟର ପିଛା ୫୦୦-୮୦୦ ଟଙ୍କାରେ ବିକ୍ରି କରୁଥିବାବେଳେ କୌଣସି ରୟାଲଟି ଦେବାକୁ ପଡୁନଥିବା କହିଛନ୍ତି ବାଲି ଟ୍ରାକ୍ଟର ଡ୍ରାଇଭର ।

ଦୈନିକ ଶହ ଶହ ଟ୍ରାକ୍ଟର ଅଞ୍ଜରବା ଗ୍ରାମ ଦେଇ ବାଲିକୁ ବାହାରକୁ ଚାଲାଣ ହେଉଥିବାବେଳେ ଗ୍ରାମର କିଛି ଯୁବକ ବାଲି ବିକ୍ରିକୁ ଏବେ ଅର୍ଥ ଉପାର୍ଜନର ମାଧ୍ୟମ ରୁପେ ବାଛି ନେଇଛନ୍ତି । ଅନ୍ୟପଟେ ନଦୀ ଗର୍ଭରୁ ବାଲି ମାତ୍ରାଧିକ ଭାବେ ଉତ୍ତୋଳନ ଯୋଗୁଁ ନଦୀ ଦୁଇ ପାର୍ଶ୍ୱ କୁଳର ମାଟି ଅତଡା ଧସି ବିପଦ ପୂର୍ଣ୍ଣ ପରିସ୍ଥିତି ସୃଷ୍ଟି ହେବାକୁ ବସିଲାଣି । ଯାହାକୁ ନେଇ ଭୟଭୀତ ଓ ଆତଙ୍କିତ ହୋଇପଡିଛନ୍ତି ନଦୀ ତଟବର୍ତ୍ତୀରେ ବସବାସ କରୁଥିବା ଡିମ୍ବିରିସାହି, ଡେରବା, କମଳାପୁର, କୁମୁଲୁସିଂ, ବୁରୁପଦା, ଜାରପଡା, ଡାବରାଗୁଡା, ଗୟଳମେରା, ବାଲିମୁଳି, କଳାପଙ୍ଗା, ସନ୍ତରାସାହି, କରଞ୍ଜାସାହିର ଗ୍ରାମବାସୀ । ଆଜକୁ ଦୁଇ ମାସ ତଳେ କିଛି ଗ୍ରାମବାସୀ ଜିଲ୍ଲା ଲଘୁଖଣିଜ ସଂପଦ ଅଧିକାରୀଙ୍କୁ ଜଣାଇବା ପରେ କେବଳ ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲା । କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ଗ୍ରାମର ଯୁବଗୋଷ୍ଠୀ ବାଧ୍ୟ ହୋଇ ଆଉ ଏକ ବାଲି ଘାଟ ନିର୍ମାଣ କରିବା ସହ ଟ୍ରାକ୍ଟର ପିଛା ଟଙ୍କା ଆଦାୟ କରୁଥିବା ସ୍ୱୀକାର କରିଛନ୍ତି ଗ୍ରାମର ଅଜୟ ମାଝୀ କହିଛନ୍ତି । ବାଲିଘାଟରୁ ଯେଉଁ ଟଙ୍କା ଆଦାୟ ହେଉଛି ଗାଁ କଲ୍ୟାଣ ପାଣ୍ଠିରେ ମିଶାଉଥିବା ଗ୍ରାମର ସଲମନ ମାଝୀ କହିଛନ୍ତି ।

## ଦୈନିକ ଶହଶହ ଟ୍ରାକ୍ଟରରେ ହେଉଛି ଚୋରା ଚାଲାଣ
## ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନୀ ; ନୀରବଦ୍ରଷ୍ଟା ପ୍ରଶାସନ

ଗୋଟିଏ ଦିନ ଚଡାଉ କରି ହାତ ଗଣତି ଟ୍ରାକ୍ଟର ମାଲିକଙ୍କ ଠାରୁ ଜୋରିମାନା ଆଦାୟ କରିଥିଲେ । ତେବେ ରାମନଦୀରୁ ବେଆଇନ ବାଲି ଉତ୍ତୋଳନ ଚାଲିଥିବାବେଳେ ଘଟଣାସ୍ଥଳରେ ଥିବା ଜେସିବି ଅପରେଟର ସଞ୍ଜୀବ କୁମାର ଭୁଆଁଙ୍କୁ ପଚାରିବାରୁ ବାଲି ଚାରିଆଡେ ଅଭାବ ଯୋଗୁଁ ଉନ୍ନୟନ କାମପାଇଁ ବାଲି ନେବାକୁ ଆସିଥିବା କହିଛନ୍ତି । ଅଞ୍ଜରବା ଗ୍ରାମର ସଂପୃକ୍ତ ଯୁବକ ଜଣଙ୍କୁ ପଚାରିବାରୁ ନଦୀ ଉପର ମୁଣ୍ଡରେ କୁମୁଳିସିଂ ଠାରେ ଜିରାଙ୍ଗ ପଞ୍ଚାୟତର ଲୋକେ ବର୍ଷ ବର୍ଷ ଧରି ବେଆଇନ ବାଲି ଉତ୍ତୋଳନ କରିଆସୁଛନ୍ତି କିନ୍ତୁ ଏହାକୁ ରୋକିବା ପାଇଁ ଆର ଉଦୟଗିରି ଗ୍ରାମବାସୀଙ୍କ ଅଭିଯୋଗ ସମ୍ପର୍କରେ ପଚାରିବା ପାଇଁ ଆର୍ ଉଦୟଗିରି ତହସିଲଦାର ଜ୍ୟୋର୍ତିମୟ ଦାଶଙ୍କୁ ଫୋନ ଯୋଗେ ସମ୍ପର୍କ କରିବା ପରେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ । ଜିଲ୍ଲା ଲଘୁ ଖଣିଜ ସମ୍ପଦ ଅଧିକାରୀ ଡିପେନ୍ ପରିଡାଙ୍କୁ ଏ ସମ୍ପର୍କରେ ପଚାରିବାରୁ ଜିଲ୍ଲାରେ ମାତ୍ର ଜଣେ ମଧ୍ୟ ଅଧିକାରୀ ଥିବା ହେତୁ ବାଲି ଉତ୍ତୋଳନ ସ୍ଥାନରେ ପହଞ୍ଚିବା ସମ୍ଭବ ହୋଇପାରୁନାହିଁ । ଖବର ମିଳିଲେ ଚଡାଉ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିଜ ପ୍ରତିକ୍ରିୟାରେ ସେ କହିଛନ୍ତି । ତେବେ ଜିଲ୍ଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ସମ୍ପାଦକୀୟ...

# ହାଇକୋର୍ଟଙ୍କ ରାୟରେ ପରିବର୍ତ୍ତନ

ଶେଷରେ ମଣିପୁର ହାଇକୋର୍ଟ ତାଙ୍କ ରାୟରେ ପରିବର୍ତ୍ତନ କରିଛନ୍ତି। ମଣିପୁର ହାଇକୋର୍ଟ ତାଙ୍କ ଦ୍ୱାରା ପ୍ରଦତ୍ତ ରାୟ ସେ ଯାହା ପ୍ରଦାନ କରିଥିଲେ ରାଜ୍ୟରେ ବ୍ୟାପିଥିବା ଆଦିବାସୀ ସମ୍ପ୍ରଦାୟଙ୍କ ମଧ୍ୟରେ ଗଣ୍ଡଗୋଳକୁ ନେଇ ତାଙ୍କର ସେହି ରାୟ ଯାହା ପାରା ୧୭/୩କୁ ପରିବର୍ତ୍ତନ କରିଛନ୍ତି। ଯେଉଁଥିରେ ମୈତେଇ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ପ୍ରଦାନ ନେଇ ମଣିପୁର ହାଇକୋର୍ଟ ଦେଇଥିବା ତାଙ୍କ ରାୟରେ ପରିବର୍ତ୍ତନ କରିବା ପାଇଁ ବାଧ ହୋଇଛନ୍ତି। ସାମ୍ପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି ମଣିପୁର ହାଇକୋର୍ଟ ଅତି ସରଳ ଭାବେ ତାଙ୍କ ଦ୍ୱାରା ପ୍ରଦତ୍ତ ତାଙ୍କର ସେହି ପୂର୍ବତନ ରାୟକୁ ପରିବର୍ତ୍ତନ ପାଇଁ ବାଧ ହୋଇଛନ୍ତି ଯାହା ମଣିପୁରରେ ଏକ ଟ୍ରାଇବାଲ୍ ପାୱାରକୁ ଉଜାଗର କରିଛି। ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁର ଯେଉଁଠାରେ ରାଜ୍ୟର ମୋଟ୍ ଜନସଂଖ୍ୟାର ପ୍ରାୟ ପଚାଶ ଭାଗ ଲୋକ ହେଉଛନ୍ତି କୁକୀ ସମ୍ପ୍ରଦାୟର ଏବଂ ବାକି ପଚାଶ ଭାଗରୁ ତିରିଶ ଭାଗ ହେଉଛନ୍ତି ମୈତେଇ ସମ୍ପ୍ରଦାୟର ଯେଉଁମାନେ ନିକଟ ଅତୀତରେ ନିଜର ଆଦିବାସୀ ମାନ୍ୟତା ଦାବି ଉପସ୍ଥାପନ କରିଥିଲେ ସରକାରଙ୍କ ନିକଟରେ। ସରକାର କିନ୍ତୁ ସେମାନଙ୍କ ଦାବିକୁ ଏତେ ସହଜରେ ଯଦିଓ ମାନି ନେଇ ନଥିଲେ ତେବେ ସେମାନଙ୍କ ଦାବି ଉପରେ କିନ୍ତୁ ବିଚାର ବିମର୍ଶ ଆରମ୍ଭ କରିଦେଇଥିଲେ। ତଥାପି ନିରାଶ କରିଥିଲେ ସରକାର ସେମାନଙ୍କୁ ଶେଷରେ କାରଣ ମଣିପୁରରେ କୁକୀ ଆଦିବାସୀ ସମ୍ପ୍ରଦାୟଙ୍କ ସଂଖ୍ୟାରେ ବହୁଳତା ହେତୁ ସେମାନେ ମୈତେଇ ସମ୍ପ୍ରଦାୟର ଆଦିବାସୀ ମାନ୍ୟତାକୁ କିନ୍ତୁ ଘୋର ବିରୋଧ କରିଥିଲେ। ସେମାନଙ୍କ ଘୋର ବିରୋଧ ମଣିପୁରରେ ଏପରି ପରିସ୍ଥିତି ସୃଷ୍ଟି କଲା ଯାହା ମଣିପୁରର ରାଜରାସ୍ତାକୁ ରକ୍ତରଞ୍ଜିତ କଲା ଯାହାକି ମଣିପୁରର ବାତାବରଣକୁ କେବଳ ରକ୍ତ ରଞ୍ଜିତ୍ କଲାନି , ଭାରତୀୟ ମାନଚିତ୍ରରେ ମଣିପୁରର ଚିତ୍ରକୁ ପୂରାପୂରି ଖରାପ କରିଦେଲା। ଦୁଇ ହଜାର ବାଇଶି ମସିହା ଶେଷ ଭାଗରେ ମୈତେଇ ସମ୍ପ୍ରଦାୟର ଅଧିବାସୀ ସେମାନଙ୍କ ଆଦିବାସୀ ମାନ୍ୟତାକୁ ନେଇ ଏକ ମହା ସମ୍ମିଳନୀର ଆୟୋଜନ କରୁଥିବା ସମୟରେ ସେମାନଙ୍କୁ ସେହି ସମୟରୁ ଘୋର ବିରୋଧ କରି ଆନ୍ଦୋଳନକୁ ତୀବ୍ର ମାତ୍ରାରେ ପ୍ରତିହତ କରିବାର ଉଦ୍ୟମ ଆରମ୍ଭ କରିଦେଇଥିଲେ। ତେବେ ଦୁଃଖର ବିଷୟ ହେଉଛି ମଣିପୁରୀ କୁକୀ ସମ୍ପ୍ରଦାୟର ବିରୋଧ ମୈତେଇ ସମ୍ପ୍ରଦାୟକୁ ଏତେ ମାତ୍ରାରେ ଖରାପ କରିଦେଲା, ସେମାନଙ୍କୁ ଖଣ୍ଡା ତରୱାଲର ଭୟ ଦେଖାଇ , ସେମାନଙ୍କୁ ସେମାନଙ୍କ ନ୍ୟାଯ୍ୟ ଦାବିରୁ ବଞ୍ଚିତ କରିଦେଲା। ବହୁମାତ୍ରାରେ ଭୟ ଦେଖାଇ ମୈତେଇ ସମ୍ପଦାୟଙ୍କୁ ମଣିପୁରର ମୁଖ୍ୟ ସ୍ରୋତରେ ସାମିଲ୍ କରିବାରୁ ବ ତ କଲା। ତେବେ ମୈତେଇ ସମ୍ପ୍ରଦାୟର ଲୋକେ ସେମାନଙ୍କ ପ୍ରତି ଅତ୍ୟାଚାରକୁ ରାଜ୍ୟର ଉଚ୍ଚନ୍ୟାୟାଳୟରେ ଜଣାଇ ସେମାନଙ୍କ ସମସ୍ୟା ସମାଦାନ ଦାବିରେ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଲେ, ତେବେ ପରବର୍ତ୍ତୀ ସମୟରେ କୋର୍ଟ କିନ୍ତୁ ସେମାନଙ୍କ ଦାବିକୁ ସମର୍ଥନ ଜଣାଇ ତାହାକୁ ମଣିପୁର ରାଜ୍ୟ ସରକାରଙ୍କ କୋର୍ଟକୁ ଠେଲିଦେଲେ। ସରକାର ବି ଶେଷରେ ଫେଲ୍ ମାରିଗଲେ। ମୈତେଇ ସମ୍ପଦାୟର ଦାବିକୁ ପୂରଣ କରିବାରେ ଉଭୟ କୋର୍ଟ ଏବଂ ସରକାର ହାର୍ ମାନିଗଲେ କାରଣ ମଣିପୁରକୁକୀ ପବ୍ଲିକ୍ କିନ୍ତୁ ସହଜରେ ହାର୍ ମାନି ନଥିଲେ। ମୈତେଇ ସମ୍ପ୍ରଦାୟର ଆଦିବାସୀ ମାନ୍ୟତା ଦାବିକୁ କୁକୀ ବାଲାଙ୍କ ପ୍ରବଳ ବିରୋଧ ଏବଂ ସେଥିନେଇ ରାଜ୍ୟରେ ଜୋରଦାର ବିରୋଧ ଏବଂ ହଙ୍ଗାମା ଏବଂ ତା' ସାଙ୍ଗକୁ ବାରମ୍ବାର ରକ୍ତପାତ ଆଗରେ ଶେଷରେ ଏକ ପ୍ରକାର ହାର ମାନିଲା ସରକାର। ଯାହା ପାଇଁ ମୈତେଇ ସମ୍ପ୍ରଦାୟର ମାନ୍ୟତା ହୁଏତ୍ ସେହିଭଳି ଅଧାପନ୍ତରିଆ ମାନ୍ୟତାରେ ଅଟକି ରହିଗଲା। ନା ସେମାନେ ଆଦିବାସୀରେ ଗଲେ ନା ସେମାନେ ବନବାସୀରେ ଗଲେ। ସେହିଭଳି ଅଧପନ୍ତରିଆ ଅବସ୍ଥାରେ ରହିଗଲେ ସେମାନେ । ଏହା ପଛର ମୁଖ୍ୟ କାରଣ ହେଉଛି ସେମାନଙ୍କ୍ ରାଜ୍ୟରେ ମାତ୍ରାରେ ବହୁଳତା ଥିବାରୁ ସେମାନେ କିନ୍ତୁ ଘୋର ବିରୋଧ କରିଥିଲେ ସେମାନଙ୍କର ସେପରି ଦାବିକୁ । ମଣିପୁରରେ କୁକୀ ଏବଂ ନାଗା ସମ୍ପ୍ରଦାୟର ଅଧିବାସୀ ହେଉଛନ୍ତି ସର୍ବାଧିକ ଯେଉଁମାନେ ତ ମଣିପୁରୀ ହେଲେ ସେମାନଙ୍କ ପାଖରେ ମଣି ନାହିଁ । କାରଣ ସେମାନେ ଆଜି ବି ସେହି ଜଙ୍ଗଲୀ ସଭ୍ୟତାକୁ ଆପଣାଇଛନ୍ତି। ସେଥିପାଇଁ ମଣିପୁରର ଆଜି ଏପରି ଦୁରବସ୍ଥା। ସାମ୍ପ୍ରତିକ ପରିସ୍ଥିତିକୁ ଆଖି ଆଗରେ ରଖି ମଣିପୁର ହାଇକୋର୍ଟ ଅତି ସରଳ ଭାବେ ତାଙ୍କ ଦ୍ୱାରା ପ୍ରଦତ୍ତ ତାଙ୍କର ସେହି ପୂର୍ବତନ ରାୟକୁ ପରିବର୍ତ୍ତନ ପାଇଁ ବାଧ ହୋଇଛନ୍ତି ଯାହା ମଣିପୁରରେ ଏକ ଟ୍ରାଇବାଲ୍ ପାୱାରକୁ ଉଜାଗର କରିଛି। ଭାରତର ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ମଣିପୁର ଯେଉଁଠାରେ ରାଜ୍ୟର ମୋଟ୍ ଜନସଂଖ୍ୟାର ପ୍ରାୟ ୫୦ ଭାଗ ଲୋକ ହେଉଛନ୍ତି କୁକୀ ସମ୍ପ୍ରଦାୟର ଏବଂ ବାକି ୫୦ ଭାଗରୁ ତିରିଶ ଭାଗ ହେଉଛନ୍ତି ମୈତେଇ ସମ୍ପ୍ରଦାୟର ଏବଂ ବାକିମାନେ ହେଉଛନ୍ତି ସାଧାରଣ ସମ୍ପ୍ରଦାୟର ଯେଉଁମାନେ ନା' କୁ ଖାଲି ସଭ୍ୟ ଶିକ୍ଷିତ ହେଲେ ସେମାନଙ୍କର ସେପରି କୌଣସି ବିଶେଷ ଭୂମିକା ନାହିଁ ରାଜ୍ୟର ବିକାଶରେ, ରାଜ୍ୟର ପ୍ରଗତିରେ। ସେଥିପାଇଁ ମଣିପୁରର ଆଜି ଏପରି ଅବସ୍ଥା। ଯେଉଁଠାରେ ସରକାର ଆଦିବାସୀ ମାନଙ୍କ କଥାରେ ପରିଚାଳିତ ହେଉଛନ୍ତି । ଯାହା ଗଣତନ୍ତ୍ରର ଘୋର ବିରୋଧାଭାଷ।

## ଜ୍ଞାନାମୃତ

# ବିଶ୍ୱାସରେ ବିଜୟ

ପଶ୍ଚିମାଞ୍ଚଳରେ ଏକ ଛୋଟିଆ ଗାଁରେ ରହୁଥିବା ସାମୁ ଥରେ ତା'ର ମାମୁଘରକୁ ଯିବା ପାଇଁ ବାହାରିଲା। ତାଙ୍କ ଘରୁ ତା' ମାମୁଘରକୁ ଯିବା ବାଟରେ ସେମିତି କିଛି ଅସୁବିଧା ନାହିଁ। ଦିନ ଥାଉ ଥାଉ ଚାଲିଗଲେ ଭଲ। ନଚେତ ଅସୁବିଧା। ରାତି ହୋଇଗଲେ ପୂରା ବିପଦ। ବାଟରେ ପଡ଼େ ଏକ କିଲୋମିଟର ବ୍ୟାପୀ ଏକ ଛୋଟିଆ ଜଙ୍ଗଲ। ଜଙ୍ଗଲରେ ପଶୁପକ୍ଷୀଙ୍କ ଭୟ ସେମିତି ନଥାଏ ହେଲେ ଭୂତପ୍ରେତଙ୍କ ଭୟ ରହିଥାଏ। ସାମୁ ତା'ର ମାମୁ ଘରକୁ ଦିନେ ବାହାରିଲା। ମାମୁଘରେ ବି ଠିକ୍ ସମୟରେ ପହଞ୍ଚଗଲା। ଭଣଜାକୁ ମାମୁ ବହୁତ ଖୁସି ହୋଇଗଲେ। ଭଲ ଖାନାପିନାରେ ସମୟ କଟିଲା। ବହୁ ଦିନ ପରେ ଯାଇଥିବାରୁ ଘରେ ଦିନେ ଓଳିଏ ରହିଯିବା ପାଇଁ ବାଧ କଲେ ମାମୁ। ହେଲେ କିଛି ଜରୁରୀ କାମ ଥିବାରୁ ସେହିଦିନ ଘରୁ ବାହାରିଆସିଲା ସାମୁ। ଘରୁ ବାହାରିବାରେ ତା'ର ସାମାନ୍ୟ ବିଳମ୍ବ ହୋଇଗଲା ନିଶ୍ଚୟ। ସେପାଇଁ ଅଧାବାଟରେ ହୋଇଥିବା ସମୟରେ ଜଙ୍ଗଲରେ ହିଁ ଅନ୍ଧାର ହୋଇଗଲା। ସେହି ଅନ୍ଧାର ରାତିରେ ଜଙ୍ଗଲରେ ଗୋଟାଏ ଭୂତ ତା'ର ବାଟ ଓଗାଳିଲା। ଭୂତ କହିଲା ମୁ ଶକ୍ତିମାନ, ତୋତେ ଏହି ଜଙ୍ଗଲରେ ଖତମ କରିଦେବି। ସାମୁ ଭାରି ଈଶ୍ୱର ବିଶ୍ୱାସୀ। ସେ ବି ତା'ର ଶକ୍ତି ଦେଖାଇଲା। ହେଲେ ଭୂତର ଶକ୍ତି ଆଗରେ ମଣିଷର ଶକ୍ତି ବା କ'ଣ କାମ କରନ୍ତା। ଏଣୁ ଭୂତ ହାବୁଡ଼ରେ ପଡ଼ି ସାମୁ ଭଳି ସାଧାରଣ ମଣିଷଟା ପୂରା ଛନ୍ଦି ହୋଇଗଲା। କ'ଣ କରିବ ଏବଂ କ'ଣ ନ କରିବ, କିଛି ଜାଣି ପାରିଲା ନାହିଁ। ହଠାତ ତା' ବାପା କହିଥିବା ସେହି ଗୋଟାଏ କଥା ତା'ର ମନେ ପଡ଼ିଗଲା। କଥାଟା ହେଲା ଈଶ୍ୱର ସର୍ବଶକ୍ତିମାନ। ଏଣୁ ଡର କାହାକୁ ଭୟ କାହାକୁ । ଏହି କଥା ଭାବି ଭାବି ସେ ଆଗକୁ ଆଗକୁ ବଢ଼ି ଚାଲିଲା ଏବଂ ଏଭଳି କହି ଚାଲିଲା ଯେ ଡର କାହାକୁ, ଭୟ କାହାକୁ; ଠାକୁର ଅଛନ୍ତି ଚଉ ବାହାକୁ। ଏମିତି କହି କହି ସାମୁ ବଢ଼ି ଚାଲିଲା ଆଗକୁ ଆଗକୁ ଏବଂ ଶେଷରେ ଭଲରେ ଭଲରେ ପହଞ୍ଚିଗଲା ତା' ଘରେ। ଭୂତଭୟ ତା'ର କିଛି ବି ବିଗାଡ଼ିପାରିଲା ନାହିଁ। କାରଣ ତା' ଭିତରେ ଥିଲା ଅମାପ ଶକ୍ତି ଯାହା ତାକୁ ଜୀବନରେ କୌଣସି ବି ପରିସ୍ଥିତିର ସାମ୍ନା କରିବା ପାଇଁ ଶକ୍ତି ତଥା ସାହସ ଯୋଗାଉଥିଲା। ଏଣୁ ସେ କେବେ ବି କୌଣସି ପରିସ୍ଥିତିର ସାମ୍ନା କରିବା ପାଇଁ ପଛଘୁଞ୍ଚା ଦେଉନଥିଲା କିମ୍ବା କେବେ ବି କୌଣସି ପରିସ୍ଥିତିର ସାମ୍‌ନା କରିବା ପାଇଁ ପଛଉ ନଥିଲା। କାରଣ ତା'ର ନିଜ ଉପରେ ସେତିକି ଆତ୍ମବିଶ୍ୱାସ ଥିଲା।

# ପିଲାଙ୍କ ପରୀକ୍ଷା ପାଇଁ ପ୍ରସ୍ତୁତି

**ଡ.ଅରୁନ୍ଧତୀ ଦେବୀ**

ଖୁବ୍ କମ ଦିନ ଭିତରେ ବିଦ୍ୟାଳୟ ଠାରୁ ମହାବିଦ୍ୟାଳୟ ଶିକ୍ଷା ଶ୍ରେଣୀ ଭିତରେ ପରୀକ୍ଷା ଆରମ୍ଭ ହୋଇଯାଉଛି। ବାର୍ଷିକ ପରୀକ୍ଷା ଫଳ ହୋଇଥିବାରୁ ପରୀକ୍ଷାକୁ ନେଇ କେବଳ ଛାତ୍ରଛାତ୍ରୀ ନୁହଁନ୍ତି ଅଭିଭାବକ, ବୁଦ୍ଧିଜୀବୀ ଓ ଶିକ୍ଷକ ବା ଶିକ୍ଷୟିତ୍ରୀମାନଙ୍କ ଭିତରେ ଏକ ପ୍ରକାର ବ୍ୟସ୍ତତା, ଆଶଙ୍କା ଆଉ ପ୍ରସ୍ତୁତିକୁ ନେଇ ଅନେକ ଚର୍ଚ୍ଚା। ଅନେକ ହୁଏତ ଜାଣିନଥାନ୍ତି ପିଲାମାନଙ୍କ ପରୀକ୍ଷାକୁ ନେଇ ସେମାନଙ୍କ ଭିତରେ ଏକ ପ୍ରକାର ଚାପ, ଉତ୍କଣ୍ଠା ଓ ଆଶଙ୍କା ସୃଷ୍ଟି କରାଯାଏ। ବର୍ଷ ତମାମ ଯେଉଁ ଶିକ୍ଷା ଖସଡ଼ାକୁ ପିଲାମାନେ ନିତ୍ୟ ନିୟମିତ ଅଧ୍ୟୟନ କରୁଥିଲେ କେତଟା ଦିନକୁ ଆଖିରେ ରଖି ପିଲାମାନଙ୍କ ଭିତରେ ଆଶଙ୍କା, ଚାପ ସୃଷ୍ଟି କରିବା ସମ୍ପୂର୍ଣ୍ଣ ରୂପେ ଅନୁଚିତ। ପିଲାମାନଙ୍କୁ ଯଥା ସମ୍ଭବ ଚାପ ଓ ବ୍ୟସ୍ତତା ଠାରୁ ଦୂରେଇ ରଖିବା ସବୁଠାରୁ ଶ୍ରେଷ୍ଠ ମାଧ୍ୟମ। ପରୀକ୍ଷା ପୂର୍ବରୁ ପ୍ରସ୍ତୁତି ଦିଗକୁ ଦେଖିଲେ ଶୋଇବାର ଯଥେଷ୍ଟ ପୂର୍ବରୁ ପିଲାଟିର ପାଠପଢ଼ା ଶେଷ ପାଇଁ ଦୃଷ୍ଟି ଦିଅନ୍ତି। ପ୍ରତିଦିନ ୬ରୁ ୮ଘଣ୍ଟା ଶୋଇବା ଭଲ। ସଠିକ୍ ଭାବେ ବିଶ୍ରାମ ନହେଲେ ଓ ନିର୍ଦ୍ଦିଷ୍ଟ ଅନ୍ତରରେ ଖାଦ୍ୟ ବ୍ୟବସ୍ଥାର ଖସଡ଼ା ନ ରଖିଲେ ପିଲାମାନଙ୍କର ପ୍ରସ୍ତୁତିରେ ବ୍ୟତିକ୍ରମ ଦେଖାଯାଏ। ନିଜ ଶିକ୍ଷାୟତନର ଶିକ୍ଷକ ବା ଟ୍ୟୁସନ ସାରଙ୍କ ଠାରୁ ଯଥେଷ୍ଟ ପୂର୍ବରୁ ଏ ପରୀକ୍ଷା ପାଇଁ ପ୍ରସ୍ତୁତିର ଖସଡ଼ା ତିଆରି କରି ନିଜେ ଏକ ପାଠ୍ୟସୂଚୀ ପ୍ରସ୍ତୁତ କରନ୍ତୁ। ପାଠପଢ଼ା ବେଳେ ହାତ ପାଖରେ ଖାତା, ବହି, ପେନ୍‌ସିଲ ପରି ଆବଶ୍ୟକୀୟ ଜିନିଷ ରଖନ୍ତୁ। ଏ ସବୁ ଜିନିଷ ଖୋଜିବା ପାଇଁ ଯେପରି ଜଣେ ଅନ୍ୟମନସ୍କ ନହୁଏ ଏବଂ ଏହା ପାଇଁ ଯେପରି ସମୟ ଅତିବାହିତ ନକରେ। ସେହିପରି କ୍ରମାଗତ ଭାବେ ଚାରି ପାଞ୍ଚ ଘଣ୍ଟା ଧରି ପାଠ ପଢିବା ଅପେକ୍ଷା ମଝିରେ କିଛି ମଧ୍ୟାନ୍ତର ସମୟ ରଖି ଏବଂ ପଢୁଥିବା ଜିନିଷକୁ ଚିନ୍ତନ କରି ଏକ ମୁକ୍ତ ପରିବେଶରେ ନିଜକୁ ରଖିପାରିଲେ ଏହା ବହୁତ ଭଲ କାମ ଦିଏ। ରାତି ରାତି ଅନିଦ୍ରା ହୋଇ ପିଲାମାନଙ୍କୁ ଘୋଷା ସୁଆ କରିବା ଅଭ୍ୟାସ ଭଲ ନୁହେଁ। ବର୍ତ୍ତମାନ ସମୟରେ କେବଳ ସିଲେକ୍‌ଟିଭ୍ ପ୍ରଶ୍ନ ଉତ୍ତର ପ୍ରସ୍ତୁତ ନହୋଇ ପିଲାଟିକୁ ପୁସ୍ତକାବଳୀର ସମସ୍ତ ଅଧ୍ୟାୟକୁ ନିଜ ଦଖଲରେ ରଖିବା ପାଇଁ ମାନସିକତାରେ ସହାୟକ ହୁଅନ୍ତୁ। ମନେରଖିବା ପାଇଁ ବଜାରରେ ମିଳୁଥିବା ଔଷଧ ଟନିକ୍ ପିଲାଙ୍କୁ ଆଦୌ ଦିଅନ୍ତୁନାହିଁ। ପିଲାମାନେ ପାଠ ପଢ଼ିବା ବେଳେ ସେମାନଙ୍କୁ ଗରିଷ୍ଠ ଖାଦ୍ୟ ଠାରୁ ଦୂରେଇ ରଖନ୍ତୁ।

ସକାଳୁ ଶୋଇ ଉଠିବା ପରେ ମସ୍ତିଷ୍କ ସବୁଠାରୁ ଅଧିକ ସଜାଗ ଥିବାରୁ ଏହି ସମୟଟି ପିଲାମାନଙ୍କ ପାଠପଢ଼ା ପାଇଁ ଖୁବ୍ ଭଲ। ମଧ୍ୟାହ୍ନରେ ଭୋଜନ ପରେ ପିଲାମାନେ ବିଶ୍ରାମ ନେବା ବହୁତ ଭଲ। ବିଶେଷକରି ପରୀକ୍ଷା ସମୟରେ ପିଲାମାନଙ୍କ ମନ ବେଳେ ବେଳେ ଅସ୍ଥିର ରହେ। ପିଲାମାନଙ୍କର ମନସ୍ତାତ୍ତ୍ୱିକ ଦିଗକୁ ଦେଖି ଆପଣ ତାକୁ ପ୍ରେରଣା ଦିଅନ୍ତୁ। ମାନସିକ ଚାପ ପାଇଁ ମନ ଅସ୍ଥିର ହୋଇଥାଏ। ଏ ସମୟରେ ପିଲାମାନଙ୍କୁ କୌଣସି ବାହ୍ୟ ସମସ୍ୟା ବା ଉଦ୍‌ବେଗ ବା ପାରିବାରିକ ସମସ୍ୟା ଜଣାନ୍ତୁ ନାହିଁ। ପିଲାଟିକୁ ଜଣେ ବନ୍ଧୁ ଭାବରେ ବେଶ ହାଲକାରେ ତା ମାନସିକତା ବୁଝନ୍ତୁ। ଅମକ ଡିଭିଜନ ପାଇଲେ ବା ଅମକ ର୍‍ୟାଙ୍କ ପାଇଲେ ଏଇୟା ଦିଆଯିବ ଏପରି ପ୍ରଲୋଭନ ଦିଅନ୍ତୁ ନାହିଁ ବା ଏକ ନିର୍ଦ୍ଦିଷ୍ଟ ପରୀକ୍ଷା ଫଳ ପାଇଁ ପିଲାଟିକୁ ବାଧ୍ୟବାଧ୍ୟକତା ଚାପ ତା'ଉପରେ ଲଦନ୍ତୁନାହିଁ। ପିଲାଟିର ଏହି ପରୀକ୍ଷା ଜୀବନର ଶେଷ ପରୀକ୍ଷା ନୁହେଁ ବା ଏ ପରୀକ୍ଷାରେ ପିଲାଟିର ଫଳ କିଛି କମିଗଲେ ଯେ ତାର ଭବିଷ୍ୟତ ବା କ୍ୟାରିୟର ଯେ ଓଲଟି ପଡ଼ିବ ଏପରି ଚିନ୍ତାଧାରା ଠାରୁ ଦୂରେଇ ରଖନ୍ତୁ। ବେଳେ ବେଳେ ଦେଖାଯାଏ ତରୁଣ ବୟସରେ କେତେକ ପିଲା ନିଶାଦ୍ରବ୍ୟ ପ୍ରତି ପ୍ରଲୋଭିତ ଥାଆନ୍ତି। ଏ ଦିଗଟିକୁ ଗୁରୁତର ସହ ବିଚାର କରି ତାକୁ ଦୂରେଇ ରଖନ୍ତୁ। ପଢୁଥିବାବେଳେ ପିଲାଟିର ପାରିପାର୍ଶ୍ୱିକ ସ୍ଥାନ ଓ ପରିବେଶ ଯେପରି ଭଲ ରହେ ସେ ଦିଗକୁ ଅବହେଳା କରନ୍ତୁ ନାହିଁ। ଏ ସମୟରେ ପିଲାଟିର କୌଣସି ଶାରୀରିକ ଅସୁସ୍ଥତା ଥିଲେ ଚିକିତ୍ସକଙ୍କ ପରାମର୍ଶ ନିଅନ୍ତୁ। ଅସାଧୁ ଉପାୟରେ ପିଲାମାନଙ୍କୁ କପି ଯୋଗାଇବା ବା ଆଉ କୌଣସି ମାଧ୍ୟମ ରାସ୍ତାରେ ତାକୁ ସହାୟତା କରିବା ଭଳି ଗୁରୁତର ଭୁଲ କରିବା ତ ଦୂରର କଥା ପିଲାଟିର ମନ ଭିତରେ ପ୍ରବେଶ କରାନ୍ତୁ ନାହିଁ। ଅନ୍ୟ ଛାତ୍ରଛାତ୍ରୀଙ୍କ ଉଦାହରଣ ଦେଇ ପିଲାଟିକୁ ହତୋତ୍ସାହିତ କରନ୍ତୁନାହିଁ। ବକୁଳବନର ଗୁରୁକୁଳ ଶିକ୍ଷା ବ୍ୟବସ୍ଥା ପରି ପୂଜ୍ୟଶ୍ରୀ କୁମାର ଭାଇଙ୍କ ଶୋଭନୀୟ ଶିକ୍ଷାଶ୍ରମ ଏକ ଗୁରୁକୁଳ କହିଲେ ଅତ୍ୟୁକ୍ତି ହେବନାହିଁ। ଏକ ନିର୍ମଳ ଓ ଆଧ୍ୟାତ୍ମିକ ପରିବେଶ ଭିତରେ ପିଲାମାନଙ୍କୁ ପରୀକ୍ଷା ବ୍ୟବସ୍ଥା ପାଇଁ ପ୍ରସ୍ତୁତି କରାଯାଏ। ଆଜିକାଲି ପିଲାମାନଙ୍କ ଉପରେ ଅନେକ ପ୍ରକାର ପ୍ରଲୋଭନ ଓ ଚାପ ଦିଆଯାଉଛି। ଏଥିରୁ ନିବୃତ୍ତ ରଖି ପିଲାଟିକୁ ଜୀବନ ପରୀକ୍ଷା ପାଇଁ ପ୍ରତି ମୁହୂର୍ତ୍ତରେ ସାମ୍ନା କରିବାର ସାମର୍ଥ୍ୟ ଶିଖାନ୍ତୁ ନ ହେଲେ କେବଳ ଆପଣଙ୍କର ନୁହେଁ ଆଗାମୀ ସମୟର ମୂଲ୍ୟବାନ ମୁକ୍ତାକୁ ଆପଣ ଅବହେଳା କରୁଛନ୍ତି ବୋଲି ସମୟ ଆସିବ ଆପଣ ଅନୁଭବ କରିବା ପାଇଁ ବାଧ ହେବେ। ପ୍ରତିଟି ପିଲାଙ୍କ ପରୀକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭ କାମନା ଜଣାଉଛି।

**ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା
ନିରୋଧ ଅନ୍ଦୋଳନ, କଟକ,
ଦୂରଭାଷ : ୯୯୩୭୧୭୨୮୧୦**

# ରାଜନୀତିରେ ପ୍ରବୀଣ : ନମ୍ର-ନିରବ ନବୀନ

**ବାଦଲ ଭୂୟାଁ**

ରାଜନୀତି ନିର୍ବାଚନର ଘୋ ଘାର ଗର୍ଜନ ଶୁଭିଲାଣି। ନେତା ମାନଙ୍କ ମନ୍ତବ୍ୟ ଓ ହୋହଲ୍ଲା ଭିତରେ ରାଜନୀତିର ପାଣିପାଗ ପୁରାପୁରି ସରଗରମ। କିନ୍ତୁ ସବୁଠାରୁ ଚିରାଚରିତ ଓ ନିୟମିତ ଢ଼ଙ୍ଗରେ ନବୀନ ବାବୁ ଚୁପଚାପ। ସେ କୌଣସି ନିର୍ବାଚନ ପୂର୍ବରୁ ହୋ ହଲ୍ଲା ଜନିତ ମନ୍ତବ୍ୟ ଦିଅନ୍ତି ନାହିଁ କିମ୍ବା ତାଙ୍କର ନମ୍ର ଓ ନିରବ ସ୍ୱଭାବରୁ ସେ କେବେ ବିଚ୍ୟୁତ ହୁଅନ୍ତି ନାହିଁ ଏହା ହିଁ ନବୀନ ରାଜନୀତି। ନବୀନ ବାବୁଙ୍କ କରାଜନୈତିକ ଗୋଟି ଚାଳନାର କେହି କୌଣସି ଟେର ମଧ୍ୟ ପାଆନ୍ତି ନାହିଁ। ସହକର୍ମୀ, ସହଯୋଗୀ, କ୍ୟାବିନେଟ ସହଯୋଗୀ ଓ ଦଳୀୟ ବରିଷ୍ଠ ଭେଟରାନଙ୍କ ସହ ପରାମର୍ଶ, ମତାମତ ଲୋଡ଼ନ୍ତି ଆଉ ଠିକଣା ସମୟରେ ସେ ଠିକଣା ଢ଼ଙ୍ଗରେ ତାଙ୍କ ନିଷ୍ପତ୍ତି ଜଣାଇଥାନ୍ତି ଯାହାକି ଅପ୍ରତ୍ୟାଶିତ ଓ ଏକ ପ୍ରକାର ଚର୍ଚ୍ଚିତ ହୋଇଥାଏ। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ରାଜନୈତିକ ଯାତ୍ରାରେ ନବୀନ ପଟ୍ଟନାୟକଙ୍କ ଉପସ୍ଥିତି କେବେ ଲକ୍ଷ୍ୟ କରାଯାଇନାହିଁ। ମାତ୍ର ବିଜୁ ବାବୁଙ୍କ ତିରୋଧାନ ପରେ ଓଡ଼ିଶା ରାଜନୈତିକ ଆକାଶର ସୂର୍ଯ୍ୟ ଭାବେ ନବୀନଙ୍କ ଆବିର୍ଭାବ ସୃଷ୍ଟି କରିଛି ଏକ ନୂଆ ଯୁଗ। ରାଜନୀତିର କୌଣସି ପୂର୍ବ ଅଭିଜ୍ଞତା ବିନା ନବୀନ ଗତ ଅଢ଼େଇ ଦଶନ୍ଧି ଧରି ଓଡ଼ିଶାର ସବୁ ବର୍ଗର ରାଜନେତାଙ୍କ ଠାରୁ ଢ଼େର ଆଗରେ। ବିଧାନସଭା ହେଉ କି ଲୋକସଭା ନିର୍ବାଚନ, ନିଜେ ବିଜୟୀ ହେବା ସହ ଦଳ ବିଜୟଧାରାରେ ଅବ୍ୟାହତ ସହ ଅପରାଜେୟ ସାବ୍ୟସ୍ତ ହୋଇଛନ୍ତି ନବୀନ ପଟ୍ଟନାୟକ। କ୍ରମାଗତ ୫ଥର ମୁଖ୍ୟମନ୍ତ୍ରୀ ଭାବରେ ନିର୍ବାଚିତ ହୋଇଛନ୍ତି।

ଆଜି ଓଡ଼ିଶାରେ ୫ଟି ଅତ୍ୟନ୍ତ ସଫଳ ହୋଇଛି। ତୃଣମୂଳ ସ୍ତରରୁ ପ୍ରତିଟି ଜନସାଧାରଣ ଏହାର ସଫଳତା ଅନୁଭବ କରିପାରିଛନ୍ତି। ୫ଟି ସୂତ୍ରର ପ୍ରଥମ ଉପାଦାନ ହେଲା ସେବା ମନୋଭାବ। ଗତ ସେପ୍ଟେମ୍ବର ୩୦ ତାରିଖରେ, ବିଜୁ ଜନତା ଦଳର ଜନସମ୍ପର୍କ ପଦଯାତ୍ରା ପାଇଁ ଆୟୋଜିତ ଦୁଇ ଦିନିଆ ପ୍ରସ୍ତୁତି ବୈଠକର ଉଦଯାପନୀ ଦିବସରେ ଉଦବୋଧନ ଦେଇ ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଲେ ଯେ ଦଳ ପାଇଁ ଜନସେବା ହେଉଛି ମୁଖ୍ୟ ଓ ରାଜନୀତି ଏକ ମାଧ୍ୟମ। ଏହି ଜନସେବା ଆଦର୍ଶ ଯୋଗୁଁ ନବୀନ ସରଳ ଜୀବନଯାପନ କରିବା ଦେଖାଯାଏ। ଓଡ଼ିଶା ରାଜନୀତିକୁ ଆସିବା ପୂର୍ବରୁ ବୁଦ୍ଧିଜୀବୀ ତଥା ଲେଖକ ନବୀନ ପଟ୍ଟନାୟକ, ପୃଥିବୀର ବିଭିନ୍ନ ବୁଦ୍ଧିଜୀବୀ ଗୋଷ୍ଠୀରେ ନିଜର ସମୟ ଅତିବାହିତ କରିଥିବାବେଳେ ୨୦୦୦ରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠାରୁ ବାହାରକୁ ନଯାଇ ସବୁ ସମୟ ରାଜ୍ୟରେ କଟାଇବା ଦେଖାଯାଏ। ସେ ଓଡ଼ିଶା ଲୋକଙ୍କୁ ନିଜର ପରିବାର ବୋଲି ସ୍ୱୀକାର କରିଛନ୍ତି। ନବୀନଙ୍କ ସେବା ମନୋଭାବର ସଦ୍ୟ ଉଦାହରଣ ମିଳିଥିଲା କୋଭିଡ଼-୧୯ ସମୟରେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୨୧ ମାର୍ଚ୍ଚରୁ ଦୁଇ ମାସ ଭିତରେ ୨୮୦୦୦ ମେଟ୍ରିକ ଟନ ଅଧିକ ତରଳ ଅମ୍ଳଜାନ ୧୭ଟି ରାଜ୍ୟକୁ ଯୋଗାଇ ଦେଇ ଦେଶରେ ଅନେକ ଅମୂଲ୍ୟ ଜୀବନ ରକ୍ଷା କରିପାରିଥିଲେ। ୫ଟି ସୂତ୍ର ଦ୍ୱିତୀୟ ଉପାଦାନ ହେଲା ସ୍ୱପ୍ନ। ପ୍ରତ୍ୟେକ ଜନନେତା ଲୋକଙ୍କ ପାଇଁ ସ୍ୱପ୍ନ ଦେଖିବା ଆବଶ୍ୟକ। ନବୀନଙ୍କ ସଫଳତାର ତୃତୀୟ ସୂତ୍ର ହେଲା ସର୍ବକାଳୀନ ଶୃଙ୍ଖଳା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୦୦ରେ ରାଜ୍ୟର ଶାସନ ଦାୟିତ୍ୱ ନେବା ପରେ ସରକାରୀ କଳକୁ ଦୁର୍ନୀତିମୁକ୍ତ ଓ ଶୃଙ୍ଖଳିତ କରି ବିକାଶ କାର୍ଯ୍ୟରେ ନିୟୋଜିତ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କର ଅନ୍ୟ ଏକ ସଫଳତାର ରହସ୍ୟ ହେଲା ସାମାଜିକ ନ୍ୟାୟ ପ୍ରତି ବିଶ୍ୱାସ।ଓଡ଼ିଶାର ପରିଚୟ ମହାପ୍ରଭୁ ଜଗନ୍ନାଥ। ସାରା ବିଶ୍ୱର ଦେବତା ସିଏ। ଜଗନ୍ନାଥଙ୍କ ନାଁକୁ ନେଇ ସାରା ବିଶ୍ୱରେ ଓଡ଼ିଶା ପରିଚିତ। ମାତ୍ର ତିନି ଦଶନ୍ଧି ତଳେ ଅନାହାର ମୃତ୍ୟୁ, କଳାହାଣ୍ଡିର କ୍ଷୁଧା, ଫନସ ପୁଞ୍ଜି, ମହାବାତ୍ୟା ଓଡ଼ିଶାକୁ ଦେଇଥିଲା ଏକ ନକରାତ୍ମକ ପରିଚୟ। ମାତ୍ର ଏକ ବିଂଶ ଶତାବ୍ଦୀ ଆରମ୍ଭରୁ ଓଡ଼ିଶାକୁ ନୂଆ ପରିଚୟ ଦେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଉଁ ସଙ୍କଳ୍ପ ନେଇଥିଲେ ତାହା ସେହି ଦୁର୍ନାମକୁ ଅନେକାଂଶରେ ଦୂର କରିବାକୁ ସମର୍ଥ ହୋଇଛି। କ୍ରୀଡ଼ା ରୂପାନ୍ତରଣ କ୍ଷେତ୍ରରେ ନବୀନଙ୍କ ପଦକ୍ଷେପ ଏବେ ଦେଶ ବିଦେଶରେ ଓଡ଼ିଶାକୁ ଦେଶର ଅନ୍ୟତମ ଶ୍ରେଷ୍ଠ କ୍ରୀଡ଼ା କେନ୍ଦ୍ରରେ ପରିଣତ କରିପାରିପାରିଛି। ଓଡ଼ିଶାର ଭୋକ, କଙ୍କାଳସାର ମଣିଷଙ୍କୁ ଦେଖିବାକୁ ଅନାହାର ପର୍ଯ୍ୟଟନରେ ଆସୁଥିବା ବିଦେଶୀ ଏବେ ନିଜର କ୍ରୀଡ଼ାକୌଶଳ ପ୍ରଦର୍ଶନ କରିବାକୁ ଆସୁଛନ୍ତି ଓଡ଼ିଶା। ଓଡ଼ିଶାର ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ଓ କ୍ରୀଡ଼ା ବିକାଶ ନିମନ୍ତେ ପ୍ରତିବଦ୍ଧତା ସେମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ପାଲଟିଛି। ଏହି ପରିବର୍ତ୍ତନ ପଛରେ ରହିଥିବା ନେପଥ୍ୟ ନାୟକ ହେଉଛନ୍ତି ନବୀନ ପଟ୍ଟନାୟକ। କ୍ରୀଡ଼ାର ବିକାଶ ଯୁବ ବର୍ଗଙ୍କ ବିକାଶ ଓ ଯୁବ ବର୍ଗଙ୍କ ବିକାଶ ଦ୍ୱାରା ରାଜ୍ୟର ବିକାଶ ସମ୍ଭବ ବୋଲି ନବୀନ ଅନୁଭବ କରିଛନ୍ତି।

ସାଧାରଣରୁ ସାଧାରଣ ଲୋକଟିଏ ଯଦି ଶାସନ ବ୍ୟବସ୍ଥାରେ ନିଜକୁ ଉତ୍ସାହର ସହ ସାମିଲ କରିପାରୁଛି; ତାହେଲେ କୌଣସି ସରକାରକୁ ଜନପ୍ରିୟ ଲୋକାଭିମୁଖୀ ବୋଲି କୁହାଯାଇପାରିବ। ଗଣତନ୍ତ୍ରରେ ଏକ ଉତ୍ତରଦାୟୀ ସରକାର ଭାବରେ ନିଜର ସମସ୍ତ ଯୋଜନାରେ ସାଧାରଣ ଲୋକଙ୍କୁ ପ୍ରତ୍ୟକ୍ଷ ଭାବରେ ସାମିଲ କରିବାରେ ହିଁ ପ୍ରଶାସନକୁ ସଫଳତା ମିଳିଥାଏ। ଯାହାକୁ ବେଶ ଭଲ ଭାବେ ହୃଦୟଙ୍ଗମ କରିପାରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ପ୍ରଥମେ ୫ଟି ଏବଂ ପରେ ୨୦୧୯ ମସିହା ଅକ୍ଟୋବର ୨ ତାରିଖରେ ମୋ ସରକାର ରାଜ୍ୟର ଶାସନତନ୍ତ୍ରରେ ନୂଆ ସମ୍ଭାବନା ସୃଷ୍ଟି କରିଛି। ରାଜ୍ୟ ପ୍ରଶାସନକୁ ଶୃଙ୍ଖଳିତ, ଦୁର୍ନୀତିମୁକ୍ତ ତଥା ଲୋକାଭିମୁଖୀ କରିବା ପାଇଁ ଏହି ଦୁଇ କାର୍ଯ୍ୟକ୍ରମକୁ ଆପଣାଯାଇଥିବା ବେଳେ ଏହା ଫଳପ୍ରସୂ ମଧ୍ୟ ହୋଇଛି। ମୋଟାମୋଟି ଭାବେ କହିବାକୁ ଗଲେ ଲୋକଙ୍କ ସରକାରର ପରିକଳ୍ପନାକୁ ସମ୍ପୂର୍ଣ୍ଣ ପ୍ରତିବଦ୍ଧତାର ସହ ମୁଖ୍ୟମନ୍ତ୍ରୀ ସାକାର କରିବା ଦିଗରେ ଲାଗିଛନ୍ତି।

'ମୁଁ ଚାହେଁ ମୋ ରାଜ୍ୟର ପିଲା ସବୁ କ୍ଷେତ୍ରରେ ଆଗୁଆ ହୁଅନ୍ତୁ। ନୂଆ ନୂଆ ବୈଷୟିକ ଜ୍ଞାନ କୌଶଳ ବାବଦରେ ଜାଣନ୍ତୁ। ବଡ଼ ବଡ଼ ସ୍ୱପ୍ନ ଦେଖନ୍ତୁ ଓ ଜୀବନର ସବୁ ଆହ୍ୱାନକୁ ସାମ୍ନା କରିବା ପାଇଁ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ନ୍ତୁ।' ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ସ୍ୱପ୍ନ ଏବେ ବାସ୍ତବ ରୂପ ନେଇଛି। ରାଜ୍ୟର ସରକାରୀ ସ୍କୁଲଗୁଡ଼ିକ ଘରୋଇ ସ୍କୁଲର ସମକକ୍ଷ କରିବା ସହିତ ଉଭୟ ଶୈକ୍ଷିକ ଭିତ୍ତିଭୂମିକୁ ଏକ ନୂତନ ଦିଗନ୍ତ ପ୍ରଦାନ କରିଛି। ଏ କ୍ଷେତ୍ରରେ ମୋ ସ୍କୁଲ ଏବଂ ୫ଟି ହାଇସ୍କୁଲ ରୂପାନ୍ତରଣ ଗୁରୁଦାୟିତ୍ୱ ବହନ କରିଛି। ମୋ ସ୍କୁଲ ଓ ରାଜ୍ୟ ସରକାରଙ୍କ ୫ଟି ହାଇସ୍କୁଲ ରୂପାନ୍ତରଣ ଯୋଜନାରେ ବଦଳୁଛି ରାଜ୍ୟର ଶୈକ୍ଷିକ ଭିତ୍ତିଭୂମି। ରାଜ୍ୟର ଶିକ୍ଷା ବ୍ୟବସ୍ଥାରେ ହେଉଛି ଆମୂଳଚୂଳ ପରିବର୍ତ୍ତନ। ରାଜ୍ୟର ଶିକ୍ଷା ବ୍ୟବସ୍ଥାକୁ ଗୁଣାତ୍ମକ ତଥା ସ୍କୁଲଗୁଡ଼ିକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ମୁଖ୍ୟମନ୍ତ୍ରୀ ନେଇଛନ୍ତି ଦୃଢ଼ ଶପଥ। ଘରୋଇ ସ୍କୁଲ ଭଳି ସରକାରୀ ସ୍କୁଲରେ ପିଲାଙ୍କୁ ଉନ୍ନତମାନର ସୂଚନା ଓ ପ୍ରଯୁକ୍ତିବିଦ୍ୟାର ଶିକ୍ଷା ଦିଆଯିବା ଲାଗି ପ୍ରସ୍ତୁତ ହୋଇଛି ସୁଦୃଢ଼ ଭିତ୍ତିଭୂମି। ସରକାରଙ୍କ ଏହି ପ୍ରୟାସ ଦ୍ୱାରା ସହର ଏବଂ ଗାଁ ସ୍କୁଲ ଗୁଡ଼ିକ ମଧ୍ୟରେ ଥିବା ପ୍ରଭେଦ ଦୂର ହୋଇଛି।

ସାଧନା ଓ ସିଦ୍ଧି ଦୁଇଟି ଭିନ୍ନ ଭିନ୍ନ ଶବ୍ଦ। ସାଧନା ଏକ ପ୍ରକ୍ରିୟା ଓ ଏହାର ସକାରାତ୍ମକ ଫଳ ହେଉଛି ସିଦ୍ଧି। ମାତ୍ର ନିଷ୍କାମ ସାଧନା ସମସ୍ତଙ୍କ ପକ୍ଷରେ ସମ୍ଭବ ନୁହେଁ। ଭାରତୀୟ ପରମ୍ପରାର ଆଦି କାଳରେ ସିଦ୍ଧିଲାଭ କରିଥିବା ନିଷ୍କାମ ସାଧକଙ୍କ ସୂଚୀ ଢ଼େର ଦୀର୍ଘ ମାତ୍ର ସ୍ୱାଧୀନୋତ୍ତର ଭାରତରେ ସେବାକୁ ସାଧନା କରିଥିବା ନିରୁତା ରାଜନେତାଙ୍କ ନାମ ଖୋଜିବାକୁ ହେଲେ ଗଳଦଘର୍ମ ହେବାକୁ ପଡ଼େ। ସତ୍ୟ-ଅସତ୍ୟ, ପାପ-ପୁଣ୍ୟ ମଧ୍ୟରେ ପାର୍ଥକ୍ୟକୁ ବୁଝି ବ୍ୟକ୍ତିଗତ ଇଚ୍ଛା ଓ ହିଂସାତ୍ମକ ବିଚାରକୁ ତ୍ୟାଗ କରି ବିନୟୀ ହେବା, ସତ୍ୟକୁ ଜୀବନ ଧର୍ମ ଭାବରେ ଗ୍ରହଣ କରିଥିବା ବ୍ୟକ୍ତିଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ। ହେଲେ ନାକାରାତ୍ମକ ଭାବନାରୁ ଦୂରରେ ରହି ଅନ୍ୟମାନଙ୍କ ସହ ନମ୍ର ଆଚରଣ ପ୍ରଦର୍ଶନ, କୌଣସି ପ୍ରସଙ୍ଗରେ ଏକାଗ୍ରଚିତ୍ତରେ ବିଚାର କରି ନିଷ୍ପତ୍ତି ନେବା ସହ ସତ୍ୟ-ଅହିଂସାକୁ ଜୀବନଧର୍ମ ଭାବରେ ଗ୍ରହଣ କରିବା କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହେଉଛନ୍ତି ଏକ ବିରଳ ଉଦାହରଣ। ଜୀବନର ୭୭ତମ ଶରତ ଅତିକ୍ରମ କରି ନବୀନ ୭୮ ତମ ହେମନ୍ତରେ ପ୍ରବେଶ କରିଛନ୍ତି।

**ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ୍, ପୁରୁଣା
ସୋନାରୀ, ଜାମସେଦପୁର,
୭୪୮୮୯୯୮୫୩୨ /
୯୨୦୪୬୫୨୦୬୫,**

# ସନାତନ ଧର୍ମ

**ଅନୀତା ପଟ୍ଟନାୟକ**

ଗୋଟିଏ ରାଜ୍ୟରେ ଅନେକ ଧର୍ମାବଲମ୍ବୀ ଲୋକମାନେ ରହୁଥିଲେ। ଯଥା ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ଜେରାଷ୍ଟ୍ରିଆନ, ବୌଦ୍ଧ ଇତ୍ୟାଦି। ସେମାନଙ୍କ ମଧ୍ୟରେ ସୁସମ୍ପର୍କ ଥିଲା। ବହୁବର୍ଷ ତଳେ ଅନେକ ବିଧର୍ମୀ ରାଜା ସେ ରାଜ୍ୟକୁ ଆକ୍ରମଣ କରିଥିଲେ ଓ ଲୁଣ୍ଠନ କରିଥିଲେ। ସେମାନଙ୍କର ରାଜତ୍ୱ ସମୟରେ ଅନେକ ମନ୍ଦିରକୁ ଭାଙ୍ଗି ତା ଉପରେ ମସଜିଦମାନ ଗଢ଼ି ତୋଳିଥିଲେ। ଧୀରେ ଧୀରେ ଖ୍ରୀଷ୍ଟିଆନଧର୍ମୀ ଲୋକମାନେ ବ୍ୟବସାୟ କରିବାକୁ ଆସି ସେ ରାଜ୍ୟ ଉପରେ ରାଜତ୍ୱ କଲେ। ବୌଦ୍ଧ ଧର୍ମର ବହୁଳ ପ୍ରଚାର ସେ ସମୟରେ ଥିବାରୁ ହିନ୍ଦୁଧର୍ମର ଲୋକମାନେ ସେମାନଙ୍କ ଉପରେ ହୋଇଥିବା ନିର୍ଯାତନାକୁ ଭୁଲି ଅହଂସା ପରମ ଧର୍ମ ରୀତିରେ ନିଜକୁ ବ୍ରତୀ କରାଇଥିଲେ। ସେହିରାଜ୍ୟ ବିଦେଶୀ ହାତରୁ ସ୍ୱାଧୀନତା ପାଇଲା। ଜଣେ ବଳିଷ୍ଠ ବ୍ୟକ୍ତିତ୍ୱ ସେହି ସ୍ୱାଧୀନତା ସଂଗ୍ରାମର ନାୟକ ହେଲେ। ଅହିଂସାକୁ ବ୍ରତ କରି ବିନା ଅସ୍ତ୍ରରେ ଓ ରକ୍ତପାତରେ ସେ ବିଦେଶୀ ଶାସନରୁ ଉକ୍ତ ରାଜ୍ୟକୁ ସେ ସ୍ୱାଧୀନତା ଦେଇପାରିଥିଲେ। ସେହି ବ୍ୟକ୍ତିତ୍ୱଙ୍କର ନେତୃତ୍ୱରେ ଯେଉଁ ଦଳ ଶାସନ ପାଇଁ ଗଠିତ ହେଲା ସବୁ ପଛ କଥାକୁ ଭୁଲି, ନିର୍ଯାତନା ଓ ଲୁଣ୍ଠନକୁ ଭୁଲି ମନ୍ଦିର ଉପରେ ବା ମନ୍ଦିର ସଂଲଗ୍ନ ମସଜିଦ ଗୁଡ଼ିକୁ ଗୋଟିଏ ଗୋଟିଏ ସ୍ମୃତିପୀଠ ଭାବେ ପରିଗଣିତ କରାଇବାକୁ ଚେଷ୍ଟା କଲେ ଓ ସେ ସଂକ୍ରାନ୍ତରେ ଆଇନ ପ୍ରଣୟନ କଲେ। ଏହିପରି ଭାବେ ଆହୁରି ସତୁରୀ ପଞ୍ଚସ୍ତରୀ ବର୍ଷ ବିତିଗଲା। ଲୋକମାନଙ୍କର ମାନସ ଚକ୍ଷୁରୁ ଲୁଣ୍ଠନ, ମନ୍ଦିରଭଙ୍ଗା, ପ୍ରଭୃତି ଲୁପ୍ତହୋଇ ଗୋଟିଏ ସୌହାର୍ଦ୍ଦପୂର୍ଣ୍ଣ ବାତାବରଣରେ ବଞ୍ଚିବାର ପରିବେଶ ସୃଷ୍ଟି ହେଲା। ରାଜ୍ୟରେ ଧୀରେ ଧୀରେ ଅନେକ ଛୋଟବଡ ରାଜନୈତିକ ଦଳ ଗଢ଼ି ଉଠିଲେ। ରାଜନୈତିକ ଫାଇଦା ପାଇଁ ସେମାନଙ୍କ ମଧ୍ୟରୁ ଗୋଟିଏ ଦଳ ମସଜିଦକୁ ଭାଙ୍ଗି ମନ୍ଦିର ପ୍ରତିଷ୍ଠା କରିବା ପାଇଁ ଚେଷ୍ଟିତ ହେଲେ। ଶାସକ ଦଳ ଏହାକୁ ଇତିହାସର ସ୍ମୃତିର ସମ୍ମୁଖୀନ ହେଲେ। ବିରୋଧୀଦଳ ନିଜକୁ ସନାତନ ଧର୍ମୀ ବୋଲି ଅନେକ ସାଧୁସନ୍ଥଙ୍କ ସହ ମିଶି ନିଜର ହକ ଜାହିର କଲେ। ଏହି ସମୟରେ ଅନେକ ବକ୍ତୃତା, ରଚନା ପ୍ରତିଯୋଗିତା ଓ ଦୁଇ ଦର୍ଶନରେ ଆଲୋଚନା ଆରମ୍ଭ ହୋଇଗଲା। ଶାସକ ଦଳ ପ୍ରଚାର କରିବାକୁ ଚାହୁଁଥିଲେ ଆମେ ସମସ୍ତେ ଈଶ୍ୱରଙ୍କର ପୁତ୍ର। ଈଶ୍ୱର ଏକ ବିଭିନ୍ନ ଧର୍ମ, ବିଭିନ୍ନ ଧର୍ମ ପ୍ରବର୍ତ୍ତକଙ୍କ ଦ୍ୱାରା ସୃଷ୍ଟ। ସେହି ଈଶ୍ୱରଙ୍କୁ ପାଇବା ପାଇଁ ବିଭିନ୍ନ ପ୍ରବର୍ତ୍ତକମାନେ ସେହି ଈଶ୍ୱରଙ୍କ ଜ୍ଞାନପାଇ କେବଳ ବିଭିନ୍ନ ରାସ୍ତା ଦ୍ୱାରା ଈଶ୍ୱରଙ୍କର ଅସ୍ତିତ୍ୱକୁ ପ୍ରମାଣ କରିବାକୁ ଚେଷ୍ଟା କରିଥିଲେ। ତେଣୁ କୌଣସି ଧର୍ମ ଅଲଗା ନୁହେଁ, ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣର ଜ୍ଞାନମାତ୍ର ମନ୍ଦିର, ମସଜିଦ, ଗୀର୍ଜା, ପାଗୋଡ଼ା, ବୌଦ୍ଧସ୍ତୁପ କେବଳ ଈଶ୍ୱର ସତ୍ତାର ପ୍ରତୀକମାତ୍ର।ମୋ କଲେଜର ଅଧକ୍ଷ ଗୋଟିଏ ବକ୍ତୃତା ପ୍ରତିଯୋଗିତାରେ ମତେ ବିଚାରକ ହେବାକୁ କହିଲେ। ବିଷୟ ରଖିଲେ ସନାତନଧର୍ମ। ଏହି ବିଷୟଟି ଏତେ ବ୍ୟାପକ ଥିଲା ଯେ ମୁଁ ବିଚାରକ ଭାବେ ତିନିଜଣ ପ୍ରତିଯୋଗୀଙ୍କୁ ପ୍ରଥମ ଘୋଷଣା କରିଦେଇଥିଲି। ଏଥିରେ ଅଧକ୍ଷ ମୋ ଉପରେ କ୍ଷୁବ୍ଧ ହୋଇଥିଲେ। ପାଠକ, ପାଠିକା ଏହାକୁ ପଢ଼ି ଏ ବିଷୟରେ ଚିନ୍ତା କରି ମୁଁ ଠିକ ବା ଭୁଲ କରିଥିଲି ଏ ବିଷୟରେ ସୂଚନା ଦେଲେ ଚିରଉପକୃତ ହେବି। ସେଦିନ ପ୍ରତିଯୋଗିତାର ପ୍ରଥମ ଛାତ୍ରଥିଲା ବାଳକୃଷ୍ଣ ସେ କହିଲା 'ସେ ନିଜର ଖୁସି ପାଇଁ ଗୋଟିଏ ଶବ୍ଦରେ ଏ ବିଶ୍ୱକୁ ସୃଷ୍ଟି କରିଦେଲେ। ସେ ପର୍ଯ୍ୟନ୍ତ ତାଙ୍କୁ ଜାଣିବା ପାଇଁ କାହାର ଅସ୍ତିତ୍ୱ ନଥିଲା। ଅସ୍ତିତ୍ୱର ପ୍ରମାଣ ନିମନ୍ତେ ପାହାଡ଼ମା। ମୁଣ୍ଡ ଟେକିଲେ, ମହାଶୂନ୍ୟରୁ ଜାଗ୍ରତ ହେଲା ମହାସାଗର, ଭୂମି, ସୂର୍ଯ୍ୟ, ଚନ୍ଦ୍ର, ମରୁବାଲି ଓ ଜୀବଜଗତ, ମନୁଷ୍ୟ, ପଶୁ, ବିହଙ୍ଗ, ଖେଚର, ଭୂଚର ଓ ଶୃତିଚର ସୃଷ୍ଟି ହେଲେ। ତାଙ୍କର ଆଦେଶରେ ସେମାନେ ସୃଷ୍ଟି ପାଇଲେ। ପ୍ରଥମ ସ୍ଥାନ ଅଧିକାର କଲା ମନୁଷ୍ୟ ମନରେ ତାର ସଂଚାରିତ ହେଲା ତାଙ୍କର ଜ୍ଞାନ। ସେହି ଜ୍ଞାନ ହେଉଛି ସନାତନ ଧର୍ମ ବା ମାନବୀୟ ମୂଲ୍ୟବୋଧ।ଦ୍ୱିତୀୟ ବକ୍ତା ଥିଲା ନଚିକେତା। ସେ କହିଲା ଚିନ୍ତାନାୟକ ବା ଦାର୍ଶନିକମାନେ ମୂଲ୍ୟବୋଧକୁ ବିଭିନ୍ନ ପ୍ରକାର ଭାବେ ଅବତାରଣ କରିଛନ୍ତି ଓ ପଞ୍ଚମୂଲ୍ୟବୋଧ ଉପରେ ଗୁରୁତ୍ୱ ଦେଇଛନ୍ତି। ସେଗୁଡ଼ିକ ହେଲା ସତ୍ୟ, ଧର୍ମ, ଶାନ୍ତି, ପ୍ରେମ ଓ ଅହିଂସା। ସତ୍ୟ - ବୋଧ ପ୍ରତିଭାର ବିକାଶ ଏବଂ ସମସ୍ୟାର ସମାଧାନ କରେ। ବିଶ୍ଳେଷଣ, ସଂଶ୍ଳେଷଣ ତୁଳନା ଓ ବିରୋଧୀ ତୁଳନା ମାଧ୍ୟମରେ ସତ୍ୟକୁ ବୁଝି ହୋଇଥାଏ। ଧର୍ମକୁ ଆତ୍ମ ସାହାଯ୍ୟକାରୀ ନୈପୁଣ୍ୟର ଅନୁସରଣ, ଯୋଗ ନୈତିକ ଜୀବନ ଯାପନ, ନିଜ ବିଷୟ ଓ ସମ୍ପର୍କିତ ପଟୁତା ଦ୍ୱାରା ବୁଝି ହୋଇଥାଏ। ଶାନ୍ତି ପ୍ରାଣ ଓ ଆବେଗର ଭାରସାମ୍ୟ ଦ୍ୱାରା ସମ୍ଭବ ହୋଇଥାଏ। ପ୍ରେମ ଅନୁକୂଳ ପରିବେଶରେ ଏହା ଆତ୍ମାରୁ ଆସିଥାଏ। ସର୍ବଜନୀନ ପ୍ରେମ ବା ଅହିଂସା ଚେତନ ଓ ଜଡ଼ ସତ୍ତାରୁ ଆସିଥାଏ। ଏହି ମୂଲ୍ୟବୋଧ ଦୈହିକ, ବୌଦ୍ଧିକ, ପ୍ରାଣଗତ, ଆବେଗିକ, ଆତ୍ମିକ ଆଧ୍ୟାତ୍ମିକ ବିଭାବ ଶିକ୍ଷାକୁ ପରିପୂର୍ଣ୍ଣ କରୁଥିବାରୁ ଏହାକୁ ସନାତନ ଧର୍ମ ବା ମାନବୀୟ ମୂଲ୍ୟବୋଧ କୁହାଯାଇପାରିବ।ତୃତୀୟ ବକ୍ତା ଶୃତିକାନ୍ତ ଥିଲା। ସେ କହିଲା ସତ୍ୟ ହେଉଛି ଯାହା ଆଗରୁ ଥିଲା, ବର୍ତ୍ତମାନ ଅଛି ଓ ଭବିଷ୍ୟତରେ ରହିବ। ତାହା ହେଉଛି ପ୍ରତ୍ୟେକ ବସ୍ତୁରେ ପୂରି ରହିଥିବା ଆତ୍ମତତ୍ତ୍ୱ। ଧର୍ମ ଆମର କର୍ତ୍ତବ୍ୟ। ଅନ୍ୟ ମାନଙ୍କ ପ୍ରତି ସମ୍ମାନ, ତ୍ୟାଗ, ନେତୃତ୍ୱ ଓ ସେବା ସହିତ ଜଡ଼ିତ। ସେହିପରି ଶାନ୍ତି ତୃପ୍ତି, ସଂହତି, ସଂଘର୍ଷ, ଏକାଗ୍ରତା ଅଭ୍ୟାସ ସହ ଜଡ଼ିତ। ପ୍ରେମ ହେଉଛି ବନ୍ଧୁତା, ପ୍ରାର୍ଥନା ଓ ଭକ୍ତି ସହ ଜଡ଼ିତ। ଅହିଂସା ହେଉଛି ମୋ ସହପାଠୀ ମାନଙ୍କ ପ୍ରତି ସହାନୁଭୂତି, ଜୀବେଦୟା, ଅନୁକମ୍ପା, ସର୍ବଜନୀନ ସହାନୁଭୂତି ଓ ଶୁଭେଚ୍ଛା ସହ ଜଡ଼ିତ। ମନୁଷ୍ୟ ଦୈନନ୍ଦିନ ଜୀବନରେ ଏହାକୁ ପାଳନ କରି ପାରିଲେ ସେ ସନାତନ ଧର୍ମ ଓ ମାନବୀୟ ମୂଲ୍ୟବୋଧକୁ ଠିକ ବୁଝିଛି ବୋଲି ଧରାଯିବ। କଣ କରିବି ? ଏପରି ବାଗ୍ମୀତା କେବେ ଦେଖିନଥିଲି ଓ ଶୁଣିନଥିଲି। ସମସ୍ତଙ୍କୁ ପ୍ରଥମ ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ କରିଥିବାରୁ ଅଧକ୍ଷ ଦ୍ୱାରା ଭର୍ତ୍ସିତ ହୋଇଥିଲି।

**ଅବସରପ୍ରାପ୍ତ ପ୍ରଧ୍ୟାପିକା, ସେକ୍ଟର-
୧୦, ସିଡିଏ, କଟକ, ଦୂରଭାଷ :
୯୬୨୯୨୯୮୦୦୨୬**

# ୫୦ ଗାଁରେ ଏବେ ବି ନାହିଁ ଡିଜିଟାଲ ସେବା

**ନୂଆପଡ଼ା(ଅମୃତ ମିଡିଆ) :** ବର୍ତ୍ତମାନ ଯୁଗରେ ଡିଜିଟାଲ୍ ସେବା ନିହାତି ଅବଶ୍ୟକ ରହିଥିବା ବେଳେ ଓ ରାଜ୍ୟ ସରକାର ପ୍ରତି ପଞ୍ଚାୟତ ଓ ଗାଁରେ ରେ ଡିଜିଟାଲ ସେବା ଯୋଗାଇଦେବା ଯୋଜନା ଆରମ୍ଭ କରିଛନ୍ତି । ହେଲେ ନୂଆପଡ଼ା ଜିଲ୍ଲା ସୀମାନ୍ତ ଗାଁରେ ଡିଜିଟାଲ ସେବା ସମ୍ପୂର୍ଣ୍ଣ ଭାବେ ଫେଲ୍ ମାରିଥିବା ଦେଖିବାକୁ ମିଳିଛି । ନୂଆପଡ଼ା ଜିଲ୍ଲା ସୀମାନ୍ତ ଅଞ୍ଚଳ ୫୦ରୁ ଅଧିକ ଗାଁରେ ଆଜି ବି ଇଣ୍ଟରନେଟ୍ ତଥା ମୋବାଇଲ ସେବା ମିଳିପାରୁ ନାହିଁ । ଦୁର୍ଗମ ଅଞ୍ଚଳରେ ରହିଥିବା ଲୋକମାନେ ମୋବାଇଲ ସେବା ଜିଲ୍ଲା ପ୍ରଶାସନଙ୍କୁ ବାରମ୍ବାର ଅଭିଯୋଗ ଗ କରିଥିଲେ ମଧ୍ୟ । ଦୁର୍ଗମ ଅଞ୍ଚଳ ହୋଇଥିବାରୁ ପ୍ରଶାସନ ମଧ୍ୟ ଧ୍ୟାନ ଦେଉ ନଥିବା ଅଭିଯୋଗ ଯାଗ କରିଛନ୍ତି । ଅନ୍ୟପକ୍ଷେ ଛତିଶଗଡ଼ ରାଜ୍ୟ ସରକାର ସୀମାନ୍ତ ଅଞ୍ଚଳରେ ବସବାସ କରୁଥିବା ଗ୍ରାମଗୁଡ଼ିକୁ ଗୁଡ଼ିକୁ ସମସ୍ତ ପ୍ରକାର ସୁବିଧା ଦେଉଥିବା ବେଳେ ରାଜ୍ୟ ସରକାର



ସୀମାନ୍ତ ଅଞ୍ଚଳ,ଗ୍ରାମକୁ ଅଣଦେଖା କରୁଥିବା ଅଭିଯୋଗ ହେଉଛି । ନୂଆପଡ଼ା ବ୍ଲକ୍ ସୀମାନ୍ତ ଅଞ୍ଚଳ ବ୍ରାହ୍ମଣୀ, ଗିଦିନିପାନି, ସନବାହାଲି, ଛୋଟକେନ୍ଦୁ ବେହେରା, କଟିଙ୍ଗପାଣି ଗାଁର ଲୋକେ ଆଜି ପର୍ଯ୍ୟନ୍ତ ମୋବାଇଲ ସେବାରୁ ବଞ୍ଚିତ ରହିଛନ୍ତି । ସେହିପରି କୋମନା ବ୍ଲକ୍‌ର ଦାତୁନାମା, ଖଡାଙ୍ଗ, ଶିବ ନାରାୟଣପୁର, ଦେଓସିଲ, ତାଲାବେଲା, ଜଳମଡେଇ, ବୋଡ଼େନ ବ୍ଲକ୍‌ର ଛୁଇପାଣି, ଭୁଇଁପାଣି, ପାଟଦରା କକୁମଟିଆମ୍ବ, ରୁଣ୍ଡି, ସିଆଲଟି, ବୁଇରାଗାଁ ପଞ୍ଚାୟତ ସୁନାମୁଦି, ଝଞ୍ଜିମୁଣ୍ଡା ଚିକିଲଚୁଆ, ଘଟୁପାନି, କୋଟଗାଁ, ସିନାପାଲି ବ୍ଲକ୍‌ର ନଙ୍ଗଲବୋଡ଼, ନୂଆମାଲପଡ଼ା, ତାଲକୋଟ, ସନ୍ଧିବେହାଲି ଓ ଖଡ଼ିଆଳ ବ୍ଲକ୍‌ର ସମାଟପଦର କମ୍ପାନିଗୁମା, ବଲମା, ଦାବରୀ, ରାମପୁରଗୁମା, ବିକ୍ରପୁର, ଖାସବାହାଲ, ଆର୍ତ୍ତତ୍ରାଣପୁର ଚଚରାଭଟା ଗ୍ରାମକୁ ମୋବାଇଲ ସେବା ଅପହଞ୍ଚ ରହିଛି । ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହେଉଛି ।

# ସାର ଯୋଗାଣ ନା' ରେ ଚାଷୀଙ୍କୁ ଠକେଇ

**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ଜିଲ୍ଲା କୋମନା ଥାନା ଠୋଗୀ ଗାଁରେ ରାସାୟନିକ ସାର ନାଁରେ ଚାଷୀଙ୍କୁ ଠକେଇ କରି ଏକ କମ୍ପାନି ଫେରାର ମାରିଛି । କମ୍ପାନି ସାରକୁ ଚାଷୀଙ୍କ ଘରେ ପହଞ୍ଚାଇବାକୁ ପ୍ରବର୍ଭାଳ ଆକୃଷ୍ଟ କରିଥିଲା । ଏଥିରେ ୧୦ଟି ଗାଁର ୩ ଶହରୁ ଉର୍ଦ୍ଧ୍ବ ଚାଷୀଙ୍କଠାରୁ ପ୍ରାୟ ୧୫ ଲକ୍ଷର ଠକେଇ କରିଥିବା ଅଭିଯୋଗ ହୋଇଛି । ଗତ ଡିସେମ୍ବର ୧୫ରେ ହରିଆୟାଣ ରାଜ୍ୟର ପୁରୁଣାଦିଲ୍ଲୀ ଗୁରୁଗାଁରୋଡ଼ ନିହାଲ ଭବନ ପଛପଟ ତୁଣ୍ଡାହେରାର ପୁଲକିଟ ବାୟୋ ଫର୍ଟିଲାଇଜର ପ୍ରାଇଭେଟ ଲିମିଟେଡ଼ ନାମକ ଏକ କମ୍ପନି କୋମନା ବ୍ଲକ ଅଞ୍ଚଳକୁ ଆସିଥିଲା । ଏହି କମ୍ପାନିର ୫ରୁ ୬ ଜଣ କର୍ମଚାରୀ ଉଦ୍ୟାନବନ୍ଧରେ ଘରଭଡ଼ା ନେଇ ରାସାୟନିକ ସାର ଉପରେ ଚାଷୀଙ୍କୁ ପ୍ରବର୍ଭାଇଥିଲେ । ଏମାନେ ଠେଙ୍ଗୋ, ମିଛାପାଲି, ବରପଦରପଡ଼ା, କୁମୁଟିମୁଣ୍ଡା, ଜଡ଼ାମୁଣ୍ଡା, ଜଞ୍ଜାମୁଣ୍ଡା, ଖମବାହୀ, ନାଏକପଡ଼ା, କୋଟ୍ରିବାହାଲ, ଦର୍ଲପଡ଼ା ଭଳି ଗାଁଗାଁ ବୁଲି ପ୍ରଥମେ ଚାଷୀଙ୍କଠାରୁ ୨ ଶହ ଟଙ୍କା ନେଇ ଅନଲାଇନରେ ପଞ୍ଜିକରଣ କରିଥିଲେ ।



ଡିଏପି, ପଟାସ, ୟୁରିଆ ଭଳି ରାସାୟନିକ ସାରକୁ ସିଧାସଳଖ ଚାଷୀଙ୍କ ଘରେ ଯୋଗାଇ ଦେବାକୁ କହିଥିଲେ । ଚାଷୀମାନେ ସାର ବଜାର ଦରରୁ ସାମାନ୍ୟ ଅଧିକ ଥିଲେ ମଧ ଘରେ ପହଞ୍ଚିବ ବୋଲି ଖୁସି ହୋଇଥିଲେ । ଏଜେଣ୍ଟମାନେ ଚାଷୀଙ୍କ ଆବଶ୍ୟକତା ଅନୁସାରେ ତାଲିକା ପ୍ରସ୍ତୁତ କରି ଅଗ୍ରୀମ ଟଙ୍କା ନେଇଥିଲେ । ଏଥିରେ ଚାଷୀମାନେ ୫ ହଜାରରୁ ୩୦ ହଜାର ଟଙ୍କା ପର୍ଯ୍ୟନ୍ତ ବାନ୍ଧିଥିଲେ । ଚାଷୀଙ୍କୁ ଟଙ୍କାର ରସିଦ ବି ଦେଇଥିଲେ । ଜାନୁୟାରୀ ପ୍ରଥମ ସପ୍ତାହରେ ଠୋଙ୍ଗୋ ଗାଁରେ ଏକ ଗୋଦାମ କରି ଡିଏପି ୮ ଶହ ବସ୍ତା ଓ ପଟାସ ୩ ଶହ ବସ୍ତା ଗଚ୍ଛିତ ରଖି ଚାଷୀଙ୍କ ଘରେ ସାର ଯୋଗାଇ ଦେଇଥିଲେ । ଏଭଳି ପ୍ରାୟ ୧୦ ଗାଁର ୩ ଶହ ଚାଷୀ ପଞ୍ଜୀକରଣ କରି ପ୍ରାୟ ୧୫ ଲକ୍ଷର ସାର କିଣିଥିଲେ । ଗତ ଜାନୁୟାରୀ ୨୮ରେ କମ୍ପାନି କର୍ତ୍ତୃପକ୍ଷ ହରିୟାଣାକୁ ଯାଇଥିଲେ । ସେଠାରୁ ଫେରିବା ପରେ ଚାଷୀଙ୍କୁ ୟୁରିଆ ସାର ଯୋଗାଇ ଦେବାକୁ କହିଥିଲେ । ଗତ ୧୫ ଦିନ ତଳେ ଧାନବଳିରେ ଚାଷୀ ଡିଏପି ଓ ପଟାସ ସାର ପ୍ରୟୋଗ କରିଥିଲେ । ବର୍ତ୍ତମାନ ସୁଦ୍ଧା ସାର ମାଟିରେ ମିଶୁ ନାହିଁ । ଏମିତିକି କମ୍ପାନିର ଭିଟାମିନ ସିଞ୍ଚନ କଲେ ବି କିଛି କାମ କରିନଥିଲା । ଧାନଗଛ ହୃଷ୍ଟପୁଷ୍ଟ ହୋଇ ବଢ଼ିବା ପରିବର୍ତ୍ତେ ଜରାଜୀର୍ଣ୍ଣ ହୋଇ ତଳକୁ ଦଢିବାରେ ଲାଗିଛି । ବର୍ତ୍ତମାନ ଚାଷୀ ଧାନକୁ ବଞ୍ଚାଇବା ପାଇଁ ବଜାରରୁ ଡିଏପି ଓ ପଟାସ ସାର କିଣି ସିଞ୍ଚନ କରୁଛନ୍ତି । ଠୋଙ୍ଗୋ ଗାଁର ବିଦେଶୀ ମିର୍ଦ୍ଧା, ଭାଗବତ ଅହୀର, ଶୁକଲାଲ ଅହୀର, ଭାଗୀରଥ ଅହୀର, ଠାକୁର ଅହୀର, ରାଜମନ ମାଝି, ରାଶେଶ୍ୱର ମାଝି ଓ ଅନ୍ୟମାନେ, କୁମୁଟିମୁଣ୍ଡା ଗାଁର ହସନ୍ତି ମହମ୍ମଦ, ଗଙ୍ଗାଧର ମାଝି, ବରପଦରପଡ଼ାର ବିଦ୍ୟାଧର ସ୍ୱାଇଁ, କେଶବ ଭୋଇ, କପିଳେନ୍ଦ୍ର ସାହୁ, ଦଶରଥ ଭୋଲ, ମୁରଲୀ ଭୋଲ, ଦୁର୍ଯ୍ୟୋଧନ ଭୋଇ, ବୃନ୍ଦାବନ ଭୋଇ ପ୍ରମୁଖଙ୍କ ସହ ଅନ୍ୟ ଚାଷୀମାନେ ନକଲି ସାର ଠକେଇର ଶିକାର ହୋଇଥିବା ଅଭିଯୋଗ କରିଛନ୍ତି । ଏଣୁ କମ୍ପାନୀକୁ ଧରିବା ସହ ଚାଷୀଙ୍କ ଟଙ୍କା ଫେରସ୍ତ କରିବାକୁ ଦାବି କରିଛନ୍ତି । ଏନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହିମାଂଶୁ ମହାପାତ୍ରଙ୍କୁ ପଚାରିବାରୁ ଆମେ ସବୁବେଳେ ଚାଷୀଙ୍କୁ ସଚେତନ କରୁଛୁ । ତା'ସତ୍ତ୍ୱେ ଏମିତି ଠକେଇ ହେବାକଥା ନୁହେଁ । ସଂପୃକ୍ତ ଚାଷୀମାନେ ଥାନାରେ କେସ କରନ୍ତୁ ବୋଲି ସେ କହିଥିଲେ ।

# ଉଦାସ ଯୋଗାଶ୍ରମରେ ବିଶ୍ୱଶାନ୍ତି ମହାଯଜ୍ଞ

**ବଡ଼ଚଣା(ଅମୃତ ମିଡିଆ) :** ବଡ଼ଚଣା ଅନ୍ତର୍ଗତ ଖଇରା,ଚଣ୍ଡିତଳ ,ଯାଜପୁର ଠାରେ ସଂଯୋଗୀ ଯୋଗୀ ଉଦାସ ଯମୁନା ଦାସଙ୍କ ଯୋଗାଶ୍ରମ ରେ ବିଶ୍ୱଶାନ୍ତି ବ୍ରହ୍ମ ଏକାକ୍ଷର ମହାଯଜ୍ଞ ଆଶ୍ରମ ର ମହନ୍ତ ବ୍ରହ୍ମଚାରୀ ଉଦୟ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚଳିତ ମାସ ୨୦ ତାରିଖରୁ ମହାଯଜ୍ଞ ଅନୁଷ୍ଠିତ ହୋଇ ଆଜି ୨୪ ତାରିଖରେ ବିଶିଷ୍ଟ ପଣ୍ଡିତ ମାନଙ୍କ ଦ୍ୱାରା ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି । ପ୍ରତ୍ୟେହ ସୂର୍ଯ୍ୟ ପୂଜା,ଗୋ ପୂଜା ଗୁରୁପୂଜା ଆଦି କରାଯାଇ ଘୃତାହୁତି ପ୍ରଦାନ କରାଯାଇଛି ।କର୍ତ୍ତା ସନ୍ତୋଷ କୁମାର ମିଶ୍ର ଓ କର୍ତ୍ତି ରତ୍ନମଣି ମିଶ୍ର ସଂକଳ୍ପରେ ବସି ଆହୁତି ପ୍ରଦାନ କରିଥିଲେ ।ପଣ୍ଡିତ ବୃନ୍ଦାବନ ଦାସ,କମଳ ଲୋଚନ ପଣ୍ଡା,ଶରତ ଚନ୍ଦ୍ର ଭୁଇଆଁ,ବାବୁଲି ଘଡ଼େଇ,ନିରୋଡ ଚନ୍ଦ୍ର ଦିକ୍ଷୀତ,ସହଯୋଗୀ ଉଦାସ ପନ୍ଥି ଭକ୍ତ କୁଶାସନ ବାରିକ୍,ଜଗନ୍ନାଥ ସ୍ୱାଇଁ, ବ୍ରହ୍ମଚାରୀ ସତ୍ୟଜିତ ଦାସ,ବ୍ରହ୍ମଚାରୀ ଆରୁପାନନ୍ଦ୍ ଦାସ,ବ୍ରହ୍ମଚାରୀ ଅନନ୍ତ ଦାସ,ପୂଜକ ବୃନ୍ଦାବନ ଦାସ,କୁଳମଣି ସାହୁ,ରବୀନ୍ଦ୍ର ନାୟକ,ପ୍ରଭାକର ସ୍ୱାଇଁ,ସନ୍ତୋଷ ବିଶ୍ୱାଳ,ଓ ସମସ୍ତ ଉଦାସ ପନ୍ଥି ଭକ୍ତ ଯୋଗ ଦେଇଥିଲେ । ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।



# ମଣ୍ଡେଇ ପାଇଁ ଚଳଚଞ୍ଚଳ ବୋରିଗୁମ୍ମା ସହର



**ଜୟପୁର(ଅମୃତ ମିଡିଆ) :** ବୋରିଗୁମ୍ମା ବ୍ଲକ୍ ବିସିଂହପୁର ଗ୍ରାମ ନିକଟସ୍ଥ ମାଁ ଶାଙ୍କୁଳାଇଙ୍କ ମନ୍ଦିର ରୁ ଆରମ୍ଭ ପାରମ୍ପରିକ ମଣ୍ଡେଇ ଯାତ୍ରା ଆଜି ବୋରିଗୁମ୍ମା ସ୍ଥିତ ବାବା ଭୈରବ ଙ୍କ ମନ୍ଦିର ରେ ପାଳିତ ହେଇଯାଇଛି । । ପ୍ରତିବର୍ଷ ମାଘ ମାସର ଶେଷ ବୁଧବାର ଦିନ ଏହି ଯାତ୍ରା ସଂକୁଳାଇ ପୀଠ ଅନୁଷ୍ଠିତ ହୋଇ ଥାଏ ଏବଂ ଶେଷ ଶୁକ୍ରବାର ଦିନ ଭୈରବ ଙ୍କ ପୀଠ ରେ ଯାତ୍ରା ହୁଏ ମନ୍ଦିର ପୂଜାରିଙ୍କ ଘରୁ ଏକ ଲାଠି ଆସିବା ପରେ ଏହି ଦିନ ମନ୍ଦିରରେ ପୂଜାକରାଯାଏ । ଏହାର ଠିକ ୨ ଦିନପରେ ଏଠାରୁ ଭୋଗ, ଲାଠି ପ୍ରଭୃତି ପହଞ୍ଚିଲା ପରେ ବୋରିଗୁମ୍ମା ସ୍ଥିତ ମାଁ ଶାଙ୍କୁଳାଇଙ୍କ ଭାଇ ହିସାବରେ ପରିଚିତ ଭୈରବଙ୍କ ମନ୍ଦିର ବା ପୀଠରେ ପ୍ରବଳ ଜନ ସମାଗମ ପୂର୍ବକ ମଣ୍ଡେଇ ଯାତ୍ରା ସମ୍ପନ୍ନ ହୁଏ । ମାଁ ଶାଙ୍କୁଳାଇଙ୍କର ଭାଇ ଭୈରବଙ୍କ ବ୍ୟତୀତ ଗୁଜୁନିଗୁଡ଼ା ଗ୍ରାମରେ ଏକ ଭଉଣୀ ମଧ୍ୟ ପୂଜା ପାଇ ଆସୁଛନ୍ତି । ମଣ୍ଡେଇ ଯାତ୍ରା ଦିନ ଅନେକ ମାନସିକ ଧାରୀ ଏହି ପୀଠରେ କୁକୁଡା, ଛେଳି, ମେଣ୍ଢା ଇତ୍ୟାଦି ବଳି ପ୍ରଦାନ କରିବାର ପରମ୍ପରା ଅଛି । ଏହି ପୀଠରେ ଯାତ୍ରା ଅନୁଷ୍ଠିତ ହେବା ପରେ ହିଁ କ୍ରମାନ୍ୱୟରେ ବୋରିଗୁମ୍ମା, ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡ଼ା, ଧଣ୍ଡରା ଓ ଶେଷରେ ଧୋଡ୍ରା ଠାରେ ଯାତ୍ରା ଶେଷ ହୁଏ । ସ୍ଥାନୀୟ ଭାଷା ରେ ମଣ୍ଡେଇ ଅର୍ଥ, ସମାଗମ ହେବା ଅବା ରୁଣ୍ଡ ହେବା କୁ ବୁଝେଇ ଥାଏ । ଏହି ଯାତ୍ରା ଅବସର ରେ ବିଭିନ୍ନ ଗ୍ରାମ ରୁ ଦେବୀ ଦେବତା ଙ୍କ ପ୍ରତିକ ଭାବ ରେ ଲାଠି ଆସି ଗୋଟିଏ ଜଗା ରେ ମଣ୍ଡେଇ ଅର୍ଥାତ ଜମା ହେଉଥିବାରୁ ସମ୍ଭବତଃ ଏହି ଯାତ୍ରାର ନାମ ମଣ୍ଡେଇ ଯାତ୍ରା ହିସାବରେ ପ୍ରଚଳିତ ହୋଇ ଆସିଛି । ନିର୍ବାଚନର ବର୍ଷ ହୋଇଥିବାରୁ ପ୍ରାୟ ସମସ୍ତ ରାଜନୀତିକ ଦଳର ଟିକେଟ ଆଶାୟୀ ପ୍ରାର୍ଥୀ ମାନେ ଯାତ୍ରାରେ ସାମିଲ ହୋଇ ଲୋକଙ୍କ ସହ ମିଶି ଯାତ୍ରା ଉପଭୋଗ କରୁଥିବା ଦେଖାଯାଇଛି । ବୋରିଗୁମ୍ମାରେ ଏହି ସମୟରେ ବାଲି ଯାତ୍ରା ଅନୁଷ୍ଠିତ ହେଉଥିବାରୁ କିଛି ବର୍ଷ ପରମ୍ପରା ଭାଙ୍ଗି ବି.ସିଂହପୁର ମାଁ ଶାଙ୍କୁଳାଇଙ୍କ ପୀଠରେ ଯାତ୍ରା ହେବା ପୂର୍ବରୁ ଭୈରବଙ୍କ ପୀଠରେ ଯାତ୍ରା କରାଯାଇଥିଲା । କିନ୍ତୁ ଚଳିତ ବର୍ଷ ଏହି ବ୍ୟତିକ୍ରମ ହୋଇ ନ ଥିବାରୁ ବୁଦ୍ଧିଜୀବି ଭକ୍ତମାନେ ସନ୍ତୋଷ ତଥା ଆଶ୍ୱସ୍ତି ପ୍ରକଟ କରିଛନ୍ତି । ଚଳିତ ବର୍ଷ ମଣ୍ଡେଇ ଅବସର ରେ ବୋରିଗୁମ୍ମା ରେ ମିନା ବଜାର ର ପସରା ଖୋଲିବା ସହ ବ୍ୟବସାୟୀ ମାନେ,ଭଲ ବ୍ୟବସାୟ ହେବା ନେଇ ଆଶା ରଖିଛନ୍ତି ।

# ବେକରେ କପଡ଼ାଲଗାଇ ଆତ୍ମହତ୍ୟା

**ନୂଆପଡ଼ା(ଅମୃତ ମିଡିଆ) :** ନୂଆପଡ଼ା ଜିଲ୍ଲା ସଦର ଥାନା ଲୁକୁପାଲି ଗ୍ରାମର ବାଲକରାମ ରାଉତ (୪୯) ଆତ୍ମହତ୍ୟା କରିଛନ୍ତି । ଗୁରୁବାର ରା ରାତିରେ ଖାଇ ସାରିବା ପରେ ପରିବାର ଲୋକ ଶୋଇଗଲା ପ ପରେ ସେ ବେ କପଡ଼ା ଲଗାଇ ଆତ୍ମହତ୍ୟା କରିଥିଲେ । ସକାଳେ ପରିବାର ଲୋକ ଜାଣିବା ପରେ ନୂଆପଡ଼ା ଥାନା ପୁଲିସକୁ ଖବର ଦେଇଥିଲେ । ପୁଲିସ ଘଟଣାସ୍ଥଳକୁ ପହଞ୍ଚି ମୃତଦେହ ଜବତ କରି ନୂଆପଡ଼ା ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ନୂତନ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ

**ଜୟପୁର(ଅମୃତ ମିଡିଆ) :** ଜୟପୁର ପୌରପାଳିକା ତରଫରୁ ନୁତନ ହିତାଧିକାରିଙ୍କୁ ଆଜି ଭତ୍ତା ପ୍ରଦାନ କରାଯାଇଛି । ଜୟପୁର ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦାନ କରିଥିଲେ । ଜୟପୁର ପୌରାଞ୍ଚଳର ୪ ଶହ ଜଣ ହାତିଧିକାରିଙ୍କୁ ପ୍ରଦାନ କରାଯାଇଛି । ଏହି କାଯ୍ୟକ୍ରମରେ ଜୟପୁର ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି.ସୁନିତା, ପୌର କାଯ୍ୟନିବାହୀ ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ପୌର ସମାଜିକ ସୁରକ୍ଷା ଅଧିକାରି ଜଗନ୍ନାଥ ମହାପାତ୍ର , କାଉନସିଲର ପ୍ରମୁଖ ଉପସ୍ଥିତ ଥିଲେ ।

# ଓଡ଼ିଶାର ବଡ଼ ବ୍ଲକ ବୋରିଗୁମ୍ମାକୁ ଏନ୍‌ଏସି ମାନ୍ୟତା ଘୋଷଣା

## ବିଧାୟକଙ୍କୁ ଧନ୍ୟବାଦ୍ ଜଣାଇଲେ ଅଞ୍ଚଳବାସୀ

**ଜୟପୁର(ଅମୃତ ମିଡିଆ) :** ଆଜି କୋରାପୁଟ ଜିଲ୍ଲା ତଥା ଓଡ଼ିଶାର ବଡ଼ ବ୍ଲକ ବୋରିଗୁମ୍ମାକୁ ଏନ୍ ଏ ସି ମାନ୍ୟତା ଘୋଷଣା କରିଛନ୍ତି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଦୀର୍ଘ ଦିନ ଧରି ବୋରିଗୁମ୍ମା ବାସୀଙ୍କ ଦାବୀ ରହିଥିଲା ଯେ ବୋରିଗୁମ୍ମା ବ୍ଲକକୁ ଏନ୍ ଏ ସି ଘୋଷଣା କରାଯାଉ । କିନ୍ତୁ ହୋଇପାରୁ ନ ଥିଲା ।ବିଳମ୍ବ ହେଲେ ସୁଦ୍ଧା କିନ୍ତୁ ଆଜି ବୋରିଗୁମ୍ମା ବ୍ଲକକୁ ଏନ୍ ଏ ସି ମାନ୍ୟତା ଘୋଷଣା କରିଛନ୍ତି ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ । ଓଡ଼ିଶାରେ ଆଜି ୩୪ ଟି ନୂଆ ବିଜ୍ଞାପିତ ଅଂଚଳ ଓ ୫ ଟି ଏନ୍ ଏ ସି କୁ ମ୍ୟୁନିସିପାଲଟି ଭାବେ ଘୋଷଣା କରିଛନ୍ତି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଜୟପୁର ବିଧାୟକ ଶ୍ରୀଯୁକ୍ତ ତାରାପ୍ରସାଦ ବାହିନୀପତି ବୋରିଗୁମ୍ମା ବ୍ଲକକୁ ଏନ୍ ଏ ସି ମାନ୍ୟତା ପାଇଁ ଦୀର୍ଘ ଦିନ ଧରି ବିଧାନସଭାରେ ତାଙ୍କ ଲଢେଇ ଜାରି ରଖିଥିଲେ ।ଗତ ଶେଷ ବିଧାନସଭା କାଳରେ ମଧ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ବୋରିଗୁମ୍ମା ବ୍ଲକକୁ କେବେ ଏନ୍ ଏ ସି ମାନ୍ୟତା ଘୋଷଣା କରାଯିବ ବୋଲି ପ୍ରଶ୍ନ କରିଥିଲେ । ଗତ କିଛିଦିନ ତଳେ ଶେରଗଡ଼ ଏନ୍ ଏ ସି ଘୋଷଣା ହେବା ପରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଜୟପୁର ସ୍ଥିତ ସ୍ଥାନୀୟ ହୋଟେଲ୍ ବାଲକ୍ରିଷ୍ଣା ପେଲେସ୍ ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଏବଂ ଆସନ୍ତା ୨୫ ତାରିଖ ସୁଦ୍ଧା ବୋରିଗୁମ୍ମା ବ୍ଲକକୁ ଏନ୍ ଏ ସି ମାନ୍ୟତା ଘୋଷଣା ନ କରାଗଲେ ଆସନ୍ତା ୨୬ ତାରିଖରେ ବୋରିଗୁମ୍ମା ବ୍ଲକକୁ ବନ୍ଦ ଡାକରା ଦେଇଥିଲେ । କିନ୍ତୁ ବନ୍ଦ ନ ହେବା ପୂର୍ବରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ବୋରିଗୁମ୍ମା ବ୍ଲକକୁ ଏନ୍ ଏ ସି ମାନ୍ୟତା ପ୍ରଦାନ କରିଛନ୍ତି । ଏନେଇ ବୋରିଗୁମ୍ମା ବ୍ଲକରେ ଖୁସିର ଲହରି ଖେଳିଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳବାସୀ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଧନ୍ୟବାଦ ଜଣାଇବା ସହ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି ।




# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଶ୍ରାଦ୍ଧୋତ୍ସବ

**ଜଗତସିଂହପୁର(ଅମୃତ ମିଡିଆ) :** 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତର କାଳଜୟୀ ସ୍ରଷ୍ଟା କାନ୍ତକବି ଲକ୍ଷ୍ମୀକାନ୍ତ ମହାପତ୍ରଙ୍କର ୭୧ତମ ଶ୍ରାଦ୍ଧୋତ୍ସବ ଆଜି ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାରରେ ପାଳିତ ହୋଇଯାଇଛି । ପରିଷଦର ସଭାପତି ଅଧାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି କହିଥିଲେ ଯେ, ଏକାଧାରରେ ଜଣେ ଭକ୍ତି ଲେଖକ, କ୍ଷୁଦ୍ରଗଳ୍ପ ଲେଖକ, ଔପନ୍ୟାସିକ ଓ ନାଟ୍ୟକାର ଭାବେ ସ୍ୱର୍ଗତ ଲକ୍ଷ୍ମୀକାନ୍ତ ମହାପାତ୍ର ବେଶ୍ ଲୋକପ୍ରିୟତା ହାସଲ କରିଥିଲେ । ମୁଖ୍ୟଅତିଥି ଭାବେ ପାଠାଗାରର ସଭସପତି ରବୀନ୍ଦ୍ର ନାଥ ତ୍ରିପାଠୀ ଆଲୋଚନାରେ ଭାଗ ନେଇ 'କଣା ମାମୁଁ' ଓ 'ବୁଢା ଶଙ୍ଖାରୀ' ସାରସ୍ୱତ ସୃଷ୍ଟିପାଇଁ ସ୍ୱର୍ଗତ ମହାପାତ୍ର ସବୁଦିନ ପାଇଁ ଚିରସ୍ମରଣୀୟ ହୋଇ ରହିବେ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ ଓ ସମ୍ମାନନୀୟ ଅତିଥି ଭାବେ ଶିକ୍ଷାବିତ୍ ସତ୍ୟବାଦୀ ଦାସ, ରମେଶ ଚନ୍ଦ୍ର ସାହୁ ଓ ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର ପତି ପ୍ରମୁଖ ଜୀବନର ପରିପୂର୍ଣ୍ଣତା ସନ୍ଧାନର ଏକ ମାଧ୍ୟମ ବୋଲି କହିଥିଲେ ।



# ଦେଶିମଦ ଚାଲାଣ ବେଳେ ଚଢ଼ଉ ,ଜଣେ ମହିଳା ଗିରଫ

**ଜୟପୁର(ଅମୃତ ମିଡିଆ) :** ଦେଶି ମଦ ଚାଲାଣ ବେଳେ ଜୟପୁର ଅବକାରି ଥାନା ଆଜି ଚଢାଉ କରି ଜଣେ ମହିଳା ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ମହିଳା ଅଭିଯୁକ୍ତ ଜଣକ ହେଲା ପଲକାପୁଟ ଗ୍ରାମର କମଳା ପରଜା । ଜୟପୁର ଅବକାରି ଥାନା ସୁଚନା ଅନୁଯାଇ ଦେଶି ମଦ ଚାଲାଣ ହେଉଥିବା ବେଳେ ପଲକାପୁଟ ଗ୍ରାମ ରାସ୍ତାରେ ଚଢାଉ କରିଥିଲା । ଚଢାଉ କରି ଜଣେ ମହିଳା ଅଭିଯୁକ୍ତ କୁ ଗିରଫ କରି ୯ ଲିଟର ଦେଶି ମଦ ଜବତ କରିଛି । ଗିରଫ ମହିଳା ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ବିଷୟ ଜୟପୁର ଅବକାରି ଥାନା ଓଆଇସି ନିଳାଦ୍ରୀ ବିହାରି ମିଶ୍ର ସୁଚନା ଦେଇଛନ୍ତି ।

# ମା' ତାରିଣୀ ହେଲ୍‌ପିଙ୍ଗ ହ୍ୟାଣ୍ଡସ ତରଫରୁ ଭିନ୍ନକ୍ଷମ ବ୍ୟକ୍ତି ସରୋଜକାନ୍ତ ପରିଡାଙ୍କୁ ଆର୍ଥିକ ସହାୟତା

## ସ୍ୱାବଲମ୍ବୀ କରେଇବା ଲାଗି ଚାରିଗୋଟି ଛେଳି ପ୍ରଦାନ

**କୁଜଙ୍ଗ(ଅମୃତ ମିଡିଆ) :** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ଅନ୍ତର୍ଗତ ହସିଣା ଦଶ ନମ୍ବର ୱାର୍ଡର ଭିନ୍ନକ୍ଷମ ସରୋଜକାନ୍ତ ପରିଡାଙ୍କ ପରିବାରକୁ ଆତ୍ମନିର୍ଭରଶୀଳ କରାଇବା ଲାଗି ଏକ ନୂତନ ପ୍ରୟାସ କରିଛନ୍ତି ଓଡ଼ିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ବିପଦର ବନ୍ଧୁ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ । ସୂଚନା ଯୋଗ୍ୟ କି, ସରୋଜକାନ୍ତ ଗତ କିଛି ବର୍ଷ ତଳେ ଟ୍ରେନ ଦୁର୍ଘଟଣାର ଶୀକାର ହୋଇ ବର୍ତ୍ତମାନ ପଙ୍ଗୁ ହୋଇ ଶଯ୍ୟାରେ ପଡିରହିଛନ୍ତି । ବାପା ସେହି ଦୁର୍ଘଟଣାକୁ ଦେଖି ହୃଦଘାତର ଶୀକାର ହୋଇ ଆରପାରିରେ । ପଞ୍ଚାଅସି ବର୍ଷୀୟା ମା' ହୀରାମଣୀ ପର ବାଡ଼ିରୁ ଶାଗ ନେଇ ବଜାରରେ ବିକ୍ରି କରି ପରିବାର ମୁହଁରେ ଦାନା ଯୋଗାଇବାକୁ ପ୍ରାଣପଣେ ଚେଷ୍ଟା କରୁଛନ୍ତି । ପତ୍ନୀ ରୀନା ମଧ୍ୟ ମେରୁଦଣ୍ଡ ରୋଗରେ ପୀଡିତା । ପାଖରେ ଅର୍ଥ ନାହିଁ ଔଷଧ ଖାଇବାକୁ କି ପିଲାକୁ ପାଠ ପଢ଼ିବାକୁ । ଓଳିଏ ଖାଇଲେ ଆର ଓଳି ଉପାସରେ ରହିବାକୁ ପଡୁଛି । ଘର କହିଲେ ଜରି ପାଲ ପକା ଫୁଟା ଚାଳ ଘର । ବିଭିନ୍ନ ଗଣମାଧ୍ୟମରୁ ଏହି ହୃଦୟ ବିଦାରକ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଞ୍ଜିନିୟର ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ଅନୁଷ୍ଠାନର ସଦସ୍ୟମାନେ




ସରୋଜକାନ୍ତଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଏକ ମାସର ରାସନ ସାମଗ୍ରୀ ଏବଂ ପାଞ୍ଚ ହଜାର(୫୦୦୦/-) ଟଙ୍କାର ଆର୍ଥିକ ସହାୟତା ଦେଇଥିଲେ । ତାଙ୍କ ପତ୍ନୀଙ୍କୁ ଆତ୍ମନିର୍ଭରଶୀଳ କରାଇବା ଲାଗି ଚାରି ଗୋଟି ଛେଳି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକୁ ସଂଗଠନର ପରାମର୍ଶଦାତା ସରୋଜ କୁମାର ବେହେରା, ସଂଯୋଜକ କୁନେଶ ବାରିକ, ବରିଷ୍ଠ ସଦସ୍ୟ ପ୍ରକାଶ ମହାନ୍ତି,ପ୍ରବୀର ସ୍ୱାଇଁ, ଜ୍ୟୋତିରଞ୍ଜନ ସ୍ୱାଇଁ, ଜୀବନଜ୍ୟୋତି ଜୟସିଂ, ବାବାଜୀ ରାଉତ, ବିଶ୍ୱନାଥ ସ୍ୱାଇଁ ,ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ ଏବଂ ତୁଷାରକାନ୍ତ ସ୍ୱାଇଁ ସୂଚାରୁ ରୂପେ ନିର୍ବାହ କରିଛନ୍ତି । ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ବଦାନ୍ୟତା ପାଇଁ ସରୋଜକାନ୍ତ, ତାଙ୍କ ପତ୍ନୀ ରୀନା ଏବଂ ତାଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୂୟୀୟସୀ ପ୍ରଶଂସା କରାଯାଇଛି ।

# ସରସ୍ୱତୀ ବିଦ୍ୟାସାଗର ବାର୍ଷିକ ଉତ୍ସବ ପାଳିତ

➲ ଅଭିଭାବକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ
➲ପିଲାଙ୍କୁ କଳା, ସଂସ୍କୃତି ଉପରେ ଅଧ୍ୟୟନ ଜରୁରୀ



**ଅସ୍ତରଙ୍ଗ (ଅମୃତ ମିଡିଆ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଆଳଙ୍ଗପୁର ସ୍ଥିତ ସରସ୍ୱତୀ ବିଦ୍ୟାସାଗର ର ୨୬ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ରେ ପାଳିତ ହୋଇଯାଇଛି । ବିଦ୍ୟାଳୟ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅସ୍ତରଙ୍ଗ ବ୍ଲକ ଅଧକ୍ଷା ଆରତୀ ନାୟକ ଯୋଗ ଦେଇଥିଲେ । ଭାଷଣରେ ମୁଖ୍ୟଅତିଥି କୁନି କୁନି ପିଲାମାନଙ୍କୁ ମୋବାଇଲି ଠାରୁ ଦୂରେଇ ରହି ଆମ କଳା, ସଂସ୍କୃତି, ସାହିତ୍ୟ ପରମ୍ପରା ଉପରେ ଅଧୟନ କରିବାକୁ ଉତ୍ସାହିତ କରିଥିଲେ । ପିଲାମାନେ କେବଳ ପାଠପଢା ନୁହେଁ ସବୁ ପ୍ରକାର କାର୍ଯ୍ୟରେ ନିଜର ଦକ୍ଷତା ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ ।ଅନ୍ୟ ତମଅତିଥି ମୁଖ୍ୟବକ୍ତା ଡକ୍ଟର ବିଶ୍ୱରଞ୍ଜନ ରଥ, ସଂମାନୀତ ଅତିଥି ପ୍ରିୟବ୍ରତ ସ୍ୱାଇଁ, ଅବସରପ୍ରାପ୍ତ ପ୍ରଫେସର ବେଣୁଧର ଲେଙ୍କା, ଐଶାନେଶ୍ୱର ବିଦ୍ୟାପୀଠ ର ପ୍ରଧାନଶିକ୍ଷକ ଦିଲ୍ଲୀପ କୁମାର ବିଶ୍ୱାଳ, ସମାଜସେବୀ ଦୁଷ୍ମନ୍ତ ପରିଡା, ଆଳଙ୍ଗପୁର ସରପଞ୍ଚ ଭାନୁପ୍ରିୟା ଭୋଳ, ସମିତି ସଭ୍ୟା କୌଶଲ୍ୟା ଲେଙ୍କା, ସନ୍ତୋଷ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।ନିଜ ଅଭିଭାଷଣରେ ଅତିଥି ଶ୍ରୀ ଲେଙ୍କା କହିଥିଲେ, ପିଲାମାନେ କେବଳ ବିଦ୍ୟାଳୟରେ ଯେତିକି ପାଠ ପଢୁଛନ୍ତି ସେତିକି ଯଥେଷ୍ଟ ନୁହେଁ, ସେମାନଙ୍କୁ ଶିକ୍ଷା ଦେବାରେ ବାପା-ମା'ଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ବିଦ୍ୟାଳୟର ପ୍ରତିଷ୍ଠାତା ତଥା ପ୍ରାକ୍ତନ ଶିକ୍ଷକଙ୍କ ଶିକ୍ଷାଦାନରେ କୃତିତ୍ୱ ହାସଲ କରି ଅନେକ ଛାତ୍ରଛାତ୍ରୀ ପ୍ରତିଷ୍ଠିତ ହୋଇପାରିଥିବା କହିଥିଲେ । ତେବେ ବିଦ୍ୟାପୀଠର ସୁନାମକୁ ରାଜ୍ୟ ଏବଂ ରାଜ୍ୟ ବାହାରେ ବଢ଼ାଇବାକୁ ହେଲେ ଛାତ୍ରଛାତ୍ରୀଙ୍କୁ ଆହୁରି ଅଧ ?କ ଅଧ୍ୟବସାୟ କରିବାକୁ ପଡିବ ବୋଲି ଆହ୍ୱାନ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଦେବା ସହ ମାନପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ଯଯାତି କେଶରୀ ସ୍ୱାଇଁ ଓ ସଭା ପରିଚାଳନା କରିଥିଲେ ପ୍ରଧାନଆଚାର୍ଯ୍ୟ ଜୁମରବର ବାରିକ.କାର୍ଯ୍ୟକ୍ରମରେ ଶିଶୁ କଳାକାରଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନାରେ ବିଦ୍ୟାଳୟ ଗୁରୁମା ଝରଣା ବାରିକି, ସତ୍ୟଭାମା, ପୂଜା, ମାମାଲି, ରିଙ୍କୁ, ଗାୟତ୍ରୀ ଓ ଲିପ୍ସା ଙ୍କ ସହ ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ ।

# ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ



**ଆଳି (ଅମୃତ ମିଡିଆ):** ଆମ ଓଡିଶା ନବୀନ ଓଡିଶା ଯୋଜନାର ମୂଳ ଲକ୍ଷ ଓ ରାଜ୍ୟ ସରକାରଙ୍କ ଜନମଙ୍ଗଳ କାରୀ ଯୋଜନା କିପରି ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚିବ ସେ ନେଇ ପ୍ରତି ପଞ୍ଚାୟତରେ ଚାଲିଛି ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ । ଏହି ଅବସରରେ ଆଳି ବ୍ଲକର ସିଙ୍ଗିରି ପଞ୍ଚାୟତରେ ଆମ

## ସିଙ୍ଗିରି ପଞ୍ଚାୟତ

ଓଡିଶା ନବୀନ ଓଡିଶା ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସିଙ୍ଗିରି ପଞ୍ଚାୟତର ସମିତି ସଭ୍ୟ ପ୍ରତାପ ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ, ଜିଲ୍ଲା ପରିଷଦ ସ୍ୱାଗତିକା ରାଉତ,ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର, ଚକ୍ରଧର ହାଇସ୍କୁଲ ପ୍ରଧାନ ଶିକ୍ଷକ ବିରଞ୍ଚି ନାରାୟଣ ମହାପାତ୍ର ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ଗ୍ରାମାଞ୍ଚଳର ଜନ ସାଧାରଣ, ଗାଁ ର ବିକାଶ, ଛାତ୍ରଛାତ୍ରୀଙ୍କ ନିମନ୍ତେ ହୋଇଥିବା ଯୋଜନା ସମ୍ପର୍କରେ ସଚେତନ କରାଇଥିଲେ । ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀଙ୍କ ନୃତ୍ୟ ବେଶ ମନ ମୁଗ୍ଧକର ଥିଲା । ଏହି ଅବସରରେ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନେ ପିଠା ପ୍ରସ୍ତୁତ କରି ସରକାରଙ୍କ ଏହି ଯୋଜନା ସଂମ୍ପର୍କରେ ସଚେତନ କରାଇ ଥିଲେ । ଏହି କାର୍ଯ୍ୟକ୍ରମରେ ହଜାର ହଜାର ମହିଳା ପୁରୁଷ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ଶେଷରେ ଆମ ଓଡିଶା ନବୀନ ଓଡିଶା ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମକୁ ଆଲୋକ ପଣ୍ଡାଙ୍କ ସମେତ ଅନ୍ୟମାନେ ପରିଚାଳନା କରିଥିଲେ ।

# ଗଞ୍ଜାମ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ

**ଛତ୍ରପୁର (ଅମୃତ ମିଡିଆ):** ଛତ୍ରପୁର ଷ୍ଟାଡିୟମ୍ ଠାରେ ଗଞ୍ଜାମ ଜିଲ୍ଲା ସ୍ତରୀୟ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ ରେ ଗଞ୍ଜାମ ଜିଲ୍ଲା ଶିକ୍ଷା ଅଧିକାରୀ ଅମିତା ପଟ୍ଟନାୟକ ଙ୍କ ଅଧକ୍ଷତା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରୂପେ ଆସିକା ସାଂସଦ ପ୍ରମିଳା ବିଷୋୟୀ , ମୁଖ୍ୟ ବକ୍ତା ରୂପେ ଗଞ୍ଜାମ ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ତଥା ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ଏବଂ ସମ୍ମାନିତ ଅତିଥି ରୂପେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା , ଆସ୍କା ବିଧାୟିକା ମଞ୍ଜୁଳା ସ୍ୱାଇଁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଗଞ୍ଜାମ ଜିଲ୍ଲା ପରିଷଦ ଅଧକ୍ଷା ଅଞ୍ଜଳି ସ୍ୱାଇଁ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ପ୍ରଧାନ ଓ ପବିତ୍ର ମୋହନ ସାହୁ , ଡିଆଇଇଟି ଅଧକ୍ଷ ଡ଼ ସନ୍ତୋଷ କୁମାର ପରିଡ଼ା ମଞ୍ଚାସିନ ଥିଲେ । ମୁଖ୍ୟ ଅତିଥି ଆସ୍କା ସାଂସଦ ପ୍ରମିଳା ସ୍ୱାଇଁ ଓଡ଼ିଶା ଶିକ୍ଷା ବ୍ୟବସ୍ଥାରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଛାତ୍ର ଛାତ୍ରୀ ମାନଙ୍କ ଉନ୍ନତି ପାଇଁ ବହୁତ ଯୋଜନା କରିଛନ୍ତି ଯାହା ଦେଶ ଗଠନ ରେ ସାହାଯ୍ୟ କରିପାରିବ ବୋଲି ଉଦବୋଧନ ଦେଇଥିଲେ । ପ୍ରାରମ୍ଭରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପଟ୍ଟନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଡିଆଇଇଟି ଅଧକ୍ଷ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାରର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଜିଲ୍ଲା ସ୍ତରୀୟ ସମା ରୋହରେ ୨୧୭ ଟି ଜିଲ୍ଲାସ୍ତରୀୟ ଷ୍ଟୁଡେଣ୍ଟ୍ ଏକାଡେମୀକ ପୁରସ୍କାର , ୨୨୫୦ ଗୋଟି ବ୍ଲକସ୍ତରୀୟ ଷ୍ଟୁଡେଣ୍ଟ୍ ଏକାଡେମୀ ପୁରସ୍କାର , ୧୧୨୯ ଗୋଟି ଷ୍ଟୁଡେଣ୍ଟ୍ ଲିଡରସିପ ପୁରସ୍କାର , ୬୯ ଗୋଟି ମାଧ୍ୟମିକ ସ୍କୁଲ୍ ପୁରସ୍କାର, ୬୨ ଗୋଟି ପ୍ରାଥମିକ ସ୍କୁଲ ପୁରସ୍କାର , ୧୬ଗୋଟି ଗ୍ରାମ ପଞ୍ଚାୟତ ପୁରସ୍କାର , ୨୧ଗୋଟି ଆଲୁମିନି କମିଟି ପୁରସ୍କାର , ୨୩ ଗୋଟି ସ୍କୁଲ ପରିଚାଳନା କମିଟି ପୁରସ୍କାର , ୨୩ ଗୋଟି ପ୍ରାଥମିକ ଶିକ୍ଷକ ପୁରସ୍କାର , ଏହିପରି ମୋଟ ୩୮୩୩ ଗୋଟି ପୁରସ୍କାର ମାନ୍ୟବର ଅତିଥି ମାନଙ୍କ ଦ୍ୱାରା ସମସ୍ତଙ୍କୁ ମାନପତ୍ର ଓ ମୋମେଣ୍ଟୋ ସହ ପ୍ରଦାନ କରାଯାଇଥିଲା । ଭି ଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ଚମଖଣ୍ଡି ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଜିଲ୍ଲା ସ୍ତରୀୟ କାର୍ଯକ୍ରମ ରେ ଜିଲ୍ଲାର ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ , ସମସ୍ତ ପୁରସ୍କାର ପ୍ରାପ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ , ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ସମେତ ପ୍ରାୟ ୪୦୦୦ ରୁ ଉର୍ଦ୍ଧ ସଦସ୍ୟ ଉପସ୍ଥିତ ଥିଲେ । ପରିଶେସରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ପବିତ୍ର ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯକ୍ରମକୁ ଏ ପି ଡି ମନୋଜ କୁମାର ବେହେରା , ଏସ ସି, ଏସ ଟି ଶିକ୍ଷା ସଂଯୋଜକ ଡ଼ ସରୋଜ ମୋହନ ପାଳ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା , ଧରାକୋଟ ବିଇଓ ଲିଙ୍ଗରାଜ ସ୍ୱାଇଁ ଓ ଶେରଗଡ଼ ବିଇଓ ଉପେନ୍ଦ୍ର ପାଢ଼ୀ , ଖଣ୍ଡଦେଉଳି ପ୍ରଧାନ ଶିକ୍ଷକ ଡ଼ ଶଙ୍କର ନାରାୟଣ ବେଜ୍ , ମେଡିକାଲ୍ କ୍ୟାମ୍ପସ ହାଇ ସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ଡ଼ ପ୍ରଭାତୀ କୁମାରୀ ମହାପାତ୍ର, ସିଟି ହାଇ ସ୍କୁଲ୍ ପ୍ରଧାନ ଶିକ୍ଷକ ପନ୍ନଗ ଭୂଷଣ ମାଝୀ , ଭି ଭି ଗିରି ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା , କେଲୁଆ ପଲ୍ଲୀ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳି ପାତ୍ର, ପୁରୁଣା ପାଟଣା ପ୍ରଧାନଶିକ୍ଷକ ଗୋକୁଳ କୃଷ୍ଣ ପଣ୍ଡା , ଟାଙ୍ଗଣାପଲ୍ଲୀ ପ୍ରଧାନ ଶିକ୍ଷକ ବିଷ୍ଣୁ ପ୍ରସାଦ ତ୍ରିପାଠୀ, ଓନସ୍ଲୋ ପ୍ରଧାନ ଶିକ୍ଷୟିତ୍ରୀ ସୁଚିତ୍ରା ପାଣିଗ୍ରାହୀ , ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗିରଥି ସ୍ୱାଇଁ ଓ କେ. ଶରତ କୁମାର ପ୍ରମୁଖ ପରିଚାଳନା କରିଥିଲେ ।

# ପତ୍ରପୁର ଗ୍ରାମପଞ୍ଚାୟତରେ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ସଚେତନତା ଶିବିର



**ଆଳି (ଅମୃତ ମିଡିଆ):** ରାଜ୍ୟ ସରକାରଙ୍କ ଉନ୍ନୟନ ଓ ଲୋକାଭିମୁଖୀ କାର୍ଯ୍ୟକ୍ରମ ଗୁଡିକ ବିଷୟରେ ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବିଭିନ୍ନ ପଂଚାୟତ ରେ ଆମ ଓଡ଼ିଶା, ନବୀନ ଓଡ଼ିଶାର ସଚେତନତା ଶିବିର ଅନୁଷ୍ଠିତ ହେଉଛି । ଆଳି ବ୍ଲକର ପତ୍ରପୁର ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ଭାବେ ଆଳି ପଞ୍ଚାୟତ ସମିତି ଅଧକ୍ଷ ମନୋରଞ୍ଜନ ସାମଲ ଉଦଘାଟନ କରିଥିଲେ କ୍ଷ ସମ୍ମାନିତ ଅତିଥି ଭାବେ ବ୍ଲକ ବିଜେଡି ସଭାପତି ସନାତନ ମିଶ୍ର,ପୂର୍ଣ୍ଣାନନ୍ଦ ବିଶ୍ୱାଳ, ମାଗୁଣି ଚରଣ ଗିରି, ଚୈତନ୍ୟ ମହାଳିକ ପ୍ରମୁଖ ଯୋଗଦେଇ ରାଜ୍ୟର ଲୋକପ୍ରିୟ ସରକାର ତାଙ୍କର କାର୍ଯ୍ୟକାଳ ମଧ୍ୟରେ ଯେତେ ପ୍ରକାର ଜନହିତକର କାର୍ଯ୍ୟ କରିଛନ୍ତି ତାହା ନିଶ୍ଚିତ ଭାବରେ ଅଭୂତପୂର୍ବ ଓ ଲୋକମାନେ ମଧ ସମସ୍ତ ପ୍ରକାର ଜନହିତକର କାର୍ଯ୍ୟର ସଫଳତା ପାଉଛନ୍ତି ବୋଲି କହିଥିଲେ । ଏହି ଅବସରରେ ଆମ ଓଡିଶା ନବୀନ ଓଡିଶା ଆମ ପଞ୍ଚାୟତର ବିକାଶ ପୁସ୍ତିକା ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପଂଚାୟତର ୱାର୍ଡ ସଭ୍ୟ ସଭ୍ୟା, ସ୍ୱୟଂ ସହାୟକ ଗୋଷ୍ଠୀ ର ସଦସ୍ୟା,ଅଙ୍ଗନୱାଡି କର୍ମୀ,ସହାୟକ ମାନେ ଯୋଗ ଦେଇଥିବା ବେଳେ ସ୍ୱୟଂ ସହାୟିକା ଗୋଷ୍ଠୀର ବିଭିନ୍ନ ସଙ୍ଘ ପକ୍ଷରୁ ପିଠା ପ୍ରଦର୍ଶନ ହୋଇଥିଲାକ୍ଷ ଏହି କାର୍ଯ୍ୟକ୍ରମକୁ ବସନ୍ତ କୁମାର ପ୍ରଧାନ, ସୁବ୍ରତ ବେହୁରା, ବସନ୍ତ କୁମାର ସ୍ୱାଇଁ, ବିକାଶ ନାୟକ, ବିଜୟ ବିହାରୀ ପରିଡା,ସନନ୍ତ କୁମାର ସ୍ୱାଇଁ,ଘନଶ୍ୟାମ ମଲିକ, ସୁଶାନ୍ତ ରାଉତ, ନିର୍ମଳ ପ୍ରଧାନ, ସୁକାନ୍ତ ମଲିକ ପ୍ରମୁଖ ପରିଚାଳନା କରିଥିଲେ ।

# ହାଟଡିହି ବ୍ଲକ କର୍ମଚାରୀଙ୍କ ୟୁନିଫର୍ମ ପରିଧାନ




**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକର ରୂପରେଖ ଦିନକୁ ଦିନ ବଦଳୁଥିବା ବେଳେ ପୁଣି ଏକ ପଦକ୍ଷପ ନିଆଯାଇଛି । ସୂଚନା ଅନୁଯାଇ ହାଟଡିହି ମଣ୍ଡଳ ଉନ୍ନୟନ ଅଧିକାରୀ ସୋମ୍ୟଶ୍ରୀ ପାଣିଗ୍ରାହୀ ନିଜ ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଆଜି ପର୍ଯ୍ୟନ୍ତ ପଞ୍ଚାୟତ ସମିତି ରୂପରେଖ ରୂପାନ୍ତରିତ ହୋଇ ଅତି ସୌନ୍ଦର୍ଯ୍ୟମୟ ହେବାକୁ ଲାଗୁଛି । ଏହି ସମାନ ପୋଷାକ ପରିଧାନକୁ ମଣ୍ଡଳ ଉନ୍ନୟନ ଅଧିକାରୀ ସୋମ୍ୟଶ୍ରୀ ପାଣିଗ୍ରାହୀ ଚୟନ କରିଥିବା ବେଳେ ଏହାକୁ ପଞ୍ଚାୟତ ସମିତିର ସମସ୍ତ କର୍ମଚାରୀ ପରିଧାନ କରିଥିବା ଦେଖିବାକୁ ମିଳିଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରଜତ ଜୟନ୍ତୀ



**ଆଳି (ଅମୃତ ମିଡିଆ):** ସଚ୍ଚୋଟତା ହିଁ ଅନୁଷ୍ଠାନ ଗଢିବାର ମୁଖ୍ୟ ମାଧମ ହେବା ଉଚିତ୍ ବୋଲି ଆଳି ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ରଜତ ଜୟନ୍ତୀ ଉତ୍ସବର ଉଦ୍‌ଘାଟନ ଉତ୍ସବରେ ବିଶିଷ୍ଟ ଅତିଥି ମାନେ ଏହା ପ୍ରକାଶ କରିଛନ୍ତି । କେବଳ ଅନୁଷ୍ଠାନ ଟିଏ ଗଢି ଦେଲେ ହେବ ନାହିଁ ଏହାକୁ ଏକ ସୁନ୍ଦର ସୁସ୍ଥ ଅନୁଷ୍ଠାନରେ ପରିଣତ କରିବାକୁ ହେଲେ ତ୍ୟାଗ ତିତିକ୍ଷାର ଆବଶ୍ୟକତା ରହିଛି । ଅତୀତ ପୃଷ୍ଠାକୁ ଫେରିଯାଇ ଇତିହାସ ର ଚନ୍ଦ୍ରଗୁପ୍ତ ମୋର୍ଯ୍ୟଙ୍କ ମହାମନ୍ତ୍ରୀ ଚାଣକ୍ୟ କିପରି ନୈଷ୍ଠିକ ଭାବରେ ରାଜ୍ୟ ପରିଚାଳନା କରିଥିଲେ ତାହାର ଉଦାହରଣ ଦେଇ ଅନୁଷ୍ଠାନକୁ ଆଗେଇ ନେବାକୁ କହିଥିଲେ । ଶିଶୁ ବିଦ୍ୟା ମନ୍ଦିରର ସଭାପତି ସାହିତ୍ୟିକ ବନମାଳୀ ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହ ପ୍ରାନ୍ତ ବୌଦ୍ଧିକ ପ୍ରମୁଖ ବିଶ୍ୱମ୍ଭର ପାଣି, ମୁଖ୍ୟବକ୍ତା ଭାବରେ ସାମାଜିକ କର୍ମୀ ଇ. ନୀଳାଦ୍ରି ଭୂଷଣ ମହାପାତ୍ର ଯୋଗ ଦେଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୁନ୍ଦର ସୁନ୍ଦର କାହାଣୀର ଅବତାରଣା କରିଥିଲେ । ଏହି ଅବସରରେ ଆଳି ଅଂଚଳରେ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧି ମାନେ ଯେଉଁ ମାନେ ଦୀର୍ଘ ୨୫ ବର୍ଷ ଧରି ଶିଶୁ ବିଦ୍ୟା ମନ୍ଦିର କୁ ଅକୁଣ୍ଠ ସହଯୋଗ କରିଆସିଛନ୍ତି ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବରିଷ୍ଠ ସାମ୍ବାଦିକ ବନମାଳୀ ସେନାପତି, ପ୍ରମୋଦ ମଲ୍ଲିକ, ସୁଶାନ୍ତ ଦାଶ, ଭଗବାନ ନାୟକ, ସରୋଜ କୁମାର ଦିକ୍ଷୀତ, ବିଜୟ ରାୟ, ବନମାଳୀ ସାହୁ, ନିରଂଜନ ବେହେରା, ବିଭୁପ୍ରସାଦ ମହାନ୍ତି, ପ୍ରଭୁ କଲ୍ୟାଣ ସେନାପତି, ଅଶ୍ୱିନୀ ସାହୁ, ଶଶି ବିଶ୍ୱାଳ, ସୁଜିତ୍ ବେହୁରା,ଅଭୟ ସୂତାର,ସତ୍ୟ ରଞ୍ଜନ ସିଂ, ବିଶ୍ୱଜିତ ସୁତାର, ସମ୍ବିତ ନାୟକ, ଲିଟୁଆ ରାଉତ, ବିଭୁ ଦାଶ,ବୀଣ ବଳ, ଜୟନ୍ତ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

ଏହା ସହ ପୂର୍ବ ପରିଚାଳନା ପରିଷଦର ସଦସ୍ୟ, ସୁକାନ୍ତ କୁମାର ଦାଶ, ଅନାଦି ପଟ୍ଟନାୟକ, ଅଶୋକ ବିଶ୍ୱାଳ, ଧୁଳେଶ୍ୱର ମହାନ୍ତି, କମଳାକାନ୍ତ,ସିଂ ପ୍ରମୁଖ ୩୮ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଶିଶୁ ବିଦ୍ୟା ମନ୍ଦିରର ସଂପାଦକ ସୁଶାନ୍ତ ଦାଶ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ସହ ସଂପାଦକ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟା ଜାନକୀ ଦାସ ଉତ୍ସବ ସଂଯୋଜନା କରିଥିଲେ । ସକାଳେ ଏକ ରକ୍ତ ଦାନ ଶିବିରର ଆୟୋଜନ କରାଯାଇଥିଲା ।

# ଛତ୍ରପୁର ଏନ୍‌ଏସିକୁ ମିଳିଲା ମ୍ୟୁନିସିପାଲିଟି ମାନ୍ୟତା

## ମୁଖ୍ୟମନ୍ତ୍ରୀ, ୫-ଟି ଅଧକ୍ଷ, ଗଞ୍ଜାମ ଜିଲ୍ଲାପ୍ରଶାସନ ଓ ବିଧାୟକଙ୍କୁ ଧନ୍ୟବାଦ ଜଣାଇଲେ ଛତ୍ରପୁରବାସୀ



**ଛତ୍ରପୁର (ଅମୃତ ମିଡିଆ):** ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଏନଏସିକୁ ମ୍ୟୁନିସିପାଲିଟି ଭାବେ ଘୋଷଣା କରିଛନ୍ତି ।ଦୀର୍ଘଦିନ ପରେ ଛତ୍ରପୁର ବାସୀଙ୍କ ଦାବୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂରଣ କରିଛନ୍ତି, ଏନେଇ ଆଜି ମୁଖ୍ୟମନ୍ତ୍ରୀ, ୫ ଟି ଅଧକ୍ଷ, ଛତ୍ରପୁର ବିଧାୟକ ଏବଂ ଗଞ୍ଜାମ ଜିଲ୍ଲାପ୍ରଶାସନ କୁ କୃତଜ୍ଞତା ଜଣାଇଛନ୍ତି ସହରବାସିନ୍ଦା । ଏହି ଅବସରରେ ଆଜି ସନ୍ଧ୍ୟା ରେ ସ୍ଥାନୀୟ ଲୋଏର ବସଷ୍ଟାଣ୍ଡ ଠାରେ ମିଷ୍ଟାନ ବଣ୍ଟନ କରାଯିବ ସହିତ ବାଣ ଫୁଟାଇ ଖୁସି ଜାହିର କରିଥିଲେ, ଏଥିରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ଛତ୍ରପୁର ଏନଏସି ଉପାଧକ୍ଷ ଜି. ପାପା ରାଓ, କାଉନସିଲର ଦେବାଶିଷ ମିଶ୍ର, ପ୍ରୀତି ଛନ୍ଦା ସାମଲ, ସନ୍ତୋଷୀ ସେଠି, ମମତା ପାତ୍ର, ବି. ନିଶ୍ଚଳା ଓ କେ. ରମେଶ, ଛତ୍ରପୁର ନଗର ବିଜେଡି ସଭାପତି ବି. ରାଜୁବାବୁ, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀର ସଭାପତି ସନମୁଖ ପଟ୍ଟନାୟକ, ଯୁବ ଛତ୍ରପୁର ବ୍ଲକ ଉପସଭାପତି କାହ୍ନୁ ଚରଣ ବେହେରା,ପୂର୍ବତନ ଏନଏସି ଉପାଧକ୍ଷ ପ୍ରଦୋଷ କୁମାର ବେହେରା, ପୂର୍ବତନ କାଉନସିଲର କିଶୋର ସେନାପତି, ସୟଦ ମୁକ୍ତାର, ଏନ. ଗିରି ପ୍ରସାଦ ରାଓଙ୍କ ବହୁ ବୃଦ୍ଧିଜୀବି, ଆଇନଜୀବି, ମିଶନ ଶକ୍ତି ର ମା ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ : ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ, ସେତେବେଳେ ସଚିବ ଥିବା ସମୟ ରେ ଗଞ୍ଜାମ ଜିଲ୍ଲାର ଛତ୍ରପୁରକୁ ଅଗଷ୍ଟ ୨୭ଗସ୍ତ ଆସିଥିଲେ, ଛତ୍ରପୁର ଏନଏସ ଉପାଧକ୍ଷ ଜି. ପାପା ଓ ପୂର୍ବତନ ଏନଏସି ଅଧକ୍ଷା ଜି. ଆରତୀ ଙ୍କ ନେତୃତ୍ୱ ବହୁ କାଉନସିଲର ମାନେ ଛତ୍ରପୁର ଏନଏସି କୁ ମୁନିସିପାଲିଟି ଘୋଷଣା କରିବା ନିମନ୍ତେ ତାଙ୍କୁ ଭେଟି ଅନୁରୋଧ ପତ୍ର ପ୍ରଦାନ କରିଥିଲେ, ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଆଜି ଏହି ନିଷ୍ପତ୍ତି ନେଇଛନ୍ତି । ଯାହାଫଳ ରେ ଛତ୍ରପୁର ସହର ରେ ଖୁସି ର ଲହରୀ ଖେଳିଯାଇଛି ।

# ଲୋକକଳା ମାଧ୍ୟମରେ ଗାଁ ଗାଁ ରେ ପହଞ୍ଚୁଛି ସରକାରୀ ଯୋଜନା ସଫଳ ରୂପାୟନର ବାର୍ତ୍ତା



**ଭଞ୍ଜନଗର (ଅମୃତ ମିଡିଆ):** ଲୋକ କଳା ମାଧ୍ୟମରେ ଏବେ ଗାଁ ଗାଁ ରେ ସରକାରୀ ଯୋଜନାର ସଫଳ ରୂପାୟନ ର ବାର୍ତ୍ତା ବାଣ୍ଟୁଛନ୍ତି ବହୁ କଳାକାର । ସରକାରଙ୍କ ବହୁ ଜନ କଲ୍ୟାଣ ଯୋଜନା ସଂପର୍କରେ ଏହି କଳାକାରମାନେ ସଚେତନତା ସୃଷ୍ଟି କରି ଏହାର ସୁଫଳ ଯେପରି ସାଧାରଣ ଲୋକମାନେ ପାଇବେ ସେଥିପାଇଁ ପ୍ରଚେଷ୍ଟା କରୁଛନ୍ତି । ଭଞ୍ଜନଗର ଲୋକ କଳାକାର ସଂଘ ପକ୍ଷରୁ ମଧ ବ୍ଲକ ତଥା ଜିଲ୍ଲା ପ୍ରଶାସନ ସହାୟତା ରେ ବ୍ଲକର ୫୪ ଟି ଲୋକ କଳାକାର ସଂଘ ବ୍ଲକର ୧୩୭ଟି ରାଜସ୍ୱ ଗ୍ରାମରେ ସେମାନଙ୍କ କଳା ପ୍ରଦର୍ଶନ ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରିଥିବା ଦେଖିବାକୁ ମିଳିଛି । ରାଜ୍ୟ ସରକାର ଙ୍କ ମୋଟ ୧୫ ଟି ଲୋକାଭିମୁଖୀ ଯୋଜନା ଉପରେ ଏହି କଳାକାରମାନେ କଳା ପରିବେଷଣ କରିଥିଲେ । ଏଥିରେ ଭାରତଲୀଳା, ଦାସକାଠିଆ, ପ୍ରହଲ୍ଲାଦ ନାଟକ, ଘୁଡୁକି, ପଶୁମୁଖା ନୃତ୍ୟ, ସଂକୀର୍ତ୍ତନ ଦଳ ଓ ସୁତା କଣ୍ଢେଇ ନାଚ ଆଦି ପ୍ରଦର୍ଶିତ ହୋଇଥିଲା ।

ପ୍ରକାଶ ଥାଉକି ଏହି କାର୍ଯ୍ୟକ୍ରମ ପାଇଁ ପ୍ରତି କଳାକାର ଙ୍କୁ ପ୍ରଶାସନ ପକ୍ଷରୁ ଦୈନିକ ୮ ଶହ ଟଙ୍କା ପାରିଶ୍ରମିକ ଓ ୩ ଶହ ଟଙ୍କା ଗ୍ରସ୍ତ ଖର୍ଚ୍ଚ ଦେବା ବ୍ୟବସ୍ଥା ରହିଛି । ସରକାର ଙ୍କ ଏଭଳି ପ୍ରୟାସ ଦ୍ୱାରା ହଜି ଯାଉଥିବା ଲୋକ କଳା ର ପୁନରୁଦ୍ଧାର ହେବା ସହ ଏହାର କଳାକାର ମାନେ ସେମାନଙ୍କର ପାରଦର୍ଶିତା ପ୍ରତିପାଦିତ କରିବାର ସୁଯୋଗ ପାଇଥିଲେ । ଏଥିସହ ଏହି ଲୋକ କଳା ମାଧ୍ୟମରେ ଗାଁ ଗାଁ ରେ ସରକାରଙ୍କ ସଫଳ ଯୋଜନାର ପ୍ରଚାର ପ୍ରସାର ମଧ ହେବା ସହ ଲୋକଙ୍କ ପାଖରେ ଏହା ବେଶ ଆଦୃତ ଲାଭ କରିଥିବା ଦେଖିବାକୁ ମିଳିଥିଲା । ସରକାର ଙ୍କ ଏଭଳି କାର୍ଯ୍ୟକ୍ରମ ଆଗକୁ ମଧ ଜାରୀ ରହିବ ବୋଲି ଭଞ୍ଜନଗର ବ୍ଲକ କଳା ଓ ସାଂସ୍କୃତିକ ସଂଘ ର ଉପସଭାପତି ଜଗଦୀଶ ପାଣିଗ୍ରାହୀ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି ।



## ଗଣମାଧ୍ୟମକୁ ସହଯୋଗ ପାଇଁ କୃତଜ୍ଞତା ଜଣାଇଲା ବିଶ୍ୱ ହିନ୍ଦୁ ପରିଷଦ

**ବଲାଙ୍ଗୀର (ଅମୃତ ମିଡ଼ିଆ):** ଆଜି ତା:୨୪-୦୨-୨୦୨୪ ରିଖ ଶନିବାର ଦିନ ବଲାଙ୍ଗିର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ପ୍ରଚାର ପ୍ରସାର ବିଭାଗ ତରଫରୁ ସ୍ଥାନୀୟ ଅମଲା ଭବନ ଠାରେ ଏକ ସାମ୍ବାଦିକ ବନ୍ଧୁମିଳନ ଏବଂ ଧନ୍ୟବାଦ ଅର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଶ୍ରୀରାମ ଜନ୍ମଭୂମି ଆନ୍ଦୋଳନରୁ ଆରମ୍ଭ କରି ମନ୍ଦିର ପ୍ରାଣ ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଗଣ ମାଧ୍ୟମର ସକ୍ରିୟ ଭୂମିକାକୁ ଧନ୍ୟବାଦ ଜ୍ଞାପନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଇଲେକ୍ଟ୍ରୋନିକ୍ସ ଓ ପ୍ରିଣ୍ଟ ମିଡିଆ ର ସମସ୍ତ ସାମ୍ବାଦିକ ବନ୍ଧୁ ମାନଙ୍କ ସହିତ ବିଶ୍ୱହିନ୍ଦୁ ପରିଷଦର ପ୍ରାନ୍ତ ଧର୍ମାଚାର୍ଯ୍ୟ ସମ୍ପର୍କ ପ୍ରମୁଖ ଶ୍ରୀ ସୁଦର୍ଶନ ବାବା,ବିଶ୍ୱ ହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତ ସହ ପ୍ରଚାର ପ୍ରମୁଖ ଶ୍ରୀ ପବିତ୍ର କୁମାର ଦାଶ,ବଲାଙ୍ଗିର ଜିଲ୍ଲା ସଭାପତି ଶ୍ରୀ ଗୋବିନ୍ଦ ଚନ୍ଦ୍ର ମିଶ୍ର,ବଜରଙ୍ଗ ଦଳ ଓଡିଶା ପଶ୍ଚିମ ପ୍ରାନ୍ତ ସହ ସଂଯୋଜକ ଶ୍ରୀ ସୌମ୍ୟ ରଞ୍ଜନ ମିଶ୍ର,ଶିକ୍ଷା ବିକାଶ ସମିତି ଦକ୍ଷିଣ ପଶ୍ଚିମ ସମ୍ଭାଗ କୋଷାଧ୍ୟକ୍ଷ ଶ୍ରୀ ଦତ୍ତାନନ୍ଦ ପଣ୍ଡା ଉପସ୍ଥିତ ଥିଲେ।ବିଶ୍ୱହିନ୍ଦୁ ପରିଷଦ ବଲାଙ୍ଗିର ଜିଲ୍ଲା ପ୍ରଚାର ପ୍ରସାର ପ୍ରମୁଖ ଶ୍ରୀ ସୌମ୍ୟରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ପରିଚାଳନା କରିଥିଲେ।



## ରଘୁନାଥ ଉଚ୍ଚବିଦ୍ୟାଳୟ ଆନୁକୂଲ୍ୟରେ ପ୍ରକୃତି ଶିବିର

**ବାରିପଦା (ଅମୃତ ମିଡ଼ିଆ):**ବୈଶିଙ୍ଗା ଥାନା ଅଧୀନ ଅନ୍ତର୍ଗତ ଅଁଳା ଗ୍ରାମ ପଂଚାୟତ ର ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ ର ଇକୋ କ୍ଲବ୍ ଛାତ୍ର ଛାତ୍ରୀ ମାନଙ୍କୁ ନେଇ ଏକ "ପ୍ରକୃତି ଶିବିର" ଅନୁଷ୍ଠିତ ହୋଇ ଯାଇଅଛି। ବାଉଁଶ ନଦୀ ତଟଦେଶ ନିକଟ ଜହତା ଠାରେ ବିଦ୍ୟାଳୟ ର ୧୮୦ ଜଣ ଛାତ୍ର ଛାତ୍ରୀ, ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ର ସଂସଦ ସଦସ୍ୟ ଗଣ ଏହି ଏକ ଦିବସୀୟ ଶିବିରରେ ଅଂଶ ଗ୍ରହଣ କରିଥିଲେ। ପୂର୍ବାହ୍ନ ୮ ଟା ରେଏହି ଶିବିର କୁ ଉଦଘାଟନ କରିଥିଲେ ପରିଚାଳନା କମିଟିର ସଭାପତି ତଥା ପରିବେଶବିତ୍ ପ୍ରତାପ ଚନ୍ଦ୍ର ମିଶ୍ର। ଛାତ୍ର ଛାତ୍ରୀ ମାନେ ନଦୀ ତଟ ଦେଶକୁ ସଫେଇ କରି ଅଦରକାରୀ ପଲିଥିନ ଓ ପ୍ଲାଷ୍ଟିକ ସଂଗ୍ରହ କରି ଥିଲେ। ଏହା ପରେ ବର୍ଜ୍ୟ ବସ୍ତୁକୁ ପୁନଃ ବ୍ୟବହାର କରି ସୁନ୍ଦର ସୁନ୍ଦର ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ଥିଲେ। ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ପ୍ଲାଷ୍ଟିକ ମୁକ୍ତ ପରିବେଶ ଓ ଜଳ, ଜମି, ଜଙ୍ଗଲ ସୁରକ୍ଷା ଉପରେ ଆଧାରିତ ଦୁଇଗୋଟି କ୍ଷୁଦ୍ର ନାଟକ ପ୍ରଦର୍ଶନ କରାଯାଇଥିଲା। ପ୍ରକୃତି ସୁରକ୍ଷା ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଏକ ସଚେତନତା ରାଲି ରେ ସାମିଲ୍ ହୋଇ ଥିଲେ ସମସ୍ତ ଶିବିରାର୍ଥି। "ଆମ ପରିବେଶ ସୁରକ୍ଷା ପାଇଁ ଆମେ" ବିଷୟ ବସ୍ତୁ ଆଧାରିତ ଚିତ୍ରାଙ୍କନ ଓ ସ୍ଲୋଗାନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଥିଲେ ସମସ୍ତ ଛାତ୍ର ଛାତ୍ରୀ। ବିଶିଷ୍ଟ ଉଦ୍ଭିଦ ବିଜ୍ଞାନୀ ହେମନ୍ତ କୁମାର ସାମଲ, ପରିବେଶବିତ୍ ରବୀନ୍ଦ୍ର ମହାନ୍ତ ଯୋଗ ଦେଇ ଶିବିରାର୍ଥୀ ମାନଙ୍କୁ ମାର୍ଗ ଦର୍ଶନ ଦେଇ ଥିଲେ। ଭାରତ ସରକାର ଙ୍କ ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ମନ୍ତ୍ରଣାଳୟ ର ପରିବେଶ ଶିକ୍ଷା କାର୍ଯକ୍ରମ ଓ ସେଂଟର୍ ଫର୍ ଏନଭିରନ ମେଂଟାଲ୍ ଷ୍ଟଡିଜ୍ ଓ ପରିବେଶ, ଜଙ୍ଗଲ ଓ ପାଣିପାଗ ପରିବର୍ତ୍ତନ ମନ୍ତ୍ରଣାଳୟ ଓଡ଼ିଶା ସରକାର ଙ୍କ ମିଳିତ ସହଯୋଗ ରେ ଏହି ପ୍ରକୃତି ଶିବିର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନା ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଶିବିରରେ ପୂର୍ବତନ ପ୍ରଧାନ ଶିକ୍ଷକ ଅତୁଲ କୁମାର ମିଶ୍ର , ପ୍ରଫୁଲ୍ଲ କୁମାର ମିଶ୍ର, ସତ୍ୟନାଥ ମହାନ୍ତ, ହରେକୃଷ୍ଣ ମହାନ୍ତ, ଶୁଭାଶିଷ ପଣ୍ଡା, ବଂଶୀଧର ଗିରି ଓ ଉପେନ୍ଦ୍ର ନାଥ ମହାନ୍ତ ପ୍ରମୁଖ ଯୋଗ ଦେଇ ଶିବିରାର୍ଥୀ ମାନଙ୍କୁ ଉତ୍ସାହିତ କରିଥଲେ। ବିଭିନ୍ନ ପ୍ରତିଯୋଗିତା ରେ କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଶିକ୍ଷକ ନିରଞ୍ଜନ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ।



## ସ୍ୱାଧୀନତା ସଂଗ୍ରାମୀ ଭାଗିରଥୀ ରାୟଙ୍କ ପ୍ରତିମୂର୍ତ୍ତି ଅନାବରଣ

**ଦଶରଥପୁର (ଅମୃତ ମିଡ଼ିଆ):** ଆଜି ଦଶରଥପୁର ବ୍ଲକ ଜାଫରପୁର ପଞ୍ଚାୟତ ଚାଉଳିଆ ଗ୍ରାମର ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭାଗିରଥୀ ରାୟଙ୍କ ସ୍ମୃତିକୁ ଉଜ୍ଜିବିତ କରିବା ପାଇଁ ଏକ ପ୍ରତିକୃତି ଅନବରଣ କରାଯାଇଥିଲା, ଏଥିନେଇ ଦଶରଥପୁର ବ୍ଲକ କଂଗ୍ରେସ ଏବଂ ସ୍ୱର୍ଗତ ରାୟଙ୍କ ପରିବାର ପକ୍ଷରୁ ଏକ ସାଧାରଣ ସଭା ଆୟୋଜନ କରାଯାଇଥିଲା। ବ୍ଲକ ସଭାପତି ଶ୍ୟାମ ସୁନ୍ଦର କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଜଟଣୀ ବିଧାୟକ ସୁରେଶ କୁମାର ରାଉତ ରାୟ, ବିଶିଷ୍ଟ ଅତିଥି ଭାବେ ପିସିସି ପ୍ରଚାର କମିଟି ଅଧକ୍ଷ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ବିଜୟ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ସାଂସଦ ତଥା ଆଇଏନଟିୟୁସି ର ରାଜ୍ୟ ସଭାପତି ଡ଼ ରାମ ଚନ୍ଦ୍ର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ନାଥ ଶର୍ମା, ଅନ୍ୟତମ ଅତିଥି ଭାବେ ଜିଲ୍ଲା କଂଗ୍ରେସ ସଭାପତି ମନୋଜ ରାଉତ, ଯାଜପୁର ନିର୍ବାଚନ ମଣ୍ଡଳୀ ନେତା ସନ୍ତୋଷ ନନ୍ଦ, ବିଂଝାରପୁର ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷା କନକଲତା ମଲିକ, ପିସିସି ସଭ୍ୟା ଦେବେନ୍ଦ୍ର ପଣ୍ଡା, ଜିଲ୍ଲା ଉପସଭାପତି ଭରତ ଚନ୍ଦ୍ର ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ, ଅତିଥି ମାନଙ୍କୁ ଦଶରଥପୁର ବ୍ଲକ ଝୁମ୍ପୁରୀ ଠାରେ ଯୁବନେତା ଇନ୍ଦ୍ରଜିତ ଦାସଙ୍କ ନେତୃତ୍ୱରେ ସମ୍ବର୍ଦ୍ଧନା ଦିଆଯାଇଥିବାବେଳେ ମଙ୍ଗଳପୁର ବଜାର ଠାରେ ଯୁବନେତା ଭରତ ଚନ୍ଦ୍ର ପରିଡା, ଚନ୍ଦ୍ର ଶେଖର ସାହୁ, ବିଶ୍ୱଜିତ ରାୟ, ଉମେଶ ଜେନା, ଅଜିତ ମହାନ୍ତି, ବୃନ୍ଦାବନ ଜେନା, ଅମ୍ବିକା ରାଉତ, ଘନଶ୍ୟାମ ସାହୁ, ଶେଖର ସମ୍ପିତ ଧଳ, ସବ୍ୟସାଚୀ ଦାସ, ଅନନ୍ତ ଜେନା, ଚନ୍ଦ୍ର ନାରାୟଣ ଦାସ, ବିଚିତ୍ର ମଲିକ, ମଦନ ମଲିକ, ସୌମ୍ୟ ରଞ୍ଜନ ବେହେରାଙ୍କ ନେତୃତ୍ୱରେ ଏକ ବିଶାଳ ଶୋଭାଯାତ୍ରାରେ ସଭା ସଭାସ୍ଥଳ କୁ ନିଆଯାଇଥିଲା।ପ୍ରଥମେ ଅତିଥିମାନଙ୍କ ଦ୍ୱାରା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭାଗିରଥୀ ରାୟଙ୍କ ପ୍ରତିମୃତ୍ତିକୁ ଅନବରଣ କରାଯିବା ସହିତ ଜାତୀୟ ପତାକା ଉତ୍ତୋଳନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା ।



## ରାସନକାର୍ଡ ହିତାଧିକାରୀଙ୍କୁ ମିଳିଲା ହଜାରେଟଙ୍କା

**କଳାହାଣ୍ଡି (ଅମୃତ ମିଡ଼ିଆ):** କିଛିଦିନ ତଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି କରିଥିବା ବେଳେ ରାସନକାର୍ଡ ହିତାଧିକାରୀ ପାଇଁ ୧ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଘୋଷଣା କରିଛନ୍ତି ।ଗୋଲାମୁଣ୍ଡା ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତରେ ଏହି ପ୍ରତ୍ଯେକ ଅର୍ଥକୁ ରାସନକାର୍ଡଧାରୀଙ୍କୁ ବଣ୍ଟନ ପ୍ରକ୍ରିୟା ଆରମ୍ଭ ହୋଇଛି । ଚିଚିଆ ପଞ୍ଚାୟତ କାର୍ଯ୍ୟାଳୟ ଠାରେ ଶନିବାର ଦିନ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରାଯାଇଛି । ଚିଚିଆ ସରପଞ୍ଚ ମଦନ ପଟେଲ ଙ୍କ ଉପସ୍ଥିତିରେ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ପଣ୍ଡା ଓ ଯୋଗାଣ ସହାୟକ ମନୋରଞ୍ଜନ ପଟେଲ ହିତାଧାରୀଙ୍କୁ ୧ ହଜାର ଟଙ୍କା ଲେଖାଏଁ ବଣ୍ଟନ କରିଛନ୍ତି । ଚିଚିଆ ପଞ୍ଚାୟତରେ ମୋଟ ୧୩୩୫ ଜଣ ରାସନକାର୍ଡ ହିତାଧିକାରୀ ରହିଛନ୍ତି । ତେବେ ଟଙ୍କା ନେବାକୁ ପଞ୍ଚାୟତ କାର୍ଯ୍ୟାଳୟଠାରେ ହିତାଧିକାରୀଙ୍କ ପ୍ରବଳ ଭିଡ଼ ଜମି ରହିଥିଲା । ଅନ୍ୟପଟେ ସରକାରଙ୍କ ଏଭଳି ଉଦ୍ୟମକୁ ହିତାଧିକାରୀମାନେ ପ୍ରଶଂସା କରୁଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି



## ୨କେଜି ୧ଶହ ଗ୍ରାମ ଗଞ୍ଜେଇ ଜବତ, ଅଭିଯୁକ୍ତ ଗିରଫ



**ଚାନ୍ଦବାଲି (ଅମୃତ ମିଡ଼ିଆ):** ଜିଲ୍ଲା ଅବକାରୀ ନିରିକ୍ଷକ ନିର୍ଦ୍ଦେଶରେ ଚାନ୍ଦବାଲି ଅବକାରୀ ବିଭାଗର ଓଆସି ସନ୍ଦିପ କୁମାର ପାଢ଼ୀ ସହ ଅବକାରୀ ବିଭାଗ ଟିମ ଖବର ପାଇ ଛାପା ମାରିଥିଲେ । ଚାନ୍ଦବାଲି ଥାନା ଅଧିନ ବାଲିଗାଁ ଭାଟପଡା ପଂଚାୟତ ଉଗ୍ରତରା ଗାଁରେ ମୋଟ ୨କେଜି ଏକ ଶହ ଗ୍ରାମର ଗଞ୍ଜେଇ ଜବଦ ସହ ଅଭିଯୁକ୍ତ ଶତ୍ରୁଘ୍ନ ମଲ୍ଲିକଙ୍କୁ ଗିରଫ କରାଯାଇଛି । ଏଥିନେଇ ଚାନ୍ଦବାଲି ଅବକାରୀ ବିଭାଗ ପକ୍ଷରୁ କେଶ ନମ୍ବର ୧୪୫/୨୩/୨୪ ମୁଳେ ଅଭିଯୁକ୍ତଙ୍କୁ ଗିରିଫ କରି କୋଟ ଚାଲାଣ କରାଯାଇଛି ।

## ପେଟ୍ରୋଲ ପକାଇ ଘର ଜାଳିଥିବା ଅଭିଯୋଗରେ ବନ୍ଧାହେଲେ ୭ ଅଭିଯୁକ୍ତ



**ମାର୍ଶାଘାଇ (ଅମୃତ ମିଡ଼ିଆ):** ମାର୍ଶାଘାଇ ଥାନା ବେରୁହା ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଶୁକଦେବ ଶରଣ ସିଂ ଙ୍କ ଘରକୁ ପେଟ୍ରୋଲ ଢାଳି ସପରିବାରକୁ ଜୀବନରେ ମାରିଦେବା ଉଦସ୍ୟରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପଡୋଶୀ ଅଭିଯୁକ୍ତ ମାନେ ନିଆଁ ଲଗାଇ ଦେଇଥିବା ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଥିଲା । ଏହି ଅଗ୍ନି କାଣ୍ଡ ରେ ଶରଣ ସିଂ ଙ୍କ ଘର ସମ୍ପୂର୍ଣ ପୋଡି ପାଉଁଶ ହୋଇ ଯାଇଛି । ଖବର ପାଇ ଅଗ୍ନିଶମ ବିଭାଗ ପହଂଚି ନିଆଁ କୁ ଆୟତ୍ତ କରିଥିଲେ । ଅଭିଯୋଗ କୁ ଭିତ୍ତି କରି ପୋଲିସ ତଦନ୍ତ ଆରମ୍ଭ କରି ସେଇ ଗ୍ରାମର ଅଭିଯୁକ୍ତ ବାବାଜୀ ମଳିକ, ରତ୍ନାକର ମଳିକ, ସମୀର ମଳିକ, ଶ୍ରୀତମ ମଳିକ, ଶ୍ରୀକାନ୍ତ ମଳିକ, ଆରତୀ ମଳିକ, ସୁଶାନ୍ତି ମଳିକ ଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି । ଏ ନେଇ ମାର୍ଶାଘାଇ ଥାନା କେଶ ନଂ ୪୭/୨୪ ରେ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଥିବା ତଦନ୍ତ କାରୀ ଅଧିକାରୀ ଏଏସଆଇ ରାମ ଚନ୍ଦ୍ର ଦାସ ଙ୍କ ଠାରୁ ପ୍ରକାଶ।

## ବିଦ୍ୟାଧରପୁର ପ୍ରକଳ୍ପ ଉଚ୍ଚବିଦ୍ୟାଳୟକୁ ମିଳିଛି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

**ବଡ଼ଚଣା (ଅମୃତ ମିଡ଼ିଆ):** ଯାଜପୁର ଜିଲ୍ଲା ବଡ଼ଚଣା ଶିକ୍ଷା ମଣ୍ଡଳ ଅଧୀନ ବିଦ୍ୟାଧର ପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁ ମିଳିଛି ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର। ଜିଲ୍ଲା ଟାଉନ ସ୍ଥିତ ଚଇନି ପୁର ହାଇ ସ୍କୁଲରେ ଆୟୋଜିତ ଜିଲ୍ଲାସ୍ତରୀୟ ମୁଖ୍ୟ ମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ଉତ୍ସବରରେ ଜିଲ୍ଲାପାଳ ଏହି ପୁରସ୍କାର ପ୍ରଧାନ ଶିକ୍ଷୟତ୍ରୀ ପ୍ରଭାତିନି ପରିଡ଼ାଙ୍କୁ ପ୍ରଦାନ କରି ଥିଲେ। ବିଦ୍ୟାଧର ପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ୧୯୪୮ ମସିହାରେ ପ୍ରତିଷ୍ଠା ହୋଇ ଥିବା ବେଳେ,ପ୍ରଥମେ ପ୍ରାଥମିକ ଓ ପରବର୍ତ୍ତୀ ସମୟରେ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପରିଣତ ହୋଇଛି। ଛତିଆ ଇଚ୍ଛା ନଗର ପାଟଣା କ୍ଲଷ୍ଟର ଅଧୀନ ଏହି ବିଦ୍ୟାଳୟ ଆଜିକୁ ଦୀର୍ଘ ୧୫ ବର୍ଷ ରୁ ଉର୍ଦ୍ଧ ସମୟ ଧରି ବ୍ଲକ ତଥା ଜିଲ୍ଲା ସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଓ ମେଧା ବୃତ୍ତି ପରୀକ୍ଷା ରେ ସଫଳତାର ସହିତ କୃତିତ୍ୱ ହାସଲ କରି ଏହି ବିଦ୍ୟାଳୟ କୁ ଗର୍ବିତ କରିଛି। ଅଦ୍ୟାବଧି ବିଦ୍ୟାଳୟରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢା ଯାଉ ଥିବା ବେଳେ,ତୃତୀୟ ଶ୍ରେଣୀ ମେଧା ବୃତ୍ତି , ପଞ୍ଚମ ଶ୍ରେଣୀ ମେଧାବୃତ୍ତି, ପଠାଣି ସାମନ୍ତ ଗଣିତ ମେଧା ବୃତ୍ତି, ଏନ୍ ଆର୍ ଟି ଏସ୍, ଏନ୍ ଏମ ଏମ ଏସ ମେଧା ବୃତ୍ତି ପରୀକ୍ଷାରେ ୫୮ଜଣ ରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ କୃତିତ୍ୱ ହାସଲ କରି ବ୍ଲକ ତଥା ସମଗ୍ର ଜିଲ୍ଲାରେ ଏହି ବିଦ୍ୟାଳୟ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛି। ତେବେ ବିଦ୍ୟାଳୟ ର ଏହି ସଫଳତା ପାଇଁ ଛାତ୍ର ଛାତ୍ରୀ ଓ ଅଭିଭାବକ, ପରିଚାଳନା କମିଟି ଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନଙ୍କୁ କୃତଜ୍ଞତା ଜଣାଇ ଛନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ୨୭୪ ଜଣ ଛାତ୍ର ଛାତ୍ରୀ ପାଠ ପଢୁଥିବା ବେଳେ, ୮ଜଣ ଶିକ୍ଷୟତ୍ରୀ, ଜଣେ ଖେଳ ଓ ଜଣେ କଳା ବିଭାଗରେ ବିଦ୍ୟାଦାନ କରୁ ଛନ୍ତି।




## ବିଜ୍ଞାପିତ ଅଞ୍ଚଳ ଘୋଷଣାକୁ ସ୍ୱାଗତ

**ବେତନଟୀ (ଅମୃତ ମିଡ଼ିଆ):** ରାଜ୍ୟ ସରକାର ୨୪ ତାରିଖରେ ରାଜ୍ୟରେ ୩୪ଗୋଟି ବିଜ୍ଞାପିତ ଅଞ୍ଚଳ ଓ ୫ ଗୋଟି ବିଜ୍ଞାପିତ ଅଞ୍ଚଳକୁ ଉନ୍ନତି କରି ପୌରାଞ୍ଚଳ ଘୋଷଣା କରିଛନ୍ତି। ତନ୍ମଧ୍ୟରେ ମୟୂରଭଞ୍ଜର ବେତନଟୀ ବିଜ୍ଞାପିତ ଅଞ୍ଚଳ ଏବଂ କରଞ୍ଜିଆକୁ ପୌରପରିଷଦ ଘୋଷଣା ପ୍ରକାଶନକୁ ବହୁଭାବରେ ସ୍ୱାଗତ କରାଯାଇଛି ।ଏହାବହୁ ପ୍ରତିକ୍ଷିତ ଦାବୀ ଏବଂ ଏହାଦ୍ୱାରା ଜନସାଧାରଣଙ୍କ ଅନେକ ଦିନର ଆଶା ପୂରଣସହ ରାସ୍ତାଘାଟ, ଗମନାଗମନ ଠାରୁ ଜନସାଧାରଣଙ୍କ ଦୈନନ୍ଦିନ ଅନେକ ଅଭାବ, ଅସୁବିଧା ପୁରଣରେ ଏହା ସହାୟକ ହେବ ବୋଲି ଆଶା ପୋଷଣ କରାଯାଉଛି। ଉକ୍ତ ଘୋଷଣାକୁ ବେତନଟୀର ବିକାଶ ମଞ୍ଚ,ସିଭିଲ ସୋସାଇଟି, ଅବସରପ୍ରାପ୍ତ କର୍ମଚାରୀ ସଂଘ, ମୟୂର ସାହିତ୍ୟ ସଂସଦ,କବିସଂଗମ , ବେତନଟୀ ପ୍ରେସକ୍ଲବ୍, ବ୍ଲକ୍ ସାମ୍ବାଦିକ ସଂଘ, ବୁଡାମରା ଚାକୁଳିଆ ରେଳ ଫୋରମ ଭଳି ଅନେକ ଅନୁଷ୍ଠାନ ସ୍ୱାଗତ କରିବାସହ ରାଜ୍ୟସରକାରଙ୍କୁ ଧନ୍ୟବାଦ ଜ୍ଞାପନ ଜଣାଇଛନ୍ତି ।

## ଏମସିଏଏମ୍ କଲେଜରେ ଆଲୋଚନାଚକ୍ର

**ବାରିପଦା (ଅମୃତ ମିଡ଼ିଆ):** ମହାରାଜପୁର ସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟରେ ଆନ୍ତରିଣ ଗୁଣାତ୍ମକ ପ୍ରତ୍ୟାୟନ ପରିଷଦର ଅନୁଷ୍ଠାନ ସ୍ତରୀୟ ଆଲୋଚନା ଚକ୍ର ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ର ଅଧକ୍ଷା ଡ଼. ପୁଷ୍ପା ପାତ୍ର ଉପସ୍ଥିତ ରହି ଉଚ୍ଚଶିକ୍ଷା ଅନୁଷ୍ଠାନ ର ଗୁଣାତ୍ମକ ମାନ ନିର୍ଣ୍ଣୟ ରେ ଆଇକ୍ୟୁଏସି ର ଭୂମିକା ଶୀର୍ଷକ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ନାକ ମୂଲ୍ୟାୟନ ର ୭ ଗୋଟି ନିର୍ଦ୍ଧାରଣ ମାନକ ଉପରେ ବିଶେଷ ଆଲୋଚନା କାଳରେ ମହାବିଦ୍ୟାଳୟ ର ସମସ୍ତ ମାନକ ଅଧିକାରୀ ତଥା ଅଧାପକ ଏବଂ ଅଧାପିକା ବିଭିନ୍ନ ପ୍ରଶ୍ନମାନ ଉପସ୍ଥାପନ କରି ମୂଲ୍ୟାୟନ ପ୍ରକ୍ରିୟା ସମ୍ପର୍କରେ ବିଶେଷ ଜ୍ଞାନ ଆହରଣ କରିଥିଲେ । ପ୍ରାରମ୍ଭ ରେ ମହାବିଦ୍ୟାଳୟ ର ଆଇକ୍ୟୁଏସି ସଂଯୋଜିକା ସବିତା ରାଣୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ସମ୍ଭାଷଣ କରିଥିବା ବେଳେ ମହାବିଦ୍ୟାଳୟ ର ନାକ ଅଧିକାରୀ ଡ଼. ଜିତେନ୍ଦ୍ର କୁମାର ଦାସ ପୂର୍ବରୁ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଉପସ୍ଥାପିତ ସଂଶୟ ମୂଳକ ପ୍ରଶ୍ନ ଗୁଡିକ ଉପସ୍ଥାପିତ କରି ଏ ସମ୍ପର୍କରେ ଆଲୋଚନା କରିଥିଲେ । ସଦସ୍ୟ ମାନଙ୍କ ମଧ୍ୟ ରେ ସ୍ନାତକ ଓ ସ୍ନାତକୋତ୍ତର ଶ୍ରେଣୀ ର ଛାତ୍ର ଛାତ୍ରୀ ସାହିଲ କୁମାର ଲେଙ୍କା, ପ୍ରତ୍ୟୁଷ କୁମାର ଲେଙ୍କା, ଅଭିଷେକ ଘଡ଼େଇ, ଲିଙ୍ଗରାଜ ଦେହୁରି,ରିତେଶ ପ୍ରଧାନ,ଭବାନୀ ଶଙ୍କର ମହାନ୍ତ,ଇପ୍ସିତା ବେହେରା, ନର୍ମଦା ଜେନା, ଆଦି ଛାତ୍ର ଛାତ୍ରୀ ଙ୍କର ଭୂମିକା ସମ୍ପର୍କରେ ବିଶେଷଜ୍ଞ ଙ୍କ ଠାରୁ ପ୍ରତ୍ୟକ୍ଷ ଆଲୋଚନା ମାଧ୍ୟମରେ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିଥିଲେ । ଶେଷରେ ଅଧାପିକା ରୁପାମଞ୍ଜରି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।





## ୨୦୨୪ ବାର୍ଷିକ ଉତ୍ସବ 'ମୟୂରୀ' ଅନୁଷ୍ଠିତ

**ବାରିପଦା (ଅମୃତ ମିଡ଼ିଆ):** କୁଳିଅଣା ବ୍ଲକ ଅନ୍ତର୍ଗତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କେଉଟୁଣୀମାରୀ ପରିସରରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ବିଷ୍ଣୁପ୍ରିୟା ପାତ୍ରଙ୍କ ସଭାପତିତ୍ୱରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ସରପଞ୍ଚ ରମେଶ ଚନ୍ଦ୍ର ହାଁସଦା, ମୁଖବକ୍ତା ଭାବେ ଜିଲ୍ଲା ଶିକ୍ଷକ ସଙ୍ଘ ସଭାପତି ହରେକୃଷ୍ଣ ବାରିକ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପିତାମ୍ବର ବାରିକ, ସି ଆର ସି ସି ଶ୍ୟାମଳ ମହାନ୍ତି ଶିକ୍ଷୟତ୍ରୀ ଅନିତା ଶିଖର । ଶିକ୍ଷକ ଲିଙ୍ଗରାଜ ଭୂୟାଁ ପ୍ରମୁଖ ଯୋଗଦେଇ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ରୀ ଭାବେ ୭ମ ଶ୍ରେଣୀର ଖୁରୀ ମାର୍ଣ୍ଡି ପୁରସ୍କୃତ ହୋଇଥିଲେ ଓ ଶିକ୍ଷୟତ୍ରୀ ମୌସୁମୀ ସାହୁ । ସାଗରୀକା ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିବା ବେଳେ ରାଜେଶ କୁମାର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୁନିକୁନି ପିଲାମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



## ବିକଶିତ ଭାରତ ନିର୍ମାଣରେ ଆମ ଅଞ୍ଚଳର ଭୂମିକା ଓ ଯୋଗଦାନ

**ବାଲୁଗାଁ (ଅମୃତ ମିଡ଼ିଆ):** ଶନିବାର ଅପରାହ୍ନରେ ବାଲୁଗାଁ ଉମାମହେଶ୍ୱର ବଣିକ ସଙ୍ଘ ଅଡିଟୋରୀୟମ ହଲ ଠାରେ ଚିଲିକା ବିକାଶ ଓ ଉର୍ଣ୍ଣୟନ ପରିଷଦ ପକ୍ଷରୁ ଏକ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ଉକ୍ତ ସମ୍ମିଳନୀରେ 'ବିକଶିତ ଭାରତ ନିର୍ମାଣରେ ଆମ ଅଞ୍ଚଳର ଭୂମିକା ଓ ଯୋଗଦାନ' ଶୀର୍ଷକ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା ।ଚିଲିକା ବିକାଶ ଓ ଉର୍ଣ୍ଣୟନ ପରିଷଦ ଅଧକ୍ଷ ଡ଼ାଃ ସୁରେନ୍ଦ୍ରନାଥ ଦାସଙ୍କ ଅଧ୍ୟକ୍ଷତାରେ ଉକ୍ତ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ବରପୁତ୍ର ତଥା ଛତିଶଗଡ଼ର ମହାମହିମ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ଯୋଗଦେଇ ଦେଶର ବିକାଶ କରିବାକୁ ହେଲେ ତୃଣମୂଳ ସ୍ତରରେ ବିକାଶ ଦିଗରେ ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ।ସ୍ୱତଃପ୍ରବୃତ ଭାବେ ବିନା ସ୍ୱାର୍ଥରେ ଅଞ୍ଚଳର ବିକାଶ ଦିଗରେ କାର୍ଯ୍ୟ ଜାରୀ ରଖିବା ସହ ଜନମାନସରେ ବିକାଶ ଧାରାକୁ ବଜାୟ ରଖିବା ପାଇଁ ସମସ୍ତଙ୍କ ଯୋଗଦାନ ନିହାତି ଜରୁରୀ ବୋଲି କହିଛନ୍ତି ।ଉକ୍ତ ଆଲୋଚନା ଚକ୍ରକୁ ସମ୍ପାଦକ ରଞ୍ଜିତ ବଡ଼ଜେନା ପରିଚାଳନା କରିଥିଲେ ।ଏହି ସମ୍ମିଳନୀରେ ସଂମାନିତ ଅତିଥି ଭାବେ ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର,ବରିଷ୍ଠ ବିଜେପି ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରମୁଖ ଯୋଗ ଦେଇ ବିକଶିତ ଭାରତ ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପ ପରିକର ବଦ୍ଧ ବୋଲି ବକ୍ତବ୍ୟ ରଖିଥିଲେ ।ଉକ୍ତ ସମ୍ମିଳନୀରେ ଚିଲିକା ନିର୍ବାଚନୀ ମଣ୍ଡଳୀ ଅନ୍ତର୍ଗତ ବହୁ ବୁଦ୍ଧିଜୀବୀ ଯୋଗ ଦେଇଥିଲେ।



# ବିଲ ମଝିକୁ ଓଲଟିଲା ହାଇୱା
# ରାତାରାତି ଗାଡ଼ିରୁ ନମ୍ବର ପ୍ଲେଟ୍ ଗାଏବ



**ପୁରୁଷୋତ୍ତମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଆସିକା-ହୁମ୍ମା ରାସ୍ତାର ପ୍ରତାପୁର ଛକ ନିକଟରେ ଏକ ବାଲି ବୋଝେଇ ହାଇୱା ଶୁକ୍ରବାର ରାତିରେ ରାସ୍ତାପାର୍ଶ୍ୱ ଏକ ବିଲ ମଝିକୁ ଓଲଟି ପଡ଼ିଛି।

ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଅନୁମାନ କରାଯାଉଛି। ତେବେ ଏ ନେଇ କୌଣସି ସ୍ପଷ୍ଟ ତଥ୍ୟ ମିଳି ପାରିନାହିଁ। ଖବରପାଇ ଆଇଆଇସି ବିପିନ ବିହାରୀ ହୋତା ଘଟଣାସ୍ଥଳକୁ ଯାଇ ତଦନ୍ତ ଚଲାଇଛନ୍ତି। ଏପରିକି ଗାଡ଼ିର ଆଗପଛ ଉଭୟ ନମ୍ବର ପ୍ଲେଟକୁ ହଟାଇ ଦିଆଯାଇଛ। ଏହାକୁ ନେଇ ସନ୍ଦେହ ବଢ଼ୁଛି। ରିତିମତ ଋଷିକୁଲ୍ୟା ନଦୀଘାଟରୁ ବେଆଇନ ଭାବେ ହିଟାଚି ଓ ଜେସିବି ମେଶିନ ମାଧ୍ୟମରେ ବାଲିମାଫିଆ ମାନେ ବାଲି ନେଇ ଜିଲାର ବିଭିନ୍ନ ସ୍ଥାନ ସମେତ ପଡୋଶୀ ଆନ୍ଧ୍ରପଦେଶକୁ ଟ୍ରକ ଟ୍ରକ ବାଲି ଚେରା ଚାଲାଣ କରୁଛନ୍ତି। ମାତ୍ର ଏଥିପ୍ରତି ରାଜସ୍ୱ ବିଭାଗ (ତହସିଲ) ପକ୍ଷରୁ ଗୁରୁତ୍ୱ ଦିଆଯାଉ ନାହିଁ। ଏଭଳି ପରିସ୍ଥିତିରେ ବାଲି ଚୋରାଚାଲାଣ ବେଳେ ହାଇୱା ଗାଡିଟି ଦୁର୍ଘଟଣା ଘଟିଛି। ଏହାକୁ ଘୋଡାଇବା ସହ ପୋଲିସ ଓ ପ୍ରଶାସନ ଆଖିରେ ଧୂଳିଦେଇ ରାତାରାତି ଗାଡିରୁ ନମ୍ବର ପ୍ଲେଟ ହଟାଯାଇଛି।

# ୪୨ ନୂତନ ହିତାଧିକାରୀଙ୍କୁ ମଧୁବାବୁ ପେନ୍‌ସନ ବଣ୍ଟନ

**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ ବାଙ୍ଗର ପଞ୍ଚାୟତ ଠାରେ ରାଜ୍ୟ ସରକାରଙ୍କ ଭିନ୍ନ କ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ବାଙ୍ଗର ପଞ୍ଚାୟତରେ ୪୨ଜଣ ହିତାଧିକାରୀଙ୍କୁ ସରପଞ୍ଚ ଅଙ୍କିତା ପଡିଆରୀ, ଜିଆରଏସ ଅଜୟ ଦାସ ଭତ୍ତା ପ୍ରଦାନ କରିଛନ୍ତି। ଏହା ଦ୍ୱାରା ପଞ୍ଚାୟତର ଯୋଗ୍ୟ ହିତାଧିକାରୀ ମାନେ ରାଜ୍ୟ ସରକାରଙ୍କୁ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରିବା ସହିତ କୃତଜ୍ଞତା ଜଣାଇଛନ୍ତି।



# ଲୋକାର୍ପଣ ଦିନଠାରୁ ତାଲା ଝୁଲୁଛି

**ଆନନ୍ଦପୁର (ଅମୃତ ମିଡିଆ):** କେନ୍ଦୁଝର ଜିଲା ଆନନ୍ଦପୁର ଫକୀର ମୋହନ ମାର୍କେଟଠାରେ ନିର୍ମାଣ ହୋଇଥିବା ଆମ ବସ୍‌ଷ୍ଟାଣ୍ଡ ଲୋକାର୍ପଣ ଦିନଠାରୁ ବନ୍ଦ ପଡ଼ିଛି। ଲୋକଙ୍କ ସୁବିଧା ପାଇଁ ନିର୍ମିତ ବସ୍‌ଷ୍ଟାଣ୍ଡକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମୋଡ଼ରେ ଉଦ୍‌ଘାଟନ କରିଥିଲେ। ମାତ୍ର ଉଦ୍‌ଘାଟନର କେଇ ଘଣ୍ଟା ପରେ ମୁଖ୍ୟ ଫାଟକରେ ତାଲା ପଡ଼ିଥିବା ଦେଖିବାକୁ ମିଳିଥିଲା।



ସୂଚନାଯୋଗ୍ୟ, ଓଡ଼ିଶା ସରକାରଙ୍କ ରାଜ୍ୟ ସଡ଼କ ପରିବହନ ନିଗମ ଆନୁକୂଲ୍ୟରେ ୧୫ ତାରିଖ ଗୁରୁବାର ଦିନ ୧୩ ଗୋଟି ଜିଲାରେ ୨୦ ଟି ନୂତନ ଆମ ବସ୍‌ଷ୍ଟାଣ୍ଡ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ କରାଯାଇଥିଲା। ଏଥିରେ ଆନନ୍ଦପୁର ଫକୀର ମୋହନ ମାର୍କେଟଠାରେ ୪ କୋଟି ୭ ଲକ୍ଷ ୧୯ ହଜାର ୯ ସହ ୫୩ ଟଙ୍କା ବ୍ୟୟରେ ନିର୍ମିତ ନୂତନ ଆମ ବସ୍ ?ଷ୍ଟାଣ୍ଡ ସାମିଲ ଥିଲା। ମାତ୍ର ବସ୍‌ଷ୍ଟାଣ୍ଡରେ ଆଜି ପର୍ଯ୍ୟନ୍ତ ତାଲା ଝୁଲୁଥିବାରୁ ଲୋକଙ୍କ ସେବାରେ ଲାଗିପାରିନି। ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ କେନ୍ଦୁଝର ଆରଟିଓ ଗୋପାଳକୃଷ୍ଣ ଦାସଙ୍କୁ ପଚରାଯାଇଥିବା ବେଳେ ସେ ଜିଲା ଟ୍ରାନ୍ସପୋର୍ଟ ମ୍ୟାନେଜରଙ୍କ ସହ ଯୋଗାଯୋଗ କରିବାକୁ କହିଥିଲେ। ଜିଲା ଟ୍ରାନ୍ସପୋର୍ଟ ମ୍ୟାନେଜର ଗୌରବ ଜେନା କହିଛନ୍ତି, ନିର୍ମାଣ କାର୍ଯ୍ୟ କରୁଥିବା ଏଜେନ୍ସି ଏପର୍ଯ୍ୟନ୍ତ ତାଙ୍କୁ ବସ୍‌ଷ୍ଟାଣ୍ଡ ହସ୍ତାନ୍ତର କରିନାହିଁ। ଏଣୁ ବସ୍‌ଷ୍ଟାଣ୍ଡକୁ କାର୍ଯ୍ୟକ୍ଷମ କରି ପାରୁନାହାନ୍ତି ବୋଲି ପ୍ରତିକ୍ରିୟାରେ କହିଥିଲେ। ଏହାକୁ ଶୀଘ୍ର କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବି ହୋଇଛି।

# ବନବାସୀ ଗ୍ରାମରେ ରାମଲାଲ୍ଲାଙ୍କ ଦିବ୍ୟ ମନ୍ଦିର ଲାଗି ଭୂମିପୂଜନ



**ବ୍ରହ୍ମପୁର (ଅମୃତ ମିଡିଆ):** ଅଯୋଧ୍ୟାରେ ପ୍ରଭୁ ରାମ ଲଲ୍ଲାଙ୍କ ଭବ୍ୟ ମନ୍ଦିର ଓ ଦିବ୍ୟ ମୂର୍ତ୍ତି ସ୍ଥାପନ ହେଲା ପର ଠାରୁ ସାରା ବିଶ୍ୱ ରାମମୟ ଭାବବିହ୍ୱଳ ହୋଇ ଉଠିଥିବା ବେଳେ ଦିଗପହଣ୍ଡି ଅନ୍ତର୍ଗତ ବନବାସୀ ଅଞ୍ଚଳ ବାସୁଦେବପୁର ପଞ୍ଚାୟତର ବଡ ବୁଗୁଡ଼ା ଓ ସାନ ବୁଗୁଡ଼ା ଗ୍ରାମ ନିକଟସ୍ଥ ଶବରୀ ମାତା ଛକ ଠାରେ ଗ୍ରାମବାସୀ ମାନେ ପ୍ରଭୁ ଶ୍ରୀ ରାମ ଲଲ୍ଲାଙ୍କ ମନ୍ଦିର ନିର୍ମାଣ ଲାଗି ଭୂମି ପୂଜନ ଅତି ଆନନ୍ଦ ଉତ୍ସବର ସହ ସମ୍ପନ୍ନ କରିଛନ୍ତି। ଏହି ପବିତ୍ର ଅବସରରେ ଗ୍ରାମବାସୀଙ୍କ ଆଗ୍ରହ କ୍ରମେ ବିଜେପି ବରିଷ୍ଠ ନେତା ତଥା ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଗତ ତା ୨୦।୦୨।୨୦୨୪ ଠାରୁ ତିନି ଦିନ ଧରି ଚାଲିଥିବା ନାମଯଜ୍ଞ, ଘୃତଯଜ୍ଞ, ଗୋ-ଯଜ୍ଞ, ଅନ୍ନଯଜ୍ଞ ଓ ହୋମ ଆଦି ମଙ୍ଗଳ କାର୍ଯ୍ୟ ଆଜି ଭୂମି ପୂଜନ ପରେ ସଫଳତାର ସହ ସମ୍ପନ୍ନ ହୋଇଛି। ଶେଷ ଦିନ ଅବସରରେ ପାଖ ପଡିଶା ଗ୍ରାମ ମାନଙ୍କରୁ ଆସିଥିବା ବନବାସୀ ପରିବାର ସହ ଦୂରଦୂରାନ୍ତ ରୁ ଆସିଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଏବଂ ସାଧୁ ସନ୍ଥଙ୍କ ମାନଙ୍କ ଭିଡ ଦେଖିବାକୁ ମିଳିଛିକ୍ଷ ଉପସ୍ଥିତ ସମ୍ମାନନୀୟ ବ୍ୟକ୍ତିଙ୍କ ମଧ୍ୟରେ ପଣ୍ଡିତ କେଶବ ନାରାୟଣ ଦାସ, ପଣ୍ଡିତ ଦିପୁ କୁମାର ଶତପଥୀ, ମହନ୍ତ ପଦ୍ମ ନାରାୟଣ ଦାସ, ସ୍ୱାମୀ ଲକ୍ଷ୍ମଣ ସରସ୍ୱତୀ, ତରଣୀ କାନ୍ତ ଦାସ ଅଶୋକ ରଂଜିତ, ପ୍ରତାପ ସାହୁ, ରଜନୀ କାନ୍ତ ପାଣିଗ୍ରାହୀ, ପ୍ରତିଭା ରେଡଡି, ପ୍ରହ୍ଲାଦ ଡାକୁଆ, ନକୁଳ ମଳିକ, ଡମ୍ବୁର ମଳିକ, ବିପ୍ର ମଳିକ, ଜଗନାଥ ମଳିକ ଙ୍କ ସହ ସ୍ଥାନୀୟ ଗ୍ରାମବାସୀ ମାନେ ଉପସ୍ଥିତ ରହି ନିର୍ଦ୍ଧାରିତ ଭୂମି ପୂଜନ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦନ କରିଥିଲେ।

# ମୁକୁଳା ଡ୍ରେନ୍‌ରେ ଖସିପଡ଼ିଲେ ବ୍ୟକ୍ତି, ଆଖିରେ ପଶିଗଲା ଲୁହାରଡ୍

**ବୌଦ୍ଧ (ଅମୃତ ମିଡିଆ):** ବୌଦ୍ଧ ଜିଲା ପୁରୁଣାକଟକ ଥାନା ଧଳପୁର ପୂର୍ତ୍ତ ରାସ୍ତା କଡ ମୁକୁଳା ଡ୍ରେନ୍‌ରେ ଖସିପଡ଼ି ଜଣେ ଅଜଣା ସାଇକେଲ ଆରୋହୀ ଗୁରୁତର ହୋଇଛନ୍ତି। ଡ୍ରେନ୍‌ରେ ପଡ଼ିଯିବା ଫଳରେ ବ୍ୟକ୍ତିଙ୍କ ଆଖିରେ ଲୁହା ରଡ ପଶି ଯାଇଥିବା ବେଳେ ତାଙ୍କୁ ଗୁରୁତର ଭାବେ ସ୍ଥାନୀୟ ଲୋକେ ଉଦ୍ଧାର କରି ପ୍ରଥମେ ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

# ଦୁଇ ଶୋକକୁଳ ପରିବାରକୁ ସମବେଦନା ଜଣାଇଲେ ପୋଲସରା ବିଧାୟକ

**ବ୍ରହ୍ମପୁର (ଅମୃତ ମିଡିଆ):** ଗଞ୍ଜାମ ଜିଲ୍ଲା ପୋଲସରା ବ୍ଲକ୍ ଅନ୍ତର୍ଗତ ତୁଙ୍କାପଡ଼ା ଗ୍ରାମର ଖଦାଳ ପ୍ରଧାନ (ବୟସ - ୫୦) ଓ ସିମାଞ୍ଚଳ ନାହାକ (ବୟସ -୨୫) ଆକସ୍ମିକ ମୃତ୍ୟୁ ବରଣ କରିଛନ୍ତି। ଏହି ଖବର ପାଇ ସ୍ଥାନୀୟ ବିଧାୟକ ପୋଲସରା ଶ୍ରୀକାନ୍ତ ସାହୁ ମୃତକଙ୍କ ବାସଭବନ କୁ ଯାଇ ଶୋକ ସଂତପ୍ତ ପରିବାରକୁ ଭେଟି ସମବେଦନା ଜଣାଇବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ଏବଂ ଉକ୍ତ ଗ୍ରାମର କଲ୍ୟାଣ ମଣ୍ଡପ ଠାରେ ବିଧାୟକ ଯୋଗ ଦେଇ ମଧୁବାବୁ ପେନସନ୍ ଯୋଜନା ଆନୁକୁଲ୍ୟରେ ବୃଦ୍ଧ ବୃଦ୍ଧା,ବିଧବା ମହିଳା ଓ ଭିନ୍ନକ୍ଷମ ମାନଙ୍କୁ ଭତ୍ତା ବଣ୍ଟନ କରିଛନ୍ତି।

# ଗପୁର ପଞ୍ଚାୟତରେ ବିଜେପିର ନିର୍ବାଚନୀ ବୈଠକ

**ଆନନ୍ଦପୁର (ଅମୃତ ମିଡିଆ):** ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଗପୁର ପଞ୍ଚାୟତରେ ବିଜେପି ପକ୍ଷରୁ ଏକ ନିର୍ବାଚନୀ ବୈଠକ ଆୟୋଜିତ ହୋଇଯାଇଛି। ଯୁବନେତା ମନୋରଞ୍ଜନ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ ବିଜେପି ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଯଜ୍ଞ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜେଡି ଉପରେ ତୀବ୍ର ବର୍ଷିଥିଲେ। ୨୫ ବର୍ଷ ହେବ ବଦ୍ରି ବାବୁ ବିଧାୟକ ଥିଲେ ମଧ ଲୋକଙ୍କର ବିକାଶ କାହିଁକି ହେଇ ନାହିଁ ବୋଲି ଶ୍ରୀ ପ୍ରସାଦ କହିଥିଲେ। ଏକଦା ଏହି ପଞ୍ଚାୟତରୁ ସମିତିସଭ୍ୟ ହୋଇ ବ୍ଲକ୍ ଅଧ୍ୟକ୍ଷ ହୋଇଥିବା ବିଧାୟକଙ୍କ ପୁଅ ଯୁବକମାନଙ୍କ ପାଇଁ କଣ ନିଯୁକ୍ତି ବ୍ୟବସ୍ଥା କରିଛନ୍ତି ? ବୋଲି ଯଜ୍ଞ ପ୍ରସାଦ କହିଛନ୍ତି। ଅପରପକ୍ଷରେ ଯୁବକ ଦାଦନ ଯାଇଛନ୍ତି, ପଞ୍ଚାୟତରେ ଲାଞ୍ଚ କାରବାର ବଢ଼ିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଦୁର୍ନୀତି ଓ ଅରାଜକତା ସୀମା ଟପିଛି ବୋଲି ଯଜ୍ଞ ପ୍ରସାଦ ସାହୁ ଆୟୋଜିତ ସଭାରେ କହିଛନ୍ତି। ଏହି ସଭାରେ ସ୍ଥାନୀୟ ପଞ୍ଚାୟତର ୨ ଶହରୁ ଅଧିକ ଜନସାଧାରଣ ଉପସ୍ଥିତ ରହି ନିଜର କ୍ଷୋଭ ଓ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଯଜ୍ଞ ପ୍ରସାଦ ମା ବନଦୁର୍ଗାଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ। ଚିନ୍ତାମଣି ଜେନା, ବରୁଣ ମଲ୍ଲିକ, ବାବୁଲି ଜେନା, ନୀଳମଣି ଜେନା, ରଞ୍ଜନ ମହାରଣା, ସନ୍ତୋଷ ସାମଲ ଜଗବନ୍ଧୁ ଜେନା, ଦୀପକ ଜେନା, ଲକି ଜେନା, ତପନ ଜେନା, ସନାତନ ଜେନା, ନୁର ଜେନା, ଅମର ଜେନା, ସଂଯୁକ୍ତା ପେରେଇ, ରମଣୀ ମଲ୍ଲିକ, ରାଜୁ ମଲ୍ଲିକ ପ୍ରମୁଖ କାର୍ଯ୍ୟ ପରିଚାଳନା କରିଥିଲେ।

# ହାଟଡିହି ବ୍ଲକରେ ଷଷ୍ଠ ସାଧାରଣ ଅଧିବେଶନ



**ହାଟଡିହି (ଅମୃତ ମିଡିଆ):** କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ସଭାଗୃହରେ ଷଷ୍ଠ ସାଧାରଣ ଅଧିବେଶନ ଅନୁଷ୍ଠିତ ହେଇଯାଇଛି କ୍ଷ ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ପ୍ରତିନିଧି ଶଶାଙ୍କ ଶେଖର ପୁହାଣ,ହାଟଡିହି ବିଡ଼ିଓ ସୋମ୍ୟଶ୍ରୀ ପାଣିଗ୍ରାହୀ, ବ୍ଲକ ଅଧକ୍ଷା ସାବିତ୍ରୀ ସେଠୀ, ଉପାଧକ୍ଷ ରତିକାନ୍ତ ରାଉତ, କେନ୍ଦୁଝର ଜିଲ୍ଲା ଜିଲ୍ଲାପରିଷଦ ଉପାଦକ୍ଷ ସୋମନାଥ ଦାସ, ୩୬ ଜୋନ ଜିଲ୍ଲା ପରିଷଦ ସଦସ୍ୟା କୌଶଲ୍ୟା ସେଠି, ୩୭ ନଂ ଜୋନ ଜିଲ୍ଲା ପରିଷଦ ସଦସ୍ୟ ବିମ୍ବାଧର ବିଶ୍ୱାଳ, ତହସିଲଦାର ହାବିଲ ଖାଖା, ସହକାରୀ ନିର୍ବାହୀ ଯନ୍ତ୍ରୀ ଜ୍ଞାନନ୍ଦ୍ର ଜେନା, ଦୀପାଶ୍ରୀ ସିଂ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ହାଟଡିହି ବ୍ଲକର ଜଙ୍ଗଲ ଓ ପରିବେଶ ବିଭାଗ, ପାନୀୟ ଜଳ, ସାଧାରଣ ବଣ୍ଟନ, ସାମାଜିକ ସୁରକ୍ଷା,ପଶୁ ସମ୍ପଦ ସମ୍ପର୍କରେ ଆଲୋଚନା କରାଇଥିଲା। ସେହିପରି ମାନ୍ୟବର ବିଧାୟକ ଭାଗିରଥି ସେଠିଙ୍କର କାର୍ଯ୍ୟ କାଳର ଏହି ବୈଠକ ଶେଷ ପଞ୍ଚାୟତସମିତି ବୈଠକ ହେଇଥିବ ବେଳେ ହାଟଡିହି ପଞ୍ଚାୟତ ସମିତି ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ବିଡ଼ିଓ ସୋମ୍ୟଶ୍ରୀ ପାଣିଗ୍ରାହୀ, ଅଧକ୍ଷା ସାବିତ୍ରୀ ସେଠି, ଉପାଦକ୍ଷ ରତିକାନ୍ତ ରାଉତ, ତହସିଲଦାର ହାବିଲ ଖାଖା ପ୍ରମୁଖ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ସହ ଏକ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧନା କରିଥିଲେ। ପଞ୍ଚାୟତ ସମିତି ବୈଠକକୁ ଆସିଥିବା ଜନସାଧାରଣ ଶାନ୍ତି ଶୃଙ୍ଖଳା ରକ୍ଷା କରି ନିଜ ପଞ୍ଚାୟତ ସମସ୍ୟା ଉପରେ ଆଲୋଚନା କରିବାକୁ ବିଧାୟକ ଉପଦେଶ ଦେଇଥିଲେ।

# ମନ୍ଦିର ପ୍ରତିଷ୍ଠା, ଅଷ୍ଟପ୍ରହର ନାମଯଜ୍ଞ



**ପୋଲସରା (ଅମୃତ ମିଡିଆ):** ଅଷ୍ଟଦୁର୍ଗ ରାଜ୍ୟାନ୍ତର୍ଗତ ବୀର ରଘୁନାଥପୁରଶାସନ / ଶ୍ରଦ୍ଧାପୁର ଗ୍ରାମରେ ନିର୍ମିତ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବଙ୍କ ଭବ୍ୟ ଏବଂ ଅତି ସୁନ୍ଦର ମନ୍ଦିରର ପ୍ରତିଷ୍ଠା ଦିବସ ଚଳିତ ମାଘ ଶୁକ୍ଳ ପକ୍ଷ ଷଷ୍ଠୀ ତିଥି ଗୁରୁବାର ଠାରୁ ଦଶମୀ ତିଥି ସୋମବାର ମଧ୍ୟରେ ମହାଡମ୍ବରରେ ଅନୁଷ୍ଠିତ ହୋଇଯାଇଛି। ଏହି ପବିତ୍ର କାର୍ଯ୍ୟକ୍ରମରେ ଦୀକ୍ଷା ଗ୍ରହଣ, ବନଯାଗ, କଳସଯାତ୍ରା, ଅଙ୍କୁରାରୋପଣ, ଶାଳାପୂଝା, ରତ୍ନମୁଦ, ଅଗ୍ନିସ୍ଥାପନ, ଦେବତାଙ୍କ ସ୍ନାନ, ଜୀବନ୍ୟାସ, ନାମଯଜ୍ଞ ଅଧିବାସ, ନାମଯଜ୍ଞ ଆରମ୍ଭ, ଦେବତାଙ୍କ ପ୍ରବେଶ, ଧ୍ୱଜାଭ୍ରମଣ, ପୂର୍ଣ୍ଣାହୁତି, ନାମଯଜ୍ଞ ସମାପନ, ନଗରକୀର୍ତ୍ତନ, ଦଧିଭାଣ୍ଡ ଭଞ୍ଜନ ଓ ଯମୁନା ସ୍ନାନ ଇତ୍ୟାଦି କାର୍ଯ୍ୟକ୍ରମ ବିଧିବିଧାନ, ନିତିକାନ୍ତୀ ଅନୁସାରେ ସମାପନ ହୋଇଥିଲା। ଏହି ଅବସରରେ ଅଷ୍ଟପ୍ରହର ନାମ ଯଜ୍ଞ, ଘୃତ ଯଜ୍ଞ ଓ ଅନ୍ନ ଯଜ୍ଞ କରାଯାଇଥିଲା। ଏହି ପବିତ୍ର ଧାର୍ମିକ କାର୍ଯ୍ୟକ୍ରମ ସମୟରେ ପୋଲସରା, ବୁଗୁଡ଼ା, କବିସୂର୍ଯ୍ୟନଗର, କୋଦଳା ଅଳରୁ ଦୈନିକ ବହୁ ସଂଖ୍ୟାରେ ଶିବଭକ୍ତ ଓ ଶ୍ରଦ୍ଧାଳୁମାନେ ଯୋଗ ଦେଇ ନୂତନ ପୀଠ ସହ ଠାକୁରଙ୍କୁ ଦଶର୍ନ କରିବା ସହ ନାମଯଜ୍ଞେର ଅଂଶଗ୍ରହଣ ଏବଂ ପ୍ରସାଦେସବନ କରି ନିଜକୁ ଧନ୍ୟ ମେନ କରିବାର ସୁଯୋଗ ପାଇଥିଲେ। ବ୍ଲକ ସ୍ଥିତ ତୁଙ୍କାପଡ଼ା, ସୋଡ଼କ, ଗେରଇଝୁଳି ସେମତ ବୁଗୁଡ଼ା ବ୍ଲକର ବାଦୁଆ ଗ୍ରାମ୍ୟ ସଂକୀର୍ତ୍ତନ ଦଳ ନାମଯଜ୍ଞରେ ଅଂଶ ଗ୍ରହଣ କରିଥିଲେ। ଯଜ୍ଞରେ ଉମାତନୟ ହୋତା (ପ୍ରେମାଦ) ପ୍ରଚାରକ, ଗୋଦାବରୀଶ ହୋତା (ବାବୁଲି) ଆଚାର୍ଯ୍ୟ ଆସନରେ ଆସିନ ହୋଇଥିବା ବେଳେ ବ୍ରହ୍ମାଶନରେ ଶଶାଙ୍କ ଭୂଷଣ ହୋତା, ଷଷ୍ଠୀ ପ୍ରସାଦ ହୋତା, ସୁକାନ୍ତ କୁମାର ରଥ, ମାନସ ରଂଜନ ରଥ, ଆକାଶ ହୋତା, ବିଟୁ ରଥ ଓ ବିଭୁତି ଭୂଷଣ ହୋତା ପ୍ରମୁଖ ଆସିନ ହୋଇଥିଲେ। ଏହି ସମୟରେ ପରିଚାଳକ ଭାବେ ଚିତ୍ତରଞ୍ଜନ ମିଶ୍ର (କାହ୍ନା) ଉପସ୍ଥିତ ଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଉକ୍ତ ବୀରରଘୁନାଥପୁର ଶାସନ (ଶ୍ରଦ୍ଧାପୁର) ଗ୍ରାମବାସୀମାନଙ୍କ ଅକୁଣ୍ଠ ସହଯୋଗେର ଅନୁଷ୍ଠିତ ହୋଇଥିବାର ଦେଖିବାକୁ ମିଳିଥିଲା।

# ଡାକ୍ତର ଭବାନୀ ଶଙ୍କର ଆଚାର୍ଯ୍ୟଙ୍କ ଶ୍ରଦ୍ଧାଞ୍ଜଳି ସଭା

**ଛତ୍ରପୁର (ଅମୃତ ମିଡିଆ) :** ଗଞ୍ଜାମ ଜିଲ୍ଲାର ବହୁ ପରିଚିତ, ଜନ ପ୍ରିୟ, ପରୋପକାରୀ ଓ ମୃଦୁ ଭାଷୀ ଡାକ୍ତର ଭବାନୀ ଶଙ୍କର ଆଚାର୍ଯ୍ୟ ଗୁରୁବାର ହୃଦ୍‌ଘାତରେ ମୃତ୍ୟୁବରଣ କରିଛନ୍ତି। ଏନେଇ ଶନିବାର ସ୍ୱର୍ଗତ ଡାକ୍ତର ଆଚାର୍ଯ୍ୟ ଙ୍କ ଅମର ଆତ୍ମା ର ସଦଗତି ଉଦ୍ଦେଶ୍ୟ ରେ ଶ୍ରଦ୍ଧାଞ୍ଜଳି ସଭା ଛତ୍ରପୁର ସ୍ଥିତ ଶିବ କୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସର ରେ ସାମ୍ବାଦିକ ପ୍ରଶାନ୍ତ କୁମାର ମହାରଣା ଓ କ୍ଷୀରୋଦ ଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନ ରେ ଆଇନଜୀବି ପ୍ରଶାନ୍ତ କୁମାର ଶତପଥିଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଯାଇଛି, ଏଥିରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଓକିଲ ସଂଘ ର ସଭାପତି ପ୍ରଦୀପ କୁମାର ପାଢ଼ୀ, ଛତ୍ରପୁର ପ୍ରେସ କ୍ଲବ ସଭାପତି ରବିନ୍ଦ୍ର ନାଥ ପଣ୍ଡା, ଇଂ. ରାମ ଚନ୍ଦ୍ର ପଟ୍ଟନାୟକ, କ୍ୟୁର୍ସ ସମ୍ପାଦକ ଅରୁଣ କୁମାର ଶତପଥି, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ବି. ଶ୍ରୀନିବାସ, କାଉନସିଲର ଦେବାଶିଷ ମିଶ୍ର, ୟୁଥ ମାସ ସେବା ସଂଘ ର ସଭାପତି ସୟାଦ ମୁକ୍ତାର, କେ. ଚନ୍ଦ୍ର ଶେଖର ରେଡ୍ଡୀ, ଜିଲ୍ଲାପରିଷଦ ସଭ୍ୟ ଏମ. ଧନଞ୍ଜୟ ରେଡ୍ଡୀ, ବିଜୁ ଜନତା ଦଳର ଛତ୍ରପୁର ନଗର ସଭାପତି ବି. ରାଜୁ ବାବୁ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୂଖ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ସଭାପତି ଟି. ଚନ୍ଦ୍ର ଶେଖର ରାଓ,ଏ. ରାବଣା ରାଓ,ବଡବଜାର ବ୍ୟବସାୟୀ ସଂଘ ର ସଭାପତି ସଂଜିତ କୁମାର ରାଉଳ, ପୂର୍ବତନ କାଉନସିଲର ରାଜେଶ ସାହୁ, ପ୍ରତିଭା ଆବାସିକ ବିଦ୍ୟାଳୟ ର ମୁଖ୍ୟ ଚିନ୍ମୟ ଦାଶ, ଶିକ୍ଷକ ନେତା ରବି ନାରାୟଣ ବେହେରା, ବିଜୁ ଆଇନ ସାମ୍ମୁଖ୍ୟ ର ସଭାପତି ସୁରେଶ ପଣ୍ଡା, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଚମାଖଣ୍ଡି ସରପଞ୍ଚ ସିଏଚ ମନୋଜ ରେଡ୍ଡୀ,ପ୍ରମୋଦ ସାହୁ, ଅଟଳ ବିହାରୀ ପଟ୍ଟନାୟକ, ଶିକ୍ଷାବିତ ସୁଧୀର ସାହୁ, ଡି. ଲାଛନା ରାଓ, ଚଗଲା ବେହେରା, ଲୋକନାଥ ସାହୁ, ଏସ. ଗୋପାଳ, କାଳୁ ଚରଣ ତ୍ରିପାଠୀ, ଟି. ଗୁରୁପ୍ରିୟା ଆଚାରୀ, ଭି. ରାଜେନ୍ଦ୍ର ରାଜୁଙ୍କ ସମେତ ବହୁ ବୁଦ୍ଧିଜୀବୀ, ସାମ୍ବାଦିକ, ଆଇନଜୀବୀ, ବ୍ୟବସାୟୀ ମାନେ ଯୋଗ ଦେଇ ସ୍ୱର୍ଗତ ଡାକ୍ତର ଆଚାର୍ଯ୍ୟ ଙ୍କ ସ୍ମୃତି ଚାରଣ କରିବା ସହିତ ତାଙ୍କର ସେବା ସମ୍ପର୍କ ରେ କହିଥିଲେ, ତାଙ୍କର ବିୟୋଗ ଯୋଗୁଁ ଛତ୍ରପୁର ସମେତ ଗଞ୍ଜାମ ଜିଲ୍ଲା ର ଅପୂରଣୀୟ କ୍ଷତି ଘଟିଛି ବୋଲି କୁହାଯାଇଥିଲା, ପ୍ରାରମ୍ଭରେ ସମସ୍ତେ ସ୍ୱର୍ଗତ ଡାକ୍ତର ଆଚାର୍ଯ୍ୟ ଙ୍କ ଫୋଟ ଚିତ୍ର ରେ ପୁଷ୍ପ ମାଲ୍ୟାର୍ପଣ କରି ତାଙ୍କର ଅମର ଆତ୍ମା ସଦଗତ କାମନା କରିଥିଲେ, ଶେଷରେ ସମସ୍ତଙ୍କୁ ସାମ୍ବାଦିକ କ୍ଷୀରୋଦ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ



# ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ

**ପୁରୀ(ବ୍ୟୁରୋ):** ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ନେହୁରୁ ଯୁବକେନ୍ଦ୍ର ପୁରୀ ଆନୁକୂଲ୍ୟରେ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ତୁଳସୀ ପୃଷ୍ଟି, ଜୟଶଙ୍କର ଯୋଶୀ, ଡକ୍ଟର ଦେବାଶିଷ ତ୍ରିପାଠୀ, ପଦ୍ମଲାଭ ପଣ୍ଡା, ଅଶୋକ କୁମାର ପଣ୍ଡାଙ୍କ ସହ ଅନ୍ୟ ବିଜ୍ଞ ବ୍ୟକ୍ତିତ୍ୱ ମଞ୍ଚାସୀନ ରହି ଏହି ଆଲୋଚନାଚକ୍ରରେ ମତବ୍ୟକ୍ତ କରିଥିଲେ। ବିଧାୟକ ଶ୍ରୀ ଷଡ଼ଙ୍ଗୀ କହିଥିଲେ ରାଜ୍ୟ ସରକାର ମହାବିଦ୍ୟାଳୟମାନଙ୍କରେ ରାଜନୀତି ବନ୍ଦ କରି ବହୁତ ବଡ଼ ଭୁଲ କରିଛନ୍ତି। କଲେଜମାନଙ୍କରୁ ଛାତ୍ରଛାତ୍ରୀମାନେ ରାଜନୀତି କରି କିଏ ବିଧାୟକ କିଏ ସାଂସଦ କିଏ ସରପଞ୍ଚ ହୁଅନ୍ତି କିନ୍ତୁ ଏହାକୁ ବନ୍ଦ କରି ଯୁବ ସମାଜ ମଧ୍ୟରୁ ରାଜନୈତିକ ଜ୍ଞାନ ଦୂରେଇ ଦେଉଛନ୍ତି। ସେହିଭଳି ଅନ୍ୟ ଅତିଥିମାନେ ନିଜ ନିଜର ବକ୍ତବ୍ୟ ରଖି କହିଥିଲେ ଯୁବ ସମାଜ ଆଗକୁ ଯିବାକୁ ହେଲେ ରାଜନୀତି ହେଉଛି ମୁଖ୍ୟ ପୃଷ୍ଠପୋଷାକ କିନ୍ତୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତେଣୁ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ପରେ ପରେ ପୁରୀ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନକୁ ସମ୍ମାନିତ କରିବା ସହିତ ଆଗାମୀ ଦିନରେ ଯୁବ ସମାଜ କିଭଳି ସେବା ମନୋଭାବ ରଖି କାର୍ଯ୍ୟ କରିବେ ସେଥିପ୍ରତି ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ଆଚାର୍ଯ୍ୟ ପରିଚାଳନା କରିଥିବାବେଳେ ନେହୁରୁ ଯୁବ କେନ୍ଦ୍ରର ଅଶୋ କୁମାର ବେହେରା ସହଯୋଗ କରିଥିଲେ।

# ଲୋକଙ୍କ ସେବାରେ ସମାଜସେବୀ ପ୍ରସନ୍ନ ମିଶ୍ର

**ପୁରୀ(ବ୍ୟୁରୋ):** ପୁରୀ ସଦର ନିର୍ବାଚନ ମଣ୍ଡଳୀର ଗରିବ, ନିଷ୍ପେସିତ, ଅବହେଳିତ ଜନତାମାନଙ୍କ ସୁଖ ଦୁଃଖର ସାଥୀ ହୋଇ ନିଜକୁ ସମର୍ପିତ ଭାବ ନେଇ କାମ କରିବି ବୋଲି ସମାଜସେବୀ ତଥା ଆଇନଜୀବୀ ପ୍ରସନ୍ନ ମିଶ୍ର ହଜାର ହଜାର ଜନତାଙ୍କୁ ସମ୍ବୋଧିତ କରି କହିଛନ୍ତି। ସମାଜସେବୀ ଶ୍ରୀଯୁକ୍ତ ମିଶ୍ରଙ୍କ ଶ୍ରୀକ୍ଷେତ୍ର ସ୍ୱାଭିମାନ ମଞ୍ଚ ବିଭିନ୍ନ ଜନହିତ କାର୍ଯ୍ୟରେ ଜଡିତ ରହିଥିବାବେଳେ ଆଜି ଚନ୍ଦନପୁର ନିକଟ ପୋଲାଙ୍ଗ ତୋଟା ଠାରେ ଏକ ସମାବେଶର ଆୟୋଜନ କରିଥିଲେ। ଏଥିରେ ଅନେକ ବୁଦ୍ଧିଜୀବୀ ଯୋଗଦାନ କରିଥିଲେ। ସମଙ୍ଗ ପଞ୍ଚାୟତରୁ ଜନସେବା ଆରମ୍ଭ କରି ଆଜି ସମଗ୍ର ସଦର ନିର୍ବାଚନ ମଣ୍ଡଳୀରେ ସେବା କାର୍ଯ୍ୟକୁ ଗାଁ ଗାଁରେ ସମର୍ଥନ ବଢ଼ିବାରେ ଲାଗିଛି। ଗୋଟିଏ ଦଳର ଦୁଇ ନେତା ଲଢେଇରେ ଜନତା କ୍ଷତିଗ୍ରସ୍ତ ହେଉଛନ୍ତି। ଯେଉଁମାନେ ରାଜକୀୟ ଢାଞ୍ଚାରେ ବଢିଛନ୍ତି, ସେମାନେ ମାଟି ଚାଳଘର ଜନତାଙ୍କ ଦୁଃଖ ବୁଝି ପାରିବେ ନାହିଁ ବୋଲି ଆଇନଜୀବୀ ଜନତାଙ୍କୁ କହିଛନ୍ତି। ଏହି ସମାବେଶରେ ପ୍ରାୟ ୭ ହଜାରରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ଯୋଗ ଦେଇଥିଲେ। ଲିଟୁଭାଇ ଆମର ନେତା ଧ୍ୱନିରେ ପୋଲାଙ୍ଗ ତୋଟା କମ୍ପି ଉଠିଥିଲା। ଆମେ ସବୁ ନେତାଙ୍କୁ ପରଖି ସାରିଲାଣି, ଏଥର ଲିଟୁ ବାବୁ ବୋଲି ସଭାସ୍ଥଳରେ ଠିଆ ହୋଇ ଅନେକ ଲୋକ କହୁଥିଲେ। ଏହି ସଭାରେ ଯୁବନେତା ବିନୟ ନୃସିଂହ ମହାପାତ୍ର, କୃଷ୍ଣ ଚନ୍ଦ୍ର ମହାନ୍ତି, ଟାଣୁଆ ନେତା ସୁକାନ୍ତ ପ୍ରଧାନ, ଦେବାଶିଷ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ।

# 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ

**ପୁରୀ(ବ୍ୟୁରୋ):** ସଦର ବ୍ଲକ ନେହେରୁ ଯୁବ କେନ୍ଦ୍ର ପୁରୀ ପକ୍ଷରୁ 'ମୋ ମାଟି, ମୋ ଦେଶ' କାର୍ଯ୍ୟକ୍ରମ ଓ ଅମୃତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପୁରୀର ଅଗ୍ରଣୀ ସାମାଜିକ ସେବା ସଂଗଠନ ହାପିନେସ୍ ଫାଉଣ୍ଡେସନ ସହଯୋଗରେ ଶତାଧିକ ଯୁବ ସେଚ୍ଛାସେବୀ, ଛାତ୍ରଛାତ୍ରୀ ଯୋଗ ଦେଇ ପୁରୀ ଜିଲ୍ଲାପାଳ କାର୍ଯ୍ୟାଳୟ ପରିସରରୁ ଏକ କଳସ ଶୋଭାଯାତ୍ରା ବାହାରି ଯୁଥ୍ ହଷ୍ଟେଲରେ ପହଞ୍ଚିଥିଲା। ସରକାରୀ ଶିଳ୍ପ ତାଲିମ୍ ପ୍ରତିଷ୍ଠାନ, ସଂପର୍କ, ପୁରୀ ସେବା ସମିତି, ଆୟୁଷ ଆଥଲେଟିକ କ୍ଲବ୍ ଓ ଜଙ୍ଗଲି କ୍ଲବ୍ ଆଦି ଅନୁଷ୍ଠାନମାନେ ଯୋଗ ଦେଇଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୁରୀର ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗ ଦେଇ ସେଠାରେ ଉପସ୍ଥିତ ଥିବା ସମସ୍ତ ଅଂଶଗ୍ରହଣକାରୀଙ୍କୁ ପଞ୍ଚପ୍ରାଣ ଶପଥ ପାଠ କରାଇଥିଲେ। ଆୟୋଜିତ ସଭାରେ ମୁଖ୍ୟ ଅତିଥି ପୁରୀ ସଦର ବ୍ଲକ୍‌ର ବିଭିନ୍ନ ଗ୍ରାମରୁ ଆସିଥିବା ମାଟି କଳସକୁ ନେହେରୁ ଯୁବ କେନ୍ଦ୍ରର ଯୁବ ସଂଯୋଜକ ଜୟ ଶଙ୍କର ଯୋଶୀଙ୍କୁ ହସ୍ତାନ୍ତର କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ବାୟୁସେନା ଅଧିକାରୀ ଲଳିତ କୁମାର ନାୟକ, ସ୍ଥଳସେନା ଅଧିକାରୀ ସତ୍ୟ କୁମାର ବେହେରା ଓ ପୋଲିସ୍ ଅଧିକାରୀ ପ୍ରଦୀପ କୁମାର ଦଳେଇ ଯୋଗ ଦେଇଥିଲେ। ଯୁବ ସମାଜସେବୀ ଭାବେ ହାପିନେସ୍ ଫାଉଣ୍ଡେସନ୍‌ର ପ୍ରତିଷ୍ଠାତା ତଥା ସଭାପତି ଇଂ ପ୍ରଦୀପ୍ତ କୁମାର ପ୍ରଧାନଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ସାମରିକ ଅଧିକାରୀମାନଙ୍କୁ ମୁଖ୍ୟଅତିଥି ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନେହେରୁ ଯୁବ କେନ୍ଦ୍ରର ଜିଲ୍ଲା ଯୁବ ସଂଯୋଜକ ଜୟ ଶଙ୍କର ଯୋଶୀ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପର୍କର ସାଧାରଣ ସମ୍ପାଦକ ସୌମେନ୍ଦ୍ର ଦାସ୍ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସହାୟକ ଅଧିକାରୀ ଅଶୋକ କୁମାର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ।ଜାତୀୟ ଯୁବ ସ୍ୱେଚ୍ଛାସେବୀ କୃଷ୍ଣ ଚନ୍ଦ୍ର ସାହୁ, ହାପିନେସ୍ ଫାଉଣ୍ଡେସନର କାର୍ଯ୍ୟକାରୀ ସମ୍ପାଦକ ସୌମ୍ୟ ରଞ୍ଜନ ସାହୁ ଓ ଯୁଗ୍ମ ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥଲେ। କାର୍ଯ୍ୟକ୍ରମ ଶେଷରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

# ପୁରୀର ଐତିହ୍ୟ ଅଠରନଳାରେ ଫାଟ

- ରିଟେନିଂ ୱାଲ୍ ଭୁଶୁଡି ପଡିବା ଆଶଙ୍କା
- ଓଲଟା ପାହାଚ ସଦୃଶ ଖଞ୍ଜା ଯାଇଥିବା ପଥରରେ ଫାଟ
- ୬ ଓ ୮ ନମ୍ବର ନଳାରେ ଫାଟ ଦୃଶ୍ୟମାନ



**ପୁରୀ(ବ୍ୟୁରୋ):** ପୁରୀର ଐତିହ୍ୟ ଅଠରନଳାରେ ସୃଷ୍ଟି ହୋଇଛି ଫାଟ। ଓଲଟା ପାହାଚ ସଦୃଶ ଖଞ୍ଜା ଯାଇଥିବା ପଥରରେ ଫାଟ ଦେଖିବାକୁ ମିଳିଛି। ଲହଡ଼ି ମୁଦ ଦିଆଯାଇଥିବା କିଛି ସ୍ଥାନ ମଧ୍ୟ ଖାଇଗଲାଣି। ଭୁବନେଶ୍ୱର ପଟରୁ ଆସିଲେ ୮ ନମ୍ବର ଓ ୬ ନମ୍ବର ନଳାରେ ଫାଟ ଦୃଶ୍ୟମାନ ହେଉଛି। ଏହା ବ୍ୟତୀତ ଅଠରନଳାର ରିଟେନିଂ ୱାଲ୍ ଅବସ୍ଥା ଆହୁରି ଖରାପ। ରିଟେନିଂ କାନ୍ଥକୁ ଧରି ରଖିଥିବା ସ୍ତମ୍ଭକୁ ଓସ୍ତଗଛ ଫଟେଇ ସାରିଲାଣି। କାନ୍ଥ ଝୁଲନ୍ତା ଅବସ୍ଥାରେ ଥିବାରୁ, ବଡ଼ ପବନର ଝଟ୍‌କାରେ ଭୁଶୁଡ଼ି ପଡ଼ିବା ଆଶଙ୍କା ରହିଛି। ଏହି କାନ୍ଥ କଡ଼ରେ ଜରିପାଲ ଘେରା ଘରେ ଗୋଟିଏ ପରିବାର ରହୁଥିବାରୁ ପ୍ରତି ମୁହୂର୍ତ୍ତରେ ଉକ୍ତ ପରିବାର ପ୍ରତି ବିପଦ ରହିଛି। ଏଣେ ଅଠରନଳାର ସୌନ୍ଦର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇଥିବା ଭିତ୍ତିଭୂମି ରକ୍ଷଣାବେକ୍ଷଣ ଅଭାବରୁ ଉଜୁଡ଼ିଗଲାଣି।

କେଶରୀବଂଶ ସମ୍ରାଟ ମତ୍ସ୍ୟକେଶରୀ ଅଠରନଳା ନିର୍ମାଣ କରାଇଥିବା ଇତିହାସ ରହିଛି। ଏହାର ନିର୍ମାଣ କାଳ ୯୭୫ରୁ ୯୫୫ ଖ୍ରୀଷ୍ଟାବ୍ଦରେ ହୋଇଥିବା ଅନୁମାନ କରାଯାଏ। ଆଉ ଏକ ମତ ଅନୁଯାୟୀ, ୧୩ଶହ ଖ୍ରୀଷ୍ଟାବ୍ଦରେ ଗଙ୍ଗବଂଶର ରାଜା ଭାନୁଦେବଙ୍କ ଦ୍ୱାରା ଏହା ପ୍ରତିଷ୍ଠା ହୋଇଥିଲା। ୧ ହଜାରରୁ ଊର୍ଦ୍ଧ୍ୱ ବର୍ଷର ଏହି ସ୍ମାରକୀକୁ ଏଏସ୍‌ଆଇ (ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା) ରକ୍ଷଣାବେକ୍ଷଣ କରୁଛି। ଐତିହ୍ୟ କୀର୍ତ୍ତିରାଜି ହୋଇଥିବାରୁ ଏହାର ସୌନ୍ଦର୍ଯ୍ୟୀକରଣ ପାଇଁ ପ୍ରଶାସନ ବାରମ୍ବାର ଅଣ୍ଟା ଭିଡ଼ିଛି। ୨୦୧୫ ନବକଳେବର ସମୟ ଠାରୁ ୨୦୨୦ ମସିହା ଭିତରେ ୫ କୋଟି ଟଙ୍କା ବ୍ୟୟରେ ସୌନ୍ଦର୍ଯ୍ୟୀକରଣ କରାଯାଇଥିଲା। ହେଲେ ପ୍ରଶାସନ ଏହି ଐତିହ୍ୟ ପ୍ରକଳ୍ପକୁ ବିପଦମୁକ୍ତ କରିପାରୁନାହିଁ। ବାହାର ପଟକୁ ଥିବା ଦୁଇଟି ପଥରରେ ଏବେ ଫାଟ ଜଳଜଳ ଦେଖାଯାଉଛି। ରିଟେନିଂ ୱାଲ୍ ସ୍ତମ୍ଭ ଭାଙ୍ଗିଯିବା ସହ କାନ୍ଥରୁ ପଲସ୍ତରା ଝଡ଼ି ଇଟା ଦେଖାଯାଉଛି। ପଥର ଫାଙ୍କରେ କିଛିକିଛି ସ୍ଥାନରେ ଗୁଳ୍ମ ମଧ୍ୟ କାୟା ବିସ୍ତାର କଲେଣି। ମାତ୍ର ନିକଟରେ ଏହା ଉପରେ ରଙ୍ଗ ବୋଳିଦେଲେ ପଛେ, ପଲସ୍ତରା କଲେ ନାହିଁ କି ବିପଜ୍ଜନକ ଅବସ୍ଥାରେ ଥିବା ପିଲାର୍ ତଥା ସ୍ତମ୍ଭକୁ ହଟାଇଲେ ନାହିଁ। ଏହା ମଧ୍ୟରେ ପଡ଼ିଥିବା ପଥର ନିର୍ମିତ ବୈଠକୀ ଭାଙ୍ଗି ଗଡ଼ଗଡ଼ ହୋଇ ତଳେ ପଡ଼ିଛି। ସୁସଜ୍ଜିତ ଆଲୋକ ବ୍ୟବସ୍ଥା ଭାଙ୍ଗିରୁଜି ଯାଇଛି। ପକାଯାଇଥିବା ପେଭର୍ ବ୍ଲକ୍ ନିମ୍ନମାନର କାମ ଯୋଗୁଁ ଭାଙ୍ଗିଗଲାଣି। ବର୍ଷ ବର୍ଷ ହେଲା ମେସିନ୍ ଓ ଡଙ୍ଗାରେ ଦଳ ସଫା ହେଉଛି। ହେଲେ ଏହାର ସ୍ଥାୟୀ ସମାଧାନ ବାହାରି ପାରୁନାହିଁ। ଏ ନେଇ ଏଏସ୍‌ଆଇ ଅଧିକ୍ଷଣ ପ୍ରତ୍ନତତ୍ତ୍ୱବିଦ୍ ଡ. ଦିବିଶଦ ଗଡ଼ନାୟକ କହିଛନ୍ତି, କିଛି କିଛି ସମୟ ଅନ୍ତରରେ ଅଠରନଳାରେ ପଥର ଯୋଡ଼େଇ ସ୍ଥାନକୁ ଉପଚାର କରାଯାଏ। ପଥରରେ ଫାଟ ଯାଞ୍ଚ ପରେ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ବ୍ରହ୍ମକୁମାରୀ ଆଶ୍ରମରେ ଆତ୍ମ ସଶକ୍ତୀକରଣ କର୍ମଶାଳା

**ପୁରୀ(ବ୍ୟୁରୋ):** ପ୍ରଜାପତି ବ୍ରହ୍ମ କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ମୁଖ୍ୟାଳୟ ମାଉଣ୍ଟ ଆବୁର ସୁରକ୍ଷା ପ୍ରଭାଗ ତଥା ପୁରୀ ବାଲିଆପଣ୍ଡା ସ୍ଥିତ ଈଶ୍ୱରୀୟ ରଜଯୋଗ ସାଧନା କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆତ୍ମ ସଶକ୍ତିକରଣ ଦ୍ୱାରା ଦେଶ ସଶକ୍ତିକରଣ ବିଷୟ ବସ୍ତୁ ଉପରେ ଏକ ସେମିନାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ପୁରୀ ସ୍ଥାୟୀ ଲୋକ ଅଦାଲତର ଅଧ୍ୟକ୍ଷା ସୁଶ୍ରୀ ପ୍ରତିମା ପଣ୍ଡା ଯୋଗଦାନ କରି କହିଥିଲେ ଓମ୍ ଶାନ୍ତିର ମୂଳ ମନ୍ତ୍ରହିଁ ଆତ୍ମ ସଶକ୍ତିକରଣର ଆଧାରଶିଳା। ମୁଖ୍ୟ ଅତିଥି ଭାବେ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦାନ କରି କହିଥିଲେ ଆତ୍ମ ସଶକ୍ତିକରଣ ପାଇଁ ପ୍ରାଣାୟାମ ରାଜ ଯୋଗ ଧ୍ୟାନ ଅଫୁରନ୍ତ ଶକ୍ତି ପ୍ରଦାନ କରେ ବୋଲି କହିଥିଲେ। ରାଜସ୍ଥାନ ଜୟପୁର ଶାଖାର ନିର୍ଦ୍ଦେଶିକା ରାଜଯୋଗିନି ସୁଷମା ଓ ଚନ୍ଦ୍ରକଳା, ମୁମ୍ବାଇର ବରିଷ୍ଠ ରାଜଯୋଗିନୀ ଦିପା ଆତ୍ମ ସଶକ୍ତିକରଣ ସହ ରାଷ୍ଟ୍ର କିଭଳି ଜଡ଼ିତ ତାହା ଉପରେ ଆଲୋକପାତ କରିଥିଲେ। ରାଜ ଯୋଗ ସାଧନାକେନ୍ଦ୍ର ପୁରୀର ନିର୍ଦ୍ଦେଶିକା ରାଜ ଯୋଗିନୀ ନିରୁପମାଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମର ସେମିନାରରେ ମାଉଣ୍ଟ ଆବୁର ସୁରକ୍ଷା ପ୍ରଭାରୀ ବ୍ରହ୍ମକୁମାର ଦୀପକ ଓ ସଇଲେନ୍ଦ୍ର ନିଜର ଅଭିବ୍ୟକ୍ତ ରଖିବା ସହ ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ସ୍ୱର୍ଣ୍ଣାଭ ବେଳାଭୂମିରେ ପ୍ରତିବିମ୍ବ କାର୍ଯ୍ୟକ୍ରମ

## ଗୋଡ଼ରେ ସୁନ୍ଦର କଳାକୃତି ଆଙ୍କିଲେ ଚିତ୍ରଶିଳ୍ପୀ ରଞ୍ଜନ



**ପୁରୀ (ବ୍ୟୁରୋ):** ଗ୍ଲୋବାଲ ଆର୍ଟିଷ୍ଟ୍ ଫୋରମ୍ ପକ୍ଷରୁ ପ୍ରଥମ ଥର ପାଇଁ ପୁରୀରେ ଚିତ୍ରଶିଳ୍ପୀଙ୍କୁ ନେଇ ପ୍ରତିବିମ୍ବ କାର୍ଯ୍ୟକ୍ରମ ସ୍ୱର୍ଣ୍ଣାଭ ବେଳାଭୂମିରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଏବଂ ରାଜ୍ୟ ବାହାରର ୨୮ ଜଣ ଓ ନେପାଳ, ବାଂଲାଦେଶର ପ୍ରତିଷ୍ଠିତ ଚିତ୍ରଶିଳ୍ପୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି। ଚିତ୍ରଶିଳ୍ପୀଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହ ସେମାନଙ୍କ ଅଭିଜ୍ଞତା ଓ ଅନୁଭୂତି ପ୍ରକାଶ ସହ ଚିତ୍ରକଳାକୁ ଡିଜିଟାଇଜେସନ ପ୍ରକ୍ରିୟା ସହ ଯୋଡିବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବାବେଳେ ଅତିଥି ଭାବେ ପୁରୀ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ, ଧଉଳି ଆର୍ଟ କଲେଜର ଅଧ୍ୟକ୍ଷ ଚନ୍ଦନ କୁମାର ସାମଲ, ବରିଷ୍ଠ ସେବାୟତ ନାରାୟଣ ଖୁଣ୍ଟିଆ, ଉଦୟଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗ ଦେଇଥିଲେ। ପ୍ରତିବିମ୍ବ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲେ ରଞ୍ଜନ କୁର୍ମୀ। ଜନ୍ମରୁ ତାଙ୍କ ଦୁଇ ହାତ ଅକର୍ମଣ୍ୟ କିନ୍ତୁ ଅଦମ୍ୟ ଇଚ୍ଛା ଶକ୍ତି ଓ କଠିନ ପରିଶ୍ରମ ଦ୍ୱାରା ଯେ ସବୁ କିଛି ସମ୍ଭବ ତାହା ସେ ପ୍ରମାଣିତ କରି ଦେଖାଇଛନ୍ତି। ଦୁଇ ହାତ ଅଚଳ ହୋଇଥିଲେ ହେଁ ନିଜ ଦୁଇ ଗୋଡ଼ରେ ରଙ୍ଗ, ତୂଳୀ ଦ୍ୱାରା ସେ ଜୀବନ୍ତ ଚିତ୍ରକଳା ଆଙ୍କି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ପ୍ରତିବିମ୍ବ ଉଦ୍‌ଘାଟନୀ ଉତ୍ସବରେ ସେ ନିଜ ଦୁଇ ଗୋଡ ସାହାଯ୍ୟରେ ସୁନ୍ଦର କଳାକୃତି ଆଙ୍କିଥିଲେ। ଦେଶ ତଥା ଦେଶ ବାହାରର ସମସ୍ତ ଚିତ୍ରଶିଳ୍ପୀଙ୍କୁ ଏକତ୍ରିତ କରି ଆଗକୁ ମଧ୍ୟ ଗ୍ଲୋବାଲ ଆର୍ଟିଷ୍ଟ୍ ଫୋରମ୍ ପକ୍ଷରୁ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ସୂଚନା ମିଳିଛି। ପ୍ରତିବିମ୍ବ ଆୟୋଜନ ଅବସରରେ ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶନୀ, ଚିତ୍ରକଳାକୁ ନେଇ ଆଲୋଚନାଚକ୍ର, ୱାଟର କଲର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭିନ୍ନ ଦେଶରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଅନେକ ଜୀବନ୍ତ ଚିତ୍ର ଅଙ୍କନ କରାଯାଇଥିଲା ଏବଂ ଏହି ଚିତ୍ରକଳାକୁ



ଦେଖିବା ନିମନ୍ତେ ଅନେକ ପର୍ଯ୍ୟଟକଙ୍କ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା।

# ନିର୍ବାଚନକୁ ନେଇ ରାଜନୈତିକ ଦଳର ବୈଠକ

**ପୁରୀ(ବ୍ୟୁରୋ):** ଆଗାମୀ ନିର୍ବାଚନରେ ରାଜନୈତିକ ଦଳର ବିଭିନ୍ନ ଖର୍ଚ୍ଚ ଦର ସୂଚୀ ଚୂଡାନ୍ତ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଜୟ କୁମାର ଦାଶ ଅଧ୍ୟକ୍ଷତା କରିବା ସହ ସର୍ବସମ୍ମତକ୍ରମେ ଯେଉଁ ସାମଗ୍ରୀ ବା ଦ୍ରବ୍ୟର ମୂଲ୍ୟ ଧାର୍ଯ୍ୟ କରାଯାଉଛି, ସେହି ଆଧାରରେ ଖର୍ଚ୍ଚର ହିସାବ ରାଜନୈତିକ ଦଳମାନେ ଭାରତର ନିର୍ବାଚନ କମିଶନଙ୍କ



ମାର୍ଗଦର୍ଶିକା ଆଧାରରେ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଭାରତର ନିର୍ବାଚନ କମିଶନ ପ୍ରତ୍ୟେକ ବିଧାନସଭା ଓ ଲୋକସଭା ନିର୍ବାଚନର ପ୍ରାର୍ଥୀମାନଙ୍କ ପାଇଁ ବ୍ୟୟ କରିବାକୁ ଧାର୍ଯ୍ୟ କରିଥିବା ରାଶି ଆଧାରରେ ସେହି ଅନୁସାରେ ଖର୍ଚ୍ଚ ତାଲିକା ଖର୍ଚ୍ଚ ତଦାରଖ ଟିମ ନିକଟରେ ଉପସ୍ଥାପନ କରିବାକୁ ରାଜନୈତିକ ଦଳମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଟେଣ୍ଟ, ଚେୟାର, ଖାଦ୍ୟ, ପାଣି, ଡାକବାଜି ଯନ୍ତ୍ର, ଲିଫଲେଟ୍, ବ୍ୟାନର, ପୋଷ୍ଟର, ଫଟୋ, ଭିଡିଓଗ୍ରାଫି, ଗାଡ଼ି ବ୍ୟବହାର, ସଭା ଆୟୋଜନ, ଶୋଭାଯାତ୍ରା ଆୟୋଜନ, ପତାକା, ଷ୍ଟିକର, ବ୍ୟାଜ ବ୍ୟବହାର ଓ ପ୍ରଦର୍ଶନ, ଫୁଲମାଳ, ଫୁଲତୋଡା ଇତ୍ୟାଦି ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇ ସର୍ବସମ୍ମତ ଦର ଧାର୍ଯ୍ୟ କରାଗଲା। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ଡଃ ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବାଶିଷ ପଟ୍ଟନାୟକ, ଉପଜିଲ୍ଲାପାଳ ଗୋପୀନାଥ କୁଅଁର, ଡେପୁଟି କଲେକ୍ଟର ରାକେଶ କୁମାର ପଣ୍ଡା, ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଲୋକନାଥ ଦେବଙ୍କ ଜାଗର ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ



**ପୁରୀ(ବ୍ୟୁରୋ):** ଚଳିତ ବର୍ଷ ମାର୍ଚ୍ଚ ମାସ ୮ ତାରିଖରେ ମହାଶିବରାତ୍ରି ବା ଜାଗର ଯାତ୍ରା। ପୁରୀର ପ୍ରସିଦ୍ଧ ଶୈବ ପୀଠ ଲୋକନାଥ ପୀଠରେ ପ୍ରଭୁ ଶ୍ରୀ ଶ୍ରୀ ଲୋକନାଥ ଦେବଙ୍କ ଜାଗର ଯାତ୍ରାକୁ ସୁଚାରୁରୂପେ ପରିଚାଳନା ପାଇଁ ଏକ ବୈଠକ ଶନିବାର ପୂର୍ବାହ୍ନରେ ସର୍କିଟ ହାଉସ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ବିଜୟ କୁମାର ଦାଶ ଲୋକନାଥ ପୀଠ ରେ ଜାଗର ଯାତ୍ରାରେ ବିପୁଳ ଜନସମାଗମ ହୋଇଥାଏ। ତେଣୁ ଚଳିତ ଯାତ୍ରାକୁ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ପରିଚାଳନା ସହ ଯେପରି ଶ୍ରଦ୍ଧାଳୁମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବା ସହ ସେମାନେ ଯେମିତି ଏକ ସୁଖଦ ଅନୁଭୂତି ନେଇ ଘରକୁ ଯିବେ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ଗୋପୀନାଥ କୁଅଁର ସମସ୍ତଙ୍କୁ ସ୍ୱାଗତ ସହ ମାର୍ଚ୍ଚ ୬ ତାରିଖରେ ହେବାକୁ ଥିବା ପଙ୍କୋଦ୍ଧର ଏକାଦଶୀ ଓ ଜାଗର ଯାତ୍ରାର ନିତୀକାନ୍ତି ଓ ସମୟ ନିର୍ଘଣ୍ଟର ସୂଚନା ଦେବା ସହ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଶୃଙ୍ଖଳା ରକ୍ଷା, ପାର୍କିଂ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ପରିମଳ ବ୍ୟବସ୍ଥା, ବିଦ୍ୟୁତ ବ୍ୟବସ୍ଥା, ବ୍ୟାରିକେଡ ବ୍ୟବସ୍ଥା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆମ୍ବୁଲାନ୍ସ ବ୍ୟବସ୍ଥା, ସୂଚନା କେନ୍ଦ୍ର ବ୍ୟବସ୍ଥା, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ସଠିକ୍ କାର୍ଯ୍ୟ ପରିଚାଳନା ପାଇଁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ପଙ୍କୋଦ୍ଧାର ପାଇଁ ୬ ତାରିଖ ରାତ୍ର ୨ଟାରୁ ପହୁଡ଼ ଦ୍ୱାର ଖୋଲା, ରାତ୍ର ୩ଟାରୁ ମଙ୍ଗଳ ଆରତୀ, ଅବକାଶ ଇତ୍ୟାଦି, ରାତ୍ର ୪ ଟାରୁ ସକାଳ ୬ ଘଟିକା ମଧ୍ୟରେ ସକାଳ ଧୂପ, ସକାଳ ୬ ରୁ ୭ ଟା ମଧ୍ୟରେ ମଧ୍ୟାହ୍ନ ଧୂପ, ୭ ଟାରୁ ୮ ଟା ମଧ୍ୟରେ ଏକାଦଶୀ ଦର୍ଶନ, ୮ଟାରୁ ଦିବା ୧୨ ଘଟିକା ମଧ୍ୟରେ ପଙ୍କୋଦ୍ଧାର କାର୍ଯ୍ୟକ୍ରମ ଓ ମାଘ ସ୍ନାନ, ଦିବା ୧୨ ଘଟିକାରୁ ରାତ୍ର ୯ ଘଟିକା ସର୍ବସାଧାରଣ ଦର୍ଶନ ଓ ରାତ୍ର ୯ ଘଟିକାରୁ ରାତ୍ର ୧୧ଟା



ମଧ୍ୟରେ ଧୂପ ଓ ଅନ୍ୟାନ୍ୟ ନୀତି ଏବଂ ବଡସିଂହାର ବେଶ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ସେହିପରି ଜାଗର ଦିନ ଅର୍ଥାତ୍ ମାର୍ଚ୍ଚ ୮ ତାରିଖ ରାତ୍ର ୧୨.୩୦ ରୁ ପହୁଡ଼ ଓ ଦ୍ୱାରଖୋଲା, ରାତ୍ର ୧ ଘଟିକାରୁ ୪ଟା ମଧ୍ୟରେ ମଙ୍ଗଳ ଆରତୀ, ଅବକାଶ, ସୂର୍ଯ୍ୟ ପୂଜା, ଭୋର ୪ ଟାରୁ ରାତ୍ର ୧୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ, ରାତ୍ର୧୦ ରୁ ରାତ୍ର ୨ ପର୍ଯ୍ୟନ୍ତ ବିଭିନ୍ନ ନୀତି, ରାତ୍ର ୩ ଘଟିକାରୁ ହରିହର ପୂଜା, ଭୋଗ ସମ୍ପନ୍ନ, ବଡ ସିଂହାର ବେଶ ଓ ମହଦୀପ ଉଠିବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ କୁଅଁର ସୂଚନା ଦେଇଥିଲେ। ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର,ଏଡିଏମ୍‌ଓ ଡା ବିରଜା ଶଙ୍କର ରଥ, ବିଭିନ୍ନ ବିଭାଗର ଅଧିକାରୀ, ବିଭିନ୍ନ ସେବାୟତ ନିଯୋଗର କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ। ବୈଠକ ଶେଷରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## କିଶୋରୀ ଝିଅର ମୃତ୍ୟୁ ପରେ ଅଙ୍ଗଦାନ କଲେ ପିତାମାତା

# ସ୍ୱର୍ଗଦ୍ୱାରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ



**ପୁରୀ(ବ୍ୟୁରୋ):** କିଶୋରୀ ଝିଅର ମୃତ୍ୟୁ ପରେ ଅଙ୍ଗଦାନ କରି ଅନନ୍ୟ ଉଦାହରଣ ସୃଷ୍ଟି କଲେ ବାପାମା'। କେନ୍ଦୁଝର ମୂଳ ବାସିନ୍ଦା ଦୁଖବନ୍ଧୁ ମହନ୍ତ ଓ ପତ୍ନୀ ବିନିତାଙ୍କ ସାନ ଝିଅ ଦମୟନ୍ତୀ ୧୪ ବର୍ଷ ବୟସରେ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ହୋଇଥିଲେ। ଏହି କିଡ୍‌ନୀ ରୋଗ କ୍ରମଶଃ ଶରୀରର ବିଭିନ୍ନ ଅଙ୍ଗକୁ ଆକ୍ରାନ୍ତ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଏହା ମସ୍ତିସ୍କକୁ ମଧ୍ୟ ପ୍ରଭାବିତ ହୋଇଥିଲା। ଏହା ମସ୍ତିଷ୍କକୁ ଏତେ ପ୍ରଭାବିତ କରିଥିଲା ଯେ, ଡାକ୍ତରଙ୍କ କଠିନ ପରିଶ୍ରମରେ ମଧ୍ୟ ତାଙ୍କ ମସ୍ତିସ୍କ କାର୍ଯ୍ୟକ୍ଷମ ହୋଇପାରିନଥିଲା। ଶେଷରେ ଗତ ଫେବୃଆରୀ ୨୦ ତାରିଖରେ ଡାକ୍ତର ତାଙ୍କ ମସ୍ତିସ୍କ ମୃତ ଘୋଷଣା କରିଥିଲେ।

ଦମୟନ୍ତୀଙ୍କ ଏପରି ଅବସ୍ଥା ବିଷୟରେ ଜାଣିବା ପରେ ଭୁବନେଶ୍ୱର ଏମ୍ସର ଓଡ଼ିଶା-ମୋ ପରିବାର ହେଲ୍ପଡେସ୍କ ସହଯୋଗୀ ସୋମନାଥ ସ୍ୱାଇଁ ତାଙ୍କର ପରିବାର ଲୋକଙ୍କ ପାଖରେ ପହଞ୍ଚି ଅଙ୍ଗଦାନ ଭଳି ମହତ୍ କାର୍ଯ୍ୟ ବିଷୟରେ ବୁଝାଇଥିଲେ। ଦମୟନ୍ତୀଙ୍କ ମୃତ୍ୟୁ ପରେ ଭୁବନେଶ୍ୱରର ଏମସ୍‌ରେ ଡାକ୍ତରଙ୍କ ଏକ ଦଳ ଦମୟନ୍ତୀଙ୍କ ଅଙ୍ଗ ସୂକ୍ଷ୍ମ ପ୍ରଣାଳୀରେ ବାହାର କରାଯାଇ ଭିନ୍ନ ଭିନ୍ନ ହସ୍ପିଟାଲକୁ ସ୍ଥାନାନ୍ତର ପାଇଁ ଗ୍ରୀନ୍ କରିଡରର ବ୍ୟବସ୍ଥା କରାଯାଇଥିଲା। ଦାମୟନ୍ତୀ ଆଉ ଆମ ସହିତ ନାହିଁ, କିନ୍ତୁ ସେ ଅନ୍ୟମାନଙ୍କୁ ଦେଇଥିବା ଜୀବନର ଉପହାର ମାଧ୍ୟମରେ ତାଙ୍କ ଆତ୍ମା ବଞ୍ଚିଛି । ତେଣୁ ଅଙ୍ଗ ଦାନ କରିବା ଏବଂ ମୂଲ୍ୟବାନ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବାକୁ ଆମେ ସମସ୍ତଙ୍କୁ ଅନୁରୋଧ କରୁଛୁ ବୋଲି ଅଶ୍ରୁଳ ଆଖିରେ ଦାମୟନ୍ତୀଙ୍କ ମାତା ପିତା ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଅଙ୍ଗଦାନ କରୁଥିବା ବ୍ୟକ୍ତିଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟଦାର ସହିତ ଅନ୍ତିମ ସଂସ୍କାର କରାଯିବ ବୋଲି କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଥିଲେ। ଯେହେତୁ ଦମୟନ୍ତୀଙ୍କ ମାତା ପିତାଙ୍କ ଇଚ୍ଛାଥିଲା ତାଙ୍କର ଝିଅର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସଂପନ୍ନ କରିବା ପାଇଁ ତାଙ୍କର ଏହି ଇଚ୍ଛାକୁ ସମ୍ମାନ ଜଣାଇ ଦମୟନ୍ତୀଙ୍କ ଶେଷକୃତ୍ୟ ଆଜି ରାଷ୍ଟ୍ରୀୟ ମର୍ଯ୍ୟଦାର ସହିତ ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ କରାଯାଇଛି। ଦମୟନ୍ତୀଙ୍କ ବଡ଼ବାପା ଧନେଶ୍ୱର ମହାନ୍ତ ମୁଖାଗ୍ନି ଦେଇଥିଲେ। ଦମୟନ୍ତୀଙ୍କ ପିତା ମାତାଙ୍କ ସହ ଅନ୍ୟାନ୍ୟ ଜ୍ଞାତି ପରିଜନ ମଧ୍ୟ ଉପସ୍ଥିତ ଥିଲେ। ସତ୍କାର ସମୟରେ ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଏସ୍‌ପି ସୁଶୀଲ କୁମାର ମିଶ୍ର, ସିଟି ଡିଏସପି ପ୍ରଶାନ୍ତ କୁମାର ସାହୁ, ଜିଲ୍ଲା ସୂଚନା ଏବଂ ଲୋକ ସଂପର୍କ ଅଧିକାରୀ ସନ୍ତୋଷ ସେଠୀ, ଓଡିଶା ମୋ ପରିବାର ଜୀବନବିନ୍ଦୁ ଯୁଗ୍ମ ସଂଯୋଜକ ଷ୍ଟାଲିନ୍ ପରିଜା, ସମାଜସେବୀ ବଦ୍ରୀ ମିଶ୍ର, ସ୍ୱର୍ଗଦ୍ୱାର ସେବା ସମିତି ସମ୍ପାଦକ ସିଦ୍ଧାର୍ଥ ରାୟ, ବରିଷ୍ଠ ପରାମର୍ଶଦାତା ବ୍ରଜକିଶୋର ସାହୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧା ସୁମନ ଅର୍ପଣ ସହ ଦମୟନ୍ତୀଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ପ୍ରଦାନ କରିଥିଲେ।

# ବିଶ୍ୱର ପ୍ରମୁଖ ଧାର୍ମିକ ସହର




କାଶୀ: ଭାରତରେ ଅଯୋଧ୍ୟା, ମଥୁରା, ଦ୍ୱାରିକା, କାଞ୍ଚୀ, ରାମେଶ୍ୱରମ, ପ୍ରୟାଗ, ପୁରୀ, ପୁଷ୍କର, ନାସିକ ଭଳି ଅନେକ ପ୍ରାଚୀନ ସହର ରହିଛି । ଏସବୁ ସହରଗୁଡ଼ିକ ମଧ୍ୟରୁ କାଶୀର ସ୍ଥାନ ଶୀର୍ଷରେ । କାଶୀକୁ ବାରାଣସୀ ବା ବନାରସ କୁହାଯାଏ । କାଶୀରେ ୩,୦୦୦ ବର୍ଷ ପୂର୍ବରୁ ଲୋକମାନଙ୍କ ବସତି ଥିବା ପ୍ରମାଣ ମିଳିଛି । କିଛି ବିଦ୍ୱାନ ଏହାକୁ ୫,୦୦୦ ବର୍ଷ ପୁରୁଣା ସହର ବୋଲି ମାନନ୍ତି । ବିଶ୍ୱର ସବୁଠୁ ପ୍ରାଚୀନ ଗ୍ରନ୍ଥରେ କାଶୀର ନାମ ଉଲ୍ଲେଖ କରାଯାଇଛି । ଭାରତର ଉତ୍ତର ପ୍ରଦେଶରେ କାଶୀ ନଗର ଅବସ୍ଥିତ । ମୋଗଲ ଶାସନ କାଳରେ କାଶୀ ନଗର ନାଁ ବଦଳାଇ ମହମ୍ମଦବାଦ ରଖା ଯାଇଥିଲା ।

ଗାନ୍ଧାର: ଗାନ୍ଧାର ପ୍ରାଚୀନ ଭାରତର ୧୬ଟି ଜନପଦ ମଧ୍ୟରୁ ଗୋଟିଏ ଥିଲା । ଏହାର ମୂଳତଃ ପୁରୁଷପୁର ଏବଂ ତକ୍ଷଶୀଳା ନାମରେ ଦୁଇଟି ନଗର ଥିଲା । ଗାନ୍ଧାର ବା କାନ୍ଧାହାରୀ ପାକିସ୍ଥାନର ପଶ୍ଚିମ ଏବଂ ଆଫଗାନିସ୍ଥାନର ପୂର୍ବ କ୍ଷେତ୍ରକୁ କୁହାଯାଏ । ମହାଭାରତରେ ଗାନ୍ଧାରର ରାଜା ଶକୁନିଙ୍କ ପିତା ସୁବଳ ଥିଲେ । ଗାନ୍ଧାର ନାମରୁ ଧୃତରାଷ୍ଟ୍ରଙ୍କ ସ୍ତ୍ରୀଙ୍କ ନାମ ଗାନ୍ଧାରୀ ରଖାଯାଇଥିଲା । ଆଫଗାନିସ୍ଥାନ ପ୍ରାଚୀନ କାଳରେ ଆର୍ଯ୍ୟମାନଙ୍କ ପ୍ରମୁଖ କେନ୍ଦ୍ର ସ୍ଥଳ ଥିଲା ।

ତେହେରାନ: ଇରାନରେ ଇସଲାମ ଧର୍ମ ପୂର୍ବରୁ ପାର୍ସୀ ଧର୍ମର ପ୍ରଚଳନ ଥିଲା। ସେତେବେଳେ ପାର୍ସୀ ଧର୍ମ ଇରାନର ରାଜଧର୍ମ ଥିଲା । ଇରାନରେ ଇସଲାମର ବିଜୟ ପରେ ପାର୍ସୀମାନଙ୍କୁ ଇସଲାମ ଗ୍ରହଣ କରିବାକୁ ପଡ଼ିଥିଲା ଏବଂ କିଛି ପାର୍ସୀ ନିଜ ଦେଶ ଛାଡ଼ି ଭାରତରେ ଶରଣ ନେଇଥିଲେ । ଏବେ ବିଶ୍ୱରେ ପାଖାପାଖି ୧,୦୦,୦୦୦ ପାର୍ସୀ ଅଛନ୍ତି ।

ବାଗ୍‌ଦାଦ: ଇରାକର ଦଲଜା ନଦୀ କୂଳରେ ଅବସ୍ଥିତ ବାଗ୍‌ଦାଦ ୪,୦୦୦ବର୍ଷ ପୁରୁଣା ସହର । ଏହା ଶାନ୍ତି ସମୃଦ୍ଧି ଏବଂ ବ୍ୟାପାରର କେନ୍ଦ୍ରସ୍ଥଳ ଥିଲା । ଏଠାରେ ମେସୋପଟାମିୟା, ବାବୁଲି, ସୁମେର ଭଳି ପ୍ରାଚୀନ ସଭ୍ୟତା ଗଢି ଉଠି ଥିଲା । ଇରାକର ପ୍ରାଚୀନ ସଭ୍ୟତା ଏବଂ ଭାରତର ସିନ୍ଧୁ ସଭ୍ୟତା ମଧ୍ୟରେ ସମ୍ପର୍କର ଥିବା କୁହାଯାଏ ।

ମୋସୁଲ:ଇରାକର ଦଲଜା ନଦୀ କୂଳରେ ମୋସୁଲ ନାମକ ପ୍ରାଚୀନ ସହର ଅବସ୍ଥିତ । ମୋସୁଲରେ ଆରବ, କୁର୍ଦ୍ଦ, ଆଶୁରୀ, ଇରାକୀ, ତୁର୍କମାନ ଆଦି ଲୋକ ବସବାସ କରନ୍ତି ।। ଏହା ବାଣିଜ୍ୟ ବ୍ୟବସାୟର କେନ୍ଦ୍ର ସ୍ଥଳ ଥିଲା । ଆଜିର ଦିନରେ ଆତଙ୍କବାଦୀଙ୍କ ବାରମ୍ବାର ଆକ୍ରମଣ ଫଳରେ ଐତିହାସିକ ମୋସୁଲ ସହର ଧ୍ୱସ୍ତ ବିଧ୍ୱସ୍ତ ହେବାରେ ଲାଗିଛି ।

ଜେରୁଜେଲମ୍:ଭୂମଧ୍ୟସାଗର ଏବଂ ମୃତ ସାଗର ମଝିରେ ଇସ୍ରାଏଲକୁ ଲାଗିକି ରହିଛି ଜେରୁଜେଲମ ସହର । ରାଜତ୍ୱ ପାଇଁ ସଲାଉଦ୍ଦିନ ଏବଂ ରିଚାର୍ଡଙ୍କ ମଧ୍ୟରେ ଏଠାରେ ଅନେକ ଯୁଦ୍ଧ ଘଟିଛି । ଏଠାରେ ଥିବା ପବିତ୍ର ଉପାସନା ପୀଠ ପରିସରରେ ଇହୁଦୀମାନେ ପ୍ରାର୍ଥନା ପାଇଁ ଏକାଠି ହୁଅନ୍ତି । ଏହି ଧର୍ମସ୍ଥଳ ବହୁତ ପ୍ରାଚୀନ । ନିକଟରେ ଜେତୁନ ନାମକ ଏକ ପର୍ବତ ଅଛି । ଜେରୁଜେଲମରେ ଅନେକ ଦର୍ଶନୀୟ ସ୍ଥାନ ରହିଛି ।




କାଏରୋ: ପିରାମିଡ୍ ପାଇଁ ଇଜିପ୍ଟ ବା ମିଶର ବିଶ୍ୱ ପ୍ରସିଦ୍ଧ । ପ୍ରାଚୀନ ସହର କାଏରୋ ନୀଳନଦୀ କୂଳରେ ଅବସ୍ଥିତ । ବିଶ୍ୱର ସର୍ବ ପୁରାତନ ସଭ୍ୟତାଗୁଡ଼ିକ ମଧ୍ୟରେ ମିଶର ସଭ୍ୟତା ଅନ୍ୟତମ । ଏହା ପ୍ରାଚୀନ ବିଶ୍ୱର ପ୍ରମୁଖ ପାରମ୍ପରିକ ଏବଂ ଧାର୍ମିକ କେନ୍ଦ୍ର ସ୍ଥଳ ଥିଲା ।




ରୋମ: ଇଟାଲିର ରାଜଧାନୀ ରୋମ ପ୍ରାଚୀନ କାଳରୁ ଧାର୍ମିକ ଓ ବାଣିଜ୍ୟିକ ସହର ଭାବେ ଖ୍ୟାତ ଥିଲା । ଏଠାରେ ଅତୀତରେ ମହାନ ସଭ୍ୟତା ଗଢି ଉଠିଥିଲା । ଶତ୍ରୁଙ୍କ ବାରମ୍ବାର ଆକ୍ରମଣ ଫଳରେ ଐତିହାସିକ ରୋମ ନଗରୀ ଧ୍ୱଂସ ପାଇଯାଇଥିଲା । ଏବେ ଇଟାଲୀ ସରକାର ଏହି ନଗରୀକୁ ନୂତନ ରୂପରେଖ ଦେଇଛନ୍ତି ।

ଏଥେନ୍ସ: ଭାରତ ଏବଂ ଇଟାଲି ଭଳି ୟୁନାନ ମଧ୍ୟ ଏକ ପ୍ରାଚୀନ ଦେଶ । ଏହା ଗ୍ରୀକ ନାମରେ ପରିଚିତ । ୟୁନାନରେ ଭାରତୀୟ ସଂସ୍କୃତି ଏବଂ ପରମ୍ପରାର ବହୁଳ ଭାବରେ ପ୍ରଭାବ ପଡ଼ିଥିଲା । ୟୁନାନର ପ୍ରାଚୀନ ସହର ଏଥେନ୍ସର ଇତିହାସ ୩୦୦୦ ବର୍ଷରୁ ପୁରୁଣା । ଏଠାରେ ଆଗରୁ ଭଗବାନ ଶିବଙ୍କ ଭକ୍ତ ଏବଂ ଉପାସକ ରହୁଥିବା କୁହାଯାଏ।

# ମିଲମ୍ ଗ୍ଲାସିୟର

**ଭ୍ରମଣର ଏକ ନିଆରା ମଜା ଉଠାଇବାକୁ ଚାହାନ୍ତିକି, ତେବେ ମିଲମ୍ ଗ୍ଲାସିୟର ଯିବାକୁ ଆଦୌ ଭୁଲନ୍ତୁ ନାହିଁ। ଉତ୍ତରାଖଣ୍ଡ ରାଜ୍ୟର ପାର୍ବତ୍ୟ ଅଞ୍ଚଳରେ ରହିଛି ଏହି ସ୍ଥାନଟି। କୁମାୟୁର ମୁନ୍ସିଆରୀ ଠାରୁ ଏହା ପ୍ରାୟ ୫୬ କିଲୋମିଟର ଦୂରରେ ଅବସ୍ଥିତ। ଏହାକୁ ମିଲମ୍ ଗାଁ ବୋଲି ମଧ୍ୟ କୁହାଯାଏ। ଏହି ସୁନ୍ଦର ଗାଁଟି ନେପାଳ ଓ ତିବତ୍ ସୀମାକୁ ଲାଗିଛି।**

ସମୟଥିଲା ମିଲମ୍ ଗ୍ଲାସିୟରକୁ ଯିବା ରାସ୍ତାଟି ଭାରତ ଓ ତିବତ୍‌ର ବ୍ୟବସାୟିକ ରାସ୍ତା ପାଲଟିଥିଲା। ମୁନ୍‌ସିଆରୀରୁ ମିଲମ୍ ଗାଁକୁ ଯିବା ରାସ୍ତାଟି ଟିକେ କଠିନ୍, କିନ୍ତୁ ରାସ୍ତାରେ ମନୋରମ ଦୃଶ୍ୟ ଦେଖି ଆପଣ ଜମାରୁ ବି ଏହି କଠିନତାକୁ ଜାଣିପାରିବେନି। ଚାରିପାଞ୍ଚ ଦିନର କଠିନ ଯାତ୍ରା ଆପଣଙ୍କୁ ଯେମିତି ମୁହୂର୍ତ୍ତିଟିଏ ଭଳି ମନେହେବ। ମିଲମ୍ ଗ୍ଲାସିୟର ଘାଟି ପ୍ରାୟ ୯ଟି ଗ୍ଲାସିୟରରେ ନିର୍ମିତ। ଏହା ପ୍ରାୟ ଅଧା କିଲୋମିଟର ଚୌଡ଼ା ଓ ୨୭ କିଲୋମିଟର ଲମ୍ବା। ଏଠାରେ ପହଞ୍ଚିବା ପାଇଁ ଲୋକମାନଙ୍କୁ ଗୌରୀ ନଦୀର ବହିଯାଉଥିବା ସୁନ୍ଦର ଧାରାକୁ ଦେଖି ଦେଖି ଚାଲିବାକୁ ପଡ଼ିବ। ଏହି ନଦୀର ଜଳ ତାର ଗତି ପଥରେ ବଡ଼ ବଡ଼ ପଥର ସହିତ ମାଡ଼ ଖାଇ ଆଗକୁ ବଢିଥାଏ।

ମୁନ୍ସିଆରୀରୁ ପ୍ରାୟ ୧୧ କିଲୋମିଟର ଦୂରରେ ରହିଛି ଲିଲମ୍ ଗାଁ, ଯେଉଁଠାରେ ଆପଣ ମିଲମ୍ ଗ୍ଲାସିୟରକୁ ଯିବା କାଳରେ ବିଶ୍ରାମ ନେଇପାରିବେ। ଏହି ଗାଁରୁ ପ୍ରାୟ ୧୫ କିଲୋମିଟର ଦୂରରେ ରହିଛି ବୁଡ଼ବୟାର, ଯେଉଁଠାରେ କି ଭାରତ-ତିବତ୍ ପୋଲିସ ଚୌକି ରହିଛି। ଏଠାରେ ମିଲମ୍ ଯାଉଥିବା ଲୋକମାନଙ୍କ ନାମ ପଞ୍ଜିକରଣ କରାଯାଇଥାଏ। ବୁଡ଼ବ୍ୟାର ଠାରୁ ପ୍ରାୟ ୧୦ କିଲୋମିଟର ଦୂରରେ ରହିଛି ରିଲକୋଟ୍। ଏହି ରାସ୍ତାଟି ଘନଜଙ୍ଗଲ ମଧ୍ୟଦେଇ ଯାଇଛି। କିନ୍ତୁ ଭୟ କରନ୍ତୁନି ଏଠାରେ କୌଣସି ବଣୁଆ ଜୀବଙ୍କୁ ଦେଖିବାକୁ ମିଳିବନି, ଯାହାକି ଆପଣଙ୍କ ଆଶଙ୍କାକୁ ବଢାଇବ, ପରନ୍ତୁ ଏହି ଘନ ବନଟି ସବୁଜ ବନାନୀର ସୁନ୍ଦର ପ୍ରାକୃତିକ ଶୋଭାକୁ ଧରି ରଖିଥିବାରୁ ଏଠାକୁ ଯାଉଥିବା ଲୋକମାନେ ଏହି ସମୟରେ ନିଜକୁ କିଛି ସମୟ ପାଇଁ ହଜାଇ ଦିଅନ୍ତି ଏହାର ମନଲୋଭା ଦୃଶ୍ୟରେ। ଏଣୁ ଏହି ୧୦ କିଲୋମିଟର ରାସ୍ତା ସହଜରେ କଟିଯାଏ ଜମାରୁବି ଜଣାପଡ଼େନି। ରିଲକୋଟ ଯାଉଥିବା ବାଟରେ ନାହର ଦେବୀଙ୍କ ମନ୍ଦିର ରହିଛି। ତେଣୁ ଏଠାକୁ ଯାଉଥିବା ପ୍ରତ୍ୟେକ ବ୍ୟକ୍ତି ଏହି ଦେବୀଙ୍କୁ ବିନା ପୂଜାରେ ଯାଆନ୍ତି ନାହିଁ।

ରିଲକୋଟ ପାରି ହୋଇଯିବା ପରେ ଏକ ସୁନ୍ଦର ଘାଟି ପଡ଼େ। ଏହାର ନାମ ହେଉଛି ଗୌରୀ ଗଙ୍ଗା। ଏଠାରେ ଆପଣ ଅଦ୍ଭୁତ ମନୋରମ ଦୃଶ୍ୟ ଦେଖିବାକୁ ପାଇବେ। ଏହାକୁ ଦେଖି ଆପଣଙ୍କୁ ମନେହେବ ଯେମିତି ପ୍ରକୃତି ତାର ସବୁ ସୌନ୍ଦର୍ଯ୍ୟକୁ ଏହି ଘାଟିକୁ ଅର୍ପଣ କରିଛି। ଘାଟିରେ ବହୁଥିବା ତୀବ୍ରଗତିର ପବନ ଆପଣଙ୍କ ମନକୁ ଆଶଙ୍କାରେ ଥରାଇ ଦେଇପାରେ, କିନ୍ତୁ ଭୟ କରନ୍ତୁ ନି ଏହା ଏଠାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଆହୁରି ଘନ କରାଇବା ପାଇଁ ଈଶ୍ୱରଙ୍କର ଏପରି ସର୍ଜନା। ଏଠାରୁ ୬କିଲୋମିଟର ଦୂରରେ ବୁର୍ଫୁ ନାମକ ଏକ ସ୍ଥାନ ରହିଛି, ଯେଉଁଠାରେ କି ଅଧିକ ସଂଖ୍ୟାରେ ଟ୍ରେକର ଦେଖିବାକୁ ମିଳେ।

**କେବେ ଯିବେ:** ମିଲମ୍ ଗାଁକୁ ଯିବା ପାଇଁ ମେ'ରୁ ଅକ୍ଟୋବର ମାସ ପର୍ଯ୍ୟନ୍ତ ଠିକ୍ ରହିଥାଏ। ମିଲମ୍‌ଗାଁକୁ ଯିବା ବାଟରେ ବିଲ୍ଜୁ ଗାଁର ଖଣ୍ଡହର ଆର ପାର୍ଶ୍ୱରେ ପବିତ୍ର ନନ୍ଦା ଦେବୀ ଶିଖର ଦେଖିବାକୁ ମିଳେ। ନନ୍ଦାଦେବୀର ସୌନ୍ଦର୍ଯ୍ୟ ଏଭଳିଯେ ଲୋକମାନେ ଏହାକୁ ଦେଖି ଚକିତ ହୋଇପଡ଼ନ୍ତି। ଏଠାରେ ଏକ ନଦୀ ବହିଯାଇଛି, ଯାହାକୁକି ଏଠାର ଲୋକମାନେ ପାଗଳ ନଦୀ ନାମରେ କହିଥାନ୍ତି। କାରଣ ଏହା କେବେବି ନିଜର ପାଗଳାମୀ ଦେଖାଇଥାଏ। ମିଲମ୍ ଯିବା ପାଇଁ କୋଲିଙ୍ଗାଣା ନଦୀକୁ ପାରି ହୋଇ ଯିବାକୁ ହୋଇଥାଏ। ଏହା ତୀବତରୁ ଆସିଛି। ଯଦି ଆପଣ ଏହି ନଦୀର କୂଳେ କୂଳେ ଉପରକୁ ଉଠିଚାଲିବେ ମାତ୍ର ଚାରିଦିନରେ ତିବତ୍‌ରେ ଯାଇ ପହଞ୍ଚିଯିବେ। ଏହି ନଦୀକୁ ଲୋକମାନେ ପୋଲ ସହାୟତାରେ ପାରି ହୋଇଥାନ୍ତି, କିନ୍ତୁ ଏଠାରେ ପବନ ଏତେ ଜୋର୍‌ରେ ବହୁଥାଏଯେ ଲୋକମାନେ ନଦୀ ପାରି ହେଉଥିବା ବେଳରେ ଭାରି ଆଶଙ୍କା ଆଣିଥାନ୍ତି। ଏହି ନଦୀକୁ ପାରି ହୋଇଗଲେ ସାମନାରେ ମିଲମ୍ ଗାଁ ଦେଖିବାକୁ ମିଳେ। ପ୍ରାୟ ପାଞ୍ଚଶହରୁ ଅଧିକ ଘରେ ଏଠାର ଅଧିବାସୀ ରହିଥାନ୍ତି। ସେମାନେ କ୍ଷେତବାଡ଼ି କରି ଓ ଟ୍ରେକର ଚଳାଇ ନିଜର ପରିବାର ଗୁଜୁରାଣ ମେଣ୍ଟଣ କରିଥାନ୍ତି। ରାତି ଆକାଶର ତାରକାଙ୍କ ଝଲକରେ ଏହି ଗାଁଟି ପରୀ ରାଇଜ ଭଳି ମନେହୋଇଥାଏ।



## କେମିତି ଯିବେ ?

ଯଦି ସଡ଼କ ପଥରେ ଯିବା ପାଇଁ ଇଚ୍ଛୁକ ତେବେ ଏଠାକୁ ଯିବା ପାଇଁ ପରିବହନ ନିଗମର ବସ୍ ୨୪ ଘଣ୍ଟା ମଧ୍ୟରେ ଆପଣଙ୍କୁ ମୁନ୍‌ସିଆରୀ ରେ ପହଞ୍ଚାଇଦେବ। ଦିଲ୍ଲୀର ଅନ୍ତରାଷ୍ଟ୍ରୀୟ ବସ୍‌ଷ୍ଟାଣ୍ଡରୁ ବି ବାହାରି ଆପଣ ଏହି ସ୍ଥାନରେ ପହଞ୍ଚି ପାରିବେ।

ରେଳପଥରେ ଯିବା ପାଇଁ ଇଚ୍ଛା କରୁଥିଲେ ଟ୍ରେନ୍‌ରେ ଆପଣ ଯନକପୁର ପର୍ଯ୍ୟନ୍ତ ଯାତ୍ରା କରିପାରିବେ ଓ ଏଠାରୁ ବସ୍ ବା ଟ୍ରେକର ଯୋଗେଁ ମୁନ୍ସିଆରୀରେ ପହଞ୍ଚିଯିବେ।

ମନେରଖନ୍ତୁ ମିଲମ୍ ଗ୍ଲାସିୟରକୁ ଯଦି ଯିବାକୁ ଚାହୁଁଥାନ୍ତି ସାଙ୍ଗରେ ଗରମ ପୋଷାକ ନେବାକୁ ଆଦୌବି ଭୁଲନ୍ତୁ ନାହିଁ। ଏହା ସହିତ ସାଙ୍ଗରେ ସ୍ଲିପିଂ ବ୍ୟାଗ୍ ରଖିଲେ ଯାତ୍ରା ଆଦୌବି କଷ୍ଟକର ହେବ ନାହିଁ।

# ଏକାମ୍ର ଉତ୍ସବରେ ମାତ୍ରାଧିକ ଶବ୍ଦ ପ୍ରଦୂଷଣ

**ଭୁବନେଶ୍ୱର, (ବ୍ୟୁରୋ):** ନିକଟ ଅତୀତରେ ସମାପ୍ତ ହୋଇଥିବା ଏକାମ୍ର ଉତ୍ସବରେ ମାତ୍ରାଧିକ ଶବ୍ଦ ପ୍ରଦୂଷଣ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇଥିଲା। ଖାରବେଳ ନଗରସ୍ଥ ପ୍ରଦର୍ଶନୀ ପଡ଼ିଆରେ ଛଅଦିନବ୍ୟାପୀ ଏହି ଉତ୍ସବରେ ସନ୍ଧ୍ୟା ସମୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ମାତ୍ର ଦିନ ୨ଟାରୁ ଉଚ୍ଚଶବ୍ଦ ସୃଷ୍ଟିକାରୀ ବିଭିନ୍ନ ବାଦ୍ୟଯନ୍ତ୍ର ମାଧ୍ୟମରେ ପ୍ରାକ୍ଟିସ କରାଯାଉଥିଲା ଯାହାକି ଶିଶୁ, ବୃଦ୍ଧ ତଥା ବୟୋଜ୍ୟେଷ୍ଠ ନାଗରିକଙ୍କ ବିଶ୍ରାମରେ ବାଧା ସୃଷ୍ଟି କରିଥିଲା। ଭୀମଭୋଇ ଅନ୍ଧ ବିଦ୍ୟାଳୟ ପରିସରରୁ ଦୁଇ ସନ୍ଧ୍ୟାରେ ଅତି ଉଚ୍ଚଶବ୍ଦ ସୃଷ୍ଟିକାରୀ ବାଣ ଆକାଶକୁ ନିକ୍ଷେପ କରାଯାଇଥିଲା ଯାହାକି ଶବ୍ଦ ପ୍ରଦୂଷଣକୁ ତୀବ୍ର କରାଇବା ସଙ୍ଗେ ସଙ୍ଗେ ଘରର କାନ୍ଥବାଡ଼ ଦୋହଲାଇ ଦେଉଥିଲା। ବୁଲା କୁକୁର ଏବଂ ଗୃହପାଳିତ ପଶୁ ଭୟଭୀତ ହୋଇ ପଡ଼ିଥିଲେ। ଅତୀତରେ ଉତ୍କଳ ଦିବସ ପାଳନ ଅବସରରେ ଏଠାରେ ଆତସବାଜୀ ପ୍ରତିଯୋଗିତା ହେଉଥିଲା। ମାତ୍ର ଏକ ଲକ୍ଷ୍ୟଭ୍ରଷ୍ଟ ବାଣ ପ୍ରହାରରେ ଏକ ବାଳକର ମୃତ୍ୟୁ ପରଠାରୁ ଏହା ନିଷେଧ କରାଯାଇଛି। ତେବେ ମନରେ ପ୍ରଶ୍ନ ଉଠେ ଯେ, କୋମଳମତି ଭିନ୍ନକ୍ଷମ ଛାତ୍ରଛାତ୍ରୀ ରହୁଥିବା ଅନ୍ଧ ଏବଂ ମୂକ ବଧିର ବିଦ୍ୟାଳୟ ପରିସରରେ ଏହି ଉଚ୍ଚଶକ୍ତି ସମ୍ପନ୍ନ ବାଣ କାହିଁକି ଫୁଟାଗଲା ? ଶବ୍ଦ ପ୍ରଦୂଷଣ ବ୍ୟତୀତ ଟ୍ରାଫିକ୍ ପରିଚାଳନାରେ ଅବ୍ୟବସ୍ଥା କାରଣରୁ ସ୍ଥାନୀୟ ବାସିନ୍ଦା ନିଜର ବାସଗୃହକୁ ଫେରିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଘର ଗେଟ୍ ସାମ୍ନାରେ ଦୁଇଚକିଆ ଯାନ ରଖାଯିବା ଯୋଗୁ ଗୃହକର୍ତ୍ତା ଏବଂ ପରିବାରର ସଦସ୍ୟ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ଆଇଓବି ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ମାତୃଭାଷା ଦିବସ ପାଳିତ




**ଭୁବନେଶ୍ୱର, (ବ୍ୟୁରୋ):** ରାଷ୍ଟ୍ରାୟତ୍ତ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟ ତରଫରୁ ବରିଷ୍ଠ କ୍ଷେତ୍ରୀୟ ପ୍ରବନ୍ଧକ ମନିଷ କୁମାରଙ୍କ ଅଧ୍ୟକ୍ଷତାରେ କ୍ଷେତ୍ରୀୟ କାର୍ଯ୍ୟାଳୟ ସଭା ଗୃହରେ ମାତୃଭାଷା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନିକଟସ୍ଥ ଶାଖାଗୁଡ଼ିକର ଉତ୍ସାହୀ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସମାଜରେ ବ୍ୟକ୍ତିଗତ, ସାମାଜିକ ଏବଂ ଅର୍ଥନୈତିକ ବିକାଶରେ ମାତୃଭାଷାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ମନୀଷ କୁମାର ଆଲୋକପାତ କରିଥିଲେ। ମୁଖ୍ୟ ପ୍ରବନ୍ଧକ ରତିକାନ୍ତ ବେହେରା ମାତୃଭାଷା ଦିବସ ପାଳନ କରିବାର ମହତ୍ୱ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରି କର୍ମଚାରୀମାନଙ୍କୁ ସମ୍ବୋଧିତ କରିଥିଲେ। ମାତୃଭାଷାର ସୁରକ୍ଷା ଏବଂ ପ୍ରଚାର ପ୍ରସାର ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ପୁରସ୍କାର ବିତରଣ ସମାରୋହ ସହିତ ଓଡିଶା ସହ ଜଡିତ ଏକ ପ୍ରଶ୍ନୋତ୍ତରୀ ପ୍ରତିଯୋଗିତାର ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇ ସମ୍ପନ୍ନ କରାଯାଇଥିଲା। ଆଇଓବି, ବ୍ରହ୍ମପୁର କ୍ଷେତ୍ରୀୟ କାର୍ଯ୍ୟାଳୟର ପ୍ରବନ୍ଧକ ପ୍ରତିଭା ବହିଦାର ଏହି କାର୍ଯ୍ୟକ୍ରମର ସଫଳ ପରିଚାଳନା କରିଥିଲେ।

# ମୂଲ୍ୟ ହ୍ରାସ ପରେ ଓଲା ଇଲେକ୍ଟ୍ରିକ ବିକ୍ରିରେ ଉତ୍ତମ ଅଭିବୃଦ୍ଧି



**ଭୁବନେଶ୍ୱର, (ବ୍ୟୁରୋ):** ଓଲା ଇଲେକ୍ଟ୍ରିକ ତାହାର ଏସ୍୧ ପ୍ରୋ, ଏସ୍୧ ଏୟାର ଏବଂ ଏସ୍୧ ଏକ୍ସ+ର ମୂଲ୍ୟ ଗତ ସପ୍ତାହରେ ୨୫ ହଜାର ଟଙ୍କା ପର୍ଯ୍ୟ' ହ୍ରାସ କରିବା ପରେ ତାହାର ବିକ୍ରିରେ ନାଟକୀୟ ବୃଦ୍ଧି ପରିଲକ୍ଷିତ ହୋଇଛି। ବିଭିନ୍ନ ଗଣମାଧ୍ୟମ ସୂତ୍ରରୁ ସଂଗୃହୀତ ତଥ୍ୟରେ କୁହାଯାଇଛି ଯେ, କମ୍ପାନୀ ମାତ୍ର ତିନିଦିନ ମଧ୍ୟରେ ବୃହତ୍ ସଂଖ୍ୟାରେ ୧୦ ହଜାର ୟୁନିଟ୍ ବିକ୍ରି କରିଛି, ଯାହା ତାହାର ହାରାହାରି ଦୈନିକ ବିକ୍ରିର ତିନିଗୁଣ ହୋଇଛି। ଏହି ବୃଦ୍ଧିରୁ ପରିଲକ୍ଷିତ ହେଉଛି ଯେ ରଣକୌଶଳାତ୍ମକ ମୂଲ୍ୟ ହ୍ରାସ ଓଲାର ଇଲେକ୍ଟ୍ରିକ ଗାଡି କ୍ଷେତ୍ରରେ ରହିଥିବା ଲକ୍ଷ୍ୟ ହାସଲ ଦିଗରେ ଏକ ନାଟକୀୟ ପରିବର୍ତ୍ତନ ଆଣିବ। ଏହା ୨୦୨୧ ଅଗଷ୍ଟରେ ତାହାର ପ୍ରଥମ ଉତ୍ପାଦନ ସମ୍ପର୍କରେ ଘୋଷଣା କରିବା ଠାରୁ ୪,୦୦,୦୦୦ରୁ ଅଧିକ ଗାଡି ଯୋଗାଇ ଦେଇସାରିଛି। ଏହା ନିଜର ଡିଆରଏଚ୍‌ପି ଅନୁଯାୟୀ ୨୦୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରୁ ତାହାର ମୋଟରସାଇକଲ ମଡେଲଗୁଡିକର ଯୋଗାଣ ଆରମ୍ଭ କରିବାକୁ ଯୋଜନା ରଖିଛି। ଓଲା ୨୦୨୩ ଡିସେମ୍ବରରେ ତାହାର ଆଇପିଓ ନିମନ୍ତେ ନିୟାମକଙ୍କ ନିକଟରେ ପ୍ରସ୍ତାବ ଦାଖଲ କରିଥିଲା। ପିୟୋର ପ୍ଲେ ଇଭି କମ୍ପାନୀ ଇଭି ଏବଂ ବ୍ୟାଟେରୀ ପ୍ୟାକ୍, ମୋଟର ଓ ଗାଡି ଫ୍ରେମ ଭଳି କିଛି ମୂଳ ଉପକରଣଗୁଡିକ ତାହାର ତାମିଲନାଡୁର କ୍ରିଷ୍ଣଗିରିସ୍ଥିତ କାରଖାନାରେ ତିଆରି କରୁଛି। ଚଳିତ ମାସ ପ୍ରାରମ୍ଭରେ ଓଲା ଇଲେକ୍ଟ୍ରିକ ନିଜର ନୂତନ ୪କେଡବ୍ଲ୍ୟୁଏଚ୍ ବର୍ଗକୁ ତାହାର ଓଲାଏସ୍୧ଏକ୍ସ ସ୍କୁଟର ସେଗ୍‌ମେଣ୍ଟରେ ଉନ୍ମୋଚନ କରିଥିଲା ଏବଂ ସୂଚନା ଦେଇଥିଲା ଯେ ୨୦୨୪ ଏପ୍ରିଲ ସୁଦ୍ଧା ନିଜର ସର୍ଭିସ ନେଟୱର୍କକୁ ୪୦୦ରୁ ୬୦୦ ସେଣ୍ଟରକୁ ବୃଦ୍ଧି କରିବ ଏବଂ ସମଗ୍ର ଦେଶର ୧୦,୦୦୦ ଚାର୍ଜିଂ ୟୁନିଟ୍ ସ୍ଥାପନ କରିବ।

# କାନ୍ତକବିଙ୍କ କାଳଜୟୀ ରଚନା ତାଙ୍କୁ ଜନମାନସରେ ଅମର କରି ରଖିଛି

**ଭୁବନେଶ୍ୱର, (ବ୍ୟୁରୋ):** ବିଶିଷ୍ଟ ସାରସ୍ୱତ ସାଧକ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ସାରଥୀ ଡଗର ପତ୍ରିକାର ପ୍ରତିଷ୍ଠାତା, ବନ୍ଦେ ଉତ୍କଳଜନନୀର ରଚୟିତା କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୭୧ତମ ଶ୍ରାଦ୍ଧୋତ୍ସବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର



ପି.ଏମ୍.ଜି.ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀରେ ଅନୁଷ୍ଠିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଶିକ୍ଷାବିତ୍ କାମଦେବ ମହାପାତ୍ର ସ୍ୱରଚିତ କବିତା ଆବୃତ୍ତି କରିଥିଲା ବେଳେ ଶ୍ରଦ୍ଧାଞ୍ଜଳି ସଭାରେ କାନ୍ତକବିଙ୍କ ପୌତ୍ର ଗୁରୁକଲ୍ୟାଣ ମହାପାତ୍ର, ପ୍ରଭୁକଲ୍ୟାଣ ମହାପାତ୍ର, ବାଣୀକଲ୍ୟାଣ ମହାପାତ୍ର, ଉତ୍କଳସମ୍ମିଳନୀ ସଭାପତି ଡ. ଅଦ୍ୱୈତ କୁମାର ପାତ୍ର, ଦେବରାଜ ନାୟକ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ଗିରିଜା ଶଙ୍କର ମହାପାତ୍ର, ଦେବରାଜ ନାୟକ, ହାଡ଼ିବନ୍ଧୁ ବେହୁରିଆ, ଶାନ୍ତିଲତା ସାହୁ, ରବିନ୍ଦ୍ର କୁମାର ମିଶ୍ର, ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକ, ଶ୍ରଦ୍ଧାଞ୍ଜଳି ସାମଲ, ଅଶ୍ୱିନୀ ପଟ୍ଟନାୟକ, ଅମିତ୍ ପାତାଳସିଂହ, ନରେନ୍ ସାହୁ, ସୁବାଷ ଚନ୍ଦ୍ର ମହାପାତ୍ର, ଜୟ ଓଡ଼ିଶା, ଉଇ ଫର ଭୁବନେଶ୍ୱର ସଭ୍ୟବୃନ୍ଦ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ନିଜ ବକ୍ତବ୍ୟରେ କାନ୍ତକବିଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ ନିର୍ବାହୀଯନ୍ତ୍ରୀ ସରୋଜ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଟନାରେ ୨ୟ ରେଡି-ମିକ୍ସ ପ୍ଲାଂଟର ଶୁଭାରମ୍ଭ

**ଭୁବନେଶ୍ୱର, (ବ୍ୟୁରୋ):** ଭାରତର ୫ମ ସର୍ବବୃହତ୍ ସିମେଂଟ୍ ଗ୍ରୁପ୍ ନୁଭୋକୋ ଭିସ୍ତାସ୍ କର୍ପୋରେଶନ ଲିଃ ପାଟ୍‌ନା-୨ ନାମରେ ଏହାର ୨ୟ ଅତ୍ୟାଧୁନିକ ରେଡି-ମିକ୍ସ କଙ୍କ୍ରିଟ୍ ପ୍ଲାଂଟ୍ (ଆର୍‌ଏମ୍‌ଏକ୍ସ)ର ଉଦ୍‌ଘାଟନ ସହିତ ନିଜର ଉପସ୍ଥିତି ବିସ୍ତାର କରିଛି। ପାଟନାର ବେଗମପୁର, ବାଇପାସ ନିକଟସ୍ଥ ରାଣୀପୁର ମିଲ୍କି ଛକରେ ରଣନୈତିକ ଭାବେ ଅବସ୍ଥାପିତ ଏହି ପ୍ଲାଂଟ୍ ପାଟ୍‌ନା ଅଂଚଳରେ ଉଚ୍ଚମାନର ନିର୍ମାଣ ସାମଗ୍ରୀ ପ୍ରଦାନ କରିବା ପାଇଁ ନୁଭୋକୋର ପ୍ରତିବଦ୍ଧତାକୁ ସୂଚିତ କରୁଛି। ପ୍ରଥମ ପ୍ଲାଂଟ୍‌ରୁ ପ୍ରାୟ ୨୪ କିଲୋମିଟର ଦୂରରେ ଅବସ୍ଥିତ ପାଟ୍‌ନା-୨ ପ୍ଲାଂଟ୍ ନୁଭୋକୋର ଆଂଚଳିକ ଫ୍ଲାଗ୍‌ସିପ ପ୍ଲାଂଟ୍ ଭାବେ ଅବସ୍ଥାପିତ ହୋଇଛି। ଏହା ଉକ୍ତ ଅଂଚଳରେ ନୁଭୋକୋ ସିମେଂଟ ପ୍ଲାଂଟ ପାଇଁ ତତ୍କାଳ ପହଂଚ ପ୍ରଦାନ କରି ଅଣଉପଯୋଗୀ ବଜାର କ୍ଷମତାକୁ ବ୍ୟବହାର କରୁଛି। ପାଟ୍‌ନା-୨ ପ୍ଲାଂଟ୍‌ରେ ଘଂଟା ପିଛା ୬୦ କ୍ୟୁବିକ ମିଟରର ଏକ କ୍ଷମତା ରହିଛି ଏବଂ ଏଥିରେ ଏକ ସମସ୍ତ ଗ୍ରେଡ୍‌ର କଙ୍କ୍ରିଟ୍ ଉତ୍ପାଦନ କରିବା ପାଇଁ ସକ୍ଷମ ଏକ ଟ୍ୱିନ ସାଫ୍ଟ ମିକ୍ସର ରହିଛି। ଏହି ପ୍ଲାଂଟ୍ ହାଜିପୁର, ମସୌରୀ, ଫାତୁଆ, ପାନାପୁର, ଗୟା ରୋଡ୍‌ରେ ଥିବା ସମ୍ପତ ଛକ ଓ ପାଟ୍‌ନା ଆଖପାଖ ଅଂଚଳରେ ନିର୍ମାଣ ଆବଶ୍ୟକତା ପୂରଣ କରିବା ପାଇଁ ସୁସଜ୍ଜିତ ରହିଛି। ଏସମ୍ପର୍କରେ ନୁଭୋକୋ ଭିସ୍ତାସର ରେଡି-ମିକ୍ସ (ଆର୍‌ଏମ୍‌କ୍ସ) କଙ୍କ୍ରିଟ୍ ଓ ମଡର୍ଣ୍ଣ ବିଲ୍ଡିଂ ମ୍ୟାଟେରିଆଲ୍ସ ବିଜ୍‌ନେସ୍ ବିଭାଗର ମୁଖ୍ୟ ପ୍ରଶା' ଝା' କହିଛନ୍ତି, 'ପାଟ୍‌ନା-୨ ପ୍ଲାଂଟ୍‌ର ଶୁଭାରମ୍ଭ ବିହାରରେ ନିର୍ମାଣ ଶିଳ୍ପର ବିକଶିତ ଆବଶ୍ୟକତାକୁ ପୂରଣ କରିବା ପାଇଁ ଅଭିନବ ସମାଧାନ ପ୍ରଦାନ କରିବା ପ୍ରତି ନୁଭୋକୋର ଉତ୍ସର୍ଗୀକୃତତା କୁ ରେଖାଙ୍କିତ କରୁଛି।

# ପଟିଆଗଡ ଶିରିଡି ଶାଇ ମନ୍ଦିରର ପ୍ରତିଷ୍ଠା ଉତ୍ସବ



**ଭୁବନେଶ୍ୱର, (ବ୍ୟୁରୋ):** ପଟିଆଗଡ ଶିରିଡି ଶାଇ ମନ୍ଦିରର ୧୨ ତମ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଚାରିଦିନ ଧରି ଚାଲିଥିବା ଏହି ଧାର୍ମିକ ଉତ୍ସବରେ ସୋମବାର ଅଙ୍କୁରାରୋପଣ, ନବବ୍ୟୁହ ପୂଜା, ମଣ୍ଡଳକରଣ ମଙ୍ଗଳବାର ସକାଳେ କଳସ ଯାତ୍ରା ଅନୁଷ୍ଠିତ ହୋଇ ସୂର୍ଯ୍ୟପୂଜା, ଶାଳା ଦେବତା ଆବାହନ ଓ ଅଗ୍ନି ସ୍ଥାପନ କରାଯାଇଥିଲା। ବୁଧବାର ସୂର୍ଯ୍ୟପୂଜା, ଗୋପୂଜା, ଶାଳା ପୂଜା ସାଇନାଥଙ୍କ ପଞ୍ଚାମୃତ ମହାସ୍ନାନ ଓ ସହସ୍ରାର୍ଚ୍ଚନ, ଘୃତାହୁତୀ ଗୁରୁବାର ଦିନ ଯଥା ବିଧି ଓ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପୂର୍ବକ ସାଇନାଥଙ୍କ ୧୦୦୮ ନାମ ମୂଳମନ୍ତ୍ରରେ ଘୃତାହୁତୀ, ପୂର୍ଣ୍ଣାହୂତି, ଆଳତୀ, ପୁଷ୍ପାଳି ଏବଂ ଶାନ୍ତି ପାଠ ହେବା ସହିତ ସାଇ ପାଲିଙ୍କି ମେଳଣ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଂଚଳର ୧୧ଟି ପାଲିଙ୍କି ପଟିଆ ଗାଁ ମୁଣ୍ଡରୁ ଶୋଭାଯାତ୍ରାରେ ବାହାରି ମନ୍ଦିର ନିକଟରେ ପହଂଚି ଥିଲେ। ଏହି ବାର୍ଷିକ ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ରାଜନେତା ଓ ସ୍ଥାନୀୟ ଅଞ୍ଚଳର ବହୁ ଭକ୍ତ ଯୋଗଦେଇ ଦର୍ଶନ କରିବା ସହିତ ସାଇନାଥଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ଶିରିଡି ସାଇ ଟ୍ରଷ୍ଟର ଟ୍ରଷ୍ଟି ମିହିର କୁମାର ରାଉତଙ୍କ ନେତୃତ୍ୱରେ ଦିବା ୧୦ ଘଟିକା ସମୟରେ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା।

# ରାଜ୍ୟ ଓଡ଼ିଶା ଲେଡ଼ି ମେଟ୍ରୋନ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା

**ଭୁବନେଶ୍ୱର, (ବ୍ୟୁରୋ):** ମାନ୍ୟବର ମୁଖ୍ୟମନ୍ତ୍ରୀ ରାଜ୍ୟରେ ମହିଳାମାନଙ୍କର ଉନ୍ନତି ନିମନ୍ତେ ମିଶନ ଶକ୍ତି ଜରିଆରେ ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ଉନ୍ନୟନମୂଳକ କାମର ମୁଖ୍ୟସ୍ରୋତରେ ସାମିଲ କରିବା ସଙ୍ଗେ ସଙ୍ଗେ ଅନେକ ଗୁଡ଼ିଏ ଯୋଜନା କରି ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିପାରିଛନ୍ତି। ବିଶେଷକରି ଆଦିବାସୀ ଅଂଚଳରେ ବସବାସ କରୁଥିବା ୫୦ ଲକ୍ଷରୁ ଅଧିକ ମହିଳା ଓ ଛାତ୍ରଛାତ୍ରୀମାନଙ୍କର ପୁଷ୍ଟିହୀନତା ଦୂର କରିବା, ମାଗଣାରେ ଛାତ୍ରଛାତ୍ରୀଙ୍କୁ ହଷ୍ଟେଲରେ ରଖିବା ଓ ସେମାନଙ୍କୁ ପୁଷ୍ଟିପୂରକ ଖାଦ୍ୟ ଦେବା ସଙ୍ଗେ ସଙ୍ଗେ ସମସ୍ତଙ୍କୁ ମାଗଣରେ ପଢାଇବା ବ୍ୟବସ୍ଥା କରିଛନ୍ତି। ଯେଉଁ ଛାତ୍ରୀମାନଙ୍କୁ ଛାତ୍ରୀନିବାସରେ ରଖାଯାଇଛି ସେମାନଙ୍କର ଯତ୍ନ ନେବା ଓ ଦେଖାଶୁଣା କରିବା ପାଇଁ ପ୍ରତ୍ୟେକ ହଷ୍ଟେଲରେ ଜଣେ ଲେଖାଏଁ ମହିଳାଙ୍କୁ ମେଟ୍ରୋନ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ଦାବି ପ୍ରତି ସହାନୁଭୂତିର ସହିତ ବିଚାର କରି ମାସିକ ବେତନ ୧୫ ହଜାରକୁ ବୃଦ୍ଧି କରିବା, ଅବସରକାଳୀନ ସୁବିଧା ୧ ଲକ୍ଷ ଟଙ୍କା ଓ କର୍ମରତ ମେଟ୍ରୋନ ମୃତ୍ୟୁବରଣ କଲେ ତାଙ୍କ ପରିବାରବର୍ଗଙ୍କୁ ୨ ଲକ୍ଷ ଟଙ୍କା ଦେବାକୁ ଘୋଷଣା କରିଛନ୍ତି। ସେଥିପାଇଁ ସାରା ରାଜ୍ୟ ଓଡ଼ିଶା ଲେଡ଼ି ମେଟ୍ରୋନ ମହାସଂଘ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ସଭାପତି ଝରଣା ମହାନ୍ତି, ଯୁଗ୍ମ ସମ୍ପାଦିକା ପୁଷ୍ପଲତା ମହାନ୍ତ, କାର୍ଯ୍ୟକାରୀ ସଭାପତି ନାଗିଆ ଓରାମ, ସୁଷମା ମହାନ୍ତ, କୁମୁଦିନୀ ସାହୁ ଏବଂ ଅନ୍ୟ ଜିଲ୍ଲାରୁ ଆସିଥିବା ଉପସ୍ଥିତ ମେଟ୍ରୋନମାନେ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର



ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ ସାଧାରଣ ସମ୍ପାଦକ ସୁଜିତ କୁମାର ନାୟକ ତା ୨୩.୦୬.୨୦୨୨ରିଖ, ୦୯.୦୪.୨୦୨୩ ଓ ୨୮.୦୪.୨୦୨୩ ରିଖରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଜଣାଇଥିଲେ ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ୨୭.୧୨.୨୦୨୨, ୦୯.୦୪.୨୦୨୩, ୨୮.୦୪.୨୦୨୩ ରିଖରେ ଚିଠି ଦ୍ୱାରା ଜଣାଇବା ଓ ମନ୍ତ୍ରୀସ୍ତରୀୟ କମିଟିରେ ଆଲୋଚନା କରିଥିଲେ। ଏଥିପାଇଁ ସମନ୍ୱୟ ସମିତିର ସଭାପତି, ସାଧାରଣ ସମ୍ପାଦକଙ୍କ ସମେତ ପୂର୍ବତନ ସମ୍ପାଦକ କ୍ଷେତ୍ରମୋହନ ଦାସ, ପୂର୍ବତନ ସଭାପତି ପ୍ରତାପ ଚନ୍ଦ୍ର ମିଶ୍ର, କାହ୍ନୁ ଚରଣ ମଲ୍ଲିକ, ଅଶ୍ୱିନୀ କୁମାର ବ୍ରହ୍ମ, ଅଶୋକ କୁମାର ମୁଦୁଲି ଆଦି ନେତୃତ୍ୱ ବିଗତ ଦିନରେ ଆମକୁ ପ୍ରେରଣା ଦେବା ସଙ୍ଗେ ସଙ୍ଗେ ଆନ୍ଦୋଳନରେ ସହଯୋଗ କରିଥିବାରୁ ଆମ ସଂଘ ତରଫରୁ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଣୁ ରାଜ୍ୟ ସରକାର ଆମର ପୂରଣ ହୋଇନଥିବା ଦାବିଗୁଡ଼ିକ ଯଥା : ୨୪ ଘଣ୍ଟା ପରିବର୍ତେ ୮ ଘଂଟା କାର୍ଯ୍ୟ କରିବା, ହଷ୍ଟେଲ ପରିଚାଳନା ମେଟ୍ରୋନମାନଙ୍କୁ ଦେବା, ବିନା ଭଡ଼ାରେ ହେଷ୍ଟଲ ପରିସର ମଧ୍ୟରେ ବାସଗୃହ ଯୋଗାଇଦେବା, ସମସ୍ତଙ୍କୁ ସରକାରୀ କର୍ମଚାରୀ ରୂପେ ଘୋଷଣା କରିବା, ପ୍ରତି ମାସରେ ଇ.ପି.ଏଫ କାଟିବା, ସଂଘ ନିମନ୍ତେ ପ୍ରତି ଜିଲ୍ଲାରେ ଗୋଟିଏ ଗୃହ ଯୋଗାଇ ଦେବା, ମହିଳା ମେଟ୍ରୋନ ମାନଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନରେ ସାମିଲ୍ କରିବା ପାଇଁ ଅନୁରୋଧ।

# ଆତ୍ମାରାମ ସାହିରେ ପରିଚୟ ଗୃହ ଉଦ୍‌ଘାଟିତ



**ଭୁବନେଶ୍ୱର, (ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୧୨ ନମ୍ବର ୱାର୍ଡରେ ଆତ୍ମାରାମ ସାହିରେ ପରିଚୟ ଗୃହ ଉଦ୍‌ଘାଟନ ଉତ୍ସବ ଓ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ପ୍ରସନ୍ନ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ପରିଚୟ ଗୃହର ଶୁଭ ଉଦ୍‌ଘାଟନ କରିଥିଲେ। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସହରାଂଚଳ ବସ୍ତି ବାସିନ୍ଦାଙ୍କ ପାଇଁ ବିଭିନ୍ନ ପ୍ରକାର ଉନ୍ନୟନ ମୂଳକ ଯୋଜନା କରିବା ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଜାଗା ମିଶନ ଜରିଆରେ ସମସ୍ତଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ଦେବା ସହିତ ପାଣି, ବିଜୁଳି ଓ ରାସ୍ତାଘାଟ ଉନ୍ନତି କରଣ କରି ବସ୍ତି ଗୁଡିକୁ ବିଜୁ ଆଦର୍ଶ କଲୋନୀରେ ପରିଣତ କରିଛନ୍ତି। ଆଗାମୀ ନିର୍ବାଚନରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ବୋଲି ବିଧାୟକ ଶ୍ରୀ ରାଉତ କହିଥିଲେ। ସମ୍ମାନିତ ଅତିଥି ଭାବେ କର୍ପୋରେଟର ଜୟନ୍ତୀ ସାହୁ ଯୋଗଦେଇ କହିଥିଲେ ମାନ୍ୟବର ବିଧାୟକଙ୍କ ପାଇଁ ଉତର ଭୁବନେଶ୍ୱରେ ବହୁ ମାତ୍ରାରେ ବିକାଶ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ଆମ୍ଭମାନଙ୍କୁ ଦେଇଛନ୍ତି। ଏବେ ଆମ୍ଭମାନଙ୍କୁ ଦେବାର ସମୟ ଆସିଛି। ତେଣୁ ଆଗାମୀ ନିର୍ବାଚନରେ ଆମ୍ଭମାନେ ଯୋଡି ଶଙ୍ଖରେ ବହୁ ସଂଖ୍ୟାରେ ଭୋଟ ଦେଇ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ସହିତ ବିଧାୟକଙ୍କୁ ପୁଣି ଥରେ ନିର୍ବାଚିତ କରିବା। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଡେପୁଟି କମିଶନର ପ୍ରିୟଦର୍ଶିନୀ ଜେନା, ୱାର୍ଡ ଅଧିକାରୀ ରବିନାରାୟଣ ମିଶ୍ର, ସାମ୍ବାଦିକ ସୁକାନ୍ତ ରାଉତ, ସତ୍ୟଜିତ ରାଉତ, ସାହି ସଭାପତି ଶଙ୍କର୍ଷଣ ବାରିକ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ବନ୍ଧରେ ଲୋକମାନଙ୍କୁ ସଚେତନ କରିଥିଲେ। ଏହି ଅବସରରେ ସାହିର ମୁରବି, ଏସଏଚଜି ମହିଳା, ଯୁବକ ମାନଙ୍କୁ ସମ୍ମାନୀତ କରାଯିବା ସହିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ପାଦକ ରମେଶ ଚନ୍ଦ୍ର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଦିତ୍ୟ ବିର୍ଲା ଗ୍ରୁପ୍ ପକ୍ଷରୁ ବିର୍ଲା ଓପସ୍ ପେଂଟସ୍‌ର ଶୁଭାରମ୍ଭ

**ଭୁବନେଶ୍ୱର, (ବ୍ୟୁରୋ):** ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା ନୂଆ ଡେକୋରେଟିଭ୍ ପେଂଟ୍‌ସ ବ୍ରାଣ୍ଡ ବିର୍ଲା ଓପସ୍ ପେଂଟ୍‌ସ ଅଧୀନରେ ନୂଆ ଉତ୍ପାଦ ଓ ସେବାର ଶୁଭାରମ୍ଭ କରିଛନ୍ତି। କମ୍ପାନି ତିନି ବର୍ଷ ଭିତରେ ପୂର୍ଣ୍ଣ ଦକ୍ଷତାର ସହ କାର୍ଯ୍ୟ କରି ୧୦,୦୦୦ କୋଟି ଟଙ୍କାର ରାଜସ୍ୱ ହାସଲ କରିବାକୁ ଲକ୍ଷ୍ୟ ରଖିଛି। ଏହା ଜରିଆରେ କମ୍ପାନି ୮୦,୦୦୦ କୋଟି ଟଙ୍କାର ଭାରତୀୟ ଡେକୋରେଟିଭ୍ ପେଂଟ୍ ବଜାରରେ ପ୍ରବେଶ କରିଛି। କମ୍ପାନି ୧୦,୦୦୦ କୋଟି ଟଙ୍କାର ନିବେଶ କରି ଏହାର ପ୍ରମୁଖ କମ୍ପାନି ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ ଦ୍ୱାରା ବିର୍ଲା ଓପସ୍ ବ୍ୟବସାୟ ସ୍ଥାପନ କରିଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଧ୍ୟକ୍ଷ କୁମାର ମଙ୍ଗଳମ୍ ବିର୍ଲା କହିଛନ୍ତି ଯେ, 'ଭାରତ ଆଜି ଗତିଶୀଳତା, ଦୁଃସାହସିକତା ଏବଂ ପରିବର୍ତନ ଆଗ୍ରହରେ ପରିପୂର୍ଣ୍ଣ। ଏହି ଭାରତ ଆମର ପେଂଟ୍ ଉଦ୍ୟୋଗ ବିର୍ଲା ଓପସରେ ପ୍ରତିଫଳିତ ହୋଇଛି। ଆଦିତ୍ୟ ବିର୍ଲା ଗ୍ରୁପ୍‌ର କୋଠା ଉପକରଣ ବ୍ୟବସ୍ଥା ବିଷୟରେ ଗଭୀର ବୁଝାମଣା ଆମକୁ ଏକ ଅନନ୍ୟ ସୁବିଧା ପ୍ରଦାନ କରୁଛି। ତେଣୁ ବିର୍ଲା ଓପସ୍ ବର୍ତମାନର କ୍ଷମତାଠାରୁ ୪୦% ବୃଦ୍ଧି ସହିତ ରଙ୍ଗ ଶିଳ୍ପରେ ପରିବର୍ତନ ଆଣିବାକୁ ପ୍ରସ୍ତୁତ। ବିଶ୍ୱର କୌଣସି ପେଂଟ୍ କମ୍ପାନି ଏକକାଳୀନ କାରଖାନା, ପରିଚାଳନା, ଉତ୍ପାଦ ଏବଂ ସେବା ଆରମ୍ଭ କରିନାହିଁ। ଆଦିତ୍ୟ ବିର୍ଲା ଗ୍ରୁପ୍ ଦ୍ୱାରା ବିର୍ଲା ଓପସ୍‌କୁ ଏକ ବ୍ୟାପକ ଷ୍ଟାର୍ଟଅପ୍ ଭାବରେ ଦେଖିବା ଉଚିତ୍ । ଏହା ଏକ ଷ୍ଟାର୍ଟଅପ୍ ର ଚପଳତା, ଶକ୍ତି ଏବଂ ବ୍ୟୟବହୁଳତାକୁ ଏକ ସ୍ଥିର ଏବଂ ଗତିଶୀଳ ଗୋଷ୍ଠୀର ଦୃମତା, ଭରସାଯୋଗ୍ୟତା ଓ ବ୍ରାଣ୍ଡ ସୁଦୃଢ଼ତା ସହିତ ମିଶ୍ରଣ କରିଛି।'' ବିର୍ଲା ଓପସ୍ ଉତ୍ପାଦ ୨୦୨୪ ମାର୍ଚ୍ଚ ମଧ୍ୟଭାଗରୁ ପାବ, ହରିୟାଣା ଏବଂ ତାମିଲନାଡୁରେ ଏବଂ ଜୁଲାଇ ୨୦୨୪ ସୁଦ୍ଧା ଭାରତର ସମସ୍ତ ୧ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ସହରରେ ଉପଲବ୍ଧ ହେବ। ଆର୍ଥିକ ବର୍ଷ ଶେଷ ସୁଦ୍ଧା ୬,୦୦୦ରୁ ଅଧିକ ସହରରେ ଏହାର ବିତରଣକୁ ତ୍ୱରାନ୍ୱିତ କରିବାକୁ କମ୍ପାନି ଲକ୍ଷ୍ୟ ରଖିଛି। ଏହା ଯେକୌଣସି ପେଂଟ୍ ବ୍ରାଣ୍ଡଦ୍ୱାରା ଭାରତରେ ଦ୍ରୁତତମ ଏବଂ ବ୍ୟାପକ ଶୁଭାରମ୍ଭ ହେବ। ଆଦିତ୍ୟ ବିର୍ଲା ଗ୍ରୁପ୍‌ର ନିର୍ଦ୍ଦେଶକ ହିମାଂଶୁ କପାନିଆ କହିଛନ୍ତି ଯେ, 'ବିର୍ଲା ଓପସ୍ ସୃଜନଶୀଳତା, ବ୍ୟାପକତା, ପାରଦର୍ଶିତା, ପ୍ରଯୁକ୍ତି ବିଦ୍ୟା ଏବଂ ସ୍ଥାୟୀତ୍ୱ ଉପରେ ମାନଦଣ୍ଡକୁ ପୁନଃନିର୍ଦ୍ଧାରଣ କରିବାକୁ ଯାଉଛି। ଆମେ ନିଶ୍ଚିତ ଯେ ଭବିଷ୍ୟତ ପ୍ରଯୁକ୍ତି ବିଦ୍ୟା ଏବଂ ଅଗ୍ରଣୀ ରସାୟନ ବିଜ୍ଞାନର ପରସ୍ପର ସମ୍ପର୍କ ଉପରେ ନିର୍ମିତ ପ୍ରତିଯୋଗିତାମୂଳକ ଲାଭ, କମ୍ ଖର୍ଚ୍ଚ ଏବଂ ଉନ୍ନତ ମାନ ଗ୍ରାହକମାନଙ୍କୁ ପ୍ରଦାନ କରାଯିବ। ଚିତ୍ରକଳାର ଅନୁଭୂତିକୁ ଆନନ୍ଦଦାୟକ ଓ ସମସାମୟିକ କରି ଗ୍ରାହକଙ୍କ ଯାତ୍ରାକୁ ସରଳ କରିବା ପାଇଁ ବିର୍ଲା ଓପସ୍ ପ୍ରତିଶ୍ରୁତି ଦେଇଛି।''

# ଇଫ୍‌କୋ ଦେଶର ଜିଡିଓ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଯୋଗଦାନ ପ୍ରଦାନ କରୁଛି

**ଭୁବନେଶ୍ୱର, (ବ୍ୟୁରୋ):** ଭାରତୀୟ କୃଷକ ସାର ସମବାୟ ଲିମିଟେଡ୍ (ଇଫକୋ) ପୁଣି ଥରେ ବିଶ୍ୱର ଶ୍ରେଷ୍ଠ ୩୦୦ ସମବାୟ ସମିତି ମଧ୍ୟରେ ଏକ ନମ୍ବର ସମବାୟ ସଂସ୍ଥା ମଧ୍ୟରେ ସ୍ଥାନ ପାଇଛି ଏବଂ ଗତବର୍ଷର ସ୍ଥିତି ବଜାୟ ରଖିଛି। ମୁଣ୍ଡପିଛା ମୋଟ ଘରୋଇ ଉତ୍ପାଦ (ଜିଡିପି) ତୁଳନାରେ କାରବାରର ଅନୁପାତକୁ ଆଧାର କରି ଏହି ମାନ୍ୟତା ପ୍ରଦାନ କରାଯାଇଛି। ଏହା ସୂଚାଉଛି ଯେ ଦେଶର ଜିଡିପି ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ଇଫ୍‌କୋ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଉଛି। ଆ'ର୍ଜାତିକ ସମବାୟ ମେଂଟ (ଆଇସିଏ) ଦ୍ୱାରା ପ୍ରକାଶିତ ଦ୍ୱାଦଶ ବାର୍ଷିକ ବିଶ୍ୱ ସମବାୟ ମନିଟର (ଡବ୍ଲୁସିଏମ) ରିପୋର୍ଟର ୨୦୨୩ ସଂସ୍କରଣ ଅନୁଯାୟୀ ଏହା ଦେଶର ସମ୍ପତି ସହିତ ଉଦ୍ୟୋଗ କାରବାରକୁ ସମ୍ବନ୍ଧିତ କରୁଛି। ଗତ ଆର୍ଥିକ ବର୍ଷରେ ଇଫକୋ ସାମଗ୍ରିକ କାରବାର ରାଙ୍କିଙ୍ଗରେ ୯୭ତମ ସ୍ଥାନରୁ ୭୨ତମ ସ୍ଥାନକୁ ଉନ୍ନୀତ ହୋଇଛି। ୩୫,୫୦୦ ସଦସ୍ୟ ବିଶିଷ୍ଟ ସମବାୟ ସମିତି, ୨୫,୦୦୦ ପ୍ୟାକ୍ସ ଏବଂ ୫୨,୪୦୦ ପିଏମକେଏସକେ କେନ୍ଦ୍ର ସହିତ ଇଫ୍‌କୋ 'ଆତ୍ମନିର୍ଭର ଭାରତ' ଓ 'ଆତ୍ମନିର୍ଭର କୃଷି' ଦିଗରେ ଅଗ୍ରସର ହେଉଥିବା ବେଳେ ଏହା ହେଉଛି ସମବାୟ ମାଧ୍ୟମରେ ସମୃଦ୍ଧିର ପ୍ରମାଣ। ଇଫକୋ ଗତ କିଛି ବର୍ଷ ଧରି ଏହାର ଏକ ନମ୍ବର ସ୍ଥାନ ବଜାୟ ରଖିଛି ଯାହା ସମବାୟ ନୀତି ଉପରେ ଇଫକୋ ଏବଂ ଏହାର ପରିଚାଳନାର ଅତୁଟ ବିଶ୍ୱାସର ପ୍ରମାଣ।ଏହାକୁ ଦେଶରେ ଦୃଢ଼ ସମବାୟ ଆନ୍ଦୋଳନର ସୂଚକ ଭାବରେ ମଧ୍ୟ ଦେଖାଯାଇପାରେ ଯାହା ଭାରତ ସରକାରଙ୍କ ମାନ୍ୟବର ଗୃହ ଓ ସହଯୋଗ ମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ଦକ୍ଷ ନେତୃତ୍ୱରେ ସମର୍ପିତ କେନ୍ଦ୍ର ସମବାୟ ମନ୍ତ୍ରଣାଳୟ ଗଠନ ପରଠାରୁ ତ୍ୱରାନ୍ୱିତ ହୋଇଛି। ମନ୍ତ୍ରଣାଳୟ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଏକ ଅନୁକୂଳ ବାତାବରଣ ସୃଷ୍ଟି କରିଛି ଯାହା ଭାରତରେ ସମବାୟ ଆନ୍ଦୋଳନର ଉନ୍ନତିକୁ ସକ୍ଷମ କରିଛି । ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ସହକାର ସେ ସମୃଦ୍ଧି' ଦୃଷ୍ଟିକୋଣରୁ




ପ୍ରେରଣା ନେଇ ଏବଂ ବିଭିନ୍ନ ଫସଲ ଉପରେ ବର୍ଷ ବର୍ଷର କଠିନ ପରିଶ୍ରମ, ଗବେଷଣା ଏବଂ ପରୀକ୍ଷଣ ସହିତ ଇଫ୍‌କୋ କୃଷକମାନଙ୍କ ପାଇଁ ବିଶ୍ୱର ପ୍ରଥମ ନାନୋ ୟୁରିଆ ଏବଂ ନାନୋ ଡିଏପି ବିକଶିତ କରିଛି । ଇଫ୍‌କୋ ନାନୋ ଫର୍ଟିଲାଇଜର (ସାର) ସହିତ ଜୈବ ସାର, ସାଗରିକା ଏବଂ ଏଗ୍ରି-କେମିକାଲ୍ ଭଳି ଜୈବ ପଦାର୍ଥ ସିଂଚନ ପାଇଁ ୨,୫୦୦ ଏଗ୍ରି-ଡ୍ରୋନ୍ କ୍ରୟ କରୁଛି। ଇଫକୋ ୫୦୦୦ ରୁ ଅଧିକ ଗ୍ରାମୀଣ ଉଦ୍ୟୋଗୀଙ୍କୁ ପ୍ରଶିକ୍ଷଣ ଦେବ ଏବଂ ୨୫୦୦ ଏଗ୍ରି ଡ୍ରୋନ୍ ବଂଟନ କରିବ । ଇଫକୋ ଉପଯୁକ୍ତ ଗ୍ରାମସ୍ତରୀୟ ଉଦ୍ୟୋଗୀଙ୍କୁ ଚିହ୍ନଟ କରିବାରେ ନିୟୋଜିତ ଅଛି। ସେମାନଙ୍କୁ 'ସାର୍ଟିଫାଏଡ୍ ପାଇଲଟ୍' ଭାବେ ଡ୍ରୋନ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯିବ। ଏହି ଗ୍ରାମୀଣ ଉଦ୍ୟୋଗୀଙ୍କ ପ୍ରଶିକ୍ଷଣର ସ୍ଥାନ ଓ କାର୍ଯ୍ୟସୂଚୀ ଅନୁଯାୟୀ ଡ୍ରୋନ୍ ମୁତୟନ କରାଯିବ। ଇଫ୍‌କୋର ପରିଚାଳନା ନିର୍ଦ୍ଦେଶକ ଡ. ଉଦୟ ଶଙ୍କର ଅବସ୍ତି କହିଛନ୍ତି ଯେ, 'ଇଫ୍‌କୋ ଏବଂ ଭାରତୀୟ ସମବାୟ ଆନ୍ଦୋଳନରେ ଏହା ଆମ ପାଇଁ ଗର୍ବର ମୁହୂର୍ତ୍ତ। ଇଫ୍‌କୋରେ ଆମେ ସବୁବେଳେ କୃଷକଙ୍କ ଆୟ ବଢ଼ାଇବା ଏବଂ ସାରା ଦେଶରେ କୃଷକମାନଙ୍କର ଅଭିବୃଦ୍ଧି ସୁନିଶ୍ଚିତ କରିବା ଏବଂ ସମବାୟ ଆନ୍ଦୋଳନକୁ ସୁଦୃଢ଼ କରିବା ଲକ୍ଷ୍ୟରେ ପ୍ରତିଶ୍ରୁତିବଦ୍ଧ। ଆମେ ନବସୃଜନ ଉପରେ ବିଶ୍ୱାସ କରୁ କାରଣ ଏହା ସଫଳତାର ଚାବିକାଠି ଅଟେ। ସେଥିପାଇଁ ଆମେ କୃଷି ବିଶେଷ କରି ବିକଳ୍ପ ସାର ପାଇଁ ନାନୋ ଟେକ୍ନୋଲୋଜିଭିତିକ ସମାଧାନ ଆରମ୍ଭ କରୁଛୁ ଯାହା ଇଫ୍‌କୋ ନାନୋ ୟୁରିଆ ଲିକ୍ୱିଡ୍‌ରୁ ଆରମ୍ଭ ହୋଇଛି। ଏହାକୁ ଭାରତୀୟ କୃଷକମାନେ ବହୁତ ଭଲ ଭାବରେ ଗ୍ରହଣ କରିଛନ୍ତି। ପରବର୍ତୀ ସମୟରେ ଇଫ୍‌କୋ ନାନୋ ଡିଏପି ଶୁଭାରମ୍ଭ କରିଥିଲା ଯାହା ନିକଟରେ ଭାରତ ସରକାରଙ୍କ ବାର୍ଷିକ ବଜେଟରେ ଉଲ୍ଲେଖ କରାଯାଇଥିଲା। ଏହି ମହତ୍ୱପୂର୍ଣ୍ଣ ସଫଳତା ପାଇଁ ମୁଁ ଇଫ୍‌କୋ ଏବଂ ଦେଶର ସମଗ୍ର ସମବାୟ ସମ୍ପ୍ରଦାୟର ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି।'' ଏହି ରିପୋର୍ଟରେ ଇଫ୍‌କୋ ହେଉଛି 'ମେକ୍ ଇନ୍ ଇଣ୍ଡିଆ' ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ସହ 'ଆତ୍ମନିର୍ଭର ଭାରତ' ଓ 'ଆତ୍ମନିର୍ଭର କୃଷି' ମିଶନକୁ ସାକାର କରିବା ଦିଗରେ ଭାରତୀୟ ସମବାୟ ସମିତିର ଉତ୍ସାହର ପ୍ରମାଣ। ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ସହକାର ସେ ସମୃଦ୍ଧି' ଅଭିଯାନରେ ଅନୁପ୍ରାଣିତ ହୋଇ ଇଫ୍‌କୋ ନାନୋ ଟେକ୍ନୋଲୋଜି ଆଧାରିତ ଇଫ୍‌କୋ ନାନୋ ୟୁରିଆ ଲିକ୍ୱିଡ୍ ଏବଂ ନାନୋ ଡିଏପି ଲିକ୍ୱିଡର ସଫଳ ଶୁଭାରମ୍ଭ ସହିତ ଉଦ୍ଭାବନ ଦିଗରେ ଅଗ୍ରସର ହେଉଛି ଯାହା କୃଷି ଅଭ୍ୟାସ ଶୈଳୀରେ ବୈପ୍ଳବିକ ପରିବର୍ତନ ଆଣିବାର କ୍ଷମତା ରଖିଛି। ମାନ୍ୟବର ଗୃହମନ୍ତ୍ରୀ ଶ୍ରୀ ଅମିତ ଶାହାଙ୍କ ନେତୃତ୍ୱରେ କେନ୍ଦ୍ର ସମବାୟ ମନ୍ତ୍ରଣାଳୟର ସମର୍ଥନ ଏହି ପ୍ରୟାସକୁ ତ୍ୱରାନ୍ୱିତ କରିଛି। ବିଗତ ବର୍ଷମାନଙ୍କରେ ଇଫ୍‌କୋ ଦେଶର କୃଷି ସ୍ଥିତିରେ ପରିବର୍ତନ ଆଣିବା ପାଇଁ ପ୍ରୟାସ ଜାରି ରଖିଛି। କୃଷି ୨.୦ର ଲକ୍ଷ୍ୟ ଉପରେ କାର୍ଯ୍ୟ କରୁଥିବା ଇଫ୍‌କୋ ନାନୋଟେକ୍ନୋଲୋଜି ଭିତିକ ସାର, କୃଷି-ଡ୍ରୋନର ପ୍ରୋତ୍ସାହନ, ଗ୍ରାମୀଣ ଇ-କମର୍ସ, କୃଷକ ଏବଂ ଫାର୍ମର ଡିଜିଟାଲ ସକ୍ଷମତା, ଇଂଟରନେଟ୍ ଅଫ୍ ଥିଙ୍ଗ୍ସ (ଆଇଓଟି) ଇତ୍ୟାଦି ସମେତ କୃଷି ବୈଷୟିକ ଜ୍ଞାନକୌଶଳରେ ପୁନିବେଶ କରିଛି ଏବଂ ପ୍ରଚଳନ କରିଛି।

## ବିଶ୍ୱର ସର୍ବ ବୃହତ ଶସ୍ୟ ଭଣ୍ଡାରର ଉଦ୍‌ଘାଟନ କଲେ ମୋଦି



**ନୂଆଦିଲ୍ଲୀ :** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର 'ସମବାୟ କ୍ଷେତ୍ରରେ ବିଶ୍ୱର ସର୍ବବୃହତ ଶସ୍ୟ ସଂରକ୍ଷଣ' ପାଇଲଟ ପ୍ରକଳ୍ପର ଉଦଘାଟନ କରିଛନ୍ତି। ସୂଚନାଯୋଗ୍ୟ, ଏହା ୧୧ଟି ରାଜ୍ୟର ୧୧ ଟି ପ୍ରାଥମିକ କୃଷି କ୍ରେଡିଟ ସୋସାଇଟି (ପିଏସିଏସ) ରେ ପରିଚାଳିତ ହେଉଛି। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦି ସମବାୟ କ୍ଷେତ୍ରର ଅନ୍ୟାନ୍ୟ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ। ସୂଚନାଯୋଗ୍ୟ, ବିଶ୍ୱର ସର୍ବ ବୃହତ ଧାନ ସଂରକ୍ଷଣ ଯୋଜନା ଅଧୀନରେ ୧୧ ଟି ରାଜ୍ୟର ୧୧ଟି ପ୍ୟାକ୍ସରେ ବିଶ୍ୱର ସବୁଠାରୁ ବଡ ଗୋଦାମ ଗୃହ ଉଦଘାଟନ କରାଯାଇଛି ଏବଂ ଗୋଦାମର ମୂଳଦୁଆ ୫୦୦ ପ୍ୟାକରେ ରଖାଯାଇଛି। ପ୍ରଧାନମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ 'ବିକଶିତ ଭାରତ'ର ଅମୃତଯାତ୍ରାରେ ଆଜି ଭାରତ ମଣ୍ଡପମ ଆଉ ଏକ ପ୍ରମୁଖ ସଫଳତାର ସାକ୍ଷୀ ରହିଛି। ସହଯୋଗ ମାଧ୍ୟମରେ ଦେଶ ସମୃଦ୍ଧତା ପାଇଁ ନେଇଥିବା ସଂକଳ୍ପକୁ ହୃଦୟଙ୍ଗମ କରିବା ଦିଗରେ ଆଜି ଆମେ ଆଗକୁ ବଢୁଛୁ। ସେଆହୁରି ମଧ କହିଛନ୍ତି, କୃଷି ଏବଂ ଚାଷର ମୂଳଦୁଆକୁ ଦୃଢ କରିବାରେ ସହଯୋଗର ଶକ୍ତି ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହି ଭାବନା ସହ ଆମେ ଏକ ପୃଥକ ସହଯୋଗ ମନ୍ତ୍ରଣାଳୟ ଗଠନ କରିଛୁ। ଆଜି ଆମେ ଆମର କୃଷକମାନଙ୍କ ପାଇଁ ବିଶ୍ୱର ସର୍ବ ବୃହତ ସଂରକ୍ଷଣ ଯୋଜନା ଆରମ୍ଭ କରିଛୁ।

# ହଲଦ୍ୱାନୀ ହିଂସାର ମାଷ୍ଟରମାଇଣ୍ଡ ଦିଲ୍ଲୀରୁ ଗିରଫ



**ନୂଆଦିଲ୍ଲୀ:** ଉତ୍ତରାଖଣ୍ଡର ହଲଦ୍ୱାନୀରେ ହୋଇଥିବା ହିଂସାର ମାଷ୍ଟରମାଇଣ୍ଡ ଅବଦୁଲା ମଲିକକୁ ଦିଲ୍ଲୀରୁ ଗିରଫ କରାଯାଇଛି । ଅନେକ ଦିନରୁ ଫେରାର ଥିବା ଅବଦୁଲାକୁ ଉତ୍ତରାଖଣ୍ଡ ପୋଲିସ ଖୋଜୁଥିଲା । ତେବେ ଦିଲ୍ଲୀରେ ପୋଲିସ ହାତରେ ସଫଳତା ଲାଗିଛି । କୁହାଯାଉଛି ଯେ ହଲଦ୍ୱାନୀରେ ହିଂସାକୁ ବଢାଇବା ପରେ ଅବଦୁଲା ଦିଲ୍ଲୀ ଆସି ଲୁଚି ରହିଥିଲା । ଅନ୍ୟପଟେ ଏହାର ଓକିଲ ଆଗୁଆ ଜାମିନ ପାଇଁ ଯାଚିକା ଦାଖଲ କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ହଲଦ୍ୱାନୀର ବନଭୁଲପୁରା କ୍ଷେତ୍ରରେ ଅବୈଧ ରୁପେ ନିର୍ମିତ ମଦରସାକୁ ଭଙ୍ଗା ଯିବାକୁ ନେଇ ହିଂସା ହୋଇଥିଲା । ସ୍ଥାନୀୟ ଲୋକ ଏହି ପଦକ୍ଷେପକୁ ବିରୋଧ କରିଥିଲେ ଏବଂ ଏହାକୁ ବିରୋଧ କରି ହିଂସା ହୋଇଥିଲା । ଫେବୃଆରୀ ୮ରେ ହୋଇଥିବା ଏହି ହିଂସାରେ ଅବଦୁଲ ମଲିକ ମାମଲାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ବୋଲି ଜଣାପଡ଼ିଥିଲା । ଯେଉଁ ସ୍ଥାନରେ ପ୍ରଶାସନର ବୁଲଡୋଜର ବୁଲିଥିଲା ତାହା ଅବଦୁଲ ମଲିକ କବଜାରେ ଥିଲା । ଏହି ସମୟରେ ଯେଉଁ ହିଂସା ହୋଇଥିଲା ସେଥିରେ ପ୍ରାୟ ୨.୪୪ କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା । ଏହି କ୍ଷତିପୂରଣ ଆଦାୟ ପାଇଁ ଅବଦୁଲ ମଲିକକୁ ନୋଟିସ୍ ପଠାଇଥିଲା । ମଲିକ ଏବଂ ତାଙ୍କ ପୁଅ ଅବଦୁଲ ମୋଇଦଙ୍କ ବିରୋଧରେ ପୋଲିସ ଲୁକଆଉଟ୍ ନୋଟିସ ମଧ୍ୟ ଜାରି କରାଯାଇଥିଲା ଏବଂ ଦୁହିଁଙ୍କୁ ୱାଣ୍ଟେଡ୍ ଘୋଷଣା କରାଯାଇଥିଲା । ପୋଲିସ ଗତ ଅନେକ ଦିନରୁ ଦୁହିଁଙ୍କୁ ଖୋଜୁଥିଲା । ଗୁରୁବାର ନୈନିତାଲର ଏସଏସପି ପ୍ରହ୍ଲାଦ ନାରାୟଣ ମୀଣା କହିଥିଲେ ଯେ ଅବଦୁଲା ମଲିକ ଏବଂ ତାଙ୍କ ପତ୍ନୀ ସାଫିଆ ସହ ଛଅ ଜଣଙ୍କ ବିରୋଧରେ ଅପରାଧିକ ଷଡଯନ୍ତ୍ର ରଚିବା ଏବଂ ଅବୈଧ ପ୍ଲଟିଂ, ନିର୍ମାଣ ଏବଂ ଭୂମି ହସ୍ତାନ୍ତରଣ ପାଇଁ ମୃତ ବ୍ୟକ୍ତିଙ୍କ ନାଁରେ ଜାଲିଆତି କରିବା ମାମଲା ରୁଜୁ ହୋଇଛି ।

# ସନ୍ଦେଶଖାଲିରେ ହିଂସା, ୧୪୪ ଧାରା ଜାରି



**କୋଲକାତା :** ପଶ୍ଚିମବଙ୍ଗର ସନ୍ଦେଶଖାଲିରେ ଜାରି ରହିଛି ହିଂସା। ଏହାକୁ ଦୃଷ୍ଟିରେ ରଖି ଏଠାରେ ପୁଣି ଥରେ ମମତା ସରକାର ୧୪୪ ଧାରା ଲାଗୁ କରିଛନ୍ତି। ଏକାଧିକ ଲୋକ ରୁଣ୍ଡ ହେବା ନେଇ କଟକଣା ଲାଗୁ କରାଯାଇଛି। ଏହାକୁ ନେଇ ବିଜେପି ନେତା ବିରୋଧ କରିଛନ୍ତି। କେବଳ ବିଜେପି ନେତାଙ୍କ ପାଇଁ ଏହି ୧୪୪ ଧାରା ଲାଗୁ କରାଯାଇଛି। ଟିଏମ୍‌ସି ନେତାମାନେ ଏଠାରେ ବେଶ୍ ଆରାମରେ ବୁଲୁଥିବା ବିଜେପି ନେତା ସୁକାନ୍ତ ମୁଜମଦାର ଅଭିଯୋଗ କରିଛନ୍ତି। ସୂଚନା ମୁତାବକ ୧୯ ଫେବୃଆରୀରେ କଲିକତା ହାଇକୋର୍ଟ ସନ୍ଦେଶଖାଲିରେ ୧୪୪ ଧାରା ଲାଗୁ କରିବା ନେଇ ରୋକ ଲଗାଇଥିଲେ। ଏହା ସତ୍ତ୍ୱେ ମଧ୍ୟ ପ୍ରଶାସନ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ଅଣାଦେଖା କରି ପୂରା ଅଞ୍ଚଳରେ ପୁଣି ଥରେ କଟକଣା ଲାଗୁ କରିଛି। ଶୁକ୍ରବାର ଦିନ ବିଜେପି ସାଂସଦ ଲକେଟ୍ ଚାଟାର୍ଜୀଙ୍କ ନେତୃତ୍ୱରେ ସନ୍ଦେଶଖାଲି ଯାଉଥିବା ପ୍ରତିନିଧି ଦଳକୁ ଅଧାରେ ଅଟକାଇ ଦିଆଯାଇଥିଲା। ଏହାପରେ ପୁଲିସ ଲକେଟ୍ ଚାଟାର୍ଜୀଙ୍କୁ ଗିରଫ କରିଥିଲା। ସେପଟେ ସନ୍ଦେଶଖାଲିରେ ଚାଲିଥିବା ବିବାଦ ମଧ୍ୟରେ ଜାତୀୟ ମାନବ ଅଧିକାର ଆୟୋଗର ଏକ ଟିମ୍ ଶୁକ୍ରବାର ଦିନ ସେଠାରେ ପହଞ୍ଚିଥିଲା। ମହିଳାମାନେ ଆଣିଥିବା ଯୌନ ଉତ୍ପୀଡନ ଅଭିଯୋଗ ସମ୍ପର୍କରେ ତଥ୍ୟ ସଂଗ୍ରହ କରିବାକୁ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲା ଟିମ୍। ଶୁକବ୍ରାର ସନ୍ଦେଶଖାଲିରେ ବିକ୍ଷୋଭକାରୀମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ ଜୋରଦାର କରିଥିଲେ। ବିଭିନ୍ନ ସ୍ଥାନରେ ନିଆଁ ଜାଳି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହାପରେ ସେଠାରେ ସ୍ଥିତି ଅଶାନ୍ତ ହୋଇ ଉଠିଥିଲା। କେବଳ ସେତିକି ନୁହେଁ ବିକ୍ଷୋଭକାରୀମାନେ ଟିଏମ୍ ?ସି ନେତାଙ୍କ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ଏହାପରେ ପୁଲିସ ମହାନିର୍ଦ୍ଦେଶକ ରାଜୀବ କୁମାର ସମେତ ବରିଷ୍ଠ ପୁଲିସ ଅଧିକାରୀ ସନ୍ଦେଶଖାଲିରେ ପହଞ୍ଚି ଲୋକଙ୍କୁ ଶାନ୍ତ ବଜାୟ ରଖିବା ପାଇଁ ଅପିଲ କରିଥିଲେ। ଅପରାଧୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସ୍ଥାନୀୟ ଲୋକଙ୍କୁ ଆଶ୍ୱାସନା ଦେଇଥିଲେ।

## ଉତ୍ତର ପ୍ରଦେଶ ପୋଲିସ ପରୀକ୍ଷା ବାତିଲ୍



**ଲକ୍ଷ୍ନୌ:** ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ପୁଲିସ ଭର୍ତ୍ତି ପରୀକ୍ଷାରେ ପେପର ଲିକ୍ ଘଟଣା ପରେ ସରକାର ଏହି ପରୀକ୍ଷାକୁ ରଦ୍ଦ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ୬ ମାସ ମଧ୍ୟରେ ଏହି ପରୀକ୍ଷା ପୁଣି ଥରେ କରାଯିବ। ଯୁବବର୍ଗଙ୍କ ପରିଶ୍ରମ ଏବଂ ପରୀକ୍ଷାର ସ୍ୱଚ୍ଛତାକୁ ଅଣଦେଖା କରି ଏଭଳି କାର୍ଯ୍ୟ କରିଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ ଏହି ମାମଲା ଏବେ ଏସଟିଏଫର କଡ଼ା ନଜରରେ ରହିଛି। ଏହା ସହିତ ସମ୍ପୃକ୍ତି ଥିବା କେତେକ ଅଭିଯୁକ୍ତଙ୍କୁ ଗିରଫ ମଧ୍ୟ କରାଯାଇଛି। ରାଜ୍ୟ ପୁଲିସ ଭର୍ତ୍ତି ବୋର୍ଡ ପକ୍ଷରୁ ଆଭ୍ୟନ୍ତରୀଣ ଯାଞ୍ଚ ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି। ଏଡିଜି ଅଶୋକ କୁମାର ସିଂ କମିଟିର ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ପୁଲିସ ଭର୍ତ୍ତି ପରୀକ୍ଷା ବୋର୍ଡ ଅଧକ୍ଷା ରେଣୁକା ମିଶ୍ର ଏହି କମିଟି ଗଠନ କରିଛନ୍ତି। ସେ କହିଛନ୍ତି ଯାଞ୍ଚ ପରେ ପ୍ରକୃତ ଘଟଣାର ପର୍ଦ୍ଦାଫାଶ ହେବ। କମିଟି ପକ୍ଷରୁ ଇ-ମେଲରେ ଅଭିଯୋଗ ପଠାଇବାକୁ ଆଶାୟୀଙ୍କୁ କୁହାଯାଇଥିଲା। ପରୀକ୍ଷା ଭର୍ତ୍ତି ବୋର୍ଡ ପାଖକୁ ଇତି ମଧ୍ୟରେ ଶୁକ୍ରବାର ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ପ୍ରାୟ ୧୫୦୦ ଆଶାୟୀଙ୍କ ଇ-ମେଲ ଆସିଛି। ଆଭ୍ୟନ୍ତରୀଣ କମିଟି ଯାଞ୍ଚ କରିବେ ପ୍ରକୃତରେ ପେପର ଲିକ ହୋଇଛି କି ନାହିଁ। ପରୀକ୍ଷା ପେପର ଲିକ ହେବା ପରେ ବହୁ ଆଶାୟୀ ପୁନଃ ପରୀକ୍ଷା ପାଇଁ ଦାବି କରିବା ସହିତ ପ୍ରଦର୍ଶନ କରିଥିଲେ।

# ୨୦୧୯ର ଫଳାଫଳ ଦୋହରାଇବା ବିଜେପି ପାଇଁ ହେବ କଷ୍ଟକର: ଶଶି ଥରୁର



**ନୂଆଦିଲ୍ଲୀ:** ଆଗାମୀ ଲୋକସଭା ନିର୍ବାଚନ ବିଷୟରେ କଂଗ୍ରେସ ନେତା ଶଶି ଥରୁର ବିଜେପିର ସଫଳତା ନେଇ ଏକ ପୂର୍ବାନୁମାନ କରିଛନ୍ତି। ସେ କହିଛନ୍ତି ୨୦୧୯ର ଫଳାଫଳକୁ ଦୋହରାଇବା ବିଜେପି ପାଇଁ ୨୦୨୪ରେ କଷ୍ଟକର ହୋଇପାରେ। ଗତ ୨୦୧୯ ନିର୍ବାଚନରେ ଦେଶର ବହୁ ରାଜ୍ୟରେ ବିଜେପି ଶୀର୍ଷରେ ଥିଲା। ବିଜେପି ବିରୋଧରେ ସୃଷ୍ଟି ହୋଇଥିବା ଅସନ୍ତୋଷର ସୁଫଳ, ବିରୋଧୀ ଦଳଙ୍କ ଖାତାକୁ ଯିବାର ଯଥେଷ୍ଟ ସମ୍ଭାବନା ରହିଛି। ଏପରିସ୍ଥଳେ ବିରୋଧୀଦଳଙ୍କ ନିର୍ବାଚନୀ ପ୍ରଚାର ଉପରେ ଆଗାମୀ ଫଳାଫଳ ନିର୍ଭର କରିବ। ୨୦୧୯ ନିର୍ବାଚନରେ ବିଜେପି ହିନ୍ଦୀ ଭାଷାଭାଷୀ ଅଞ୍ଚଳରେ ବେଶ୍ ଭଲ ପ୍ରଦର୍ଶନ କରିଥିଲା। ହରିୟାଣା ଏବଂ ରାଜସ୍ଥାନରେ ବିଜେପି ଆଶାତୀତ ସଫଳତା ହାସଲ କରିଥିଲା। ତେବେ ମଧ୍ୟପ୍ରଦେଶରେ ଗୋଟିଏ ଆସନ ଏବଂ କର୍ଣ୍ଣାଟକରେ ମଧ୍ୟ ଗୋଟିଏ ଆସନ ହାସଲ କରିଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଏବଂ ବିହାରରେ ଅଧିକ ଆସନ ହାତେଇଥିଲା। ଫଳରେ ୨୦୧୯ରେ ଦଳ ୩୦୩ ଆସନରେ ବିଜୟୀ ହୋଇପାରିଥିଲା। ମାତ୍ର ଏହି ସ୍ଥିତି ପୁଣି ୨୦୨୪ ନିର୍ବାଚନରେ ସୃଷ୍ଟି ହେବା କଷ୍ଟକର ହେବ। ସେହି ପୁରୁଣା ସଂଖ୍ୟକ ଆସନରେ ସଫଳ ହେବା ସହଜ ହେବ ନାହିଁ। ସୂଚନାଯୋଗ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୨୪ ଲୋକସଭା ନିର୍ବାଚନରେ ବିଜେପି ୩୭୦ ଆସନରେ ସଫଳ ହେବା ନେଇ ମନ୍ତବ୍ୟ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଦାବିକୁ ଶଶି ଥରୁର ଖଣ୍ଡନ କରିଛନ୍ତି। ଗତ ଥର ନିର୍ବାଚନ ଏବଂ ହେବାକୁ ଥିବା ନିର୍ବାଚନ ମଧ୍ୟରେ ଆକାଶ ପାତାଳ ଫରକ ଥିବା ସେ କହିଛନ୍ତି।

# ରୁଷ୍ ଆକ୍ରମଣର ଦ୍ୱିତୀୟ ବାର୍ଷିକୀ ପାଳନ କରୁଛି ୟୁକ୍ରେନ୍



**କିବ୍:** ଆଜି ୟୁକ୍ରେନ୍ ରୁଷ୍ କରିଥିବା ଆକ୍ରମଣର ଦ୍ୱିତୀୟ ବାର୍ଷିକୀ ପାଳନ କରୁଛି। ଆଜି ୨ ବର୍ଷ ପୂରି ୩ ବର୍ଷ ଆରମ୍ଭ ହୋଇଥିବା ରୁଷ୍-ୟୁକ୍ରେନ୍ ଯୁଦ୍ଧକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟରେ ୟୁରୋପରେ ସଙ୍ଗଠିତ ଭୟାବହ ଯୁଦ୍ଧ ଭାବେ ପରିଗଣିତ ହେଉଛି। ଏହି ଯୁଦ୍ଧର ପ୍ରାରମ୍ଭିକ ପର୍ଯ୍ୟାୟରେ କିଛି ସପ୍ତାହ ଧରି ୟୁକ୍ରେନ୍ ରୁଷ୍‌ର ଟ୍ୟାଙ୍କ୍ ଓ ସୈନିକମାନଙ୍କୁ ପ୍ରତିହତ କରିବାରେ ସମର୍ଥ ହୋଇଥିଲା। ୟୁକ୍ରେନ୍‌ର ୪୦ ନିୟୁତ ଲୋକେ ଆଶା କରିଥିଲେ କ୍ରେମ୍‌ଲିନ୍‌ର ଏଭଳି ଯୋଜନାବଦ୍ଧ ଆକ୍ରମଣକୁ ସେମାନେ ଅଚିରେ ପରାସ୍ତ କରିବେ। କିନ୍ତୁ, ଯୁଦ୍ଧ ଚାଲିଲା। ଆଜି ଏହି ଯୁଦ୍ଧ ତା'ର ତୃତୀୟ ବାର୍ଷିକୀରେ ପ୍ରବେଶ କରିଥିବା ବେଳେ ୟୁକ୍ରେନ୍‌କୁ କ୍ରମଶଃ ଆନ୍ତର୍ଜାତିକ ସହାୟତା ଓ ସାମରିକ ଯୋଗାଣ ହ୍ରାସ ପାଇବାରେ ଲାଗିଛି। ଫଳରେ କିଭ୍ ଏବେ ରୁଷ୍ ଠିକ୍ ଭାବେ ମୁକାବିଲା କରିପାରୁ ନାହିଁ। ଏବେ ମଧ୍ୟ ୟୁକ୍ରେନ୍‌ର ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍‌ସ୍କିଙ୍କର ଅନେକ ମିତ୍ର ଅଛନ୍ତି। ନିରାପତ୍ତା ଗ୍ୟାରେଣ୍ଟି, ରୁଷ୍ ଉପରେ କଟକଣା ଜାରି କରିବା ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ସଂକ୍ରାନ୍ତରେ ଶନିବାର ଦିନ ସେ ପାଶ୍ଚାତ୍ୟ ନେତୃବୃନ୍ଦଙ୍କୁ ସ୍ୱାଗତ କରିଛନ୍ତି। ୱାସିଂଟନ୍‌ରେ ରାଜନୈତିକ ବିବାଦ ଯୋଗୁଁ ୬୧ ବିଲିୟନ୍ ଡଲାର ସାହାଯ୍ୟ ରାଶି ଅଟକି ରହିଥିଲେ ବି ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ୍ ଜେଲେନ୍‌ସ୍କିଙ୍କର ଦୃଢ଼ ସମର୍ଥକ ହୋଇ ରହିଛନ୍ତି। ଚଳିତ ସପ୍ତାହରେ କିଭ୍‌ରେ କୂଟନୀତିଜ୍ଞମାନଙ୍କୁ ଉଦ୍‌ବୋଧନ ଦେବା ବେଳେ ଭାବବିହ୍ୱଳ ହୋଇ ଜେଲେନ୍‌ସ୍କି କହିଥିଲେ, ଆମେ ବିଜୟୀ ହେବୁ ବୋଲି ମୋର ହୃଦ୍‌ବୋଧ ହୋଇଛି। ବିଶେଷ କରି, ମୁଁ ଆପଣମାନଙ୍କ ଏକତା ଓ ସମର୍ଥନ ପ୍ରତି କୃତଜ୍ଞତା ଜଣାଉଛି।

# କମ୍ ରୋଜଗାର ଦେଶ ପାଇଁ ଚିନ୍ତାର କାରଣ: ଅରବିନ୍ଦ ପାନାଗାରିଆ



**ନୂଆଦିଲ୍ଲୀ:** ଦେଶରେ ବର୍ତ୍ତମାନ ବେରୋଜଗାରୀ ସମସ୍ୟା ନୁହେଁ, କମ୍ ରୋଜଗାର ହିଁ ସମସ୍ୟା ରୂପେ ଉଭା ହୋଇଛି ବୋଲି ପୂର୍ବତନ ନୀତି ଆୟୋଗ ଉପାଧକ୍ଷ ତଥା ୧୬ତମ ଅର୍ଥ ଆୟୋଗର ଅଧକ୍ଷ ଅରବିନ୍ଦ ପାନାଗାରିଆ କହିଛନ୍ତି। ଦେଶ ବର୍ତ୍ତମାନ କମ୍ ରୋଜଗାରରୁ ଜୁଝୁଛି ବୋଲି ପାନାଗାରିଆ କହିଛନ୍ତି। ଅର୍ଥଶାସ୍ତ୍ରୀ ହିସାବରେ ସେ ଭାରତର ପ୍ରଗତିରେ ଖୁସି ଥିଲେ ବି ଆହୁରି ବିକାଶ କରିବାର ବାକି ଅଛି ବୋଲି ପାନାଗାରିଆ କହିଛନ୍ତି। ଜାତୀୟ ଗଣମାଧ୍ୟମ ଏବିପି ନ୍ୟୁଜ୍ ଦ୍ୱାରା ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ଶନିବାର ପାନାଗାରିଆ କହିଛନ୍ତି ଯେ ଯଦି ଆପଣ ଶ୍ରମ ବଳ(ଲେବର ଫୋର୍ସ) ସର୍ଭେ ଉପରେ ନଜର ପକାଇବେ ତେବେ ଜାଣିପାରିବେ ଯେ ରୋଜଗାର ସୃଷ୍ଟି ହାର ସେତେ ଅଧିକ ନୁହେଁ। ଗ୍ରାମାଞ୍ଚଳରେ ସ୍ଥିତି ଆହୁରି ଗମ୍ଭୀର ରହିଛି। ତେଣୁ ଆମକୁ ବେରୋଜଗାରୀ ନୁହେଁ ବରଂ କମ୍ ରୋଜଗାର ସୃଷ୍ଟି ବିରୋଧରେ ଲଢିବାର ଅଛି ବୋଲି ପାନାଗାରିଆ କହିଛନ୍ତି। ଦେଶର ସ୍ଥିତି ନେଇ ପାନାଗାରିଆ କହିଛନ୍ତି ଯେ ଆମ ପାଖରେ ଉତ୍ପାଦକତା(ପ୍ରଡକ୍ଟିଭିଟି) କମ୍ ରହିଛି। ଯାହା ଗୋଟିଏ ମଣିଷ କରିପାରିବ ତାକୁ ୨-୩ ଲୋକ ମିଶି କରୁଛନ୍ତି। ଆମ ପାଖରେ ୱାର୍କଫୋର୍ସ ଅଧିକ ଥିଲେ ବି ପୁଞ୍ଜିର ଅଭାବ ରହିଛି। ଯଦିଓ ପୁଞ୍ଜିର ଅଭାବ ନାହିଁ ତେବେ ଏହା କିଛି ନିର୍ଦ୍ଦିଷ୍ଟ ଲୋକଙ୍କ ହାତରେ ରହିଯାଇଛି। ଯାହାର ସମାନ ବଣ୍ଟନ ହୋଇପାରି ନାହିଁ। ପାନାଗାରିଆ ଆହୁରି କହିଛନ୍ତି ଯେ ସବୁଠାରୁ ବଡ଼ କଥା ହେଲା ଯେଉଁ ଉଦ୍ୟୋଗଗୁଡ଼ିକ ଅଧିକ ରୋଜଗାର ଦେଉ ନାହାନ୍ତି ସେଗୁଡ଼ିକ ପାଖରେ ପୁଞ୍ଜି ରହିଛି। ଦ୍ୱିତୀୟ ସବୁଠାରୁ ବଡ଼ ଅସୁବିଧା ହେଲା 'ଲେବର ଲ'କୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଇ ନାହିଁ। ତେଣୁ ଏଥିରୁ ସୁଧାର କରିବାର ବଡ଼ ଆବଶ୍ୟକତା ରହିଛି। ଦେଶରେ ଆଇନ ବନାଇବାକୁ ଯେତେ ସମୟ ଲାଗୁଛି ଏହାକୁ ଲାଗୁ କରିବାକୁ ଅଧିକ ସମୟ ଲାଗୁଛି ବୋଲି ପାନାଗାରିଆ କହିଛନ୍ତି।

# ଚନ୍ଦ୍ରବାବୁଙ୍କ ଦଳ ୧୫୧ ଓ ପବନ କଲ୍ୟାଣଙ୍କ ଦଳ ୨୪ ଆସନରେ ଦେବେ ପ୍ରାର୍ଥୀ



**ନୂଆଦିଲ୍ଲୀ :** ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, "ଏହି ମେଣ୍ଟ ରାଜ୍ୟର ଭବିଷ୍ୟତ। ଗୋଟିଏ ବଡ଼ କାମ ଦିଗରେ ଏହା ପ୍ରଥମ ଉଦ୍ୟମ।" ଟିଡିପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏବେ ଦଳ ବିଜେପି ସହ ମେଣ୍ଟ କରିବାକୁ ଗୁପ୍ତ ଭାବେ ଆଲୋଚନା କରିଛି। ଦେଶର ସାଧାରଣ ନିର୍ବାଚନ ସହ ଆନ୍ଧ୍ର ପ୍ରଦେଶରେ ବିଧାନସଭା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ଏହାପୂର୍ବରୁ ଚନ୍ଦ୍ରବାବୁ ନାଇଡୁଙ୍କ ତେଲୁଗୁ ଦେଶମ ପାର୍ଟି ବା ଟିଡିପି ଓ ପବନ କଲ୍ୟାଣଙ୍କ ଜନ ଜେନା ପାର୍ଟି ମଧ୍ୟରେ ସିଟ୍ ଶେୟାରିଂ ଫର୍ମୁଲା ଫାଇନାଲ ହୋଇଛି। ଦୁଇ ଦଳ ପ୍ରଥମ ଦଫାରେ ୧୧୮ ଜଣ ପ୍ରାର୍ଥୀଙ୍କ ନାଁ ମଧ୍ୟ ଘୋଷଣା କରିଛନ୍ତି। ଦୁଇ ଦଳ ମଧ୍ୟରେ ହୋଇଥିବା ଡିଲ୍ ଅନୁସାରେ ଟିଡିପି ୧୫୧ଟି ଆସନ ଓ ପବନ କଲ୍ୟାଣଙ୍କ ଦଳ ବାକି ୨୪ଟି ଆସନରେ ପ୍ରାର୍ଥୀ ଦେବ। ଉଭୟ ମିଳିତ ଭାବେ କ୍ଷମତାରେ ଥିବା ଜଗନ ମୋହନ ରେଡ୍ଡୀ ସରକାରଙ୍କୁ ଗାଦିଚ୍ୟୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ୨୦୧୯ରେ ଟିଡିପିକୁ ହରାଇ ଜଗନ କ୍ଷମତା ଦଖଲ କରିଥିଲେ। ୨୦୨୪ରେ ଟିଡିପି ଏହାର ବଦଳା ନେବାକୁ ଲକ୍ଷ୍ୟ ରଖିଛି। ଘୋଷଣା ଅନୁସାରେ, ଚନ୍ଦ୍ରବାବୁ ନାଇଡୁଙ୍କ ପୁଅ ନାଗା ଲୋକେଶ ମଙ୍ଗଳାଗିରି ଓ ଟିଡିପି ସୁପ୍ରିମୋ ଚନ୍ଦ୍ରବାବୁ କୁପ୍ପାମ ନିର୍ବାଚନ ମଣ୍ଡଳୀରୁ ନିର୍ବାଚନ ଲଢ଼ିବେ। ଯଦି ବିଜେପି ଏମାନଙ୍କ ସହ ମେଣ୍ଟ କରେ, ତା'ହେଲେ ସେହି ଅନୁସାରେ ସିଟ୍ ଶେୟାରିଂ ଫର୍ମୁଲାରେ ବୁଝାମଣା କରାଯିବ। ଚନ୍ଦ୍ରବାବୁ ନାଇଡୁ କହିଛନ୍ତି, "ଏହି ମେଣ୍ଟ ରାଜ୍ୟର ଭବିଷ୍ୟତ। ଗୋଟିଏ ବଡ଼ କାମ ଦିଗରେ ଏହା ପ୍ରଥମ ଉଦ୍ୟମ।" ଟିଡିପି ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଏବେ ଦଳ ବିଜେପି ସହ ମେଣ୍ଟ କରିବାକୁ ଗୁପ୍ତ ଭାବେ ଆଲୋଚନା କରିଛି। ଆଜି ମେଣ୍ଟ ପକ୍ଷରୁ ୧୧୮ଟି ଆସନ ପାଇଁ ପ୍ରାର୍ଥୀଙ୍କ ପାଇଁ ନାଁ ଘୋଷଣା କରାଯାଇଛି। ଟିଡିପି ୯୪ଟି ଆସନରେ ପ୍ରାର୍ଥୀ ଦେଇଛି।

# ମୋଦି ଅଷ୍ଟ୍ରେଲିଆର ସବୁଠାରୁ ଭଲ ଭାରତୀୟ ବନ୍ଧୁ: ଟୋନି ଆବୋଟ



**ନୂଆଦିଲ୍ଲୀ :** ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ଆବୋଟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣେ ମହାନ ବନ୍ଧୁ ବୋଲି ବର୍ଣ୍ଣନା କରିଛନ୍ତି। ଆଗାମୀ ଲୋକ ସଭା ନିର୍ବାଚନ ପାଇଁ ଟୋନି ଆବୋଟ ମଧ୍ୟ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଭାରତକୁ ଏକ ଶକ୍ତିଶାଳୀ ଗଣତନ୍ତ୍ର ବୋଲି ବର୍ଣ୍ଣନା କରି ସେ କହିଛନ୍ତି ଯେ ମୋଦିଙ୍କ ସହ କାମ କରି ଅଷ୍ଟ୍ରେଲିଆ ବହୁତ ଖୁସି ହେବ। ଅଷ୍ଟ୍ରେଲିଆର ପୂର୍ବତନ ପ୍ରଧାନମନ୍ତ୍ରୀ ଏକ ସାକ୍ଷାତକାରରେ କହିଛନ୍ତି ଯେ ମୋଦି ଅଷ୍ଟ୍ରେଲିଆର ସର୍ବଶ୍ରେଷ୍ଠ ଭାରତୀୟ ବନ୍ଧୁ ଅଟନ୍ତି। ଆଗାମୀ ନିର୍ବାଚନ ପାଇଁ ମୁଁ ତାଙ୍କୁ ଶୁଭେଚ୍ଛା ଜଣାଉଛି। ସ୍ୱାଭାବିକ ଭାବରେ ଭାରତ ଏକ ଶକ୍ତିଶାଳୀ ଗଣତନ୍ତ୍ର ଏବଂ ଏହି ଦେଶରେ ସରକାର ସମୟ ସମୟରେ ପରିବର୍ତ୍ତନ କରିଥା'ନ୍ତି। ମୁଁ ଭାରତୀୟ ଲୋକଙ୍କୁ ପରାମର୍ଶ ଦେବାକୁ ଚାହେଁ ନାହିଁ, କିନ୍ତୁ, ମୁଁ ଅଷ୍ଟ୍ରେଲୀୟ ଦୃଷ୍ଟିକୋଣରୁ ଜାଣେ ଯେ ଆଗାମୀ ବର୍ଷ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ସହ କାମ କରି ଆମେ ଆନନ୍ଦିତ ହେବୁ। ଆବୋଟ ଏହା ମଧ୍ୟ କହିଛନ୍ତି ଯେ ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ସମ୍ପର୍କ ଅତ୍ୟନ୍ତ ମଜବୁତ। ସମୟ ସହିତ ଏହି ସମ୍ପର୍କ ଅଧିକ ଶକ୍ତିଶାଳୀ ହେଉଛି। ଏହା ହେଉଛି ବିଶ୍ୱର ଉଦୀୟମାନ ଗଣତାନ୍ତ୍ରିକ ଶକ୍ତି। ରଇସିନା ଡାଏଲଗକୁ ଗୁରୁତ୍ୱପୂର୍ଣ୍ଣ ବୋଲି ବର୍ଣ୍ଣନା କରୁଥିବା ଶୋନ୍ଦି ଶାର୍ପ କହିଛନ୍ତି ଯେ ମିଳିତ ଜାତିସଂଘ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅତ୍ୟନ୍ତ ଆନନ୍ଦ ଏବଂ ସମ୍ମାନର ବିଷୟ। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ରାଇସିନା ଡାଏଲଗର ନବମ ସଂସ୍କରଣ ସମସ୍ତ ପରିବର୍ତ୍ତନରେ ଭାରତର ସଫଳତା ଏବଂ ପ୍ରଭାବଶାଳୀ ନେତୃତ୍ୱକୁ ପ୍ରତିଫଳିତ କରିଥାଏ। ମିଳିତ ଜାତିସଂଘ ସୁରକ୍ଷା ପରିଷଦର ସଦସ୍ୟ ହେବାକୁ ଭାରତ ଏକ ଦୃଢ ପ୍ରତିଯୋଗୀ ବୋଲି ସେ କହିଛନ୍ତି।

# ପାକିସ୍ତାନ ସୀମାରେ ଇରାନର ସର୍ଜିକାଲ ଷ୍ଟ୍ରାଇକ୍

**ତେହେରାନ:** ପାକିସ୍ତାନୀ ଆତଙ୍କବାଦୀ ସଂଗଠନକୁ ଇରାନର ବଡ଼ ଜବାବ । ଏୟାର ଷ୍ଟ୍ରାଇକ୍ ପରେ ଏବେ ସର୍ଜିକାଲ ଷ୍ଟ୍ରାଇକ୍ କରିଛି ଇରାନ । ପାକିସ୍ତାନ ମାଟିରେ ପଶି ଜୈଶ-ଅଲ-ଅଦଲ ଆତଙ୍କବାଦୀ ସଂଗଠନର କମାଣ୍ଡର ଇସ୍ମାଇଲ୍ ଶାହବକ୍ସ ଓ ତାର କିଛି ସହଯୋଗୀଙ୍କୁ ନିପାତ କରିଛନ୍ତି ଇରାନର ସ୍ୱତନ୍ତ୍ର ଫୋର୍ସ । ଏନେଇ ଇରାନର ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଜୈଶ-ଅଲ-ଅଦଲ ସଂଗଠନ ୨୦୧୨ ମସିହାରେ ଗଠନ ହୋଇଥବା ବେଳେ ଏହା ଇରାନର ଦକ୍ଷିଣ ପୂର୍ବ ସିସ୍ତାନ-ବାଲୁଚିସ୍ତାନରେ ସକ୍ରିୟ ରହିଛି । ଏହାକୁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଛି ଇରାନ । ଗତ କିଛି ବର୍ଷ ମଧ୍ୟରେ ଏହି ସଂଗଠନ ପକ୍ଷରୁ ଇରାନର ସୈନ୍ୟ ବଳ ଉପରେ ଅନେକ ଥର ଆକ୍ରମଣ କରାଯାଇଛି । ଗତମାସରେ ପାକିସ୍ତାନର ବାଲୁଚିସ୍ତାନ ଅଂଚଳରେ ଏହି ଆତଙ୍କବାଦୀ ସଂଗଠନର ଠିକଣାରେ ଏୟାର ଷ୍ଟ୍ରାଇକ କରିଥିଲା ଇରାନ । ଯାହାର ଜବାବ ଦେଇ ପାକିସ୍ତାନ ମଧ୍ୟ ଇରାନ ଉପରେ ବିମାନ ଆକ୍ରମଣ କରିଥିଲା । ଏବେ ଇରାନ ପୁଣି ଥରେ ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା ବେଳେ ପାକିସ୍ତାନ କଣ ପଦକ୍ଷେପ ନେଉଛି ତାହା ଉପରେ ରହିଛି ନଜର ।



# ଆକର୍ଷିତ କଲା ନାଟକ "ପଶାପାଲି"...













# ରୋଟାରୀର ୧୧୯ତମ ଜୟନ୍ତୀ ପାଳନ

## ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ଚିକିତ୍ସା ଓ ଔଷଧ ବିତରଣ କାର୍ଯ୍ୟକ୍ରମ



**ବାରିପଦା /ଉଦଳା (ଅମୃତ ମିଡିଆ) :** ରୋଟାରୀ କ୍ଲବର ୧୧୯ ତମ ଜୟନ୍ତି ପାଳନ ଅବସରରେ ଉଦଳା ଠାରେ ସ୍ଥାନିୟ ସନ୍ଧାନଗୃହ ପରିସରରେ ଚଳିତ ଫେବୃଆରି ୨୩ ଓ ୨୪ ତାରିଖ ଦୁଇ ଦିନଧରି ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା , ଚିକିତ୍ସା ଓ ଔଷଧ ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଦିର୍ଘ ୧ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିବା ବେଳେ ରକ୍ତର ସବୁ ପ୍ରକାର ପରୀକ୍ଷା ମଧ୍ୟ ଏହି ଶିବିରରେ ମାଗଣାରେ କରାଯିବାର ବ୍ୟବସ୍ଥା କରାଯାଇଥିଲା। ଉଦଳା ରୋଟାରୀ କ୍ଲବର ପ୍ରତିଷ୍ଠାତା ଇଂ. ସୁବାଷ ପଣ୍ଡା, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳାର ନଗରପାଳ ପ୍ରମିଳା ପଣ୍ଡା, ଉପଖଣ୍ଡ ସରକାରୀ ଚିକିତ୍ସାଳୟର ଚିକିତ୍ସାଧିକାରୀ ଡ଼ା. ଲକ୍ଷ୍ମିକାନ୍ତ ପତି, ଇନରହୁଇଲର ପ୍ରାକ୍ତନ ସଭାପତି ରାଜଲକ୍ଷ୍ମୀ ଦାସ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହାପରେ କ୍ଲବର ସଭାପତି ମନୋରଂଜନ ପାଢ଼ି, ଉପସଭାପତି ଅଜୟ କୁମାର ବେହେରା, ସମ୍ପାଦକ ଶୁଶାନ୍ତ କୁମାର ପଟ୍ଟନାୟକ, ପ୍ରାକ୍ତନ ସଭାପତି ଅଶୋକ ମହାନ୍ତି, ଡ଼ା. ଶଚିଦାନନ୍ଦ ପରିଡ଼ା, ଚିତରଂଜନ ବାରିକ, ପ୍ରେମଲତା ପଣ୍ଡା ପ୍ରମୁଖ ସେବା କ୍ଷେତ୍ରରେ ସମଗ୍ର ପୃଥିବୀରେ ରୋଟାରୀ କିପରି ବିପ୍ଳବାତ୍ମକ ପରିବର୍ତନ ଆଣିପାରିଛି ସେ ସମ୍ପର୍କରେ ବସ୍ତୃତ ବର୍ଣ୍ଣନା କରିଥିଲେ। ଏପରିକି ବିଶ୍ୱକୁ ପୋଲିଓ ମୁକ୍ତ କରିବାରେ ରୋଟାରୀର ଅବଦାନ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ। ଏହାପରେ ଡ଼ା. ଭାଗବତ ବେହେରା, ଡ଼ା. ମହେଶ୍ୱର ଦାସ ଓ ଡ଼ା. ପ୍ରଣବ ପ୍ରିୟଦର୍ଶୀ ରୋଗୀ ମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଓ ବ୍ୟବସ୍ଥାପତ୍ର ପ୍ରଦାନ କରିଥିଲେ। ବହୁ ସଂଖ୍ୟାରେ ମଧୁମେହ ରୋଗୀ ଏହି ଶିବିରରେ ରକ୍ତ ପରୀକ୍ଷା କରିବା ସହ ଡ଼ାକ୍ତରଙ୍କ ପରାମର୍ଶ ନେଇଥିଲେ। ଦିପକ କୁମାର ଦାସ, ବ୍ରହ୍ମାନନ୍ଦ ନାୟକ, ପ୍ରୟଦର୍ଶନୀ ମହାନ୍ତି ଶିବିର ପରିଚାଳନାର ନେତୃତ୍ୱ ନେଇଥିବା ବେଳେ ଦିଲିପ ପାଟଯୋଶୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପୁଳ ପରିମାଣର ଦେଶୀମଦ ଜବତ ସହ ପୋଚ ନଷ୍ଟ

**ନୀଳଗିରି (ଅମୃତ ମିଡିଆ) :** ନୀଳଗିରି ଉପଖଣ୍ଡରେ ଅବକାରୀ ଚଢ଼ାଉରେ ବିପୁଳ ପରିମାଣର ଦେଶୀମଦ ଜବତ କରିବା ସହ ପ୍ରାୟ ଦଶହଜାରରୁ ଅଧିକ ପରିମାଣର ମହୁଲଫୁଲର ପୋଚ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ ନୀଳଗିରି ତହସିଲଦାର, ନୀଳଗିରି ପୋଲିସ, ନୀଳଗିରି ଅବକାରୀ ବିଭାଗ ଏବଂ ରେଞ୍ଜ, ଜିଲ୍ଲା ଭ୍ରାମ୍ୟମାଣ ସ୍କ୍ୱାର୍ଡର ମିଳିତ ଚଢାଉରେ ନୀଳଗିରି ଥାନା ଅନ୍ତର୍ଗତ ସିଆଡିମାଳ ଏବଂ ପୁନ୍ଦାଳ ବରହମପୁର ଥାନା ଅଧୀନସ୍ଥ କୁଞ୍ଜିବଣିଆ ଗ୍ରାମରେ ଅତର୍କିତ ଚଢ଼ାଉରେ ୧୫୦୬ ଲିଟର ଦେଶୀମଦ ଜବତ କରିବା ସହ ୧୦୭୮୦ ଲିଟର ପୋଚ ନଷ୍ଟ କରାଯାଇଥିବା ବିଭାଗ ପକ୍ଷରୁ ସୂଚନା ମିଳିଛି। ଏନେଇ ନୀଳଗିରି ପୋଲିସ ପକ୍ଷରୁ ୨ଟି ମାମଲା ରୁଜୁ କରାଯାଇଥିବା ବେଳେ ବରହମପୁର ଥାନା ଅଧୀନ ଗରଡିହି ପଞ୍ଚାୟତ କୁଞ୍ଜିବାଣିଆ ଗାଁର




ସୁଧାକର ସିଂ (୪୦) ଙ୍କ ଠାରୁ ୩୫ଲିଟର ଦେଶୀ ମଦ ଏବଂ ନରଣପୁର ପଞ୍ଚାୟତର ନୂଆସାହି ଗାଁର ଘନଶ୍ୟାମ ପଥିରିଆ (୪୮) ଙ୍କ ଠାରୁ ୩୬ଲିଟର ଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରିଥିବାର ସୂଚନା ମିଳିଛି। ଏହି ଚଢ଼ାଉରେ ନୀଳଗିରି ଅବକାରୀ ବିଭାଗ, ନୀଳଗିରି ରେଞ୍ଜ ଏବଂ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ତରଫରୁ ଅନ୍ୟ ତିନିଗୋଟି ମାମଲା ରୁଜୁ କରାଯାଇଛି। ଘଟଣାରେ ଦୁଇଜଣ ପୁରୁଷ ଲୋକଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ନୀଳଗିରି ରେଞ୍ଜ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ମୋବାଇଲ ଇନ୍ସପେକ୍ଟର ହରିହର ସିଂ, ନୀଳଗିରି ଅବକାରୀ ଓଆଇସି ଜଗନ୍ନାଥ ବେହେରା, ମୋବାଇଲ ଇନ୍ସପେକ୍ଟର ଭକ୍ତ ଚରଣ ସ୍ୱାଇଁ, ସୋର ଓଆଇସି ସନ୍ତୋଷ ସ୍ୱାଇଁ, ଖଇରା ଓଆଇସି ସୁରଜ କୁମାର ତିଗା, ଗୋପାଳପୁର ଓଆଇସି ସତ୍ୟ ସୁନ୍ଦର ମଲ୍ଲିକ, ମୋବାଇଲ ଏଏସଆଇ ମଙ୍ଗଳ ସିଂ, ନୀଳଗିରି ପୋଲିସ ଏଏସଆଇ ଅନନ୍ତ ମୁର୍ମୁଙ୍କ ସହିତ ଏପିଆର ଫୋର୍ସ ଏବଂ ଅବକାରୀ ବିଭାଗର କର୍ମଚାରୀ ମାନେ ସାମିଲ ଥିଲେ।

# ନନ୍ଦିପୁର ପଂଚାୟତରେ ସଚେତନତା ଶିବିର



**ଦଶରଥପୁର (ଅମୃତ ମିଡିଆ) :** ଦଶରଥପୁର ବ୍ଲକ ଅଧିନସ୍ଥ ଗ୍ରାମ ନନ୍ଦିପୁର ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନା ଅନ୍ତର୍ଗତ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ବିଞ୍ଝାରପୁର ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ରାଜ୍ୟ ସରକାରଙ୍କର ବିଭିନ୍ନ ଜନ ହିତକର ଯୋଜନା ବାବଦରେ ଜନସାଧାରଣଙ୍କୁ ଅବଗତ କରିଥିଲେ। ଏହି ଶିବିରର ସମ୍ମାନିତ ଅତିଥି ଭାବେ ବିଂଝାରପୁର ବ୍ଲକ ଅଧକ୍ଷା ରଂଜିତା କୁମାରୀ ଦାସ, ନନ୍ଦିପୁର ସରପଞ୍ଚ ସଂଯୁକ୍ତା ମହାନ୍ତି , ନନ୍ଦିପୁର ପାକ୍ସ ସଭାପତି ବିଷ୍ଣୁ ଚରଣ ମହାପାତ୍ର,ଜିଲ୍ଲା ପରିଷଦ ସଭ୍ୟା ନିନାରାଣୀ ସାମଲ, ସମିତି ସଭ୍ୟା ରଶ୍ମିତା ଦାସ,ବିଂଝାରପୁର ବିଜେଡି ସଭାପତି ମୁରଲୀ ବେହେରା, ନନ୍ଦିପୁର ପଂଚାୟତର ପୂର୍ବତନ ସରପଞ୍ଚ ନବ କିଶୋର ମଲ୍ଲିକ ପ୍ରମୁଖ ଯୋଗଦେଇ ଥିଲେ।ଏହି ଅବସରରେ ନୂତନ ଭତ୍ତା ଧାରୀଙ୍କୁ ଭତ୍ତା ପ୍ରଦାନ କରାଯିବା ସହିତ ପଂଚାୟତରେ ବିଭିନ୍ନ ବର୍ଗର ପ୍ରତିଭାବାନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ଓଲାଶୁଣୀ ଗୁମ୍ଫାମେଳା ପରିଚାଳନା ନେଇ ମେଳାପଡ଼ିଆ ସଫେଇ କାର୍ଯ୍ୟକ୍ରମ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ଓଡ଼ିଶା ପ୍ରସିଦ୍ଧ ଓଲାଶୁଣୀ ଗୁମ୍ଫାମେଳା ଫେବୃଆରୀ ୬ ତାରିଖରୁ ଆରମ୍ଭ ହୋଇ ୧୬ ତାରିଖରେ ଶେଷ ହୋଇଥିଲା। ଓଡ଼ିଶାରୁ କୋଣ ଅନୁକୋଣରୁ ଲକ୍ଷ୍ୟାଧିକ ଜନସମାଗମ ଦୈନିକ ହେଉଥିଲା। ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡ଼ଚଣା ବ୍ଲକ, ଦର୍ପଣ ତହସିଲ, ବାଲିଚନ୍ଦ୍ରପୁର ଥାନା, ଚଣ୍ଡିଖୋଲ ଗ୍ରାମୀୟ ଜଳଯୋଗାଣ ବିଭାଗ, ଚଣ୍ଡିଖୋଲ ଅଗ୍ନିସମ ବିଭାଗ, ବାଲିଚନ୍ଦ୍ରପୁର ବିଦ୍ୟୁତ୍ ବିଭାଗ, ପଲେଇ ଗ୍ରାମ ପଞ୍ଚାୟତ ପ୍ରଭୃତି ଅନେକ ସରକାରୀ କାର୍ଯ୍ୟାଳୟ ଅସ୍ଥାୟୀ ଭାବେ ସେମାନଙ୍କର ବିଭାଗ ମେଳାରେ ଖୋଲି ସୁଚାର ରୂପେ ମେଳା କାର୍ଯ୍ୟ ସମ୍ପାଦନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ମତେ ଦର୍ପଣ ତହସିଲଦାରଙ୍କ ତତ୍ୱାବଧାନରେ ବାଲିଚନ୍ଦ୍ରପୁର ଥାନା ବିଶେଷ ଭାବରେ ଆଇନଶୃଙ୍ଖଳାକୁ ସୁଚାର ରୂପେ ପରିଚାଳନା କରିଥିଲେ। ଓଲାଶୁଣୀ ଗୁମ୍ଫାମେଳା ବଡ଼ଚଣା ବ୍ଲକ ପଲାଇ ପଞ୍ଚାୟତରେ ସମ୍ପୂର୍ଣ୍ଣ ଭାବେ ଯାଉଥିବାରୁ ପ୍ରଶାସନକୁ ପଞ୍ଚାୟତ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ଯୋଗାଇଦେଇଥିଲେ। ସମସ୍ତଙ୍କ ସହଯୋଗରେ ପ୍ରଶାସନ ଓଲାଶୁଣୀ ଗୁମ୍ଫାମେଳାକୁ ଶାନ୍ତିଶୃଙ୍ଖଳାର ସହ ଶେଷ କରିଥିଲା। କିନ୍ତୁ ମେଳା ସରିବା ପରେ ମେଳା ପଡ଼ିଆ ସମ୍ପୂର୍ଣ୍ଣ ବର୍ଯ୍ୟବସ୍ତୁରେ ଭରପୁର ହୋଇ ଅବର୍ଜନା ସହକାରେ ପଡ଼ିରହିଥିଲା। ଏଥିନେଇ ପଲାଇ ପଞ୍ଚାୟତ ପକ୍ଷରୁ ମେଳାର ପରବର୍ତ୍ତି ପଦକ୍ଷେପ ସ୍ୱରୂପ ମେଳା ପଡ଼ିଆକୁ ସ୍ୱଚ୍ଛ କରିବା ସହ ପ୍ରଶାସନିକ ଅଧିକାରୀ ମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଶନିବାର ମେଳା ପଡ଼ିଆ ଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଅଶୋକ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଓଲାଶୁଣୀ ମଠର ମଠାଧୀସ ମହନ୍ତ ଡ଼ଃ ନାମାନନ୍ଦ ଦାସ ଉଦଘାଟନ କରିଥିଲେ। ଅତିଥି ଭାବେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ବଡ଼ଚଣା ବିଡ଼ିଓ ରବୀନ୍ଦ୍ର କୁମାର ପ୍ରଧାନ, ବାଲିଚନ୍ଦ୍ରପୁର ଥାନାଧିକାରିଣୀ ପ୍ରମୋଦିନୀ ସାହୁ, ଗ୍ରାମୀୟ ଜଳ ଯୋଗାଣ ବିଭାଗ ଚଣ୍ଡିଖୋଲର କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା ଓ ସମ୍ମାନିତ ବକ୍ତା ଭାବେ ବିଶିଷ୍ଟ ସମାଜସେବୀ ରୁଦ୍ରନାରାୟଣ ସିଂହ, ସମାଜସେବୀ ଶ୍ରୀକାନ୍ତ ରାଉତ ପ୍ରମୁଖ ଯୋଗଦେଇଥିବା ବେଳେ ପଲାଇ ସରପଞ୍ଚ ଆରତୀ ବେହେରା ଉପସ୍ଥିତ ରହି ମହନ୍ତ ମହାରାଜଙ୍କୁ କାର୍ଯ୍ୟକ୍ରମକୁ ସ୍ୱାଗତ କରିଥିଲେ। ବିକ୍ରମ କେଶରୀ ପ୍ରଧାନ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ପି.ଇ.ଓ ମହାଶ୍ୱେତା ମହାରଣା, ଜି.ଆର.ଏସ ଭାରତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଡ଼ିଓ ଶ୍ରୀ ପ୍ରଧାନ, ତହସିଲଦାର ଶ୍ରୀ ତ୍ରିପାଠୀ, ଆଇ.ଆଇ.ସି ଶ୍ରୀମତୀ ସାହୁ, କନିଷ୍ଟଯନ୍ତ୍ରୀ ଶ୍ରୀ ମହାରଣାଙ୍କୁ ପଞ୍ଚାୟତ ପକ୍ଷରୁ ମହନ୍ତ ଡ଼ଃ ନାମାନନ୍ଦ ଦାସ ପୁଷ୍ପମାଲ୍ୟ, ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପଲାଇ ପଞ୍ଚାୟତର ଉକ୍ତ କାର୍ଯ୍ୟକ୍ରମକୁ ଅରକ୍ଷିତ ସେବା ସଂଗଠନ ମିଳିତ ସହାୟତା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ କୁମାର ସାମଲ, ନିଶିକାନ୍ତ ମହାନ୍ତି, ମନୋଜ ପ୍ରଧାନ, ଉପେନ୍ଦ୍ର ସାମଲ, ଗୋକୁଳାନନ୍ଦ ମଲ୍ଲିକ, ଲଲାଟ କେଶରୀ ସାମଲ ପ୍ରମୁଖ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ଜୀବିକା ସହାୟତା ରାଶି ପ୍ରଦାନ



**ସାଲେପୁର (ଅମୃତ ମିଡିଆ) :** ଆଜି ମଧକଚ୍ଛ ପଞ୍ଚାୟତରେ ଜୀବିକା ସହାୟତା ରାଶି ରାଶନ୍ କାର୍ଡ ହିତାଧିକାରୀମାନଙ୍କୁ ପ୍ରଦାନ କରାଯାଇଛି। ସରପଞ୍ଚ ସଂଜୟ କୁମାର ବେହୁରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଥମ ପର୍ଯ୍ୟାୟରେ ଏହି ପଞ୍ଚାୟତର ଜବକାର୍ଡ ହିତାଧିକାରୀ ମାନଙ୍କୁ ୧ହଜାର ଟଙ୍କା ଲେଖାଁ ସହାୟତା ରାଶି ପ୍ରଦାନ କରିଛନ୍ତି। ଅବଶିଷ୍ଟ ହିତାଧିକାରୀମାନଙ୍କୁ ପର୍ଯ୍ୟାୟ କ୍ରମେ ଏହି ଅର୍ଥ ତତ୍କାଳିନ ପ୍ରଦାନ କରାଯିବ ବୋଲି ସରପଞ୍ଚ ଶ୍ରୀ ବେହେରା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ମିଶନ୍ ଶକ୍ତି ଅଧକ୍ଷା ବିଣାପାଣି ପାଣିଗ୍ରାହୀ, ଦିଲ୍ଲୀପ ସିଂହ, ଲକ୍ଷ୍ମୀଧର ପରିଡ଼ା, ନରେନ୍ଦ୍ର ବେହେରା, ଲିପକ ଜେନା, ପୀତବାସ ଦଳେଇ, ହିମାଂଶୁ ସ୍ୱାଇଁ, ତ୍ରିଲୋଚନ ସାହୁ, ଅଖିଳ ପ୍ରସାଦ ଦାଶ, ଶରତ ସିଂହ, ସଂଜୟ ନାୟକ, ଅଭୟ ଜେନା, ଅନିଲ ସ୍ୱାଇଁ, ଅନିଲ ବେହେରା, ପବିତ୍ର ଓଝା, ଶ୍ରୀକାନ୍ତ ସାହୁ, ସବିତା ସାହୁ, ଇଜହାର ଖାଁ, ସାଜନ୍ ଖାଁ ପ୍ରମୁଖ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ୨୮ରେ ଭୁବନେଶ୍ୱରର ଅଧିକାର ସମାବେଶ ପାଇଁ ପ୍ରସ୍ତୁତି ବୈଠକ



**ବାରିପଦା (ଅମୃତ ମିଡିଆ) :** ଆମ୍ବେଦକର ବିକାଶ ପରିଷଦର ସଭାପତି ସୁଦର୍ଶନ ଜେନାଙ୍କ ଆହ୍ୱାନ କ୍ରମେ ଅଧାପକ ଗୋପବନ୍ଧୁଙ୍କ ଅଧ୍ୟକ୍ଷତା ରେ କଲ୍ୟାଣୀ ମହିଳା ସମିତିର ସମ୍ମିଳନୀ କକ୍ଷରେ ଏସଟି, ଏସସି, ଓବିସି ଓ ସଂଖ୍ୟାଲଘୁ କ୍ରିୟାନୁଷ୍ଠାନ କମିଟିର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଫେବୃଆରୀ ୨୮ ତାରିଖ ଦିନ ଭୁବନେଶ୍ୱରର ଲୋୟର ପିଏମଜିରେ ହେବାକୁ ଥିବା ଅଧିକାର ସମାବେଶକୁ ସଫଳ କରିବା ପାଇଁ ଓ ଜିଲ୍ଲାରୁ ବହୁକର୍ମୀଙ୍କ ଯୋଗଦାନ ପାଇଁ ଏହି ବୈଠକରେ ଆହ୍ୱାନ ଦିଆଯାଇଛି। ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ବର୍ଗଙ୍କୁ ସଂଖ୍ୟାନୁପାତରେ ୪୦% ସଂରକ୍ଷଣ ସୁବିଧା ପ୍ରଦାନ ଓ ସମସ୍ତ କ୍ଷେତ୍ରରେ ସମାନ ଭାଗିଦାରୀ ପ୍ରଦାନ, ଓବିସିଙ୍କୁ ତାଙ୍କ ସଂଖ୍ୟାନୁପାତରେ ସମସ୍ତ କ୍ଷେତ୍ରରେ ସଂରକ୍ଷଣ ସୁବିଧା ପ୍ରଦାନ, ସଂଖ୍ୟା ଲଘୁଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଉନ୍ନୟନ ଯୋଜନା କାର୍ଯ୍ୟକାରୀ କରିବା, ଜାତିଭିତ୍ତିକ ଜନଗଣନା କରିବା, ସମସ୍ତ ଜିଲ୍ଲାରେ ଆମ୍ବେଦକର ଭବନ ନିର୍ମାଣ କରିବା ପ୍ରଭୃତି ୨୧ ଦଫା ଦାବି ନେଇ ହେବାକୁ ଥିବା ଏହି ଅଧିକାର ସମାବେଶ ଅନୁଷ୍ଠିତ ହେଉଛି। ଏହି ପ୍ରସ୍ତୁତି ବୈଠକରେ ନନ୍ଦ କୁମାର ମହାପାତ୍ର, ଆଡଭୋକେଟ ରଘୁନାଥ ମହାଳିକ, ଦୁର୍ଗାଚରଣ ପାତ୍ର, କ୍ଷେତ୍ରମୋହନ, ରାଜକୁମାର ସିଂ, କାଶୀନାଥ ମାହାନା, ଯୋଗେନ୍ଦ୍ର ଗୋଛାୟତ, ଅଞ୍ଜନା ବେହେରା, ଭୋଳାନାଥ ହାଁସଦା, ଗଙ୍ଗାଧର ହେମ୍ବ୍ରମ, ସନାତନ ବିନ୍ଧାଣୀ, ରୁହ୍ୟା ମୁର୍ମୁ, ଭାରତୀ ପାତ୍ର, ବାଲକ ରାମ ହେମ୍ବ୍ରମ ପ୍ରମୁଖ ନିଜନିଜର ବକ୍ତବ୍ୟ ରଖିଥିଲେ।

# ପାଗଳ ମାଙ୍କଡ ଆକ୍ରମଣରେ ୧୮ ଆହତ

**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମରେ ଗତ ସୋମବାର ଠାରୁ ଏକ ପାଗଳା ମାଙ୍କଡ ଆକ୍ରମଣରେ ୧୮ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଓ ଯୁବକମାନେ ଗୁରୁତର ଭାବେ ଆହତ ହୋଇ ଲହୁଲୁହାଣ ହୋଇ ଡାକ୍ତରଖାନାରେ ଚିକିତ୍ସିତ ଥିବା ସମ୍ପର୍କରେ ସ୍ଥାନୀୟ ବନ ବିଭାଗରେ ଅଭିଯୋଗ ହୋଇ ଆସୁଛି। ଏସମ୍ପର୍କରେ ବିଭିନ୍ନ ସମ୍ବାଦପତ୍ରରେ ଖବର ପ୍ରକାଶ ପାଇବା ପରେ ବନ ବିଭାଗର କର୍ମଚାରୀ ଲୋକ ଦେଖାଣିଆ ଭାବେ ଗତ ଗୁରୁବାର ଥରକ ପାଇଁ ଆସି ସେହି ପାଗଳା ମାଙ୍କଡ ଟିକୁ ନଧରି ଫେରିଯାଇଥିବା ଜଣାପଡିଛି। ଗ୍ରାମବାସୀମାନେ ସମ୍ମିଳତ ଭାବେ ବନ ବିଭାଗ କର୍ମଚାରୀଙ୍କୁ ମାଙ୍କଡ ଟିକୁ ଧରିବାରେ ସହଯୋଗ କରିଥିଲବେ ବନ ବିଭାଗ ମାଙ୍କଡକୁ ନଧରି ଫେରି ଯାଇଥିଲେ। ତା ପରେ ମାଙ୍କଡଟି ଭରତପୁର ଗ୍ରାମ ରାସ୍ତାରେ ଯାଉଥିବା ମହିଳା, ପୁରୁଷ ଓ ଯୁବକ/ ଯୁବତୀମାନଙ୍କୁ ବାରମ୍ବାର ଆକ୍ରମଣ କରି କାମୁଡି ଲହୁଲୁହାଣ କରିଦେଉଛି। ଗ୍ରାମର ଲୋକମାନେ ଘରୁ ରାସ୍ତା ଉପରକୁ ବାହାରିବାକୁ ଭୟ କରୁଛନ୍ତି। ଏଭଳି ପରିସ୍ଥିତିରେ ବନ ବିଭାଗ ଚୁପ ହୋଇ ବସି ପଡିବା ଘଟଣା ସାଧାରଣରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ଗ୍ରାମବାସୀଙ୍କ ପକ୍ଷରୁ ଏନେଇ ସ୍ଥାନୀୟ ଜଙ୍ଗଲ ବିଭାଗରେ ବାରମ୍ବାର ଅଭିଯୋଗ ପରେବି ଆବଶ୍ୟକ ପଦକ୍ଷେପ ନିଆଯାଉନାହିଁ। ତେଣୁ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳଙ୍କୁ ନିବେଦନ କରାଯାଇଛି।

# ପଞ୍ଚାୟତ କାର୍ଯ୍ୟାଳୟରେ ଡାକମେଳା ଅନୁଷ୍ଠିତ




**କୁଜଙ୍ଗ (ଅମୃତ ମିଡିଆ) :** ଆଜି ଅପରାହ୍ନ ୫ ଟାରେ ବାଲିକୁଦା ଉପ ଡାକ ଘର ଅଧୀନ ରେ ଥିବା ସଂଗ୍ରାମପୁର ଶାଖା ଡାକ ଘର ଆନୁକୁଲ୍ୟ ରେ ସଂଗ୍ରାମପୁର ପଞ୍ଚାୟତ ଗୃହରେ ଏକ ଡାକମେଳାର ଆୟୋଜନ କରାଯାଇଥିଲା। ବିଜନେସ ଏଜକ୍ୟୁଟିଭ ଅସିତ କୁମାର ସ୍ୱାଇଁ ଏହି ମେଳାରେ ସ୍ୱାଗତ ଅଭିଭାଷଣ ସହିତ ଅତିଥି ପରିଚୟ ଦେଇଥିଲେ। ମୁଖ୍ୟ ଅତିଥି ଭାବରେ ସଂଗ୍ରାମପୁର ପଞ୍ଚାୟତର ସରପଞ୍ଚ ଶ୍ରୀମତୀ ମୋନାଲିସା ତରାଇ, ମୁଖ୍ୟ ବକ୍ତା ଭାବେ କଟକ ଦକ୍ଷିଣ ଡାକମଣ୍ଡଳର ଡାକ ଅଧିକ୍ଷକ ଶ୍ରୀଯୁକ୍ତ ଗଜେନ୍ଦ୍ର ପ୍ରସାଦ କର, ସମ୍ମାନନୀୟ ଅତିଥି ଭାବରେ ସମିତି ସଭ୍ୟ ନାଥ କାଣ୍ଡି, ସହକାରୀ ଡାକ ଅଧିକ୍ଷକ ବ୍ରଜେନ୍ଦ୍ର ହେମ୍ବ୍ରମ, ଓଟଚଇ ମ୍ୟାନେଜର ଶୁଭଙ୍କର ମହାପାତ୍ର ଯୋଗଦେବା ସହିତ ମେଳାରେ ଉପସ୍ଥିତ ଥିବା ସଂଗ୍ରାମପୁର ପଞ୍ଚାୟତର ୨୦୦ ରୁ ଅଧିକ ଓ୍ୱାର୍ଡମେମ୍ବର, ଅଙ୍ଗନବାଡି କର୍ମଚାରୀ, ଆଶା ଦିଦି, ସ୍ୱୟଂସହାୟକ ଗୋଷ୍ଠୀର କର୍ମଚାରୀମାନଙ୍କ ସହିତ ସଂଗ୍ରାମପୁର ଗ୍ରାମର ସମସ୍ତ ଗ୍ରାମବାସୀମାନଙ୍କୁ ଡାକଘରେ ଉପଲବ୍ଧ ହେଉଥିବା ବିଭିନ୍ନ ଯୋଜନା ଯେପରକି ସଞ୍ଚୟ ଜମା, ସୁକନ୍ୟା, ଆର୍ଡି, ଫିକ୍ସ, ସିନିଅର ସିଟୀଜେନ, ନ୍ୟାସନାଲ ଶେଭିଂ ସାର୍ଟିଫିକେଟ, ଆଧାର କାର୍ଡ, ପାନ କାର୍ଡ, ଟ୍ରେନ ଟିକଟ ଆଦି ଯୋଜନା ସହିତ ବର୍ତ୍ତମାନ ହେଉଥିବା ବାଲ ଆଧାରରେ ସମସ୍ତେ କିପରି ପିଲାମାନଙ୍କର କରିପାରିବାର ସୁଫଳ ବିଷୟରେ ଅବଗତ କରାଇଥିଲେ। ପୋଷ୍ଟଅଫିସରେ ଉପଲବ୍ଧ ସମସ୍ତ ଯୋଜନା କିପରି ପ୍ରତେକ ଗାଁର କୋଣ ଅନୁକୋଣ ତଥା ଘରେ ଘରେ ପ୍ରତେକ ବ୍ୟକ୍ତିମାନଙ୍କ ପାଖରେ ଅତି ସହଜରେ ପହଞ୍ଚି ପାରିବା ସହିତ ଏହାର ସୁବିଧା ଯେପରି ଅତି ସହଜରେ ମିଳିପାରିବ ଏହାହିଁ ଏହି ଡାକମେଳାର ମୂଳ ଉଦେଶ୍ୟ ବୋଲି ମୁଖ୍ୟ ବକ୍ତା ଶ୍ରୀଯୁକ୍ତ କର କହିଥିଲେ। ସମ୍ମାନିତ ଅତିଥି ଶ୍ରୀଯୁକ୍ତ କାଣ୍ଡି ମହୋଦୟ ନିଜ ଅଭିଭାଷଣ ମାଧ୍ୟମରେ ସଞ୍ଚୟ ଖାତା ଖୋଲି ନିଶ୍ଚିତ ରହିବା ସହ ଭାରତ ସରକାରଙ୍କ ବିଭିନ୍ନ ସୁବିଧା ସୁଯୋଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋକପାତ କରି ନିଜ ଅଭିଜ୍ଞତାକୁ ସମସ୍ତଙ୍କ ସମ୍ମୁଖରେ ଅତି ସୁନ୍ଦର ଭାବରେ ଉପସ୍ଥାପନା କରିଥିଲେ। ଜନସାଧାରଣଙ୍କ ହିତସାଧନ ପାଇଁ ସମସ୍ତଙ୍କୁ ସୁବିଧା ହେଲା ଭଳିଆ ପଞ୍ଚାୟତ ତରଫରୁ ଏକ ଗୃହ ଡାକଘର ପରିଚାଳନା ପାଇଁ ଯୋଗାଇଦିଆଯିବ ବୋଲି ଶ୍ରୀମତୀ ତରାଇ ପ୍ରତିଶୃତି ଦେଇଛନ୍ତି। ଏହି ମେଳାରେ ବାଲିକୁଦା ଉପ-ଡାକଘର, ସଂଗ୍ରାମପୁର ଶାଖାଡାକ ଘର ଅଧୀନରେ ଥିବା ସମସ୍ତ କର୍ମଚାରୀବୃନ୍ଦଙ୍କ ସହିତ ଉପସ୍ଥିତ ଥିଲେ। ଜଗତସିଂହପୁର ଉପମଣ୍ଡଳର ଓଭରସିଅର ଶ୍ରୀଯୁକ୍ତ ପୁରୁଷୋତ୍ତମ ସାସମଲ ଓ ପ୍ରିତମ ଦାସ ଏହି ମେଳାକୁ ଆୟୋଜନ କରିଥିଲେ। ଶେଷରେ ଶାଖା ଡାକପାଳ ଦୁର୍ଯୋଧନ ପଣ୍ଡା ଧନ୍ୟବାଦ ଅର୍ପଣ କରି ସଭାକୁ ସାଙ୍ଗ କରିଥିଲେ।

# ବଡସାହି ନିର୍ବାଚନ ମଣ୍ଡଳୀର ବିଜେଡି ରାସ୍ତାରେ କଣ୍ଟା ବିଜେଡି !

ବେତନଟୀ (ଅମୃତ ମିଡିଆ) : ପୂର୍ବତନ ବିଜେଡି ବିଧାୟକ ଗଣେଶ୍ୱର ପାତ୍ରଙ୍କ ବିରୋଧରେ ବଢୁଛି ଅସନ୍ତୋଷ। ବିଜେଡି ଯଦି ଗଣେଶ୍ୱରଙ୍କୁ ଟିକଟ ଦିଏ ତେବେ ହେବ ଅସହଯୋଗ, ସମସ୍ତ ବିଜେଡି ଆଶାୟୀ ଜଣକୁ ସ୍ୱାଧୀନ ପ୍ରାର୍ଥୀ କରିବା ସହ ସମୂହ କରିବେ ସମର୍ଥନ ।ନିର୍ବାଚନ ବିଗୁଲ ବାଜିବା ପୂର୍ବରୁ ଟିକଟ ବଣ୍ଟା ନେଇ ବିଜେଡି ମହଲରେ ହଲଚଲ। ଦଳ କାହାକୁ ଦେବ ଟିକଟ ଏ ନେଇ ଚାଲିଛି ଛକା ପଞ୍ଝା। ବଡ଼ସାହି ମୟୂରଭଞ୍ଜ ଜିଲ୍ଲାର ଏକ ମାତ୍ର ଅନୁସୂଚିତ ଜାତି ବର୍ଗଙ୍କ ନିର୍ବାଚନ ମଣ୍ଡଳୀ ଅଟେ। ୨୦୨୪ ନିର୍ବାଚନର ଯେତେ ଯେତେ ପାଖେଇ ଆସୁଛି ରାଜନୈତିକ ମାହୋଲ ସେତେ ସରଗରମ ହେବାରେ ଲାଗିଛି। ଗତ କିଛି ଦିନ ତଳେ ପ୍ରାୟ ୩୦୦୦ ରୁ ଉର୍ଦ୍ଧ୍ୱ ବିଜେଡି କର୍ମୀଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବଡ଼ସାହି ଠାରେ ଅନୁଷ୍ଠିତ ହୋଇଥିବା ବେଳେ ସେଠାରେ ଏକ ରୋଚକ ଦୃଶ୍ୟ ଦେଖିବାକୁ ମିଳିଥିଲା। ହଜାର ହଜାର ବିଜେଡି କର୍ମୀ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ବିରୁଦ୍ଧରେ ସ୍ୱର ଉତ୍ତଳନ କରିବା ସହ ସିଧାସଳଖ ବିଜେଡି ଦଳର ବଡ ବଡ ନେତାଙ୍କୁ ଖୋଲା ଚେତାବନୀ ଦେଇଥିଲେ ଯଦି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ଦଳ ପୁଣି ଥରେ ଟିକଟ ଦିଏ ତେବେ



ସମୂହ ବିଜେଡି କର୍ମୀ ୨୦୨୪ ସାଧାରଣ ନିର୍ବାଚନରେ ଦଳ ବିରୋଧୀ କାର୍ଯ୍ୟ ନ କରି ନିର୍ବାଚନରେ ଅସହଯୋଗ କରିବେ। ଏ ଘଟଣା ସାରା ଓଡ଼ିଶାରେ ଚହଳ ଖେଳି ଯାଇଥିବା ବେଳେ ପୁଣି କିଛି ଦିନ ବ୍ୟବଧାନ ରେ ଆଉ ଏକ ଦୃଶ୍ୟ ସାମ୍ନା କୁ ଆସିଥିଲା। ବେତନୋଟି ଠାରେ ବଡ଼ସାହି ନିର୍ବାଚନ ମଣ୍ଡଳୀର ବିଜେଡି ଦଳର ବରିଷ୍ଠ ନେତା ଓ ଶହ ଶହ କର୍ମୀ ପୁଣି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅନ୍ନ ପ୍ରସାଦ ଛୁଇଁ ଶପଥ ନେଇଥିଲେ ଯଦି ଦଳ ପୁଣି ଗଣେଶ୍ୱର ପାତ୍ର ଙ୍କୁ ସମର୍ଥନ କରିବା ସହ ଟିକଟ ପ୍ରଦାନ କରେ ତେବେ ୨୦୨୪ ନିର୍ବାଚନରେ ବଡ଼ସାହି ନିର୍ବାଚନ ମଣ୍ଡଳୀର କୌଣସି ବିଜେଡି କର୍ମୀ ଓ ନେତା ଦଳର ନିଷ୍ପତ୍ତି କୁ ଗ୍ରହଣ କରିବେ ନାହିଁ। ଶନିବାର ଦିନ ବଡ଼ସାହି ନିର୍ବାଚନମଣ୍ଡଳୀର ବେତନଟୀ ବ୍ଲକ ଅନ୍ତର୍ଗତ ବେତନଟୀ ଡାକବଙ୍ଗଳା ଠାରେ ବଡ଼ସାହି ନିର୍ବାଚନ ମଣ୍ଡଳୀର କୋର କମିଟି ସମସ୍ତ ବିଜେଡି ଆଶାଇ ପ୍ରାର୍ଥୀ ମାନଙ୍କୁ ଏକତ୍ରିତ କରି ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକ ରେ ଦଳର ବରିଷ୍ଠ ନେତୃବୃନ୍ଦ ତଥା କର୍ମୀ ଓ ବଡ଼ସାହି ନିର୍ବାଚନ ମଣ୍ଡଳୀର ସମସ୍ତ ବିଜେଡି ଆଶାୟୀ ପ୍ରାର୍ଥୀ ବିକାଶ ଚନ୍ଦ୍ର ସେଠୀ, ମିଲି ସେଠୀ, ଲଲାଟେନ୍ଦୁ ବେହେରା, ଜାମିନି ନାଏକ, କରମ ଚାନ୍ଦ କାଳନ୍ଦି, ମନୋରଞ୍ଜନ ସେଠୀ, ଅର୍ଜୁନ ଦଳେଇ, ସଂଯୁକ୍ତା ପାତ୍ର, ଅଞ୍ଜନା ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଏହି ବୈଠକରେ ସମସ୍ତ ଆଶାୟୀ ତଥା ବିଜେଡି କର୍ମୀ ଏହି ନିଷ୍ପତ୍ତି ରେ ଉପନୀତ ହୋଇଥିଲେ ୨୦୨୪ ନିର୍ବାଚନରେ ଯଦି ଦଳ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ରଙ୍କୁ ପୁଣି କୋର କମିଟି ର ସହମତି ନ ନେଇ ଟିକଟ ପ୍ରଦାନ କରେ ତେବେ ସମସ୍ତେ କୌଣସି ଦଳ ବିରୋଧୀ କାର୍ଯ୍ୟ ନ କରି ଆଶାୟୀଙ୍କ ମଧ୍ୟରୁ ଜଣକୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼େଇ ଜିତାଇବା ପାଇଁ ପ୍ରତିଶ୍ରୁତି ନେଇଥିଲେ। ଏପରି ଦୁଃସାହସିକ ପଦକ୍ଷେପ ନେଇ ଏବେ ସୋସିଆଲ ମିଡିଆରେ ଶିହରଣ ଖେଳି ଯାଇଛି। ଯାହାକି ବିଜେଡି ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ବୈଠକରେ ବଡ଼ସାହିର ଜ୍ୟୋତିକାନ୍ତ ସାମଲ, ଜ୍ଞାନ ଦାଶ, ରାଜେଶ ନାୟକ, ପ୍ରମୋଦ ପାଢୀ, ରତିକାନ୍ତ ମହାନ୍ତ, ଜୀବନ ଦାସ, ସନ୍ତୋଷ କୁମାର ଜେନା, ସୁସାନ୍ତ ବଳାଙ୍କ ସହ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ।





# ମନମୋହିଲା ସପ୍ତମ ଦିନର ନାଟକ 'ପଶାପାଲି'





## ଉମାକାନ୍ତ ପଟ୍ଟନାୟକ, କୁନ୍ତଳା ସାହୁ, ବିଶ୍ୱ ରଞ୍ଜନ ପଟ୍ଟନାୟକ, ସୋନାଲି ଦାସ, ମମତା ମିଶ୍ରଙ୍କୁ ୱଣ୍ଡର ୱାଲ୍ଡ ୱାଟର ପାର୍କ ଯିବାର ସୁଯୋଗ

ପୁରୀ (ବ୍ୟୁରୋ) : ଅନୁଷ୍ଠାନ ଆମର ପକ୍ଷରୁ ୧୬ ତମ ରାଜ୍ୟସ୍ତରୀୟ ମଞ୍ଚ ନାଟକ ର ସପ୍ତମ ସନ୍ଧ୍ୟା ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ପରିସରରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ମୁଖ୍ୟ ଅତିଥି ଭାବେ ହଲିଡେ ରିସର୍ଟ ର ପରିଚାଳନା ନିର୍ଦ୍ଦେଶକ ରାଜକିଶୋର ପାତ୍ର ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ପୌରସଦସ୍ୟ ଭକ୍ତ ଚରଣ ଦାସ,ଉତ୍କଳ ବିଦ୍ୟୁତ୍ ପରିଷଦ ର ସଭାପତି ମନୋଜ ରଥ,ଭୁବନେଶ୍ୱର ଓଡ଼ିଶା ନାଟ୍ୟ ସଂଘର ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ,ବରିଷ୍ଠ ସେବାୟତ ଶିବ ନାରାୟଣ ପୂଜାପଣ୍ଡା,ଶିକ୍ଷାବିତ୍ କୃଷ୍ଣ ଚନ୍ଦ୍ର ସାହୁ,ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ଏବଂ ଅନୁଷ୍ଠାନର ସଭାପତି ଭରତ କୁମାର ନାୟକ ଯୋଗଦାନ କରି ମହାପ୍ରଭୁ ଙ୍କ ନିକଟରେ ପ୍ରଦୀପ ପ୍ରଯୋଜନ ପୂର୍ବକ କାର୍ଯ୍ୟକ୍ରମକୁ ଶୁଭ ଉଦ୍ଘାଟନ କରିଥିଲେ ।ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ଆଉ ଏକ ନୂଆ ଜୀବନ ପାଇବାକୁ ଯାଉଛି,ରାଜ୍ୟ ସରକାର ଏହାକୁ ନୂତନ ଭାବେ ଗଢି ତୋଳିବା ନିମନ୍ତେ ପ୍ରୟାସ କରିଛନ୍ତି ।ଏଠାରେ ପୁନର୍ବାର ଦର୍ଶକ ପୂର୍ଣ୍ଣ ହେବେ ,ଉତ୍ତମ ମାନର ନାଟକ ପରିବେଷଣ କରାଯିବ, ସେଣ୍ଟ୍ରାଲ ଏସି ଭିତରେ ବସି ଦର୍ଶକ ମାନେ ନାଟକକୁ ଉପଭୋଗ କରିବେ ଏବଂ ଏହାଦ୍ୱାରା କିଛି ଅର୍ଥ ମଧ୍ୟ ଉପାର୍ଜନ ହେବ ତେଣୁ ଓଡ଼ିଆ ମଞ୍ଚ ନାଟକ ବଞ୍ଚି ରହିବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ, ମଞ୍ଚ ବଞ୍ଚି ରହିଲେ କଳାକାର ବଞ୍ଚି ରହିବ ବୋଲି ଅତିଥି ମାନେ ଅଭିବ୍ୟକ୍ତ ପ୍ରଦାନ କରିଥିଲେ ।ଏହାପରେ ଭୁବନେଶ୍ୱର ପଞ୍ଚ ଧ୍ୱନି ନାଟ୍ୟ ପରିଷଦର ନିର୍ଦ୍ଦେଶକ ଶ୍ରୀ କରୁଣାକର ସାମଲ ଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯିବା ସହ ୭ ହଜାର ଟଙ୍କା ଉପସ୍ଥାପନା ଖର୍ଚ୍ଚ ପ୍ରଦାନ କରାଯାଇଥିଲା ।ଏହାପରେ ଯେଉଁ କଳାକାର ମାନେ ପ୍ରତ୍ୟୁକ ଦିନ ଯାତ୍ରା ଶେଷ ପର୍ଯ୍ୟନ୍ତ ଦେଖିବେ ସେମାନଙ୍କୁ ୱାଣ୍ଡର ୱାଲ୍ଡ ୱାଟର ପାର୍କ ପକ୍ଷରୁ ୫ ଜଣଙ୍କୁ ମାଗଣାରେ ମାଳତିପାଟପୁର ସ୍ଥିତ ୱଣ୍ଡର ୱାଲ୍ଡ ୱାଟର ପାର୍କ ବୁଲିଯିବାର ସୁଯୋଗ ଦିଆଯାଇଥିଲା ।ଆଜିର ବିଜେତା ଭାବେ ଉମାକାନ୍ତ ପଟ୍ଟନାୟକ, କୁନ୍ତଳା ସାହୁ,ବିଶ୍ୱ ରଞ୍ଜନ ପଟ୍ଟନାୟକ, ସୋନାଲି ଦାସ, ମମତା ମିଶ୍ର ଙ୍କୁ ୱାଟର ପାର୍କ ଯିବାର ସୁଯୋଗ ଦିଆଯାଇଛି ।ଏହାପରେ ଭୁବନେଶ୍ୱର ପଞ୍ଚଧ୍ୱନି ନାଟ୍ୟ ପରିଷଦ ପକ୍ଷରୁ ସପ୍ତମ ସନ୍ଧ୍ୟାର ନାଟକ 'ପଶାପାଲି' ପରିବେଷଣ କରାଯାଇଥିଲା ।ଯେଉଁ ନାଟକରେ ଦର୍ଶାଯାଇଛି ଗଣତନ୍ତ୍ର'କୁ ଏହା ଲୋକଙ୍କର, ଲୋକଙ୍କ ଦ୍ୱାରା ଏବଂ ଲୋକଙ୍କ ପାଇଁ ଏକ ଉଦ୍ଦିଷ୍ଟ ସରକାର ବୋଲି କୁହାଯାଏ କିନ୍ତୁ ସମୟକ୍ରମେ ରାଜନୈତିକ ବ୍ୟକ୍ତିଙ୍କ ଦ୍ୱାରା ଗଣତନ୍ତ୍ର ତା'ର ଗାରିମା ହରାଇବା ସହ ଆଜି ସମ୍ପୂର୍ଣ୍ଣ କଳୁଷିତ । ଗଣତନ୍ତ୍ର ଆଜି ଗୋଟିଏ ନିର୍ଦ୍ଦିଷ୍ଟ ଶ୍ରେଣୀ ଦ୍ୱାରା ନିୟନ୍ତ୍ରିତ; ଯେଉଁମାନଙ୍କର ପ୍ରଚୁର ଧନ ଅଛି, ଖ୍ୟାତି ଅଛି, କ୍ଷମତା ଓ ପ୍ରତିପରି ସହ ବଂଶାନୁକ୍ରମିକ ରାଜକୀୟ ପରିଚୟ ଅଛି । ଏମାନଙ୍କର କ୍ରୀଡନକ ଭାବରେ ଲୋକମାନଙ୍କ ଦ୍ୱାରା ଗଣତନ୍ତ୍ର ପ୍ରତିଷ୍ଠିତ ହୁଏ; କିନ୍ତୁ ଗଣତନ୍ତ୍ରର ମାଲିକାନା ସେହି ନିର୍ଦ୍ଦିଷ୍ଟ ଶ୍ରେଣୀର ଏବଂ ସେହିମାନଙ୍କର ଉତ୍ତରୋତ୍ତର ଉନ୍ନତି ପାଇଁ ଗଣତନ୍ତ୍ର ଅଭିପ୍ରେତ । ପ୍ରତ୍ୟେକ ବ୍ୟକ୍ତିଙ୍କର ଭୋଟ୍ ଦେବାର ଅଧିକାର ଅଛି । ପ୍ରତ୍ୟେକ ବ୍ୟକ୍ତିର ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାର ଅଧିକାର ଅଛି ବୋଲି ସମ୍ବିଧାନ କହେ; କିନ୍ତୁ ସେହି ସାଧାରଣ ବ୍ୟକ୍ତିଟି ଉପରୋକ୍ତ ସ୍ୱତନ୍ତ୍ର ଶ୍ରେଣୀର ହୋଇନଥିଲେ ସେ ଯଥାଯଥ ପ୍ରତିଦ୍ୱନ୍ଦିତା କରିପାରିବ ନା ନିର୍ବାଚନରେ ଜୟଯୁକ୍ତ ହୋଇପାରିବ ? ଅତଏବ, ସେ ଯଦି ଗଣତନ୍ତ୍ରର ମୂଳମନ୍ତ୍ରରେ ଅନୁପ୍ରାଣିତ ହୋଇ ନିର୍ବାଚନକୁ ଲମ୍ଫ ପ୍ରଦାନ କରେ, ତା'ର ଅଭିମନ୍ୟୁ ପରି ଦଶା ହେବ ବା ପଶାପାଲିରେ ଜଣେ ତା'ର ସର୍ବସ୍ୱ ବାଜି ଲଗାଇ ହାରିଗଲା ପରି, ରାଜନୀତି ପଶାପାଲିର ଶରବ୍ୟ ହୋଇ ସେ ବି ଶେଷରେ ସର୍ବହରା ହେବ । ତେବେ କଳା ବଉଦ ପଞ୍ଚାୟତ ନିର୍ବାଚନରେ ଲୋକଙ୍କ ପାଇଁ କିଛି କରିବାର ସ୍ୱପ୍ନ ନେଇ କୋଟିପତି ସରପଞ୍ଚ ପ୍ରାର୍ଥୀ ସୁଜିତ୍ ସାହାଣୀ ବିରୁଦ୍ଧରେ ଲଢି ସୀମିତ ସମ୍ବଳ ସମ୍ପନ୍ନ ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ଘନଶ୍ୟାମ ମହାପାତ୍ର ଜିତିଲେ ନା ହାରିଲେ ? ଏହାହିଁ ନାଟକ 'ପଶାପାଲି'ର ସାରମର୍ମ ।ନାଟକର ଶେଷରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରି କାର୍ଯ୍ୟକ୍ରମକୁ ସମାପ୍ତ କରିଥିଲେ ।



# ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ ଖୁଲାସା କଲା ପୋଲିସ



**ବଲାଙ୍ଗୀର (ଅମୃତ ମିଡିଆ) :** ପୁଇଁତଲା ଥାନା କେସେକେଲା ଗାଁ ମୁଣ୍ଡ ପଡ଼ିଆ ଭିତରୁ ମହିଳାଙ୍କ ଶବ ଉଦ୍ଧାର ଘଟଣାକୁ ନେଇ ଆଜି ଖୁଲାସା କରିଛି ବଲାଙ୍ଗିର ପୋଲିସ । ବଲାଙ୍ଗିର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ଏକ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରି ଏହି ହତ୍ୟା ଘଟଣାର ସଂପୂର୍ଣ୍ଣ ବିବରଣୀ ପ୍ରଦାନ କରିଛନ୍ତି । ସୂଚନା ଅନୁସାରେ ଗତକାଲି ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ କେସେରକେଲା ଗାଁର ଘନଶ୍ୟାମ ବଗର୍ତ୍ତି ପୁଇଁତଲା ଥାନାରେ ଏକ ଖବର ଦେଇଥିଲେ। କେସେ?କେଲା ଗାଁ ମୁଣ୍ଡ ପମ୍ପହାଉସ୍ ପାଖ ପଡ଼ିଆରେ ଜଣେ ମହିଳାଙ୍କ ଶବ ମୁହଁମାଡ଼ି ପଡ଼ି ରହିଥିବା ସେ ଖବର ଦେଇଥିଲେ ଓ ଏହା ଏକ ହତ୍ୟାକାଣ୍ଡ ହୋଇପାରେ ବୋଲି ସେ ସୂଚନାରେ କହିଥିଲେ । ଏହାକୁ ଭିତ୍ତି କରି ପୁଇଁତଲା ଥାନା ପୋଲିସ ମାମଲା ରୁଜୁ କରି ଆରମ୍ଭ କରିଥିଲା ତଦନ୍ତ । ଘଟଣାସ୍ଥଳରେ ସଦଳବଳେ ତୁରନ୍ତ ପହଂଚିଥିଲା ପୋଲିସ। ଏସ୍‌ପି ରିଷିକେଶ ଖିଲାରୀ ମଧ୍ୟ ଘଟଣାସ୍ଥଳକୁ ପହଂଚିଥିଲେ । ଏହା ଏକ ହତ୍ୟାକାଣ୍ଡ ବୋଲି ଘଟଣା ସ୍ଥଳରେ ପାରିପାର୍ଶ୍ୱିକ ସ୍ଥିତରୁ ଅନୁମାନ ହୋଇଥିଲା। ଘଟଣା ସ୍ଥଳରେ ସାଇନ୍‌ଟିଫିକ୍ ଟିମ୍, ଡଗ୍ ସ୍କ୍ୱାର୍ଡ ପହଂଚି ତନ୍ନ ତନ୍ନ କରି ଛାନ୍ ?ଭିନ୍ ? କରାଯାଇଥିଲା। ଏହାପରେ ଏହି ଘଟଣାର ତଦନ୍ତ ପାଇଁ ବଲାଙ୍ଗିର ଏସ୍‌ପି ରିଷିକେଶ ଖିଲାରୀଙ୍କ ନିର୍ଦ୍ଦେଶ କ୍ରମେ ଏକ ସ୍ୱତନ୍ତ୍ର ଟିମ୍ ? ଗଠନ କରାଯାଇଥିଲା । ଶବ ଜବତ ପରେ ପରେ ଶବ ଚିହ୍ନଟ ହୋଇଥିବା ଏସ୍‌ଡ଼ିପିଓ ଶ୍ରୀ ସାହୁ କହିଛନ୍ତି । ବୌଦ୍ଧ ଜିଲ୍ଲା କଂଟାମାଲ ଅନ୍ତର୍ଗତ ବରିଗୁଡା ଗାଁର ସଂଯୁକ୍ତା ହରପାଲ୍ଙ୍କ ଶବ ବୋଲି ଚିହ୍ନଟ ହେବା ପରେ ଅନ୍ୟ ଦିଗଗୁଡ଼ିକ ଉପରେ ତନାଘନା ତଦନ୍ତ କରାଯାଇଥିଲା ଏବଂ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିଲା । ଅଭିଯୁକ୍ତ ଜଣକ ହେଲେ କଂଟାମାଲ ନିକଟସ୍ଥ ଖଲିଆପାଲିର ସପ୍ତମ ବଗର୍ତ୍ତି। ମୃତ ମହିଳା ସଂଯୁକ୍ତା ଅଭିଯୁକ୍ତ ସପ୍ତମ ବଗର୍ତ୍ତିଙ୍କ ସହ ଗତ ୪/୫ ଦିନ ହେଲା ସଂପର୍କରେ ଆସିଥିଲେ । ଅଭିଯୁକ୍ତ ସପ୍ତମ ବଗର୍ତ୍ତି ଚୋରା ଗଂଜେଇ କାରବାରରେ ଲିପ୍ତ ଥିବା ପୋଲିସ ପକ୍ଷରୁ ସ୍ପଷ୍ଟ କରାଯାଇଛି । ମୃତ ମହିଳାଙ୍କୁ ସପ୍ତମ ଗଂଜେଇ କାରବାରରେ ତାଙ୍କୁ ସହଯୋଗ କରିବା ପାଇଁ କହିବା ସହ ମୋଟର ସାଇକେଲ୍ ?ରେ ଆସିବାକୁ କହିଥିଲେ । ଅର୍ଥ ଲାଳସାରେ ସଂଯୁକ୍ତା ସପ୍ତମଙ୍କ କହିବା ମୁତାବକ ଆସିଥିଲେ । ୨୧ ତାରିଖ ଅପରାହ୍ନ ୪ଟା ବେଳେ ସଂଯୁକ୍ତାଙ୍କୁ ଧରି ସପ୍ତମ ବଲାଙ୍ଗିରର ବିଭିନ୍ନ ସ୍ଥାନ ବୁଲାବୁଲି କରିଥିଲେ । ଗଂଜେଇ ବିକ୍ରି ହୋଇ ପାରିଲା ନାହିଁ ବୋଲି କହି ସପ୍ତମ ସଂଯୁକ୍ତାଙ୍କୁ କେସେରକେଲା ପଡ଼ିଆ ପାଖକୁ ନେଇଯାଇଥିଲେ ଓ ସେଠାରେ ଦୁହିଁଙ୍କ ମଧ୍ୟରେ ଶାରୀରିକ ସଂପର୍କ ମଧ୍ୟ ହୋଇଥିଲା । ଏହାପରେ ସଂଯୁକ୍ତା ଆଣିଥିବା ଗଂଜେଇ ବାବଦକୁ ସପ୍ତମଙ୍କୁ ୨୫ ହଜାର ଟଙ୍କା ମାଗିଥିଲେ । ଏହାକୁ ନେଇ ଦୁହିଁଙ୍କ ମଧ୍ୟରେ ବଚସା ହୋଇଥିଲା । ଯଦି ଟଙ୍କା ନଦେବୁ ତାହେଲେ ତୁ' ମୋ ସହ ଯାହା କରିଛୁ, ତାହା ଗାଁରେ କହିଦେବି ବୋଲି ସଂଯୁକ୍ତା କୁଆଡ଼େ ଅଭିଯୁକ୍ତଙ୍କୁ କହିଥିଲେ । ଏଥିରେ ଅଭିଯୁକ୍ତ ସପ୍ତମ ରାଗିଯାଇ ସଂଯୁକ୍ତାଙ୍କୁ ତଂଟିଚିପି ହତ୍ୟା କରିବା ସହ ତାଙ୍କ ଲୁଗାରେ ଘଟଣା ସ୍ଥଳରେ ଏକ ବବୁଲ୍ ଗଛରେ ସଂଯୁକ୍ତାଙ୍କୁ ଟାଙ୍ଗି ଦେଇଥିଲେ ।

# ଭର୍ଚୁଆଲରେ ଉଦ୍‌ଘାଟିତ ହେଲା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମ୍



**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ଥାନା ଅନ୍ତର୍ଗତ ଓଟିଏମ୍ କଲୋନୀ ସ୍ଥିତ ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡ଼ିୟମ୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଲୋକାର୍ପଣ କରାଯାଇଥିବା ଜଣାପଡ଼ିଛି । ଏହି ଶୁଭ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପୌରାଧକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ନଗର ବିଜେଡ଼ି ସଭାପତି ବିଷ୍ଣୁଚରଣ ପରିଡ଼ା, ସାଂସଦ ପ୍ରତିନିଧି ପ୍ରେମଚାନ୍ଦ ନାୟକ, କାଉନ୍‌ସିଲର ସୁବ୍ରତ ସାମଲ, ଅଜୟ ବେହେରା, ବିଜୟ ମଲ୍ଲିକ, ଆଶୁତୋଷ ଦାସ, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ରାଜ୍ୟ ଯୁବ ଯୁଗ୍ମ ସଂପାଦକ ଅର୍ଜୁନ ପଣ୍ଡା, ଚୌଦ୍ୱାର ଯୁବ ବିଜେଡ଼ି ସଭାପତି ଶାରଦା ରଂଜନ ପରିଜା, ଛାତ୍ର ସଭାପତି ଭରତ ଚନ୍ଦ୍ର ସାହୁ, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ରାଜ୍ୟ ମହିଳା ସମ୍ପାଦିକା ସବିତା ନାୟକ, ଜିଲ୍ଲା ସଂପାଦିକା ରୋଜି ନାୟକ, ଓଟିଏମ୍ ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ମମତା ସାହୁ ପ୍ରମୁଖ ସାମିଲ ଥିଲେ । ଚୌଦ୍ୱାର ପୌରାଂଚଳ ଓ ଆଖପାଖ ପଂଚାୟତର ବହୁ କ୍ରୀଡ଼ାବିତ୍, ଓଟିଏମ୍ ହାଇସ୍କୁଲର ସମସ୍ତ ଛାତ୍ରଛାତ୍ରୀଙ୍କ ସମେତ ବହୁ ସାଧାରଣ ଜନତା ଏହି ଲୋକାର୍ପଣ ଉତ୍ସବରେ ସାମିଲ ହେବା ସହିତ ଷ୍ଟାଡିୟମ୍‌ଟିକୁ ବୁଲି ଦେଖିଥିଲେ । ୩ ମହଲା ବିଶିଷ୍ଟ ଏହି ଷ୍ଟାଡ଼ିୟମ୍ ମଧ୍ୟରେ ୪ଗୋଟି ସିନ୍ଥେଟିକ୍ ବ୍ୟାଡମିଣ୍ଟନ୍ କୋର୍ଟ, ଅତ୍ୟାଧୁନିକ ଜିମ୍, ଭାର ଉତ୍ତୋଳନ ପ୍ରଶିକ୍ଷଣ କେନ୍ଦ୍ର, ଫିଜିଓଥେରାପି ସେଣ୍ଟର, ଟେବୁଲ ଟେନିସ୍, ଯୋଗଗୃହ ଭଳି ବିଭିନ୍ନ ଇନ୍‌ଡୋର ଖେଳ ଖେଳିବାର ସୁବିଧା ଥିବା ବେଳେ ଏହାର ଚତୁଃପାର୍ଶ୍ୱରେ ଜଗିଙ୍ଗ୍ ଟ୍ରାକ୍ ନିର୍ମାଣ କରାଯାଇଛି । ଅତ୍ୟନ୍ତ ଉଚ୍ଚମାନର ଶୈଳୀରେ ନିର୍ମିତ ହୋଇଥିବା ଏହି ଷ୍ଟାଡିୟମଟିର ଉପଯୁକ୍ତ ରକ୍ଷଣାବେକ୍ଷଣ ପାଇଁ ପ୍ରପର୍ଟି ସଲ୍ୟୁସନ୍ ପ୍ରାଇଭେଟ୍ ଲିମିଟେଡ ନାମକ ଏକ କଂପାନୀକୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି କଂପାନୀ ମାଧ୍ୟମରେ ବିଭିନ୍ନ ଖେଳର ଦକ୍ଷ ପ୍ରଶିକ୍ଷକ, ଅଫିସ୍ ପରିଚାଳକ, ହାଉସ୍ କିପିଙ୍ଗ୍ ଏବଂ ସିକ୍ୟୁରିଟି କର୍ମଚାରୀମାନଙ୍କୁ ନିଯୁକ୍ତି କରାଯାଇଛି । ଉଦ୍‌ଘାଟିତ ହେଲା ପରେ ଅନଲାଇନ୍ ମାଧ୍ୟମରେ ଚୌଦ୍ୱାରର ବିଭିନ୍ନ କ୍ରୀଡ଼ାପ୍ରେମୀମାନେ ଏଠାରେ ନାମ ଲେଖାଇବା ପାଇଁ ପଞ୍ଜୀକରଣ କରୁଥିବାର ଦେଖିବାକୁ ମିଳିଥିଲା । ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସମାଜସେବୀ ଶ୍ରୀଧର ରାଉତ, ବିଭୂତି ଭୂଷଣ ବଡ୍ଡୁ, ବିଜୟ କୁମାର ଦାସ, ଅଶୋକ କୁମାର ଦାସ, ରାଜେଶ କୁମାର ସ୍ୱାଇଁ, ସଞ୍ଜୟ ରାଉତ, ସତ୍ୟବ୍ରତ ସ୍ୱାଇଁ, ଅରୁଣ ନାୟକ, ସଞ୍ଜୟ ପାତ୍ର, ସୁବ୍ରତ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ପାଣି, ଲକ୍ଷ୍ମୀପ୍ରିୟା ସାହୁ, ଦିବାକର ନାଥ, ମନୋରଞ୍ଜନ ପରିଡ଼ା, ମହେଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ ।

# ହରିଣ ଉଦ୍ଧାର

**ଟାଙ୍ଗୀ-ଚୌଦ୍ୱାର (ଅମୃତ ମିଡ଼ିଆ) :** ଚୌଦ୍ୱାର ଥାନା ଅନ୍ତର୍ଗତ ଇନ୍ଦ୍ରାଣୀପାଟଣା ପଂଚାୟତ ଅଫିସ୍ ନିକଟରେ ରହୁଥିବା ରାଜକିଶୋର ସ୍ୱାଇଁଙ୍କ କୂଅରୁ ଏକ ହରିଣକୁ ଚୌଦ୍ୱାର ଅଗ୍ନିଶମ ବାହିନୀ ଦ୍ୱାରା ଉଦ୍ଧାର କରାଯାଇଥିବା ଜଣାପଡ଼ିଛି । ସୂଚନାଥାଉକି, ରାଜକିଶୋର ସକାଳେ କୂଅରୁ ପାଣି ଆଣିବାକୁ ଯାଇଥିବା ବେଳେ କୂଅରେ ହରିଣ ପଡ଼ିଯାଇଥିବାର ଦେଖିବାକୁ ପାଇଁ ସଙ୍ଗେ ସଙ୍ଗେ ଚୌଦ୍ୱାର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ । ଖବର ପାଇ ମୁଖ୍ୟ ଆଗ୍ନିକ ରମେଶ ଚନ୍ଦ୍ର ବେହେରା, ଡ୍ରାଇଭର ପର୍ଶୁରାମ ଜେନା, ଆଗ୍ନିକ ସହକର୍ମୀ ଶୁଭ୍ରଜିତ ଦାସଙ୍କ ସମେତ ଅନ୍ୟ କର୍ମଚାରୀମାନେ ଘଟଣାସ୍ଥଳରେ ପହଂଚିବା ସହ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ କର୍ମଚାରୀ ଶୁଭ୍ରଜିତ୍ ନିଜେ କୂଅ ଭିତରେ ପଶି ହରିଣଟିକୁ ପାଣିରୁ ବାହାର କରିବାରେ ସକ୍ଷମ ହୋଇଥିଲେ । ଏହାପରେ ବନବିଭାଗକୁ ଖବର ଦେବା ପରେ ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି ନିଜ କର୍ମଚାରୀଙ୍କ ସହ ସେଠାରେ ପହଂଚି ହରିଣଟିକୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ପଠାଇଥିବା ବେଳେ ହରିଣର ବୟସ ୩୦ବର୍ଷ ହେବ ବୋଲି ଅନୁମାନ କରାଯାଉଥିବା ବେଳେ ଚିକିତ୍ସା ପରେ ତାକୁ ଡମଣୀ ସଂରକ୍ଷିତ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

### ଅହୋରାତ୍ର ଗଣଧାରଣା ଅଠର ଦିନରେ

# ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ହସ୍ତକ୍ଷେପ ଲୋଡ଼ା : ଓଷ୍ଟା

**ଭୁବନେଶ୍ୱର (ବ୍ୟୁରୋ) :** ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା)ର ଆହ୍ୱାନରେ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସ୍ଥିତ ଲୋୟର୍ ପିଏମ୍‌ଜି ଗାନ୍ଧିମାର୍ଗରେ ଚାଲିଥିବା ଅହୋରାତ୍ର ଗଣଧାରଣା ଅଠର ଦିନରେ ପହଞ୍ଚିଛି। ସମସ୍ୟା ସମାଧାନ ଦିଗରେ ବିଜ୍ଞପ୍ତି ବାହାରିବା ପର୍ଯ୍ୟନ୍ତ ଶିକ୍ଷକ କର୍ମଚାରୀମାନେ ଖୋଲା ଆକାଶ ତଳେ ପ୍ରତୀକାତ୍ମକ ଧାରଣାରେ ବସିଛନ୍ତି। ଓଷ୍ଟାର ସାଧାରଣ ସଂପାଦକ ରଞ୍ଜନ କୁମାର ଦାଶ କହିଛନ୍ତି ସରକାର ଆନ୍ତରିକତା ପ୍ରଦର୍ଶନ କଲେ ସମସ୍ୟା ସମାଧାନ ହୋଇପାରିବ। ତୁରନ୍ତ ସରକାର ଶିକ୍ଷକ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟା ସମ୍ପର୍କିତ ଦାବୀଗୁଡ଼ିକ ପ୍ରତି ସମ୍ବେଦନଶୀଳ ହୋଇ ସେମାନଙ୍କୁ ଉଚିତ ନ୍ୟାୟ ଦିଅନ୍ତୁ। ସୂଚନାଥାଉ କି, ୧୮ ଦିନ ଧରି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନେ ଦାବି ହାସଲ ପାଇଁ ଅହୋରାତ୍ର ଧାରଣାରେ ବସି ରହିଛନ୍ତି। ଏହି ଶିକ୍ଷକ ମାନେ ଓଡ଼ିଶା ଶିକ୍ଷାବିଭାଗର ସିଂହଭାଗ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ବହନ କରୁଥିବା ବେଳେ ଏମାନଙ୍କ ସମସ୍ୟା ପ୍ରତି ସରକାର ଆଖିବୁଜି ଦେଇଛନ୍ତି। ଶିକ୍ଷକମାନଙ୍କର ନ୍ୟାର୍ଯ୍ୟ ଦାବୀଗୁଡ଼ିକ ମଧ୍ୟରେ ପ୍ରଧାନତଃ ରାଜ୍ୟରେ ଥିବା ଯୋଗ୍ୟ ବିବେଚିତ ବିଦ୍ୟାଳୟଗୁଡ଼ିକୁ ଅନୁଦାନ ଯୋଗାଇଦେବା, ସେହପରି ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟରୁ ଅବସର ନେଇଥିବା ଓ କାର୍ଯ୍ୟରତ ଶିକ୍ଷକ କର୍ମଚାରୀଙ୍କୁ ପେନସନ୍ ଏବଂ ଅବସରକାଳୀନ ସୁବିଧା ଯୋଗାଇଦେବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା କରିବା, ୧୧୦ ବାଳିକା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ଦେବା, ଦୁଇଟି ପିଅନ ଓ ୩୭, ୪୬, ୬୩ ବିଦ୍ୟାଳୟକୁ ଚୁକ୍ତିଭିତ୍ତିକ ଶିକ୍ଷକଙ୍କୁ ନିଯୁକ୍ତି ଦିନଠାରୁ ବରିଷ୍ଠତା ପ୍ରଦାନ, ଗ୍ରେଡ଼ପେ ରେ ଥିବା ଅସଙ୍ଗତି ଦୂରୀକରଣ, ୪୮ ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ ସଂସ୍କୃତ ଶିକ୍ଷକମାନଙ୍କ କ୍ଷେତ୍ରରେ କୋର୍ଟର ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରି ଟ୍ରେଣ୍ଡ ଗ୍ରାଜୁଏଟ୍ ସ୍କେଲ ପ୍ରଦାନ କରିବା, ନୂତନ ପେନସନ୍ ଯୋଜନା ପ୍ରତ୍ୟାହାର କରି ପୁରୁଣା ପେନସନ୍ ଯୋଜନା ଲାଗୁ କରିବା, ଆର.ଏ. ସ୍କିମର ପୁନଃ ପ୍ରଚଳନ କରିବା, ବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା, ସରକାରୀ ବିଦ୍ୟାଳୟଗୁଡ଼ିକରେ ଖାଲିପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ କରିବା, ଅବସର ବୟସସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି କରିବା ଇତ୍ୟାଦି ବିଭିନ୍ନ ଦାବୀକୁ ନେଇ ଧାରଣା ଚାଲୁରହିଛି। ସରକାର ତୁରନ୍ତ ଏହିସବୁ ନ୍ୟାୟୋଚିତ ଦାବୀଗୁଡ଼ିକ ପ୍ରତି ଦୃଷ୍ଟି ନିକ୍ଷେପ କରି ଏହାର ସମାଧାନର ସୂତ୍ର ବାହାର କରନ୍ତୁ ବୋଲି ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ଜିଲ୍ଲାୱାରୀ ପାଳିରେ ଆଜି କେନ୍ଦ୍ରାପଡ଼ା, କଳାହାଣ୍ଡି, ମୟୁରଭଞ୍ଜ, ଯାଜପୁର, ଝାରସୁଗୁଡ଼ା ଓ ସମ୍ବଲପୁର ଜିଲ୍ଲାଗୁଡ଼ିକ ଅଂଶଗ୍ରହଣ କରିଛନ୍ତି। ଜିଲ୍ଲାମାନଙ୍କ ତରଫରୁ ସର୍ବଶ୍ରୀ ରାଜଲକ୍ଷ୍ମୀ ବେହେରା, ଗୋପୀବଲ୍ଲଭ ଭୂୟାଁ, ନିର୍ମଳ କୁମାର ଜେନା, ରମାକାନ୍ତ ମହାପାତ୍ର, ମୃତ୍ୟୁଞ୍ଜୟ ବେହେରା, ସୁନନ୍ଦ ରାଉତ, ଚିତ୍ତରଞ୍ଜନ ପଲତା, ଦୁର୍ଯ୍ୟୋଧନ ବେହେରା, ପ୍ରଭାତ କୁମାର ରଥ, କିଶୋର ଆଚାର୍ଯ୍ୟ, କେଶବ ନାୟକ ପ୍ରମୁଖ ଧାରଣାରେ ଉପସ୍ଥିତ ରହି ଶିକ୍ଷକମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ସରକାର ତୁରନ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀମାନଙ୍କର ସମସ୍ୟା ସମ୍ପର୍କରେ ହସ୍ତକ୍ଷେପ କରି ସମାଧାନର ରାସ୍ତା ବାହାର କରନ୍ତୁ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ଓଷ୍ଟାର ସର୍ବଶ୍ରୀ ଅକ୍ଷୟ କୁମାର ମିଶ୍ର, ନୀଳମଣି ପୁରୋହିତ, ରଞ୍ଜନ କୁମାର ଦାଶ, ବ୍ରଜକିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି ପ୍ରମୁଖ ସରକାରଙ୍କର ଧ୍ୟାନ ଆକର୍ଷଣ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ମାଟ୍ରିକ...

ସଚେତନ କରାଯିବ, ଅଣ୍ଡରଟେକିଂ ରଖାଯିବ । ଅଣ୍ଡରଟେକିଂ ରଖାଯାଇ ଆବଶ୍ୟକସ୍ଥଳେ ପରୀକ୍ଷାରେ ନିୟୋଜିତ କରାଯିବ । ଶୁକ୍ରବାର ମାଟ୍ରିକ ପରୀକ୍ଷାର୍ଥୀମାନେ ଇଂରାଜୀ ବିଷୟରେ ପରୀକ୍ଷା ଦେଇଥିବା ବେଳେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଭ୍ରାଟ ଓ ତ୍ରୁଟି ହୋଇଥିବା ଘଟଣା ସାମନାକୁ ଆସିଥିଲା । କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପରୀକ୍ଷା ଆରମ୍ଭ ପୂର୍ବରୁ ଏଭଳି ପ୍ରଶ୍ନପତ୍ର ବୁଲିଥିବା ସୂଚନା ମିଳିଥିଲା। ଏହି ଅଭିଯୋଗ ପରେ କେନ୍ଦୁଝର ସାହରପଡ଼ା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ବଦଳିଥିବା ନେଇ ସୂଚନା ମିଳିଛି। ଏପଟେ ହାଟଡିହି ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବଦଳାଇବାକୁ ସୁପାରିସ୍ ହୋଇଥିବା ସୂଚନା ମିଳିଛି। ଏହାବାଦ ଭଦ୍ରକର ମଦନମୋହନ ହାଇସ୍କୁଲ, ଯାଜପୁର ଗୋବିନ୍ଦ ଚନ୍ଦ୍ର ହାଇସ୍କୁଲ, ଭଦ୍ରକର ବନ୍ଧଗାଁ ନୋଡାଲ ହାଇସ୍କୁଲ, ଯାଜପୁରର ପଲାଇ ହାଇସ୍କୁଲ, ନବରଂଗପୁର ଡାବୁଗାଁ ସ୍ଥିତ ସରକାରୀ ଯୁଜି ହାଇସ୍କୁଲ ଓ ଗଜପତି ଆର. ଉଦୟଗିରିର ସରକାରୀ ହାଇସ୍କୁଲରେ ବିଭ୍ରାଟ ହୋଇଥିବା ଅଭିଯୋଗ ହୋଇଛି ।

### ସଂସଦୀୟ...

ମାନେ ମଧ୍ୟ ସାମିଲ ଅଛନ୍ତି ଯେଉଁମାନେ ସିଧା ଅଥବା ପର୍ଯ୍ୟବେକ୍ଷକ କ୍ଷମତାରେ କୌଣସି ପ୍ରକାରେ ନିର୍ବାଚନ କାର୍ଯ୍ୟ ସହିତ ସମ୍ପୃକ୍ତ। ନିର୍ବାଚନରେ ଯେପରି କୌଣସି ପ୍ରକାରର ବାଧା ଉତ୍ପନ୍ନ ନ ହୁଏ ସେଥି ପାଇଁ ନିର୍ବାଚନ କମିଶନ ଜିରୋ ଟୋଲେରାନ୍ସ ନୀତି ଅବଲମ୍ବନ କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ ନିକଟରେ ସମ୍ପନ୍ନ ହୋଇଥିବା ୫ ରାଜ୍ୟଙ୍କ ବିଧାନସଭା ନିର୍ବାଚନରେ ଆୟୋଗ ବିଭିନ୍ନ ଅଧିକାରୀ, ଏପରିକି ରାଜ୍ୟରେ ବରିଷ୍ଠ ପଦପଦବୀରେ ଅବସ୍ଥାପିତ ପୋଲିସ ଅଧିକାରୀଙ୍କୁ ଟ୍ରାନ୍ସଫର ଆଦେଶ ଦେଇଥିଲେ। ଆଗାମୀ ଲୋକସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଓ ନିର୍ବାଚନକୁ ନିରପେକ୍ଷ କରିବା ପାଇଁ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପରେ ଏହାକୁ ସବୁଠୁ ବଡ଼ ପଦକ୍ଷେପ ମନେ କରାଯାଉଛି।

### ୩୪ଟି ...

ଦୃଷ୍ଟିରେ ରଖି, ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦ ଗୁଡିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଛନ୍ତି।

# ଆସିବ କଙ୍ଗନାଙ୍କ 'Queen-2'



୨୦୧୩ ମସିହାରେ ମୁକ୍ତିପ୍ରାପ୍ତ କଙ୍ଗନା ରଣାୱତ୍ ଷ୍ଟାର 'କୁଇନ୍'ର ସିକ୍ୱେଲ୍ ହେବ । ଫିଲ୍ମର ନିର୍ଦ୍ଦେଶକ ବିକାଶ ବହଲ ଏକ ଗଣମାଧ୍ୟମ ସହ ବାର୍ତ୍ତାଳାପରେ ଏ ବିଷୟରେ ଖୁଲାସା କରିଛନ୍ତି । ଫିଲ୍ମରେ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ କଙ୍ଗନା । ସିକ୍ୱେଲ ପାଇଁ ଅଦ୍ୟାବଧି କି କି ଯୋଜନା ହୋଇଛି, ସେ ବିଷୟରେ ବିକାଶ ଗଣମାଧ୍ୟମ ସହ ଆଲୋଚନା କରିଛନ୍ତି । ସେ କହିଛନ୍ତି, 'କୁଇନ୍' ମୁକ୍ତିଲାଭ କରିବାର ୧୦ ବର୍ଷ ବିତିଗଲାଣି । ଲୋକେ ଏବେ ବି ତାଙ୍କୁ ଏହାର ସିକ୍ୱେଲ ବିଷୟରେ ପଚାରୁଛନ୍ତି । ମୂଳ ଫିଲ୍ମ ସହ ମେଳ ଖାଇବା ଭଳି ସିକ୍ୱେଲ ନିର୍ମାଣ କରିବାକୁ ସେ ଚାହୁଁଥିଲେ । ଫିଲ୍ମର କାହାଣୀ ଲେଖା ସରିଛି । ସେ କହିଛନ୍ତି, ଟଙ୍କା ପାଇଁ ୪ ବର୍ଷ ତଳୁ ସିକ୍ୱେଲ ରିଲିଜ୍ କରି ସାରିଥାନ୍ତେ । କିନ୍ତୁ 'କୁଇନ୍' ଯେଉଁ ଛାପ ଦର୍ଶକଙ୍କ ମନରେ ଛାଡ଼ିଛି, ସେହିଭଳି କାହାଣୀ ନ ପାଇବା ପର୍ଯ୍ୟନ୍ତ ସିକ୍ୱେଲ ବିଷୟରେ ସେ ଚିନ୍ତା କରିପାରୁ ନ ଥିଲେ । ବିକାଶଙ୍କ ଅପକମିଙ୍ଗ ଫିଲ୍ମ 'ଶୈତାନ୍' ଆସନ୍ତା ମାର୍ଚ୍ଚ ୯ ତାରିଖରେ ମୁକ୍ତିଲାଭ କରିବ । ଏଥିରେ ଅଜୟ ଦେବଗନ, ଆର ମାଧବନ ଓ ଜ୍ୟୋତିକା ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । ଏଥିରେ ମାଧବନଙ୍କ ଶୈତାନ ଲୁକ୍ ଦର୍ଶକଙ୍କ ପାଇଁ ସରପ୍ରାଇଜ୍ ହେବ । କଙ୍ଗନାଙ୍କର ସବୁଠୁ ଲୋକପ୍ରିୟ ଫିଲ୍ମ ମଧ୍ୟରେ 'କୁଇନ୍' ଅନ୍ୟତମ । ଫିଲ୍ମରେ ତାଙ୍କ ସହ ରାଜକୁମାର ରାଓ ନଜର ଆସିଥିଲେ । ବିବାହ ପାଇଁ ପ୍ରତ୍ୟାଖ୍ୟାନର ସମ୍ମୁଖୀନ ହୋଇଥିବା ଜଣେ ଝିଅ କିଭଳି ଭାବେ ନିଜ ସ୍ୱପ୍ନକୁ ଏକାକୀ ପୂରଣ କରିଛି, ତାହା ଥିଲା ଫିଲ୍ମର ବିଷୟବସ୍ତୁ । ନିକଟରେ ମୁକ୍ତିପ୍ରାପ୍ତ କଙ୍ଗନାଙ୍କର ସମସ୍ତ ଫିଲ୍ମ ବକ୍ସଅଫିସ୍‌ରେ ଫେଲ୍ ହୋଇଛି । ଫିଲ୍ମ 'ତେଜସ୍'କୁ ନେଇ ସେ ଅନେକ ଆଶା କରିଥିଲେ । କିନ୍ତୁ ଦର୍ଶକ ଏହାକୁ ପସନ୍ଦ କଲେ ନାହିଁ । 'କୁଇନ୍-୨'ରେ ଯଦି କଙ୍ଗନାଙ୍କୁ ଲିଡ୍ ଲେଡି ଭାବେ କାଷ୍ଟ୍ କରାଯାଏ, ତେବେ ତାଙ୍କ କ୍ୟାରିଅର ପୁଣି ଥରେ ଆଗକୁ ବଢ଼ିବ ବୋଲି ଆଶା କରାଯାଉଛି ।

# ଦ୍ୱିତୀୟ ଦିନର ଖେଳ ଶେଷ ଭାରତ ୨୧୯/୭



**ରାଞ୍ଚି :** ଏଠାରେ ଖେଳା ଯାଉଥିବା ଚତୁର୍ଥ ଟେଷ୍ଟରେ ଇଂଲଣ୍ଡ ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଛି । ଭ୍ରମଣକାରୀ ବୋଲରଙ୍କ ସ୍ପିନ ଜାଲରେ ଫଶି ଭାରତ ଦ୍ୱିତୀୟ ଦିନର ଖେଳ ଶେଷ ସୁଦ୍ଧା ୭ ୱିକେଟ୍ ହରାଇ ୨୧୯ ରନ କରିଛି । ଦିନର ଖେଳ ଶେଷ ଆଡ଼କୁ ଧ୍ରୁବ ଜୁରେଲ ଓ କୁଲଦୀପ ଯାଦବ ଭାରତ ପାଇଁ ସଙ୍କଟମୋଚକ ସାଜିଛନ୍ତି । ଦୁଇ ବ୍ୟାଟର କ୍ରମଶଃ ୩୦ ରନ ଓ ୧୭ ରନ କରି କ୍ରିଜରେ ଅପରାଜିତ ଅଛନ୍ତି । ଭାରତ ଏବେ ବି ଇଂଲଣ୍ଡଠୁ ୧୩୪ ରନରେ ପଛରେ ରହିଛି । ଏହା ପୂର୍ବରୁ ଇଂଲଣ୍ଡ ପ୍ରଥମ ଇନିଂସରେ ୩୫୩ ରନରେ ଅଲଆଉଟ୍ ହୋଇଥିଲା । ଦଳ ପକ୍ଷରୁ ଜୋ ରୁଟ୍ ୧୨୨ ରନରେ ଅପରାଜିତ ଥିବା ବେଳେ ଓଲି ରବିନସନ ୫୮ ରନ କରିଥିଲେ । ପ୍ରଥମ ଇନିଂସ ବ୍ୟାଟିଂ କରିଥିବା ଭାରତକୁ ଆରମ୍ଭରୁ ବଡ଼ ଝଟକା ଲାଗିଥିଲା । ଦଳୀୟ ସ୍କୋର ୪ ରନରେ ଅଧିନାୟକ ରୋହିତ ଶର୍ମା(୨) ଜେମ୍ସ ଆଣ୍ଡରସନଙ୍କ ଶିକାର ହୋଇଥିଲେ । ଏହା ପରେ ଚମତ୍କାର ଫର୍ମରେ ଥିବା ଯଶସ୍ୱୀ ଜୟସ୍ୱାଲ ଓ ଶୁଭମନ ଗିଲ୍ ଦୃଢ଼ତାର ସହ ବ୍ୟାଟିଂ କରି ଦ୍ୱିତୀୟ ଭାଗିଦାରୀରେ ୮୨ ରନ ଯୋଡ଼ିଥିଲେ । ଗିଲ୍ ୩୮ ରନ କରି ପାଭିଲିୟନ ଫେରିଥିଲେ । ଏହାପରେ ଭାରତୀୟ ଦଳ ବ୍ୟାଟିଂ ବିପର୍ଯ୍ୟୟ ଭୋଗିଥିଲା । ଇଂଲଣ୍ଡ ସ୍ପିନରଙ୍କ ଉଚିତ୍ ମୁକାବିଲା କରି ପାରି ନ ଥିଲେ ଭାରତୀୟ ବ୍ୟାଟର । ଗୋଟିଏ ପଟେ ଜୟସ୍ୱାଲ କ୍ରିଜରେ ଜମିଥିବା ବେଳେ ଅନ୍ୟପଟେ ଭାରତ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା । ପୁଣି ଥରେ ଭାରତୀୟ ଦଳକୁ ନିରାଶ କରିଛନ୍ତି ରଜତ ପାଟିଦାର(୧୭) । ରବୀନ୍ଦ୍ରା ଜାଡ଼େଜା ୧୨ ରନ କରି ଆଉଟ୍ ହୋଇଥିଲେ । ଅନ୍ୟପଟେ ଜୟସ୍ୱାଲ ଆଉ ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ସେ ୧୧୭ ବଲ୍‌ରୁ ୮ ଚୌକା ଓ ୧ ଛକା ସହ ୭୩ ରନ କରି ଆଉଟ୍ ହେବା ଭାରତକୁ ବଡ଼ ଝଟକା ଲାଗିଥିଲା । ଗତ ମ୍ୟାଚ୍‌ର ଉଭୟ ଇନିଂସରେ ଅର୍ଦ୍ଧଶତକ ହାସଲ କରିଥିବା ସରଫରାଜ ଖାନ(୧୪) ପାଭିଲିୟନ ଫେରିଥିଲେ । ରବିଚନ୍ଦ୍ରନ ଅଶ୍ୱିନ(୧) କ୍ରିଜରେ ତିଷ୍ଠି ପାରି ନ ଥିଲେ । ୧୭୭ ରନରେ ୭ ୱିକେଟ୍ ହରାଇ ଭାରତ ସଙ୍କଟରେ ପଡିଥିଲା ।

# ଅର୍ଦ୍ଧଶତକ ହାସଲ କର ଗାଙ୍ଗୁଲି ଓ ଗୌତମଙ୍କୁ ପଛରେ ପକାଇଲେ ଯଶସ୍ୱୀ

**ନୂଆଦିଲ୍ଲୀ :** ଝାଡ଼ଖଣ୍ଡ ରାଞ୍ଚିରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଖେଳାଯାଉଥିବା ଟେଷ୍ଟ ମ୍ୟାଚ୍‌ରେ ଯଶସ୍ୱୀ ଜୟସ୍ୱାଲ୍ ଅର୍ଦ୍ଧଶତକ ହାସଲ କରି ରେକର୍ଡ କରିଛନ୍ତି । ମ୍ୟାଚ୍‌ର ଦ୍ୱିତୀୟ ପାଳିରେ ଶନିବାର ଜୟସ୍ୱାଲ ଅର୍ଦ୍ଧଶତକ ହାସଲ କରି ଟିମ୍ ଇଣ୍ଡିଆର ପୂର୍ବତନ କ୍ୟାପଟେନ୍ ସୌରଭ ଗାଙ୍ଗୁଲି ଓ ଗୌତମ ଗମ୍ଭୀରଙ୍କୁ ପଛରେ ପକାଇ ଦେଇଛନ୍ତି । ଗୋଟିଏ ଟେଷ୍ଟ ସିରିଜ୍‌ରେ ସର୍ବାଧିକ ୬୦୦ ରନ୍ ହାସଲ କରିଥିବା ଜୟସ୍ୱାଲ୍ ପ୍ରଥମ ଭାରତୀୟ ବାମହାତି ବ୍ୟାଟର ହୋଇଛନ୍ତି । ସେ ୪ ଟେଷ୍ଟ ମ୍ୟାଚ୍‌ରେ ୭ ପାଳି ଖେଳି ୬୦୦ରୁ ଅଧିକ ରନ୍ କରିସାରିଲେଣି । ଇତିମଧ୍ୟରେ ସେ ଦ୍ୱିଶତକ ମଧ୍ୟ ହାସଲ କରିଛନ୍ତି । ଜୟସ୍ୱାଲ୍ ରାଜକୋଟ ଓ ବିଶାଖାପାଟନମ ଟେଷ୍ଟରେ ବି ଭଲ ପ୍ରଦର୍ଶନ କରିଥିଲେ । ସେହିପରି ଯଦି ବାମହାତି ଭାରତୀୟ ବ୍ୟାଟରଙ୍କ ପୂର୍ବ ରେକର୍ଡ ଦେଖିବା ଦେବେ ସୌରଭ ଗାଙ୍ଗୁଲି ୨୦୦୭ର ଗୋଟିଏ ଟେଷ୍ଟ ସିରିଜ୍‌ରେ ୫୩୪ ରନ୍ କରି ପ୍ରଥମରେ ରହିଥିଲେ ।



ତାଙ୍କ ପଛକୁ ଗୌତମ ଗମ୍ଭୀର ୨୦୦୯ରେ ୪୪୫ ରନ୍ କରି ଦ୍ୱିତୀୟ ନମ୍ବରରେ ଥିଲେ । ହେଲେ ଏବେ ଯଶସ୍ୱୀ ଜୟସ୍ୱାଲ୍ ସମସ୍ତଙ୍କୁ ପଛରେ ପକାଇ ନମ୍ବର ୱାନ୍ ହୋଇଯାଇଛନ୍ତି । ସୂଚନା ଥାଉକି ସମସ୍ତ ଫର୍ମାଟ୍‌ରେ ବର୍ତ୍ତମାନ ଜୟସ୍ୱାଲ୍‌ଙ୍କ କ୍ରିକେଟ୍ କ୍ୟାରିୟର ଭଲ ରହିଛି । ବିଶେଷ କରି ଟେଷ୍ଟ କଥା ଦେଖିଲେ ସେ ୧୪ ଟେଷ୍ଟ ପାଳିରେ ୯୧୫ ରନ୍ କରିଛନ୍ତି । ଏଥିରେ ୩ଶତକ ୩ ଅର୍ଦ୍ଧଶତକ ଓ ଗୋଟିଏ ଦ୍ୱିଶତକ ରହିଛି । ଯସଶ୍ୱୀଙ୍କର ସର୍ବଶ୍ରେଷ୍ଠ ଟେଷ୍ଟ ସ୍କୋର ୨୧୪ ରହିଛି ।

# ବାପୁଜୀ, ରାମେଶ୍ୱର ସ୍ପୋର୍ଟିଂ ବିଜୟୀ

**ଭୁବନେଶ୍ୱର :** ମୁନ୍ ଲାଇଟ୍ ୟୁଥ୍ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବିଜେବି କଲେଜ ପଡ଼ିଆରେ ଚାଲିଥିବା ୭ମ ନବ ଦାସ ଓ ୩ୟ ପ୍ରଶାନ୍ତ ମହାପାତ୍ର ମେମୋରିଆଲ ଟି୨୦ କ୍ରିକେଟ ଟୁର୍ନାମେଣ୍ଟର ୩ୟ ଓ ୪ର୍ଥ ଲିଗ୍ ମ୍ୟାଚ ଶୁକ୍ରବାର ଅନୁଷ୍ଠିତ ହୋଇଛି । ଏଥିରେ ବାପୁଜୀ କ୍ରିକେଟ କ୍ଲବ ଓ ରାମେଶ୍ୱର ସ୍ପୋର୍ଟିଂ ବିଜୟ ହାସଲ କରିଛି । ଦିବସର ପ୍ରଥମ ମ୍ୟାଚରେ ବାପୁଜୀ କ୍ଲବ ୭୦ ରନରେ ଟାଉନ୍ କ୍ଲବକୁ ପରାସ୍ତ କରିଛି । ବ୍ୟାଟିଂ ନିଷ୍ପତ୍ତି ନେଇଥିବା ବାପୁଜୀ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୨୫୬ ରନ କରିଥିଲା । ଦଳ ପକ୍ଷରୁ କ୍ଷମାସାଗର ବଳ ସର୍ବାଧିକ ୯୬ ଓ ସିଦ୍ଧାନ୍ତ କୁମାର ଜେନା ୭୩ ରନ କରିଥିଲେ । ବିପକ୍ଷ ଦଳର ବୋଲର ବିଶାଲ କର ସର୍ବାଧିକ ୪ଟି ଉଇକେଟ ନେଇଥିଲେ । ୨୫୭ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ଟାଉନ୍ କ୍ଲବ ୨୦ ଓଭରରେ ୭ ଉଇକେଟ ହରାଇ ୧୮୬ ରନ କରିବାକୁ ସକ୍ଷମ ହୋଇଥିଲା । ବିଶାଲ କର ୪୩ ରନ କରିଥିଲେ । ବିଜୟୀ ଦଳ ପକ୍ଷରୁ ସୟଦ ଜାକି ଓ ମନୋଜ କୁମାର ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ । କୈଳାସ ପାତ୍ର ଅତିଥିଭାବେ ଯୋଗଦେଇ କ୍ଷମାସାଗରଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ । ଦ୍ୱିତୀୟ ମ୍ୟାଚରେ ରାମେଶ୍ୱର ସ୍ପୋର୍ଟିଂ ୧୮ ରନରେ ପ୍ରଗତି ସ୍ପୋର୍ଟିଂକୁ ହରାଇ ଦେଇଛି । ରାମେଶ୍ୱର ୨୦ ଓଭରରେ ୧୪୬ ରନ୍‌କରି ଅଲ୍‌ଆଉଟ ହୋଇଥିଲା । ଦଳ ପକ୍ଷରୁ ବିଶ୍ୱଜିତ ମଲିକ ସର୍ବାଧିକ ୩୬ ଓ ଏମ.ଜି. ଗୋପାଳ ୩୦ ରନ କରିଥିଲେ । ପ୍ରତିପକ୍ଷ ଦଳର ମିଳନ ସାମଲ ୪ଟି ଓ ସୁମିତ ମହାରଣା ୨ଟି ଉଇକେଟ ନେଇଥିଲେ । ଜବାବରେ ପ୍ରଗତି ସ୍ପୋର୍ଟିଂ ୧୯.୧ ଓଭରରେ ୧୨୮ ରନକରି ଅଲ୍‌ଆଉଟ ହୋଇଥିଲା । ଶୁଭମ୍ ନାଏକ ସର୍ବାଧିକ ୪୩ ରନ କରିଥିଲେ । ରାମେଶ୍ୱରର ସମ୍ବିତ ବରାଳ ଓ ଲାଲୁ ମହାନ୍ତି ୨ଟି ଲେଖାଏ ଉଇକେଟ ନେଇଥିଲେ । ରଣଜୀ ଖେଳାଳି ତଥା ଚୟନକର୍ତ୍ତା ଦୀପକ ମଙ୍ଗରାଜ ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଏମ.ଜି. ଗୋପାଳଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଦେଇଥିଲେ ।

# ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୋପ୍‌ମାନ ଇସ୍ତଫା

**ନୂଆଦିଲ୍ଲୀ :** ଭାରତୀୟ ମହିଳା ହକି ଦଳର ମୁଖ୍ୟ କୋଚ୍ ଜାନେକ୍ ସ୍କୋପ୍‌ମାନ ଶୁକ୍ରବାର ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି । ଜାତୀୟ ମହାସଂଘ ତାଙ୍କ କଥାକୁ ଗୁରୁତ୍ୱ ଦେଉ ନାହିଁ କିମ୍ବା ତାଙ୍କୁ ଯଥେଷ୍ଟ ସମ୍ମାନ ଦେଉ ନାହିଁ ବୋଲି କିଛିଦିନ ପୂର୍ବେ ତାଙ୍କ ଅଭିଯୋଗ ପରେ ସେ ଚର୍ଚ୍ଚାରେ ରହିଥିଲେ । ଡଚ୍ କୋଚ୍ ୨୦୨୧ରେ ଜୋର୍ଡ ମାରିନେଙ୍କଠାରୁ ମହିଳା ଦଳର ଦାୟିତ୍ୱ ଗ୍ରହଣ କରିଥିଲେ । ମାରିନଙ୍କ ତତ୍ତ୍ୱାବଧାନରେ ଭାରତ ଟୋକିଓ ଅଲିମ୍ପିକ୍ସରେ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ସ୍କୋପମାନ ୨୦୨୦ ଜାନୁଆରୀରେ ମାରିଜ୍‌ନେଙ୍କ ଅଧୀନରେ ଆନାଲିଟିକାଲ କୋଚ୍ ଭାବେ ଯୋଗଦେଇଥିଲେ । ପ୍ୟାରିସ ଅଲିମ୍ପିକ୍ସ ପରେ ଅଗଷ୍ଟରେ ତାଙ୍କ ଚୁକ୍ତିନାମାର ଅବଧି ଶେଷ ହେବାକୁ ଥିଲା । ମାତ୍ର ନିକଟରେ ବିବାଦୀୟ ଟିପ୍ପଣୀ ଦେବା ପରେ ସେ ତାଙ୍କ ପଦବୀରେ ଆଉ ରହିବେ ନାହିଁ ବୋଲି ସ୍ପଷ୍ଟ ହୋଇଯାଇଥିଲା । ଓଡ଼ିଶାରେ ଏଫଆଇଏଚ୍ ହକି ପ୍ରୋ-ଲିଗ୍‌ର ହୋମ୍ ଲେଗ୍‌ରେ ଦଳର ମ୍ୟାଚଗୁଡ଼ିକ ଶେଷ ହେବାପରେ ଏହି ୪୬ ବର୍ଷୀୟା କୋଚ୍ ତାଙ୍କ



ଇସ୍ତଫା ପତ୍ର ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀଙ୍କୁ ପ୍ରଦାନ କରିଥିବା ହକି ଇଣ୍ଡିଆ ତରଫରୁ ସୂଚନା ଦିଆଯାଇଛି । ନିକଟରେ ଅଲିମ୍ପିକ କ୍ୱାଲିଫାୟର୍ସରେ ନୈରାଶ୍ୟଜନକ ପ୍ରଦର୍ଶନ ଏବଂ ତାଙ୍କ ଇସ୍ତଫା ପରେ ହକି ଇଣ୍ଡିଆ ଜଣେ ନୂଆ ମୁଖ୍ୟ କୋଚ୍ ସନ୍ଧାନରେ ରହିବ, ଯିଏକି ୨୦୨୬ରେ ପରବର୍ତ୍ତୀ ମହିଳା ବିଶ୍ୱକପ୍ ଏବଂ ଲସଏଞ୍ଜେଲ୍ସ ଅଲିମ୍ପିକ୍ସ ୨୦୨୮ ଲାଗି ଭାରତୀୟ ଦଳକୁ ପ୍ରସ୍ତୁତ କରିବେ । ଓଡ଼ିଶାରେ ଏକ ପ୍ରୋ-ଲିଗ୍ ମ୍ୟାଚ ପରେ ସ୍କୋପମ୍ୟାନ ଅଭିଯୋଗ କରିଥିଲେ ହକି ଇଣ୍ଡିଆ ପୁରୁଷ କୋଚ୍ ପ୍ରତି ଭିନ୍ନ ବ୍ୟବହାର କରାଯାଉଛି । ଗତ ଦୁଇ ବର୍ଷ ହେଲା ସେ ଅନୁଭବ କରି ଆସୁଛନ୍ତି । ମୋର ଧାରଣା ଥିଲା ଏଠିକାର ସଂସ୍କୃତିରେ ମହିଳାମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇଥାଏ । କିନ୍ତୁ ବାସ୍ତବରେ ତାହା ନୁହେଁ ବୋଲି ସେ ଅନୁଭବ କରିଛନ୍ତି । ନେଦରଲାଣ୍ଡରୁ ଆସିଥିବା ସ୍କୋପମାନ ଆମେରିକାରେ ମଧ୍ୟ କାର୍ଯ୍ୟ କରିଛନ୍ତି ।

# ଆଇପିଏଲ୍ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ବଢ଼ିଲା ସମସ୍ୟା

**ନୂଆଦିଲ୍ଲୀ :** ଡେଭିଡ ୱାର୍ନର ନ୍ୟୁଜିଲ୍ୟାଣ୍ଡ ବିପକ୍ଷ ତିନି ମ୍ୟାଚ ବିଶିଷ୍ଟ ଟି-୨୦ସିରିଜର ତୃତୀୟ ତଥା ଶେଷ ମ୍ୟାଚରୁ ବାଦ୍ ପଡିଛନ୍ତି । ୱାର୍ନରଙ୍କ ଆଘାତ ଆଇପିଏଲ ୨୦୨୪ ପୂର୍ବରୁ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ସମସ୍ୟା ବଢାଇ ଦେଇଛି । ଆଇପିଏଲ ୨୦୨୪ ଆରମ୍ଭ ପାଇଁ ଏକ ମାସରୁ କମ ସମୟ ବାକି ଅଛି । ଏଭଳି ପରିସ୍ଥିତିରେ ୱାର୍ନର ଟୁର୍ଣ୍ଣାମେଣ୍ଟ ପୂର୍ବରୁ ସୁସ୍ଥ ହୋଇପାରିବେ କି ନାହିଁ ପ୍ରଶ୍ନ ଉଠିଛି । ଗତ ସିଜିନରେ ୱାର୍ନର ରିଷଭ ପନ୍ତଙ୍କ ଅନୁପସ୍ଥିତିରେ ଦିଲ୍ଲୀ କ୍ୟାପିଟାଲ୍ସ ଦାୟିତ୍ୱ ଗ୍ରହଣ କରିଥିଲେ । ତେବେ ବାକି ରହିଲା ଡେଭିଡ ଆଇପିଏଲ ପୂର୍ବରୁ ସୁସ୍ଥ ହୋଇଥିବେ କି ନାହିଁ ।



# ରାଜ୍ୟ ଖୋଖୋ ତାଲିବ ଶିବିରରେ ବାଲେଶ୍ୱର ଖେଳାଳୀଙ୍କ ଯୋଗଦାନ

**ବାଲେଶ୍ୱର(ଅମୃତ ମିଡିଆ) :** ୫୬ ତମ ଜାତୀୟ ଖୋଖୋ ପ୍ରତିଯୋଗିତା ପାଇଁ ଓଡିଶା ସିନିୟର ଖୋଖୋ ଦଳର ତାଲିମ ଶିବିର ପୁରୀର ଶ୍ରୀଜଗନ୍ନାଥ ଷ୍ଟାଡିୟମ ଠାରେ ତା ୨୩-୦୨.୨୦୨୪ ରୁ ୧୦-୦୩-୨୦୨୪ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ବାଲେଶ୍ୱର ଜିଲ୍ଲା କ୍ରୀଡାସଂଘ ସାଧାରଣ ସମ୍ପାଦକ ଶ୍ରୀ ଅଧୀପ ଦାସ ଜଣାଇଛନ୍ତ ଯେ ଏହି ପ୍ରସ୍ତୁତି ଶିବିର ପାଇଁ ବାଲେଶ୍ୱର ଜିଲ୍ଲା ର ୬ ଜଣ ପୁରୁଷ ଏବଂ ୭ ଜଣ ମହିଳା ଖୋଖୋ ଖେଳାଳୀ ମନୋନୀତ ହୋଇଛନ୍ତି । ଏହା ଜିଲ୍ଲା ପାଇଁ ଏକ ଗୌରବର ବିଷୟ । ପୁରୁଷ ଖେଳାଳି ମାନେ ହେଲେ- ଜଗନ୍ନାଥ ମୁର୍ମୁ,ସୁନିଲ ପାତ୍ର,ଲିପୁନ ମୁଖୀ,ସିଦେଶ୍ୱର ଟୁଡୁ,ସୁକନାଥ ସିଂ,ଦିପକ ସିଂ, ମହିଳା ଖେଳାଳୀ- ପ୍ରୀୟଙ୍କା ସିଂ,ସାବିଲା ଖାତୁନ,ରଂଜିତା ବାରିକ,ଚମ୍ପା ମାଝୀ,ପ୍ରତୀମା ଦେ,ଆସା ମାରାଣ୍ଡି, ନିଶା ଖାତୁନ । ଖେଳାଳି ମାନେ କ୍ରୀଡାସଂଘ ର ଖୋଖୋ ଯୁଗ୍ମ ସମ୍ପାଦକ କାର୍ତ୍ତୀକ ଚନ୍ଦ୍ର ନାୟକ ଓ କୋଚ ମଳୟ ରଂଜନ ବେହେରା ଙ୍କ ସହିତ ଯୋଗାଯୋଗ କରିବାକୁ ଜଣାଇଛନ୍ତି ।

# ମ୍ୟାଚ୍ ବେଳେ ଟଳି ପଡ଼ିଲେ କ୍ରିକେଟର

**ନୂଆଦିଲ୍ଲୀ :** କ୍ରିକେଟ୍ ମ୍ୟାଚ୍ ବେଳେ ଅଘଟଣ । ହୃଦ୍‌ଘାତରେ ଟଳି ପଡିଲେ ଯୁବ କ୍ରିକେଟର । କର୍ଣ୍ଣାଟରର ୩୪ ବର୍ଷୀୟ କ୍ରିକେଟର କେ. ହୋୟସଲାଙ୍କ ହାର୍ଟ ଆଟାକ୍‌ରେ ମୃତ୍ୟୁ ହୋଇଛି । ପିଚ୍ ଉପରେ ଖେଳୁଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ବେଙ୍ଗାଲୁରୁର ଆରଏସ୍‌ଆଇ କ୍ରିକେଟ ଗ୍ରାଉଣ୍ଡରେ ଏଜିସ୍ ସାଉଥ ଜୋନ୍ ଟୁର୍ଣ୍ଣାମେଣ୍ଟ ବେଳେ କର୍ଣ୍ଣାଟକ ଓ ତାମିଲନାଡୁ ମଧ୍ୟରେ ଚାଲିଥିଲା ମ୍ୟାଚ୍ । ଏହି ମ୍ୟାଚ୍‌ରେ ତାମିଲନାଡୁକୁ ହରାଇଥିଲା କର୍ଣ୍ଣାଟକ । ଏହାପରେ କର୍ଣ୍ଣାଟକର ଖେଳାଳିମାନେ ବିଜୟ ଉତ୍ସବ ପାଳନ କରିଥିଲେ । ଏହି ସମୟରେ ହୋୟସଲାଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ଏହାପରେ ପଡିଆ ଉପରେ ସେ ହଠାତ ଚେତାଶୂନ୍ୟ ହୋଇପଡିଥିଲେ । ତୁରନ୍ତ ତାଙ୍କୁ ସିପିଆର ଦେଇ ବେଙ୍ଗାଲୁରୁ ୱରିଙ୍ଗ ହସ୍ପିଟାଲକୁ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦ୍‌ଘାତ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଛନ୍ତି । ଏହି ଖବର ସାମ୍ନାକୁ ଆସିବା ପରେ କ୍ରିକେଟ ଜଗରେ ଶୋକର ଛାୟା ଖେଳି ଯାଇଛି ।

# ଓମେନ୍ସ ପ୍ରିମିୟର ଲିଗ୍: ପ୍ରଥମ ମ୍ୟାଚ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ବିଜୟୀ



**ବେଙ୍ଗାଲୁରୁ :** ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍) ଆରମ୍ଭ ହୋଇଛି । ପ୍ରଥମ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ରୋମାଞ୍ଚକ ବିଜୟ ହାସଲ କରିଛି ଡିଫେଣ୍ଡିଂ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ । ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୭୧ ରନ କରିଥିଲା । ଜବାବରେ ମୁମ୍ବାଇ ଦଳ ୨୦ ଓଭରରେ ୬ ଉଇକେଟ ହରାଇ ୧୭୩ ରନ ସଂଗ୍ରହ କରି ନେଇଥିଲା । ଶେଷ ବଲ୍‌ରୁ ବିଜୟ ପାଇଁ ୫ ରନ ଆବଶ୍ୟକ ହେଉଥିବାବେଳେ ସଜିଭାନ ସଜନା ଏହାକୁ ଛକାରେ ପରିଣତ କରି ଉତ୍କଣ୍ଠାର ଅବସାନ ଘଟାଇଥିଲେ । ୟସ୍ତିକା ଭାଟିଆ ଦଳ ପକ୍ଷରୁ ସର୍ବାଧିକ ୫୭ ରନ କରିଥିଲେ ହେଁ ୩୪ ବଲ୍‌ରୁ ୫୫ ରନ କରିଥିବା ଅଧିନାୟିକା ହରମନପ୍ରୀତ କୌର ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ । ଦିଲ୍ଲୀ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ଓ ଆଲିସ କାପ୍‌ସେ ୨ଟି ଲେଖାଏ ଉଇକେଟ ନେଇଥିଲେ । ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା କ୍ୟାପିଟାଲ୍ସ ମାତ୍ର ୩ ରନରେ ଓପନର ଶେଫାଳି ବର୍ମାଙ୍କ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ମାତ୍ର ଅଧିନାୟିକା ମେଗ୍ ଲାନିଂ ଓ ଆଲିସ କାପ୍‌ସେ ଦ୍ୱିତୀୟ ଉଇକେଟରେ ୬୪ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳିଥିଲେ । ଲାନିଂ ୨୫ ବଲ୍‌ରୁ ୩୧ ରନକରି ଆଉଟ ହୋଇଯାଇଥିବାବେଳେ କାପ୍‌ସେ ତୃତୀୟ ଉଇକେଟରେ ଜେମିମା ରୋଡ୍ରିଗ୍ସେଜଙ୍କ ସହ ୭୪ (୪୦ ବଲ୍) ରନର ପାର୍ଟନରଶିପ୍ କରି ଦିଲ୍ଲୀକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇ ଦେଇଥିଲେ । କାପ୍‌ସେ ଦଳ ପକ୍ଷରୁ ସର୍ବାଧିକ ୭୫ (୫୩ ବଲ, ୮ ଚୌକା, ୩ ଛକା) ଓ ରୋଡ୍ରିଗ୍ସେଜ ୪୨ ରନ ସ୍କୋର କରିଥିଲେ । ମୁମ୍ବାଇ ବୋଲରଙ୍କ ମଧ୍ୟରେ ନାଟ୍ ସ୍କିଭର-ବ୍ରଣ୍ଟ ଓ ଆମେଲିକା କେର ୨ଟି ଲେଖାଏ ଏବଂ ଶବନିମ ଇସମାଇଲ ଗୋଟିଏ ଉଇକେଟ ନେଇଥିଲେ ।

କାର୍ଯ୍ୟନିର୍ବାହୀ ସମ୍ପାଦକ : ପ୍ରଦ୍ୟୁମ୍ନ ମିଶ୍ର
Executive Editor : Pradyumna Mishra

Printed and Published by **Niranjan Patra** on behalf of Uchhab Multimedia and Entertainment Pvt. Ltd., Published at Balisahi, Po/Dist- Puri and Printed at Gayatri Industries, TS 3/193, Mancheswar Industrial Estate, Bhubaneswar-751010, E-mail: amrutadunia@gmail.com, amrutadunia@rediffmail.com. Mobile- 9040005085 (News).

ସମ୍ପାଦକ: ନିରଞ୍ଜନ ପାତ୍ର
**Editor**: **Niranjan Patra**

# ଅବ୍ୟବସ୍ଥା ଘେରରେ କ୍ଷୁଦ୍ର ଜଳସେଚନ ବିଭାଗ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ରାଜ୍ୟ ସରକାର ଚାଷୀଙ୍କ ପାଇଁ ସବୁ ବ୍ୟବସ୍ଥା କରାଯାଇଥିବା ନେଇ ଡିଣ୍ଡିମ ପିଟୁଛନ୍ତି। ହେଲେ ଚାଷୀର ଜମିକୁ ଜଳ ଯୋଗାଣ ପାଇଁ ରହିଥିବା ଶାଖା କେନାଲ ନିର୍ମାଣରେ ନିୟୋଜିତ ଯନ୍ତ୍ରୀ ଏବଂ ଠିକାଦାର ଙ୍କ ଦୁର୍ନୀତି ଯୋଗୁଁ କେନାଲରେ ଫାଟ ହେବା ସହ ଜଳ ଯୋଗାଣ ନହେବା ଫଳରେ ଅସୁବିଧାର ସମ୍ମୁଖୀନ ହେଉଛି ଚାଷୀ। ଧର୍ମଗଡ ଉପଖଣ୍ଡର ଦଣ୍ଡପାଟ ଅଞ୍ଚଳ ବେହେରାରେ ଚାଷୀଙ୍କ ବୃହତ ସାର୍ଥକୁ ଦୃଷ୍ଟିରେ ରଖି ଧର୍ମଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ଅଧିନରେ, ପଦ୍ମପୁରରେ ଏକ ଚେକ ଡ୍ୟାମ ନିର୍ମାଣ କରାଯାଇଥିଲା। ତେବେ ଡ୍ୟାମ ନିର୍ମାଣ ହେବା ଦିନଠୁ ଏହି ଡ୍ୟାମରୁ ଜଣେ ହେଲେ ଚାଷୀ ଉପକୃତ ହୋଇନଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଡ୍ୟାମରୁ ଚାଷ ଜମିକୁ ଜଳସେଚନ ପାଇଁ ନିର୍ମାଣ ହୋଇଥିବା ଶାଖା କେନାଲଗୁଡ଼ିକ ଏଭଳି ନିମ୍ନମାନର ନିର୍ମାଣ ହେଇଛି ଯାହାକି ଦୁଇ ମାସ ମଧ୍ୟରେ ଫାଟିବା ସହ ସିମେଣ୍ଟ କଂକ୍ରିଟ ବାହାରି ଯାଇଥିବା ଦେଖାଯାଇଛି। ଫଳରେ ଚାଷୀଙ୍କ ଚାଷ ଜମିକୁ ଜଳସେଚନ ହୋଇପାରୁ ନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଏନେଇ ବିଭାଗୀଗ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁ ନଥିବା ଅଭିଯୋଗ କରିଛନ୍ତି ପଦମପୁର ଅଞ୍ଚଳର ଚାଷୀ। ପ୍ରତି ବର୍ଷ ଏହି ଡ୍ୟାମର ଶାଖା କେନାଲ ନିର୍ମାଣ ସହ ମରାମତି ପାଇଁ ଧର୍ମଗତ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇଥିବା ବେଳେ ବିଭାଗୀୟ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଏଠାରେ ନିମ୍ନମାନର କାମ କରି ହରିଲୁଟ କରୁଥିବା ଯୋଗୁଁ ଶାଖା କେନାଲରେ ଫାଟ ହୋଇ ଜଳସେଚନ ବାଧାପ୍ରାପ୍ତ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ତେବେ ଏନେଇ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଚାଷୀମାନେ ବାରମ୍ବାର ତାଗିଦ କଲେ ସୁଦ୍ଧା ସେ ନିରୀହ ଚାଷୀମାନଙ୍କୁ ନାଲି ଆଖି ଦେଖାଇବା ସହ ଗାଳି ଗୁଲଜ କରି ଚୁପ୍ ରହି ବାକୁ ଧମକ ଦେଉଥିବା ଚାଷୀମାନେ ଗଣମାଧ୍ୟମ ଆଗରେ ପ୍ରକାଶ କରିଛନ୍ତି। ତେବେ ଏନେଇ ସ୍ଥାନୀୟ ସହକାରୀ ଯନ୍ତ୍ରୀଙ୍କୁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ । ଗ୍ରାମବାସୀ ବିରଞ୍ଚି ବାଗ, ଦଇତାରି ବାଗ, ପ୍ରଦୀପ ଗୋପାଳ, ସତ୍ୟବାନ ବାଗ, ଧର୍ମଗତ ବିଧାୟକ ମୌଷଧି ବାଗ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ଥିବା ଜଳସେଚନ ବିଭାଗରେ ଏଭଳି ଦୂର୍ନୀତିକୁ ଚାଷୀ ନିନ୍ଦା କରିବା ସହ ଦୁର୍ନୀତିରେ ଲିପ୍ତ ଥିବା କ୍ଷୁଦ୍ର ଜଳସେଚନ ବିଭାଗର କର୍ମଚାରୀଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।

# ଆରଆଇ ଅଫିସ ନିର୍ମାଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ



**ରାଜନଗର (ଅମୃତ ମିଡିଆ) :** ରାଜନଗର ବ୍ଲକ ହାତିନାଠାରେ ନିର୍ମାଣ କରାଯାଉଥିବା ଆରଆଇ ଅଫିସ(ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ)ର କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି । ଦେଢକୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଏହି ଅଫିସ କାମ ଆରମ୍ଭରୁ ନିମ୍ନମାନର କାମ ନେଇ ସ୍ଥାନୀୟ ଅଂଚଳରେ ପ୍ରତିକ୍ରିୟା ପ୍ରକାଶ ପାଇବାରେ ଲାଗିଲାଣି । ଫାଉଣ୍ଡେସନ ଆରମ୍ଭରୁ ନିମ୍ନମାନର ରଡ, ଧସାବାଲି ବ୍ୟବହାର କରାଯାଉଥିବା ଅଭିଯୋଗ ହୋଇଛି । ଏପରିକି ଫାଉଣ୍ଡେସନ ପାଇଁ ଖୋଳାଯାଇଥିବା ଗାତଗୁଡିକ ଧାର୍ଯ୍ୟ ଗଭୀରଠାରୁ କମ ଖୋଳାଯାଇଛି । ନିମ୍ନମାନର ମୂଳଦୁଆ ପଡୁଥିବାରୁ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ପ୍ରକାଶ ପାଇଛି । ସିମେଂଟ ଓ ଗୋଡି ଭାଗ କମ ଦେଉଥିବା ଅଭିଯୋଗ ହୋଇଛି । ସବୁଠାରୁ ବଡକଥା ହେଲା, କେତେ ଟଙ୍କାର କାମ, ଠିକାଦାର କିଏ, କେଉଁ ବିଭାଗ ଦ୍ୱାରା କାମ କରାଯାଉଛି ଓ ଜିନିଷ ପରିମାଣ କେତେ ରହିବ, ସୂଚନା ଫଳକ ନଥିବାରୁ ଲୋକଙ୍କ ମଧ୍ୟରେ ସନ୍ଦେହ ପ୍ରକାଶ ପାଇଛି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ସମିରକୁମାର ବେହେରାଙ୍କୁ ପଚାରିବାରୁ ନିମ୍ନମାନର କାମ ହେଉଥିବା ଅଭିଯୋଗ ହେବା ପରେ ଆମେ କାମ ବନ୍ଦ କରିଛୁ ବୋଲି କହିଛନ୍ତି । ଏଠାରେ ପ୍ରଶ୍ନ ଉଠୁଛି ଯେ, ଦେଢ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଏହି କାମକୁ ଯନ୍ତ୍ରୀ ତଦାରଖ କରୁଥିଲେ ନାଁ ନାହିଁ । ଠିକାସଂସ୍ଥା ହାତରେ ସଂପୂର୍ଣ୍ଣ କାମ ଦାୟିତ୍ୱ ଛାଡି ଦେଇଥିଲେ କି ? ଯାହାଫଳରେ ଏପରି ନିମ୍ନମାନର କାମ ହେବାର ଅଭିଯୋଗ ପରେ ବିଭାଗୀୟ ଯନ୍ତ୍ରୀଙ୍କ ନିଦ ଭାଙ୍ଗିଲା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି ଘଟଣାକୁ ଉଚ୍ଚ ପଦସ୍ଥ ଅଧିକାରୀ ଦୃଷ୍ଟି ଦେବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ତୈଳିକ ବୈଶ୍ୟ ସମାଜର ଆରାଧ ମଦନମୋହନଜୀଉଙ୍କ ବାର୍ଷିକୋତ୍ସବ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ପଞ୍ଚାୟତର ସୁଜାନଗରସ୍ଥିତ ତୈଳିକ ବୈଶ୍ୟ ସାମାଜର ଆରାଧ ମଦନମୋହନଜୀଉଙ୍କ ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଭକ୍ତମାନଙ୍କ ଦ୍ୱାରା କଳସ ଆଣାଯାଇ ଘଟ ସ୍ଥାପନ ସହ ଶୁଭାଧିବାସ କରାଯାଇଥିଲା। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ କରାଯିବା ସହ ରାତ୍ରିରେ ଅଗ୍ନି ଉତ୍ସବ ପାଳନ କରାଯାଇଥିଲା । ମାଘ ପୂର୍ଣ୍ଣିମା ଅବସରରେ ଅହୋରାତ୍ର ନାମଯଜ୍ଞରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ନାମସଂକୀର୍ତ୍ତନ ପରିବେଷଣ କରିଥିଲେ। ଜିଲ୍ଲାର ବିଭିନ୍ନ ସ୍ଥାନରୁ ତୈଳିକ ବୈଶ୍ୟ ସମାଜର ବହୁ ସଦସ୍ୟ ଓ ଆଖପାଖ ଅଞ୍ଚଳରୁ ଭକ୍ତମାନେ ଆସି ଏହି ଉତ୍ସବରେ ସାମିଲ ହୋଇଥିଲେ । ଏହାପରେ ନଗର ଓ କୀର୍ତ୍ତନ କରାଯାଇ ଉତ୍ସବର ସମାପ୍ତ ହୋଇଥିଲା । ସଭାପତି ଭରତ ଚରଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ପୌରାଧକ୍ଷ ଧିରେନ କୁମାର ସାହୁ, କୁମାରେଶ ସାହୁ, ମୃତ୍ୟୁଞ୍ଜୟ ସାହୁ, ସରୋଜ କୁମାର ସାହୁ, ଦେବାଶିଷ କୁବେର, ଚିତ୍ତରଞ୍ଜନ ପୃଷ୍ଟି, କୁଳମଣି ନାୟକ, ଗଣେଶ ପ୍ରସାଦ ସାହୁଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଓ ସୁଜାନଗର, ଗୁଲନଗର ଗ୍ରାମର ଗ୍ରାମବାସୀମାନେ ଯୋଗଦେଇ ସହଯୋଗ କରିଥିଲେ ।

## ନଳକୂପ ଠିକାଦାର ଘରୁ ବହୁଚର୍ଚ୍ଚିତ ଡକାୟତି ଘଟଣା

# ଅଭିଯୁକ୍ତକୁ ୭ବର୍ଷ ଜେଲ ଦଣ୍ଡାଦେଶ



**କଳାହାଣ୍ଡି (ଅମୃତ ମିଡ଼ିଆ) :** ଧର୍ମଗଡ଼ ନଳକୂପ ଠିକାଦାରଙ୍କ ଘରୁ ବହୁଚର୍ଚ୍ଚିତ ଡକାୟତି ଘଟଣା । ଅଭିଯୁକ୍ତ ମାନେ ଦୋଷୀ ସାବ୍ୟସ୍ତ ହୋଇ ୭ ବର୍ଷ ଜେଲ ଦଣ୍ଡାଦେଶ ରାୟ ପ୍ରଦାନ କଲେ ଧର୍ମଗଡ ସହାୟକ ଦୌରା ଜଜ୍ ଅଦାଲତ। ୨୦୨୨ ମସିହାରେ ଧର୍ମଗଡ଼ ବସ୍ତିପଡା ରେ ବସବାସ କରୁଥିବା ନଳକୂପ ଠିକାଦାର ଦିନେଶ ଅଗ୍ରୱାଲ ଙ୍କ ଘରୁ ୫୦ ଲକ୍ଷ ଟଙ୍କା ଡକାୟତି ହୋଇଥିବା ଧର୍ମଗଡ଼ ଥାନାରେ ଏତଲା ହୋଇଥିଲା। ଏତଲା ଭିତ୍ତିରେ ଧର୍ମଗଡ଼ ପୋଲିସ ଥାନା କେଶ ନମ୍ବର ୧୭୨ ତାରିଖ ୩୧.୦୫.୨୦୨୨ ବଳରେ ତଦନ୍ତ ଆରମ୍ଭ କରି କଳାହାଣ୍ଡି ଆରକ୍ଷୀ ଅଧିକ୍ଷକ ଶ୍ରୀଜିଙ୍କ ପ୍ରତାକ୍ଷ୍ୟ ତତ୍ତ୍ୱାବଧାନରେ ଅଭିଯୋଗକାରୀ ଦିନେଶ ଅଗ୍ରୱାଲଙ୍କ ଘରେ ବହୁଦିନରୁ ରୋଷେଇୟା ଭାବେ କାର୍ଯ୍ୟରତ ଅଭିଯୁକ୍ତ ଯୁଗେନ ପଟେଲ କୁ ପୋଲିସ ଅଟକ ରଖି ପଚରା ଉଚରା କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତ ଯୁଗେନ ପଟେଲ ଲୋଭର ବଶବର୍ତ୍ତୀ ହୋଇ ସେ ଏହି ଘଟଣା ଭିଆଇ ଥିବା ଦୋଷ ସ୍ୱୀକାର କରିବା ସହ ଏହି ଡକାୟତିର ସମ୍ପୂର୍ଣ୍ଣ ନକ୍ସା ପ୍ରସ୍ତୁତକରି ଅନ୍ୟ ୫ ଜଣ ସହଯୋଗୀଙ୍କ ସହାୟତାରେ ମାଲିକଙ୍କ ଘରେ ପଶି ଡକାୟତି କରିଥିବା ପୋଲିସ ଆଗରେ ମାନି ଯାଇଥିଲା। ମୁଖ୍ୟ ଅଭିଯୁକ୍ତର ସୂଚନାକୁ ଭିତ୍ତି କରି ପୋଲିସ ସହଯୋଗୀ ଡକାୟତ ମାନଙ୍କ ଉପରେ ଚଢାଉ କରି ୪ ଜଣଙ୍କଠାରୁ ବିଭିନ୍ନ ସ୍ଥାନରେ ଲୁଚାଇଥିବା ଡକାୟତି ପରିମାଣ ୩୧ ଲକ୍ଷ ୪୫ ହଜାର ୬୮୦ ଟଙ୍କା ଜବତ କରି ଅଭିଯୋଗକାରୀଙ୍କୁ ହସ୍ତାନ୍ତର କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜଣେ ଅଭିଯୁକ୍ତଙ୍କୁ ପୋଲିସ ଅଦ୍ୟାବଧି ଚିହ୍ନଟ କରିପାରିନଥିବା ବେଳେ ଅନ୍ୟ ଜଣେ ମୁଖ୍ୟ ସହଯୋଗୀ ଫେରାର ହୋଇ ଯାଇଥିଲା। ପ୍ରାୟ ଦେଢ଼ ବର୍ଷ ଧରି ଏହି ମାମଲା ଧର୍ମଗଡ଼ ଅଦାଲତରେ ସାକ୍ଷ୍ୟ ଗ୍ରହଣ ଓ ବିଚାର ନିମନ୍ତେ ଚାଲିଥିଲା। ତଦନ୍ତକାରୀ ଅଧିକାରୀଙ୍କ ରିପୋର୍ଟ, ସାକ୍ଷୀ ମାନଙ୍କ ବୟାନ ଓ ମାମଲାର ପାରିପାର୍ଶ୍ୱିକ ପରିସ୍ଥିତିକୁ ବିଚାରକୁ ନେଇ ଧର୍ମଗଡ଼ ସହାୟକ ଦୌରା ଜଜ୍ ଶ୍ରୀ ବିଶ୍ୱବିସୃତ କର ଆଜି ସିଟି କେଶ ନମ୍ବର ୧୨୨/୩୧/୨୦୨୨ ମୋକଦ୍ଦମା ର ଚୂଡାନ୍ତ ଶୁଣାଣି କରି ଅଭିଯୁକ୍ତ ଡକାୟତ ଯୁଗେନ ପଟେଲ ଓ ଡକାୟତି ରେ ପ୍ରତ୍ୟକ୍ଷ ସହଯୋଗ କରିଥିବା ବାସୁଦେବ ପଟେଲ, ନେପାଳ ଏଡଜୁଏଡ଼ ଓ କୈଳାଶ ହାତୀକୁ ଭାରତୀୟ ପିଙ୍ଗଳ କୋଡ଼ ଦଫା ୩୯୫/ ୪୫୭ ବଳରେ ଦୋଷୀ ସାବ୍ୟସ୍ତ କରି ୭ବର୍ଷ ସଶ୍ରମ କାରାଦଣ୍ଡ ସହ କୋଡିଏ ହଜାର ଟଙ୍କା ଜୋରିମାନା ଓ ଅନାଦେୟ ସ୍ଥଳେ ଅତିରିକ୍ତ ଛଅ ମାସ ଜେଲ ଦଣ୍ଡାଦେଶ ପାଇଁ ରାୟ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଅତିରିକ୍ତ ସରକାରୀ ଓକିଲ ରାଜେନ୍ଦ୍ର କୁମାର ମୁନି ମାମଲା ପରିଚାଳନା କରିଥିଲେ।

# ବିଜେଡି ନେତାଙ୍କ ଅଷ୍ଟମ ଶ୍ରଦ୍ଧାଞ୍ଜଳି ଦିବସ ପାଳିତ



**ବାରିପଦା (ଅମୃତ ମିଡିଆ) :** ବାରିପଦା ବିଜୁ ଭବନ ଠାରେ ବିଜେଡିର ଦିବଂଗତ ନେତା ରଘୁନାଥ ମହାନ୍ତି (ଝୀନ) ଙ୍କର ଅଷ୍ଟମ ବାର୍ଷିକ ଶ୍ରଧାଞ୍ଜଳି ଦିବସ ପାଳିତ ହୋଇଯାଇଛି। ଏହି ଅବସର ରେ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବିଜେଡି ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା ସ୍ୱର୍ଗତଃ ମହାନ୍ତିଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ରାଜ୍ୟସଭା ସାଂସଦ ମମତା ମହାନ୍ତ, ବିଧାୟକ ରାଜକିଶୋର ଦାସ, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ଏସଡିସି ଅଧକ୍ଷ ଡା ଦେବାଶିଷ ମାରାଣ୍ଡି, ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, କୃଷି ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ଏମସିସି ବ୍ୟାଙ୍କର ସଭାପତି ସୁବ୍ରମନ୍ୟମ ମହାନ୍ତି, ଉପନଗର ପାଳ ସୀମା ଦାସ ପ୍ରମୁଖ ଏହି ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ ପୂର୍ବକ ସ୍ୱର୍ଗତଃ ରଘୁନାଥ ମହାନ୍ତି ଯୁବ ଛାତ୍ର ମନଙ୍କର ମସିହା ଥିଲେ। ବିଜୁବାବୁ ଏବଂ ପରେପରେ ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ମୟୁରଭଞ୍ଜ ଜିଲାରେ ବିଜେଡି ଦଳକୁ ସଂଗଠିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନ ସିଲର ଅନନ୍ତ ଦାସ, ପ୍ରଭାତ ମହାନ୍ତି, ପ୍ରଭାତି ପୃଷ୍ଟି, ଦେବାଶିଷ ପାତ୍ର, ଜିତା ସିଂ, ପୂଜା ତରେଇ, ନିରୋଦା ସାହୁ, ମହେଶ ଭଞ୍ଜଦେଓ, ସନ୍ତୋଷ ପଟ୍ଟନାୟକ, ସରୋଜ ବୋଷ, ପ୍ରଭାତ ନାୟକ, ଶୈଳେନ୍ଦ୍ର ପାତ୍ର, ଡ଼ କିଶୋର ପାତ୍ର, ସ୍ୱରୂପ ଦାସ, ବିଜେଡି ଯୁବସଭାପତି ଅରୁଣ ବାରାଡ଼, ଛାତ୍ର ସଭାପତି ସୁନୀଲ ନାୟକ, ମହିଳା ସଭାପତି ଦିପ୍ତୀଲତା ମିଶ୍ର, ଅନୁରାଧା ମହାନ୍ତି, ଅମର ସେଠୀ, ଛତିଶ ମହାକୁଡ଼, ରତ୍ନାକର ବେହେରା, ସୁଧୀର ବାରିକ, ଅବଦୁଲ ହବିବ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ଅର୍ବାନ ବ୍ୟାଙ୍କର ୩୭ତମ ପ୍ରତିଷ୍ଠା ଦିବସ



**କେନ୍ଦ୍ରାପଡ଼ା (ଅମୃତ ମିଡିଆ) :** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କର ୩୭ତମ ପ୍ରତିଷ୍ଠା ଦିବସ ବ୍ୟାଙ୍କର ସମ୍ମିଳନୀ କକ୍ଷରେ ପରିଚାଳନା ପରିଷଦ ସଭାପତି ଗୁରୁ ପ୍ରସାଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗାନ୍ଧୀଙ୍କ ପ୍ରିୟ ଭଜନ 'ବୈଷ୍ଣବ ଜନତୋ' ସଂଗୀତ ଗାନ ପରେ ସଭା କାର୍ଯ୍ୟ ଆରମ୍ଭ କରାଯାଇଥିଲା। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ଏହି ଦିବସର ତାତ୍ପର୍ଯ୍ୟ, ପ୍ରତିଷ୍ଠାତା ବ୍ୟକ୍ତିମାନଙ୍କର ବ୍ୟାଙ୍କ ଗଠନରେ ପ୍ରମୁଖ ଭୂମିକା ଓ ଅବଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପ୍ରତିଷ୍ଠାତା ସଭ୍ୟ ଡା. ବିଶ୍ୱପ୍ରକାଶ କାନୁନଗୋ, ଶିକ୍ଷାବୀତ ନନ୍ଦ କିଶୋର ପରିଡା, ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ସାହୁ, ଶରତ କୁମାର ବେହୁରା, ରବୀନ୍ଦ୍ର ନାଥ ଲେଙ୍କା, ଲକ୍ଷ୍ମୀକାନ୍ତ ମହାନ୍ତି, ଲିୟାକତ ଅଲ୍ଲୀ, ବିଶିଷ୍ଟ ବ୍ୟବସାୟୀ ଗୌରାଙ୍ଗ ଚରଣ ପଣ୍ଡା, ବ୍ୟାଙ୍କର ନିର୍ଦ୍ଦେଶକ ଅଧିକାରୀ ଲକ୍ଷ୍ମୀ ନାରାୟଣ ଦାଶ, ପ୍ରାକ୍ତନ ମୁଖ୍ୟ କାର୍ଯ୍ୟନିର୍ବାହୀ ସୁଶିଲ କୁମାର ସାମଲ ପ୍ରମୁଖ ବ୍ୟାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ସମ୍ପର୍କରେ ବକ୍ତବ୍ୟ ରଖି ସଂପ୍ରତି ସଭାପତିଙ୍କ ଦୃଢ ନେତୃତ୍ୱରେ ଆମ ବ୍ୟାଙ୍କ ନିଶ୍ଚିତ ଭାବରେ ରାଜ୍ୟର ଶ୍ରେଷ୍ଠ ଅର୍ବାନ ବ୍ୟାଙ୍କ ଭାବରେ ଉଭା ହେବା ନେଇ ଆଶାବାଦୀ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ସଭାପତି ତାଙ୍କ ବକ୍ତବ୍ୟରେ ବ୍ୟାଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବାବଦରେ ବିଷଦ ବିବରଣୀ ରଖିଥିଲେ ଏବଂ ସମସ୍ତଙ୍କ ସକ୍ରିୟ ସହଯୋଗ ରହିଲେ ଲୋକମାନଙ୍କର ଆଶା ଭରସା ନିଶ୍ଚିତ ଭାବରେ ସାକାର ହେବ ବୋଲି ଅଭିହିତ କରିଥିଲେ। ପରିଶେଷରେ ବ୍ୟାଙ୍କର ସାଧାରଣ ପରିଚାଳକ ରାଜୀବଲୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମାବେଶରେ ଅନେକ ଅଂଶୀଦାର ବନ୍ଧୁ, ଗ୍ରାହକ, ବୁଦ୍ଧିଜିବୀ, ଶୁଭେଚ୍ଛୁ ଓ ବ୍ୟାଙ୍କର ସମସ୍ତ କର୍ମଚାରୀ ଯୋଗଦେଇ ଥିଲେ।

# ୨୬ରେ ସଚିବାଳୟ ଘେରାଉରେ ଯୋଗଦେବାକୁ କଂଗ୍ରେସ କର୍ମୀଙ୍କୁ ଆହ୍ୱାନ



**ବାରିପଦା (ଅମୃତ ମିଡିଆ) :** ମୟୁରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲାର ନୂତନ ଜିଲ୍ଲା ସଭାପତି ନିରୋଜ ଲୋଚନ ଦାଶଙ୍କୁ ବାରିପଦା ସ୍ୱସ୍ତିକ ମଣ୍ଡପ ଠାରେ କଂଗ୍ରେସ ଦଳ ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଅବସର ରେ ବାଲେଶ୍ୱର ଗୋଲେଇ ଠାରୁ ଜିଲ୍ଲାର ସମସ୍ତ ବ୍ଲକରୁ ଆସିଥିବା ଶତାଧିକ କଂଗ୍ରେସ କର୍ମୀ ଆଦିବାସୀ ପାରମ୍ପାରିକ ନୃତ୍ୟରେ ତାଙ୍କୁ ସ୍ୱାଗତ କରି ସସ୍ତିକ ମଣ୍ଡପରେ ସ୍ଥିତ ସଭା ସ୍ଥଳକୁ ପାଛୋଟି ନେଇଥିଲେ। ମହିଳା କଂଗ୍ରେସ ତରଫରୁ ବନ୍ଦାପନା କରି ମଞ୍ଚକୁ ସ୍ୱାଗତ କରାଯାଇଥିବା ବେଳେ, ଜିଲ୍ଲା ମିଡିଆ ଓ କମ୍ୟୁନିକେଶନର ଅଧକ୍ଷ ଅଂଶୁମାନ ଦାସ ସଭା ପରିଚାଳନା କରିଥିଲେ। ପ୍ରଥମେ ସମସ୍ତ ବ୍ଲକରୁ ଆସିଥିବା ବ୍ଲକ ସଭାପତି ମାନଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀ ମାନେ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ପରେ ମହିଳା କଂଗ୍ରେସ, ଯୁବ କଂଗ୍ରେସ, ଛାତ୍ର କଂଗ୍ରେସ, ରାଜୀବଗାନ୍ଧୀ ପଞ୍ଚାୟତରାଜ ସଂଗଠନ, ସହିତ କଂଗ୍ରେସର ବିଭିନ୍ନ ଛାମୁଆ ସଂଗଠନ ତରଫରୁ ନବ ନିଯୁକ୍ତ ସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସଭାରେ ବରିଷ୍ଠ କଂଗ୍ରେସ ନେତା ଦିପୁ ଦାସ ଓ ସୁଦିପ ମନ୍ତ୍ରୀ ଆଠ ଫୁଟର ଏକ ପୁଷ୍ପ ବୁକେଟ ଦେଇ ତାଙ୍କ ର ପ୍ରିୟ ନେତାଙ୍କୁ ସମ୍ବର୍ଦ୍ଧିତ କରିଥିବାର ଦେଖିବାକୁ ମିଳିଥିଲା। ସଭାରେ ମଚାଂସୀନ ଅତିଥି ଭାବେ ନୂତନ ସଭାପତି ନିରୋଜ ଲୋଚନ ଦାସ ଙ୍କ ସହିତ ଏଆଇସିସି ଆଦିବାସୀ ସେଲ ଉପସଭାପତି ଶ୍ୟାମ ସୁନ୍ଦର ହାସଁଦା, ମୟୁରଭଞ୍ଜ ଜିଲ୍ଲା ପଶ୍ଚିମ ସଭାପତି ଭୁବନ ବିହାରୀ ସାହୁ, ଅଶୋକ ଅଧିକାରୀ, ରାଜ୍ୟ ଓବିସି ମିଡିଆ ସଂଯୋଜକ ସୁକୁମାର ରଞ୍ଜନ ପ୍ରଧାନ, ପିସିସି ସଂପାଦକ ଚୈତନ ହାସଁଦା, ବାବୁଲୁ ମିଶ୍ର, ଦିପକ ଦାସ, ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳ, ଯୁବ, କଂଗ୍ରେସ ଉପସଭାପତି ବିକାଶ ମହାଭୋଇ, ଯୋଶବନ୍ତ କଳିଆ, ଛାତ୍ର କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରେମକୁମାର, ଅଣ ସଗଂଠିତ କଂଗ୍ରେସ ସଭାପତି ମନୋରଞ୍ଜନ ଜେନା ପ୍ରମୁଖ ଯୋଗଦେଇ ନୂତନ ସଭାପତିଙ୍କୁ ଅଭିନନ୍ଦନ ଜଣାଇ ଉପସ୍ଥିତ ଥିବା କଂଗ୍ରେସ କର୍ମୀଙ୍କୁ ଆଗାମୀ ନିର୍ବାଚନରେ କଂଗ୍ରେସକୁ ଜିତେଇବା ପାଇଁ କଠିନ ପରିଶ୍ରମ କରି ସଂଗଠନକୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅଜୟ ମହାପାତ୍ର, ଅଶୋକ ଗିରି, କ୍ଷୀରୋଦ ପାତ୍ର, ଦୁର୍ଗା ଟୁଡୁ, କୁଶଧର ପ୍ରଧାନ, ମନ୍ମଥ ପ୍ରଧାନ, ନାରାୟଣ ପଟ୍ଟନାୟକ, ବାଦଲ ହେମ୍ବ୍ରମ, ଛୁଟୁରାମ ବିନ୍ଧାଣୀ, ବୁଧିରାମ ସିଂ, ଲାଲମୋହନ ସିଂ, ମହିଳା କଂଗ୍ରେସର ଇତିଶ୍ରୀ ମିଶ୍ର, ଗୌରୀ ନାଏକ, ମାଧବୀ ସେନାପତି, ରସ୍ମିତା ମିଶ୍ର, ଶୁଭସ୍ମିତା ବେହେରା, ପିଙ୍କି ପ୍ରଧାନ, ଓହିଦା ଏହେମୋଦ, ମୁରଲୀ ନାଏକ, ଅଶୋକ ସେଠୀ, କାଳୀଚରଣ ଧୀର, ଦିପକ ଗିରି ପ୍ରମୁଖ ଶତାଧିକ କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ. ରାଜୀବଗାନ୍ଧୀ ପଞ୍ଚାୟତରାଜ ସଂଗଠନ ମୟୁରଭଞ୍ଜ ଜିଲ୍ଲା ଅଧକ୍ଷ ମୀନକେତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପରିଶେଷରେ ମିଡିଆ କମ୍ୟୁନିକେଶନ ଜିଲ୍ଲା ଅଧକ୍ଷ ଆଗାମୀ ଛବିଶ ତାରିଖରେ ବିଜେଡି ସରକାରଙ୍କ ଦୁର୍ନୀତି ବିରୋଧରେ ସଚିବାଳୟ ଘେରାଉ ପାଇଁ କଂଗ୍ରେସ ନେତା ଓ କର୍ମୀ ବହୁ ସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ କରିଥିଲେ।

## ଜାଗାବାଡିକୁ କେନ୍ଦ୍ରକରି ମାରପିଟ୍ : ଜଣେ କୋର୍ଟ ଚାଲାଣ

**ରାଜନଗର (ଅମୃତ ମିଡିଆ) :** ରାଜନଗର ବ୍ଲକ କଣ୍ଡିରା ପଚାଂୟତ ହଂସୁଆ(ଗୁଳା) ଗ୍ରାମରେ ଜାଗାବାଡିକୁ କେନ୍ଦ୍ର କରି ଦୁଇ ପରିବାରଙ୍କ ମଧ୍ୟରେ ମାରପିଟ୍ ହୋଇଥିଲା । ଏହି ଗ୍ରାମର ନାରାୟଣ ଦାସଙ୍କ ସ୍ତ୍ରୀ କୁନ୍ତଳା ଦାସ ରାଜନଗର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କ ଜାଗାରେ ପକ୍କାଘର ନିର୍ମାଣ ପାଇଁ ଗାତ ଖୋଳି ବାଲି ପକାଉଥିଲେ । ଏହି ସମୟରେ ତାଙ୍କ ପଡୋଶୀ ଦାମୋଦର ଦାସଙ୍କ ସହ ତାଙ୍କ ପୁଅ, ଭାଇ ଓ ସ୍ତ୍ରୀ ପହଂଚି କୁନ୍ତଳା ଓ ତାଙ୍କୁ ଝିଅକୁ ମାଡ ମାରିଥିବା ନେଇ ଅଭିଯୋଗ ହୋଇଥିଲା । ପୋଲିସ ଏହି ଘଟଣାରେ ମାମଲା ରୁଜୁ କରି ଦାମୋଦରଙ୍କୁ କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

## ଗୋରେଖନାଥଙ୍କ ଜନ୍ମୋତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ



**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ବ୍ଲକ ଅଧିନ ଛପଡା ପଂଚାୟତ କେରକେରା ଗ୍ରାମରେ ଅବସ୍ଥିତ ପ୍ରଶିଦ୍ଧ ବିଭୁତି କ୍ଷେତ୍ର ପ୍ରଭୁ ଗୋରେଖନାଥଙ୍କର ଗତକାଲି ଆବିର୍ଭାବ ମହୋତ୍ସବ ସମାପନ ହୋଇଥିବାବେଳେ ଏଥିରେ ୧୦ ହଜାରରୁ ଉର୍ଦ୍ଧ ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରସାଦ ସେବନ କରିଥିଲେ । ଏହି ଉତ୍ସବକୁ ମଠର କାର୍ଯ୍ୟ ନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଂଜନ ପରିଜା ପ୍ରତ୍ୟକ୍ଷଭାବେ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ଭୁୟାଁ, ଆଡଭୋକେଟ ଜିବନ ବଲ୍ଲଭ ମହାନ୍ତି, ବାଦଲ ଯୋଗାଣିଆ, ବାପି ସ୍ୱାଇଁ, ବୈଷ୍ଣବ ଜେନା ମେମୋରିଆଲ ଟ୍ରଷ୍ଟର ଅଧ୍ୟକ୍ଷ ସୌଭାଗ୍ୟ ରଂଜନ ଜେନା, ଗୋରେଖନାଥ ଯୁବକ ସଂଘର ପ୍ରକାଶ ପାତ୍ର ଓ ଉଇ ଲଭ୍ ସେବାର ବାପୁ ବିଶ୍ୱାଳଙ୍କ ସ୍ୱେଚ୍ଛାସେବୀମାନେ ସହଯୋଗ କରିଥିଲେ । ତିର୍ତୋଲ ଥାନା ପୋଲିସ ଆଇନଶୃଙ୍ଖଳା ରକ୍ଷା ନିମନ୍ତେ ମୁତୟନ ଥିଲେ ।

## ହଜିଯାଇଥିବା ଜମିପଟ୍ଟା ଫେରିପାଇବାକୁ ନିବେଦନ

**ଚଣ୍ଡିଖୋଲ (ଅମୃତ ମିଡିଆ) :** ବଡଚଣା ବ୍ଲକ ଅନ୍ତର୍ଗତ ଖଇରା ପଞ୍ଚାୟତ ଅଧିନସ୍ଥ ଖଇରା ଗ୍ରାମର ଫଗୁ ବରାଳଙ୍କ ପୁଅ ଅନିୟ କୁମାର ବରାଳ (୫୨)ଙ୍କର ୨ଟି ଜମି ପଟ୍ଟା ନଂ- ୨୩୫ ଏବଂ ଅନ୍ୟଗୋଟି ନଂ- ୬୨୦୫ ପଟ୍ଟା ଦୁଇଟି କେଉଁଠି ହଜିଯାଇଛି ବହୁ ଖୋଜା ଖୋଜି ପରେ ମିଳୁନାହି । ଏଣୁ ଅନିୟ କୁମାର ବରାଳ ଗତ ୧୯ ତାରିଖ ଦିନ ବଡଚଣା ଥାନାରେ ଏକ ଲିଖିତ ଅଭିଯୋଗ କରି ଜଣାଇଛନ୍ତି ଯେ ଆମ୍ଭର ଦୁଇଟିଯାକ ଜମି ପଟ୍ଟା ହଜିଯାଇଛି । ମୋତେ ଏହି ପଟ୍ଟା ଖୋଜି ପାଇବାରେ ଆପଣଙ୍କ ସହାୟତା ଆବଶ୍ୟକ । ବଡଚଣା ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଅଭିଯୋଗଟିକୁ ଗ୍ରହଣ କରି ୨୫/୨୪ରେ ଏକ ମାମଲା ରୁଜୁ କରି ଏହି ପଟ୍ଟା ଖୋଜିବାରେ ପୁଲିସ ପକ୍ଷରୁ ସାହାଯ୍ୟ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ଦୁଇଟି ପଟ୍ଟା ପାଆନ୍ତି ତେବେ ଅନିୟ ବରାଳଙ୍କ ମୋବାଇଲ ନଂ- ୯୮୬୧୭୯୯୩୮୨ରେ ଜଣାଇବାକୁ ଅନୁରୋଧ କରିଛନ୍ତି ।

## ସାଧାରଣ ନିର୍ବାଚନ, ଚର୍ଚ୍ଚାରେ ଯୁବ ବ୍ୟବସାୟୀ ମନୋଜ



**ବାସୁଦେବପୁର (ଅମୃତ ମିଡିଆ) :** ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇ ନାହିଁ, ବାସୁଦେବପୁର ରେ କିନ୍ତୁ ରାଜନୈତିକ ଚର୍ଚ୍ଚା ଜୋର ଧରି ଲାଣି । ଏହି କ୍ରମ ରେ କିଛି ଦିନ ତଳେ ରାଜ୍ୟ କାର୍ଯ୍ୟାଳୟ ରେ ବିଜେପି ରେ ଯୋଗ ଦେଇଥିଲେ ଯୁବ ବ୍ୟବସାୟୀ ମନୋଜ କୁମାର ନାୟକ । ଯାହାଙ୍କୁ ନେଇ ଏବେ ବାସୁଦେବପୁର ରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ମନୋଜ ବିଜେପି ରେ ମିଶିବା ପର ଠାରୁ ବାସୁଦେବପୁର ରେ ବିଭିନ୍ନ ସ୍ଥାନ କୁ ଯାଇ ନିଜ ନିଜର ସମର୍ଥକ ମାନଙ୍କୁ ଭେଟୁ ଛନ୍ତି । ଅନେକ ସ୍ଥାନ ରେ ଅନ୍ୟ ଦଳ ର କର୍ମୀ ଓ ସମର୍ଥକ ମାନଙ୍କୁ ବିଜେପି ରେ ମିଶାଉ ଛନ୍ତି । ଏହି କ୍ରମ ରେ ଶନିବାର ଦିନ ଶାଶୁ ଭୁଆସୁଣୀ ପଞ୍ଚାୟତର ଏକ ବନ୍ଧୁ ମିଳନ କାର୍ଯ୍ୟ କର୍ମ କରି ଅନେକ ଲୋକ ମାନଙ୍କୁ ବିଜେପି ରେ ମିଶାଇ ଛନ୍ତି । ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ଆପଣ ନିର୍ବାଚନ ରେ ପ୍ରତିଦ୍ୱନ୍ଦୀତା କରିବେ କି ପ୍ରଶ୍ନରେ ବାସୁଦେବପୁରରେ ବିଜେପି ସଂଗଠନ ଦୃଢ଼ ହେଉ ଏହା ମୋର ଇଚ୍ଛା, ଯଦି ଦଳ ମୋତେ ପ୍ରାର୍ଥୀ ଭାବେ ଯୋଗ୍ୟ ଭାବି ଲଢ଼ିବାକୁ ଟିକେଟ ଦିଏ ତେବେ ମୁଁ ନିର୍ବାଚନ ଲଢିବି । ଯଦି ଦଳ ପକ୍ଷରୁ ମୋତେ ଯୋଗ୍ୟ ବିବେଚିତ କରାନଯାଏ ତେବେ ସଂଗଠନ ପାଇଁ ମୋର କାମ ଜାରି ରହିବ । ବାସୁଦେବପୁରରେ ବିଜେପି ଚଳିତ ନିର୍ବାଚନରେ ବିଜୟୀ ହେବ ବୋଲି ମନୋଜ କହିଛନ୍ତି ।

## ଡ୍ରାଇଭରର ବେପରୁଆ ଗାଡ଼ି ଚାଳନା ଯୋଗୁଁ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ହିନ୍ଦୋଳ (ଅମୃତ ମିଡିଆ) :** କେତେବେଳେ ରାସ୍ତା ଖରାପ୍ କାରଣରୁ ଦୁର୍ଘଟଣା ମାନ ଘଟିଥାଏ ତ କେତେବେଳେ ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଯୋଗୁଁ ମଧ୍ୟ ଦୁର୍ଘଟଣା ମାନ ଘଟିଥାଏ । ତାହାର ଜ୍ୱଳନ୍ତ ଉଦାହରଣ ପୁରୁଣା କଟକ ସମ୍ବଲପୁର ରାସ୍ତା ର ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ଅର୍ନ୍ତଗତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍ ନିକଟରେ ଘଟିଥିବା ଦୁର୍ଘଟଣା । ସୂଚନା ଅନୁଯାୟୀ ଢ଼େଙ୍କାନାଳ ଯୋରନ୍ଦାରେ ଚାଲିଥିବା ବିଶ୍ୱପ୍ରସିଦ୍ଧ ମାଘମେଳା (ଯୋରନ୍ଦା ମହୋତ୍ସବ) ଦେଖିବାକୁ ଯାଇ ଅନୁଗୁଳ ଅଭିମୁଖେ ବିଳମ୍ବିତ ରାତ୍ରରେ ଘରକୁ ଫେରୁଥିବା ରାସ୍ତାରେ ରାସୋଳ ଥାନା ଠାରୁ ଅଳ୍ପ କିଛି ଦୂରରେ ଘଟିଛି ଏହି ଦୁର୍ଘଟଣା । ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ହୋଣ୍ଡା କାର୍ ଗାଡ଼ିଟି ବାମ ପାର୍ଶ୍ୱରୁ ଡ଼ାହାଣ ପାର୍ଶ୍ୱ



କୁ ଯାଇ ବିଦ୍ୟୁତ୍ ଖୁଣ୍ଟ ଦେହରେ ମାଡ଼ ହୋଇଥିଲା । ଯାହାଫଳରେ ବିଦ୍ୟୁତ୍ ଖୁଣ୍ଟ ଟି ସଂପୂର୍ଣ୍ଣ ଭାଙ୍ଗିଯିବା ସହ ଗାଡ଼ି ଉପରେ ମାଡ଼ି ବସିଥିଲା । ବିଦ୍ୟୁତ୍ ଖୁଣ୍ଟଟି ଭାଙ୍ଗିଯିବା କାରଣରୁ ବିଦ୍ୟୁତ୍ ସେବାରେ ବ୍ୟାଘାତ ସୃଷ୍ଟି ହୋଇଥିଲା । ଡ୍ରାଇଭରର ବେପରୁଆ ଗାଡ଼ି ଚାଳନା ଯୋଗୁଁ ଏପରି ଦୁର୍ଘଟଣା ଘଟିଲା ବୋଲି ସ୍ଥାନୀୟ ଜନସାଧାରଣ ମତପ୍ରକାଶ କରିଛନ୍ତି । ଭଗବାନ ଘଣ୍ଟ ଘୋଡାଇ ରଖିବା ଭଳି ଗାଡ଼ିରେ ବସିଥିବା ୩ ଯାତ୍ରୀ ଙ୍କୁ ବେଲୁନ୍ ରକ୍ଷା କରିଥିଲା । ଏ ସଂପର୍କରେ ଖବର ପାଇ ରାସୋଳ ଥାନା ଆଇଆଇସି ବିଧୁଭୂଷଣ ମିଶ୍ର ଘଟଣାସ୍ଥଳରେ ସଦଳବଳେ ପହଂଚି ଘଟଣାକୁ ଅନୁସନ୍ଧାନ କରିବା ସହ ଆହତ ଯାତ୍ରୀ ମାନଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ମେଡିକାଲ୍ ପଠାଇବାର ବ୍ୟବସ୍ଥା କରିଥିଲେ । ଏହି ଦୁର୍ଘଟଣା ପାଇଁ ଅନେକ ସମୟ ପର୍ଯ୍ୟନ୍ତ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ପୁରୁଣା କଟକ ସମ୍ବଲପୁର ରାସ୍ତା ରେ ଅନେକ ସମୟରେ ଡ୍ରାଇଭରଙ୍କ ର ଏପରି ବେପରୁଆ ଗାଡ଼ି ଚାଳନା ଯୋଗୁଁ ଲୋକଙ୍କ ପ୍ରାଣହାନି ଘଟିଥିବା ନଜର ମଧ୍ୟ ରହିଛି ।

## ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

**ବାରିପଦା (ଅମୃତ ମିଡିଆ) :** ବୈଶିଙ୍ଗା ଥାନା ଅଧୀନ ଜାମନଣ୍ଡା ଗ୍ରାମରେ ଶୁକ୍ରବାର ଭୋର ସମୟରେ ଏକ ଅଗ୍ନିକାଣ୍ଡ ଘଟି ଲକ୍ଷାଧିକ ଟଙ୍କା ଧାନ, ପାଣି ପାଇପ ପୋଡି ନଷ୍ଟ । ମିଳିଥିବା ସୂଚନା ମୁତାବକ ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ପୁଅ ଦିଲ୍ଲୀପ କୁମାର ବିଶ୍ୱାଳଙ୍କର ଘର ପାର୍ଶ୍ୱରେ



ଏକ ଧାନ ଘର ସହ ଗୋରୁ ଗୁହାଳ ଥିଲା । ସେ ତାଙ୍କ ପରିବାର ବର୍ଗଙ୍କ ସହ ରାତ୍ରିରେ ଘରେ ଶୋଇଥିବା ବେଳେ କେହି ଜଣେ ଦୁର୍ବୃତ ଭୋର ସମୟରେ ଧାନ ଏବଂ ଗୋରୁ ଗୁହାଳ ରେ ନିଆଁ ଲଗାଇ ଦେଇଥିଲା । ଦିଲ୍ଲୀପ ସକାଳ ଉଠି ଦେଖନ୍ତି ଯେ, ବର୍ଷକର ସଂଚିତ ଥିବା ଧାନ, ବୋରିଂ ପାଣି ପାଇପ ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇଯାଇଥିଲା । ଏଥି ସହ ତାଙ୍କର ଗୋଟିଏ ବାଛୁରୀ ମଧ୍ୟ ଅର୍ଦ୍ଧ ଦଗ୍ଧ ହୋଇ ଯାଇଥିଲା । ସେ ସଙ୍ଗେ ସଙ୍ଗେ ବାଛୁରୀଟିକୁ ଉଦ୍ଧାର କରି ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଇ ଥିବାର ଜଣାଯାଇଛି। କୌଣସି ଦୁର୍ବୃତ୍ତଙ୍କ ନିଜର ହୀନ ମାନସିକତା କୁ ନେଇ ଏଭଳି କରିଥିବା କାର୍ଯ୍ୟକୁ ସାଧାରଣରେ ନିନ୍ଦା କରାଯାଉଛି । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣା ସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତ କରି ଫେରି ଯାଇଥିବାର ପ୍ରକାଶ ।

## ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

**ଜୟପୁର (ଅମୃତ ମିଡିଆ) :** ଜୟପୁର ଦଶହରା ପଡିଆରେ ଜିଲା ସ୍ତରିୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ସମ୍ବଦ୍ଧନା କାର୍ଯ୍ୟକ୍ରମ ଆଜି ଅନୁଷ୍ଠିତ ହୋଇଛି । ଜିଲାପାଳ କୋରାପୁଟ ଭି କିଉ ଭାସନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ କୋରାପୁଟ ବିଧାୟକ ରଘୁ ରାମ ପଡାଲ, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ପଟାଙ୍ଗୀ ବିଧାୟକ ପ୍ରତିମ ପାଢୀ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ମୁଖ୍ୟ ଉନ୍ନୟନ ଅଧିକାରି ତଥା କାର୍ଯ୍ୟନିର୍ବାହୀ ଅଧିକାରି ଜିଲା ପରିଷଦ କୋରାପୁଟ ଦୟାମୟ ପାଢୀ, ପିଏ ଆଇଟିଡିଏ ପ୍ରଣୟ ରଞ୍ଜନ ବେହେରା, ପୌର ନିବାହି ଅଧିକାରି ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର, ଜିଲା ଶିକ୍ଷାଧିକାରି ରାମ ଚନ୍ଦ୍ର ନାହାକ, ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧକ୍ଷ ରୁପ ଚନ୍ଦ୍ର ସୋରେନ, ଅତିରିକ୍ତ ଜିଲା ଶିକ୍ଷାଧିକାରି ଜଗନ୍ନାଥ ଭତ୍ର ଉପସ୍ଥିତ ଥିଲେ । ଉପସ୍ଥିତ ଅତିଥି ଛାତ୍ରଛାତ୍ରୀମାନଙ୍କୁ ସଫଳତାର ମନ୍ତ୍ର ପ୍ରଦାନ କରିବା ସହ ଉତ୍ତମ ଚରିତ୍ର ଗଠନ ପାଇ ମାର୍ଗ ଦର୍ଶନ କରିଥିଲେ । ଜିଲା ଶିକ୍ଷାଧିକାରି ନାହାକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ବିବରଣି ପାଠ କରିଥିଲେ । ୨୧୨୮ ପ୍ରତିଭା ଓ ଅନୁଷ୍ଠାନ କୁ ଏହି କାର୍ଯ୍ୟକ୍ରମରେ ପୁରସ୍କାର ପ୍ରଦାନ କରାଯାଇଛି । ଏହି କାଯ୍ୟକ୍ରମ ପରିଚାଳନାରେ ଗୋଷ୍ଠି ଶିକ୍ଷାଧିକାରି ଚନ୍ଦନ କୁମାର ନାୟକ, ଜିଲା ଶିକ୍ଷା ତତ୍ତ୍ୱ ସଂଯୋଜକ ଚନ୍ଦ୍ର କଳା ବର୍ଗତି, ମୋ ସ୍କୁଲ ଅଭିଯାନ ସଂଯୋଜକ ଭବେଷ କୁମାର ପତି ସହ ଜିଲାର ସମସ୍ତ ଗୋଷ୍ଠି ଶିକ୍ଷାଧିକାରୀ ଉପସ୍ଥିତ ଥିଲେ । ଶିକ୍ଷୟତ୍ରୀ ମିନା କୁମାର ସ୍ୱାଇଁ, ଶିକ୍ଷକ ଯଜେଞ୍ଜଶ୍ୱର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ ।



## ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ

### ୨୩୮୬ ଜଣଙ୍କୁ ମିଳିଲା ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର




**ବଲାଙ୍ଗୀର (ଅମୃତ ମିଡିଆ) :** ବଲାଙ୍ଗୀର ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ବିତରଣ ସମାରୋହ ସ୍ଥାନୀୟ ପୃଥୀରାଜ ହାଇସ୍କୁଲ ଖେଳ ପଡିଆଠାରେ ବଲାଙ୍ଗିର ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଇଛି । ମିଳିବ ସମ୍ମାନ, ବଢିବ ଉତ୍ସାହ, ଆଣିବ ଆଗ୍ରହ, ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଓ ଏହି ଆହ୍ୱାନରେ ଜିଲ୍ଲା ଶିକ୍ଷା ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଉତ୍ସବ ଅନୁଷ୍ଠିତ ହେଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଧ୍ରୁବ ଚରଣ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହି ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ ଶିକ୍ଷା କମିଟି ତଥା ସରପଞ୍ଚ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀ ମାନଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ଓ ରାଜ୍ୟ ସଭା ସଂସଦ ନିରଞ୍ଜନ ବିଶି , ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ , ପୌରାଧକ୍ଷା ଲିକା ସାହୁ , ଜିଲ୍ଲା ମଙ୍ଗଳ ଅଧିକାରୀ ଅଲେଖ ବିଶ୍ୱାଳ ପ୍ରମୁଖ ମଞ୍ଚସ୍ଥ ଥିଲେ । ଏହି ଅବସରରେ ୧୨୬ ଜଣଙ୍କୁ ଜିଲ୍ଲାସ୍ତରୀୟ ଛାତ୍ର ଛାତ୍ରୀ ପୁରସ୍କାର, ୧୪୪୮ ଜଣ ବ୍ଲକସ୍ତରୀୟ ଛାତ୍ରଛାତ୍ରୀ ପୁରସ୍କାର, ୨୧୦୬ ଜଣଙ୍କୁ ଲିଡରସିପ ପୁରସ୍କାର, ୪୨ ଜଣଙ୍କୁ ଉଚ୍ଚ ମାଧମିକ ବିଦ୍ୟାଳୟ ପୁରସ୍କାର, ୪୨ଜଣଙ୍କୁ ପ୍ରାଥମିକ ବିଦ୍ୟାଳୟ ପୁରସ୍କାର, ୧୪ ଗ୍ରାମ ପଂଚାୟତ ପୁରସ୍କାର, ୧୪ ପୁରାତନ ଛାତ୍ରଛାତ୍ରୀ ପୁରସ୍କାର, ୧୪ ବିଦ୍ୟାଳୟ ଶିକ୍ଷା କମିଟି, ୧୪ ଉଚ୍ଚ ମାଧମିକ ସ୍ତରୀୟ ପ୍ରଧାନ ଶିକ୍ଷକ ପୁରସ୍କାର ତଥା ୧୪ ପ୍ରାଥମିକ ବିଦ୍ୟାଳୟ ସ୍ତରୀୟ ଶିକ୍ଷକ ପୁରସ୍କାର ସମେତ ମୋଟ ୨୩୮୬ ଜଣଙ୍କୁ ପୁରସ୍କାର ପ୍ରଦାନ କରାଗଲା । ୧୪ଟି ବ୍ଲକ ରୁ କୃତୀ ଛାତ୍ର ଛାତ୍ରୀ ତଥା ଶିକ୍ଷକ ଶିକ୍ଷୟତ୍ରୀ ଏହି ଉତ୍ସବ ରେ ପୁରସ୍କୃତ ହେଇଥିଲେ । ଟିଟିଲାଗଡ ବ୍ଲକ ସର୍ବାଧିକ ୨୦୩ ଟି ପୁରସ୍କାର ପାଇଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ସ୍ୱାଗତ ସଂଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ଓ ଅତିଥି ମାନେ ପୁରସ୍କାର ବିତରଣ କରିବା ସହ ଛାତ୍ରଛାତ୍ରୀ ମାନଙ୍କର ଜୀବନରେ ସଫଳତା କାମନା କରିଥିଲେ । ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେସବ ମେହେର ଛାତ୍ରଛାତ୍ରୀ ମାନଙ୍କ ସଫଳ ଜୀବନଯାତ୍ରା ପାଇଁ ପ୍ରେରଣାତ୍ମକ ଉପଦେଶ ଦେଇଥିଲେ । ଉତ୍ସବ ସମସ୍ତ ବିଇଓ, ଏବିଇଓ ସମସ୍ତ ସିଆରସିସି, ଶିକ୍ଷକ/ଶିକ୍ଷୟତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସଫଳତା ପୂର୍ବକ ଶେଷ ହୋଇଥିଲା ।

## ରଘୁନାଥପୁର ମେଡିକାଲର ରୋଗୀ କଲ୍ୟାଣ ସମିତି ବୈଠକ



**ରଘୁନାଥପୁର (ଅମୃତ ମିଡିଆ) :** ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତିର ଦ୍ୱିତିୟ ବୈଠକ ଆଜି ରଘୁନାଥପୁର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ତିର୍ତୋଲ ବିଧାୟକ ବିଜୟ ଶଂକର ଦାସ ଅଧ୍ୟକ୍ଷତା କରିଥିଲେ । ଏଥିରେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ଅଧ୍ୟକ୍ଷ ଡଃ ସୁକାନ୍ତ କୁମାର ଦଳାଇ ଯୋଗଦେଇ ସ୍ୱାଗତ ଭାଷଣ ଦେଇଥିଲା ବେଳେ ବିପିଏମ ରଂଜିତା ସିଂ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ । ଏଥିରେ ସମ୍ମାନିତ ଅତିଥୀ ଭାବେ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀ ବେହେରା, ବିଡିଓ ନମିତା ବାରିକ, ଜିଲ୍ଲା ପରିଷଦ ସଦସ୍ୟା ରୀନାରାଣୀ ମଲ୍ଲିକ, ଇତିଶ୍ରୀ ମଲ୍ଲିକ, ସିଡିପିଓ ତୃପ୍ତିଲତା ମହାନ୍ତି, ଡଃ ପ୍ରଭାସ ଚନ୍ଦ୍ର ସ୍ୱାଇଁ, ପିଏଚଇଓ ତୃପ୍ତିମୟୀ ମହାପାତ୍ର, ବିତ ପରିଚାଳକ ନିଖିଳ ରଂଜନ ସ୍ୱାଇଁ, ଫାର୍ମାଶୀଷ୍ଟ ଜଗନ୍ନାଥ ତ୍ରୀପାଠି, ରୋଗୀ କଲ୍ୟାଣ ସମିତିର ସଦସ୍ୟ ଆଶୀଷ କୁମାର ଚକ୍ରବର୍ତି, ସରିତ ମହାପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ । ଏହି ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ସ୍ଥାୟୀ ଆମ୍ବୁଲାନ୍ସ, ଇସିଜି ମେସିନ, ବ୍ଲଡ ପ୍ରେସର ମାପ ମେସିନଓ ଗୁରୁତର ରୋଗୀମାନଙ୍କ ପାଇଁ ସର୍ବଦା ଅକ୍ସିଜେନ ଗଚ୍ଛିତ ରଖିବାକୁ ଶ୍ରୀ ଚକ୍ରବର୍ତ୍ତି ଦାବି କରିଥିଲେ । ସେହିପରି ଏହି ମେଡିକାଲରେ ଡାକ୍ତରମାନେ ପାଳିକରି ଡିୟୁଟି କରୁଥିବା ନେଇ ଏହା ବିରୁଦ୍ଧରେ ସ୍ୱର ଉତୋଳନ କରିବା ସହିତ ଏବଂ ୨୪ଘଣ୍ଟିଆ ନିରାମୟ ସେବା ଯୋଗାଇବାକୁ ଶ୍ରୀ ମହାପାତ୍ର ଦାବୀ କରିଥିଲେ ।

## ଚଣ୍ଡିଖୋଲକୁ ଏନ.ଏ.ସି ମାନ୍ୟତା ଘୋଷଣା ପରେ ସ୍ଥାନୀୟ ଅଞ୍ଚଳରେ ଆନନ୍ଦର ଲହରୀ



**ଚଣ୍ଡିଖୋଲ (ଅମୃତ ମିଡିଆ) :** ସବୁ କଳ୍ପନା ଜଳ୍ପନା ର ଅବସାନ ଚଣ୍ଡିଖୋଲ ପାଇଲା ଏନ.ଏ.ସି ର ମାନ୍ୟତା । ଦୀର୍ଘ ବର୍ଷ ହେଲା ଚଣ୍ଡିଖୋଲକୁ ଏନ. ଏ. ସି ମାନ୍ୟତା ପାଇଁ ଅଞ୍ଚଳବାସୀ, ବିଭିନ୍ନ ଅନୁଷ୍ଠାନ ଓ ବିଭିନ୍ନ ରାଜନୈତିକ ଦଳର ନେତୃବର୍ଗ ଦାବି କରିଆସୁଥିଲେ । ବହୁବାର ଆନ୍ଦୋଳନ, ରାସ୍ତା ରୋକ ଓ ସରକାରଙ୍କୁ ଓ ସ୍ଥାନୀୟ ବିଧାୟକଙ୍କୁ ଲିଖିତ ଅଭିଯୋଗ ମଧ୍ୟ କରାଯାଇଥିଲା । ରାଜ୍ୟ ସରକାର ବିଭିନ୍ନ ସମୟରେ ହୋଇଥିବା ଦାବୀକୁ ମାନି ଚଣ୍ଡିଖୋଲକୁ ନିଶ୍ଚୟ ଏନ.ଏ.ସି ର ମାନ୍ୟତା ପ୍ରଦାନ କରାଯିବ ବୋଲି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ମାଧ୍ୟମରେ ଜଣାଉଥିଲେ । ଆଜି ୨୦୨୪ ମସିହା ଫେବୃୟାରୀ ୨୪ ତାରିଖରେ ରାଜ୍ୟସରକାରଙ୍କ ପକ୍ଷରୁ ରାଜ୍ୟର ୩୪ ଗୋଟି ସହର କୁ ଏନ.ଏ.ସି ର ମାନ୍ୟତା ପରିପ୍ରେକ୍ଷୀରେ ଯାଜପୁର ଜିଲ୍ଲାର ୪ଗୋଟି ସ୍ଥାନକୁ ଏନ.ଏ.ସି ର ମାନ୍ୟତା ଘୋଷଣା କରାଯାଇଅଛି । ସେଥି ମଧ୍ୟରେ ଚଣ୍ଡିଖୋଲ ମଧ୍ୟ ସ୍ଥାନ ପାଇଅଛି । ସରକାରଙ୍କ ପକ୍ଷରୁ ଏହି ଘୋଷଣ ହେବା ପରେ ଆଜି ବଡଚଣା ନିର୍ବାଚନ ମଣ୍ଡଳୀ ତଥା ଚଣ୍ଡିଖୋଲ ଅଞ୍ଚଳରେ ଜନସାଧାରଣଙ୍କ ଭିତରେ ଆନନ୍ଦର ଲହରୀ ଖେଳିଯାଇଛି । ବିଭିନ୍ନ ସ୍ଥାନରେ ଲୋକମାନେ ଆନନ୍ଦ ଉଲ୍ଲାସର ସହ ଆତସବାଜି ଫୁଟାଇ ନବୀନ ପଟ୍ଟନାୟକ ଜିନ୍ଦାବାଦ, ବିଧାୟକ ଅମର ପ୍ରସାଦ ଶତପଥୀ ଜିନ୍ଦାବାଦ, ଦୀର୍ଘଦିନର ଦାବି ପୂରଣ ହେଲା, ଚଣ୍ଡିଖୋଲ ଏନ.ଏ.ସି ମାନ୍ୟତା ପାଇଲା ନାରା ଦେଇ ଆନନ୍ଦର ସହକାରେ ମଜା ନେଉଥିଲେ । ଚଣ୍ଡିଖୋଲ ଠାରେ ପଲ୍ଲି ମଙ୍ଗଳ ସେବା ସମିତିର ସଭାପତି ସଞ୍ଜୟ କୁମାର ସ୍ୱାଇଁ, ଓ୍ୱାର୍ଡ ସଭ୍ୟ ପ୍ରକାଶ ରାଉତ, ବୈକୁଣ୍ଠ ସାହୁ, ସାମ୍ବାଦିକ ପ୍ରଶାନ୍ତ ଜେନା, ପ୍ରିୟବ୍ରତ ଖିଲାର, ପ୍ରଦୀପ୍ତ ନାୟକ, ରମେଶ ଜେନା, ରାକେଶ ବିଶ୍ୱାଳ, ଲିପ୍ତିକାନ୍ତ ମାହାଲା, ସୁଧୀର ଦାସ ପ୍ରମୁଖ ଚଣ୍ଡିଖୋଲ ବୃଦ୍ଧ ମୂର୍ତ୍ତି ପାଖରେ ବାଣ ଫୁଟାଇ ରାସ୍ତାରେ ଯାଉଥିବା ଯାତ୍ରୀମାନଙ୍କୁ ମିଠା ବାଣ୍ଟିଥିଲେ । ସେହିପରି ବଡଚଣା ବିଜେଡ଼ି ସଭାପତି ଅରବିନ୍ଦ ସାମଲ, ପଞ୍ଚାୟତର ସମିତି ଅଧକ୍ଷ୍ୟା ମିନତୀ ସେନାପତି, ଉପଧାକ୍ଷ ବିଭାସ ଚନ୍ଦ୍ର ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ଯତିନ୍ଦ୍ର ପ୍ରସାଦ ନାୟକ, ସରପଞ୍ଚ ନବଦୀପ ନାୟକ, ରାଜଲକ୍ଷ୍ମୀ ମହାନ୍ତି, ଯଯାତୀ କେଶରୀ ରାଉତ, ରଞ୍ଜନ କୁମାର ଦାସ, ମୀନକେତନ ସେଠୀ, ସମିତି ସଭ୍ୟ ଜଗନ୍ନାଥ ମୁଦୁଲି, ମଧୁସୂଦନ ବଳ, ରବୀନ୍ଦ୍ର ସେଠୀ, ଶ୍ରୀବତ୍ସ ବିଶ୍ୱାଳ, ସାମ୍ବାଦିକ ଦିଲୀପ ମହାନ୍ତି, ମୋହନ ଖିଲାର, ପ୍ରସନ୍ନ ବିଶ୍ୱାଳ, ସମରେନ୍ଦ୍ର ମାହାଲା, ଶେଖ ସବିରୁଦ୍ଦିନ ଓ ଚଣ୍ଡିଖୋଲ ଅଞ୍ଚଳର ସମସ୍ତ ବ୍ୟବସାୟ ପ୍ରତିଷ୍ଠାନର ସଦସ୍ୟ ପ୍ରମୁଖ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ସଚିବ ଭିକେ ପାଣ୍ଡିୟାନ, ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରମୁଖଙ୍କୁ ସ୍ୱାଗତ ଜଣାଇଛନ୍ତି ।

## ଆଗକୁ ଆସୁଛି ସାଧାରଣ ନିର୍ବାଚନ : ମତଦାନ ବେଳେ ଜାତିଆଣକୁ ଗୁରୁତ୍ୱାରୋପ

**କଳାହାଣ୍ଡି (ଅମୃତ ମିଡ଼ିଆ) :** ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟସରକାର ସାଧାରଣ ଲୋକ ମାନଂକୁ ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ବହୁ ଯୋଜନା କରୁଥିଲେ ମଧ୍ୟ ଆଦିବାସୀ ଅଧୁସିତ ଅଂଚଳରେ ସରକାରଙ୍କ ଯୋଜନା ଗୁଡିକ ପହଂଚି ପାରୁନଥିବା ଅଭିଯୋଗ ହେଉଛି । ତେବେ ଆଗକୁ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଶାସକ ଦଳ ସମେତ ଅନ୍ୟ ରାଜନୈତିକ ଦଳମାନେ ଏହି ଅଂଚଳରେ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ବିଭିନ୍ନ ସଭା ସମିତିରେ ଡିଣ୍ଡିମ ପିଟୁଥିବାବେଳେ ଏବେ ଲୋକଙ୍କ ଜାତିଗତ ମତଦାନକୁ ଗୁରୁତ୍ୱ ଦେଉଥିବା ଶୁଣାଯାଉଛି । ତେବେ ଆଗାମୀ ନିର୍ବାଚନ ରେ ଜାତିଗତ ଧ୍ରୁବିକରଣ ଏକ ନିର୍ଣାୟକ ଭୂମିକା ନେବ ବୋଲି ଅନୁମାନ କରାଯାଉଛି । ଏହାକୁ ନେଇ କଳାହାଣ୍ଡି ଜିଲ୍ଲାରେ ପ୍ରତିଦ୍ୱନ୍ଦୀତା ମଧ୍ୟ ଦେଖାଯାଉଥିବା ଶୁଣିବାକୁ ମିଳୁଛି । ପୂର୍ବରୁ ଅନୁସୂଚିତ ଜନଜାତିର ବିଶେଷ ଭାବେ କଂଗ୍ରେସ ଦଳକୁ ଯାଉଥିଲା । ମାତ୍ର



ପରବର୍ତୀ ସମୟରେ ଭୋଟରମାନେ ବି ବିଭିନ୍ନ କାରଣରୁ କଂଗ୍ରେସ ଦଳରୁ ମୁହଁ ଫେରାଇ ନେଇଥିଲେ । ୨୦୧୯ ନିର୍ବାଚନରେ ଜାତିଗତ ଗୁରୁତ୍ୱକୁ ଲକ୍ଷକରି ବିଜେପି ଅନୁସୂଚିତ ଜନଜାତିର ପ୍ରଦୀପ ନାଏକଙ୍କୁ ପ୍ରାର୍ଥୀ ଭାବେ ଛିଡା କରିଥିଲେ । ଫଳସ୍ୱରୂପ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ଭାବେ ଛିଡା ହୋଇ ଥିବା ଭକ୍ତଚରଣ ଦାସ ଅନୁସୂଚିତ ଜନଜାତିର ହୋଇଥିଲେ ମଧ୍ୟ ଶ୍ରୀ ନାଏକ ଅଧିକ ସଂଖ୍ୟାରେ ଭୋଟ ପାଇ ବିଜୟୀ ହୋଇଥିଲେ । ତେବେ ୨୦୨୨ ତ୍ରିସ୍ତରୀୟ ପଂଚାୟତ ନିବାଚନରେ ଜାତିଭିତିକ ଭୋଟ ବିଭାଜନ ହେବା ସମ୍ଭାବନା ଅଧିକ ରହିଥିଲା । ୨୦୧୯ ସାଧାରଣ ନିର୍ବାଚନ ରେ କଳାହାଣ୍ଡି ଲୋକସଭା ଆସନ ସାଧାରଣ ବର୍ଗର ହୋଇଥିବା ବେଳେ ଏହା ଅଧୀନରେ ଥିବା ୭ଟି ବିଧାନସଭା ମଧ୍ୟରୁ ୨ଟି ସଂରକ୍ଷିତ ବର୍ଗଙ୍କ ପାଇଁ ରହିଥିଲା । ନୂଆପଡାରେ ୨ଟି ଓ କଳାହାଣ୍ଡିରେ ୩ଟି ଅଣ ସରଂକ୍ଷିତ ଆସନ ଥିଲା । ତେବେ ଭବାନୀପାଟଣା ଓ ଲାଞ୍ଜିଗଡ ଅନୁସୂଚିତ ଜନଜାତିଙ୍କ ପାଇଁ ସରଂକ୍ଷିତ ରହିଥିଲା । ଅଣସରଂକ୍ଷିତ ଆସନ ହେଲେ ମଧ୍ୟ ବିଭିନ୍ନ ଆସନରେ ବହୁ ସରଂକ୍ଷିତ ଜାତିର ପ୍ରତିନିଧି ଏବଂ ପ୍ରାଥୀ ଗତ ନିବାଚନ ମାନଙ୍କରେ ପ୍ରତିଦ୍ୱନ୍ଦୀତା କରି ଆସିଛନ୍ତି ।ସାଧାରଣ ବର୍ଗଙ୍କ ପାଇଁ ଥିଲା ନର୍ଲା, ଜୁନାଗଡ଼ ଓ ଧର୍ମଗଡ ଆସନରେ ତିନି ପ୍ରମୁଖ ଦଳର ପ୍ରାଥୀ କରିବାକୁ ଯାଦବ, ମାଳି, କୁମ୍ଭାର, ଭତରା, ଗଣ୍ଡ ଆଦି ସମ୍ପ୍ରଦାୟ ଦାବି କରି ଆସୁଛନ୍ତି । ଆଗାମୀ ନିର୍ବାଚନ ରେ ଏହି ସମ୍ପ୍ରଦାୟକୁ ଅଣ ଦେଖା କରାଗଲେ ଦଳର ପ୍ରାର୍ଥୀ ମାନଂକ ବିଜୟ ପାଇଁ ସମ୍ପ୍ରଦାୟ ଭୋଟର ମାନେ ପ୍ରତିବନ୍ଧକ ସୃଷ୍ଟି କରିବା ସମ୍ଭାବନା ରହିଛି । ଅନ୍ୟପଟେ ପୂର୍ବ ନିର୍ବାଚନ ଅପେକ୍ଷା ଚଳିତ ନିବାଚନରେ ଅନୁସୂଚିତ ଜାତି ଓ ଜନଜାତି ଭୋଟ ଭାଗ ଭାଗ ହେବା ଆଶଙ୍କା କରାଯାଇଛି । ଏପରିକି ଉଚ୍ଚ ଜାତିର ଭୋଟ ମଧ୍ୟ ଭାଗ ଭାଗ ହେବାର ସଂଭାବନା ରହି ଥିବା ଚର୍ଚ୍ଚା ହେଉଛି । ତେବେ ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତି ଙ୍କ ସଂଖ୍ୟା ଅନ୍ୟ ସମ୍ପ୍ରଦାୟ ଠାରୁ ଅଧିକ ରହିଥିବାରୁ ଏହି ସମ୍ପ୍ରଦାୟ ର ଲୋକେ ଯେଉଁ ପ୍ରାର୍ଥୀ ସପକ୍ଷରେ ରହିବେ ସିଏ ଆଗାମୀ ନିର୍ବାଚନରେ ବିଜୟୀ ହେବାର ସମ୍ଭାବନା ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି । ତେବେ କେଉଁ ଦଳର ପ୍ରାର୍ଥୀ ଏହି ସମ୍ପ୍ରଦାୟ ଭୋଟର ମାନଂକୁ ନିଜ ସପକ୍ଷରେ ଆଣି କେତେ ଭୋଟ ହାତେଇ ପାରିବେ ତାହା ନିର୍ବାଚନ ପରେ ହିଁ ଜଣାପଡ଼ିବ ।

# ବୀମାଭୁକ୍ତ କର୍ମଚାରୀ ସଂଗଠନ ତରଫରୁ ରକ୍ତଦାନ ଶିବିର ଉଦ୍‌ଘାଟନ



**ଭୁବନେଶ୍ୱର (ବ୍ୟୁରୋ) :** ଭୁବନେଶ୍ୱରସ୍ଥିତ ଇ.ଏସ୍.ଆଇ ଚିକିତ୍ସାଳୟ ପରିସରରେ ଓଡ଼ିଶା ରାଜ୍ୟ ବୀମାଭୁକ୍ତ କର୍ମଚାରୀ ସଂଗଠନ ତରଫରୁ ଏକ ବୃହତ ରକ୍ତଦାନ ଶିବିର ତଥା ଏକ ସଚେତନତା ପୁସ୍ତକ ରାଜ୍ୟ ଶ୍ରମ ସଚୀବ ଶ୍ରୀଯୁକ୍ତ ଆର. ଗୋପାଳନଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଉକ୍ତ ଉଦ୍‌ଘାଟନୀ ସମାରୋହରେ ଶ୍ରୀଯୁକ୍ତ ଗୋପାଳନ ଓଡ଼ିଶାରେ ଇ.ଏସ୍.ଆଇ ଦ୍ୱାରା ପରିଚାଳିତ ଚିକିତ୍ସାଳୟ, ଚିକିତ୍ସାକେନ୍ଦ୍ର ଓ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଚିକିତ୍ସାଳୟ ସମ୍ବନ୍ଧରେ ମତପୋଷଣ କରିଥିଲେ। ହିତାଧିକାରୀଙ୍କ ଇ.ଏସ୍.ଆଇ ସମ୍ବନ୍ଧରେ ସଚେତନତା ବୃଦ୍ଧି ହେଲେ ଆଗାମୀ ଦିନରେ ଓଡ଼ିଶା ରାଜ୍ୟ ଇ.ଏସ୍.ଆଇ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ପ୍ରାୟ ବାର୍ଷିକ ଓଡ଼ିଶା ରାଜ୍ୟ ୫ ଶହ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କର୍ମଚାରୀ ତଥା ମାଲିକମାନଙ୍କ ଠାରୁ ଇ.ଏସ୍.ଆଇ ଆଦାୟ କଲେ ବି କେବଳ ୧୫୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେଉଛି। ବଳକା ଟଙ୍କା କେନ୍ଦ୍ର ସରକାର ନେଉଛନ୍ତି। ତେଣୁ ଉନ୍ନତ ଚିକିତ୍ସା କ୍ଷେତ୍ରରେ ପ୍ରାଧାନ୍ୟତା ଦେବା ସହ ରୋଗିମାନଙ୍କୁ ନିଜର ନିକଟତର କରି ଚିକିତ୍ସା କଲେ ନିଶ୍ଚିତ ଭାବରେ ରୋଗୀମାନେ ସୁସ୍ଥ ହେବା ସହିତ ଇ.ଏସ୍.ଆଇ ମର୍ଯ୍ୟଦା ସାରା ରାଜ୍ୟରେ ପ୍ରଚାର ହେବ। ଇ.ଏସ.ଆଇ.ସି. ଆଂଚଳିକ ବୋର୍ଡ଼ର ସଦସ୍ୟ ତଥା ସଂଗଠନର ମୁଖ୍ୟ ଉପଦେଷ୍ଟା ଶ୍ରୀ ମଦନ ମୋହନ ଧଳ ତାଙ୍କ ଅଭିଭାଷଣରେ ରକ୍ତଦାନ ଶିବିର ଓ ସଚେତନତା ପୁସ୍ତକ ଉନ୍ମୋଚନର ଉଦ୍ଦେଶ୍ୟ ବର୍ଣ୍ଣନା କରିବାକୁ ଯାଇ କହିଲେ ଯେ, ଓଡ଼ିଶା ରାଜ୍ୟ ବୀମା ପଞ୍ଜିକୃତ ସଦସ୍ୟ ସଂଗଠନ ବିଗତ ବର୍ଷ ମାନଙ୍କରେ ରକ୍ତଦାନ ଶିବିର ମାଧ୍ୟମରେ ଗରୀବ ଶ୍ରମିକମାନଙ୍କ ରକ୍ତ ଆବଶ୍ୟକତାକୁ ପୁରଣ କରିଆସିଛି। ରକ୍ତଦାନ ଶିବିର ଦ୍ୱାରା ସଂଗଠନକୁ ମିଳୁଥିବା ରକ୍ତ ପ୍ରମାଣ ପତ୍ର ମାଧ୍ୟମରେ କେବଳ ହିତାଧିକାରୀମାନଙ୍କ ରକ୍ତ ଆବଶ୍ୟକତାକୁ ପୂରଣ କରିଥାଏ । ଅନ୍ୟପକ୍ଷରେ ଉନ୍ମୋଚିତ ସାଚେତନତା ପତ୍ରିକା ମାଧ୍ୟମରେ ରାଜ୍ୟର କାର୍ଯ୍ୟରତ ସମସ୍ତ ପୁଞ୍ଜୀକୃତ ସଦସ୍ୟମାନଙ୍କୁ ଇ.ଏସ୍.ଆଇ ସମ୍ବନ୍ଧରେ ଧାରଣା ଦେବା, ଇ.ଏସ୍.ଆଇ ଦ୍ୱାରା ଉପଲବ୍ଧ ସୁବିଧା ସୁଯୋଗକୁ ହାସଲ କରିବା, ଅଧିକରୁ ଅଧିକ ଶ୍ରମିକ କର୍ମଚାରୀମାନଙ୍କୁ ଇ.ଏସ୍.ଆଇରେ ସଂପୃକ୍ତ କରିବା। ବର୍ତମାନର ସଚୀବ ଶ୍ରୀ ଗୋପାଳନଙ୍କ ନେତୃତ୍ୱରେ ଇ.ଏସ୍.ଆଇ. ସାରା ରାଜ୍ୟରେ ଅନେକ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଛି। ୧୨ଟି ନୂତନ ଚିକିତ୍ସାକେନ୍ଦ୍ର ଏବଂ ୪ଟି ସ୍ଥାୟୀ ଡାକ୍ତରଖାନା ପାଇଁ ଜମି ଚିହ୍ନଟ କରାଯାଇଛି ଓ ଭୁବନେଶ୍ୱରର ଅନ୍ଧାରୁଆରେ ପ୍ରସ୍ତାବିତ ୧୫୦ ଶଯ୍ୟା ବିଶିଷ୍ଟ ସୁପରସ୍ପେଷାଲିଟ୍ କାର୍ଯ୍ୟମଧ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଦୁଃଖର କଥା ଇ.ଏସ୍.ଆଇରେ ପଞ୍ଜିକୃତ ଘରୋଇ ଡାକ୍ତରଖାନା କର୍ତୃପକ୍ଷଗୁଡ଼ିକ ହିତାଧିକାରୀମାନଙ୍କୁ ବିଭିନ୍ନ ବାହାନାରେ ଚିକିତ୍ସା ନ ଯୋଗାଇ ଫେରାଉଛନ୍ତି। ଏହାର ମୂଳକାରଣ ସେମାନଙ୍କର ଇ.ଏସ୍.ଆଇ କର୍ପୋରେସନ ଉପରେ କୋଟି କୋଟି ଟଙ୍କା ବାକିପଡ଼ିଛି। ଇଚ୍ଛାଶକ୍ତିର ଅଭାବ ଯୋଗୁ ଏ ସମସ୍ୟାର ସମାଧନ ହୋଇପାରିବ ନାହିଁ। ତେଣୁ ଉଭୟ ରାଜ୍ୟ ଇ.ଏସ୍.ଆଇ ସ୍କିମ ଓ କେନ୍ଦ୍ର ଇ.ଏସ୍.ଆଇ କର୍ତୃପକ୍ଷ ତୁରନ୍ତ ପଦକ୍ଷେପ ନ ନେଲେ ଜନଅସନ୍ତୋଷ ବଢ଼ିବ। ଚନ୍ଦ୍ରଶେଖରପୁର ଡାକ୍ତରଖାନା ଆଇ.ସି.ୟୁ. ରକ୍ତ ସଂରକ୍ଷଣ କେନ୍ଦ୍ର, ଡାଇଓଲିସିସ୍ ସେଂଟର ଫିଜୁଓଥେରାପି ବିଭାଗ, ଏମ୍.ଆର.ଆଇ, କମ୍ପ୍ୟୁଟରାଇଜନ୍ ରକ୍ତ ନମୁନା ପରୀକ୍ଷା ଯନ୍ତ୍ର ପ୍ରଭୃତି ବ୍ୟବସ୍ଥା କରିବାକୁ ଶ୍ରୀଧଳ ପ୍ରସ୍ତାବ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇ.ଏସ୍.ଆଇ ନିର୍ଦ୍ଦେଶକ ଅଶୋକ କୁମାର ପଣ୍ଡା, ଆଂଚଳିକ ନିର୍ଦ୍ଦେଶକ ସୁକାନ୍ତ କୁମାର ଦାସ, ଡେପୁଟି ସେକ୍ରେଟାରୀ-ରାଜସ୍ୱ ଅଗ୍ରୱାଲ, ଚନ୍ଦ୍ରଶେଖରପୁର ଡାକ୍ତରଖାନାର ପରିଚାଳକ ଶ୍ରୀକାନ୍ତ ଦେବତା, ନାଲ୍‌କୋର ଶ୍ରମିକ ନେତା-ନିର୍ମଳ ସାମଲ, ପ୍ରଦୀପ୍ତ ଦାସ, ମହେନ୍ଦ୍ର ପରିଡ଼ା, ପ୍ରଣତି ମିଶ୍ର, ଅକ୍ଷୟ ତ୍ରିପାଠୀ, ଯୋଗେନ୍ଦ୍ର ବାରିକ, ପ୍ରଶାନ୍ତ କର, ଅଭୟ ଶତପଥି ସୁଶାନ୍ତ କର, ନିରଞ୍ଜନ ନାୟକ, ଖଗେଶ୍ୱର ସ୍ୱାଇଁ ପ୍ରଭୃତି ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜଗନ୍ନାଥ ମନ୍ଦିରରେ ଅଗ୍ନି ଉତ୍ସବ ପାଳନ



**ନୂଆଦିଲ୍ଲୀ :** ନୂଆଦିଲ୍ଲୀର ହାଉଜଖାସସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିରରେ ଅଗ୍ନି ଉତ୍ସବ ମହାସମାରୋହ ରେ ପାଳନ କରାଯାଇଛି।ପବିତ୍ର ମାଘ ପୂର୍ଣ୍ଣିମାର ପୁଣ୍ୟତିଥିରେ ଅଗ୍ନି ଦେବତାଙ୍କ ପୂଜନ ଉଦେଶ୍ୟରେ ଆୟୋଜିତ ଏହି ମହୋତ୍ସବ ରେ ଶତାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କ ପରିବାର ଏବଂ ପରିଜନ ଙ୍କ ସହିତ ଉପସ୍ଥିତ ହୋଇଥିବା ଦେଖାଯାଇଥିଲା। ଅଗିରା ପୁନେଇଁ ଦୃଷ୍ଟି ରୁ ସମଗ୍ର ମନ୍ଦିର ପରିସରରକୁ ଭବ୍ୟ ଢଙ୍ଗରେ ସଜ୍ଜାଯାଇଥିଲା। ଏହି ଅବସରରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ସାମନାରେ ବୈଦିକ ରୀତି, ନୀତି କ୍ରମେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ଅଗ୍ନିପର୍ବ ଉପଲକ୍ଷେ ଆୟୋଜକ ମାନଙ୍କ ଦ୍ୱାରା ମନ୍ଦିର ସାମ୍ନାରେ କାଠ ସାମଗ୍ରୀ କୁ ଏକତ୍ରୀତ କରି ଆକର୍ଷଣୀୟ ରଙ୍ଗବେରଙ୍ଗର ଚିତାଙ୍କନ ମଧ୍ୟରେ ଏକ ସୁନ୍ଦର, ଶୁଶୋଭିତ ଅଗି ବନାଯାଇଥିଲା। ସନ୍ଧ୍ୟା ୭ଟା ସମୟରେ ପୂଜାରୀ ମାନଙ୍କ ଦ୍ୱାରା ମନ୍ତ୍ର ପାଠ ସହିତ ଆମନ୍ତ୍ରିତ ଅତିଥି ଓ ଆଗନ୍ତୁକମାନଙ୍କ ଦ୍ୱାରା ସୁସଜ୍ଜିତ ଅଗିରେ ଅଗ୍ନି ସଂଯୋଗ କରାଯାଇଥିଲା। ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଅଗି ଚାରିପଟେ ବୁଲି ଭଜନ, କୀର୍ତ୍ତନ, ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନୀ ଉଚ୍ଚାରଣ ତଥା ଶଙ୍ଖ, ଘଣ୍ଟ,ମର୍ଦଳ, କରତାଳ, ଝାଞ୍ଜ ଓ ମୃଦଙ୍ଗ ବାଦନର ଗହ ଗହ ନାଦରେ ଗଗନ ପବନ ପ୍ରକମ୍ପିତ ହୋଇଉଠିଥିଲା। ସମଗ୍ର ପରିବେଶ ଭକ୍ତିପୁତ ଏବଂ ଉତ୍ସବ ମୁଖର ହେବାର ବିରଳ ଦୃଶ୍ୟ ବେଶ ମର୍ମସ୍ପର୍ଶୀ ଥିଲା। ବିଶେଷ କରି ଅଗି ଜଳିବା ସମୟରେ ଜାଜଲ୍ୟମାନ ଅଗ୍ନିଶିଖା ଦର୍ଶକମାନଙ୍କ ପାଇଁ ଅପୂର୍ବ ଆଧ୍ୟାତ୍ମିକ ଉଲ୍ଲାସ ଏବଂ ଅଜସ୍ର ଐଶ୍ୱରୀକ ଆନନ୍ଦର ଆଲୌକିକ ଅନୁଭୂତି କୁ ଉପଲବ୍ଧ କରିବାର ପରମ ସୁଯୋଗ ସୃଷ୍ଟି କରିଥିଲା। ଅଗ୍ନି ଦେବତା ସମ୍ମିଳିତ ଭକ୍ତମାନଙ୍କୁ ସୁଖ, ଶାନ୍ତି ଓ ସମୃଦ୍ଧି ପ୍ରଦାନ ପାଇଁ ସମୂହ ପ୍ରାର୍ଥନା କରାଯାଇଥିଲା। ଦର୍ଶକ ମାନେ ଜଳୁଥିବା ଅଗିକୁ ଆଳୁ, ବାଇଗଣ, ସାରୁ, କନ୍ଦମୂଳ, ଚିନାବାଦାମ, ଖଇ ଓ ଗଜକ ଆଦି ଭୋଗ ଆକାରରେ ଅର୍ପଣ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଉପସ୍ଥିତ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ବରିଷ୍ଠ ପ୍ରଶାସକ ଡ଼ଃ ଦେବେନ୍ଦ୍ର ପ୍ରସାଦ ମାଝୀ, ସରୋଜ କୁମାର ନାୟକ ଏବଂ ରାମଚନ୍ଦ୍ର ନାଥ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଅଗ୍ନି ସମାରୋହକୁ ଆୟୋଜନ କରିବାରେ ମନ୍ଦିର ପରିଚାଳନା କମିଟି ନୀଳାଚଳ ସେବାସଂଘର ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ, ଅନ୍ୟାନ୍ୟ କର୍ମକର୍ତ୍ତା ବୃନ୍ଦ ଯଥା ଅଶୋକ ପ୍ରଧାନ(କ), କ୍ଷୀରୋଦ ପାତ୍ର,ଗଜେନ୍ଦ୍ର ସାମନ୍ତ, ଅଭିରାମ ସୁତାର, ଅଶୋକ ପ୍ରଧାନ(ଖ),ଅଜୟ ପ୍ରଧାନ, ପଙ୍କଜ ମହାନ୍ତି, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିରର ପରିଚାଳକ ରଶ୍ମି ରଞ୍ଜନ ବେହେରା ତଥା ସହ ପରିଚାଳକ ଶଶୀକାନ୍ତ ସାହୁ, ସଂଜୀବ ଜେନା ଏବଂ ମନ୍ଦିର ର ପୂଜକ ସନାତନ ପାଢ଼ୀ, ଦ୍ୱେବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥି, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ଦାଶଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।

# ସୋଆରେ ନର୍ସିଂ କ୍ଷେତ୍ରରେ ଗବେଷଣା ସମ୍ପର୍କିତ ଜାତୀୟ କର୍ମଶାଳା ଆୟୋଜିତ





**ଭୁବନେଶ୍ୱର (ବ୍ୟୁରୋ) :** ନର୍ସିଂ କ୍ଷେତ୍ରକୁ ପରିବ୍ୟାପ୍ତ କରିବା ନିମନ୍ତେ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଗବେଷଣା ଅଧିକ ଗୁରୁତ୍ୱ ରଖୁଥିବା ବେଳେ ନର୍ସିଂ ଶିକ୍ଷା ଗ୍ରହଣ କରୁଥିବା ଏବଂ ଏ କ୍ଷେତ୍ରରେ କାର୍ଯ୍ୟରତ ବ୍ୟକ୍ତିବିଶେଷ ନୂତନ ଗବେଷଣାରେ ମନୋନିବେଶ କରିବା ଉଚିତ୍ ବୋଲି ମତ ରଖିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ। ସୋଆ ପରିଚାଳିତ ସମ୍ ନର୍ସିଂ କଲେଜ ପକ୍ଷରୁ ଆୟୋଜିତ 'ଲିଡିଙ୍ଗ୍ ଇନୋଭେସନ୍ ଇନ୍ ରିଭାମ୍ପିଙ୍ଗ ଭାରିୟସ୍ ନର୍ସିଂ ରିସର୍ଚ୍ଚ ଡିଜାଇନ୍ସ' ଶୀର୍ଷକ ଏକ ଦିବସୀୟ ଜାତୀୟ କର୍ମଶାଳା ଏନ୍‌ସିଓଏନ୍‌ଏସ୍‌ଏନ୍‌ସି-୨୦୨୪ରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଫେସର ନନ୍ଦ କହିଥିଲେ ଯେ ଗବେଷଣାକୁ ସୋଆ ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଗତ ୧୦ ବର୍ଷ ମଧ୍ୟରେ ଏଠାରେ ୫୦୦ରୁ ଊର୍ଦ୍ଧ୍ୱ ଜାତୀୟ ଓ ଆନ୍ତର୍ଜାତିକ କର୍ମଶାଳା ଆୟୋଜିତ ହୋଇଛି। ଗବେଷଣା କ୍ଷେତ୍ରରେ ଗୁଣାବତାର ଅଧିକ ଆବଶ୍ୟକତା ଥିବା ପ୍ରଫେସର ନନ୍ଦ କହିଛନ୍ତି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଏମ୍‌ସ କଲେଜ ଅଫ୍ ନର୍ସିଂର ଅଧ୍ୟକ୍ଷା ପ୍ରଫେସର ଆଶା ପି. ସେଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସୋଆ ଏଭଳି କର୍ମଶାଳା ଆୟୋଜନ କରିଥିବାରୁ ଆନନ୍ଦ ବ୍ୟକ୍ତ କରିଥିଲେ। ନର୍ସିଂ ଭଳି ବୃତିରେ ଯେଉଁଠାରେ ସେବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସେଭଳି କ୍ଷେତ୍ରରେ ଗବେଷଣାର ଅନେକ ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସିର ଡିନ୍ ପ୍ରଫେସର ପ୍ରଭାତୀ ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆସୋସିଏଟ୍ ଡିନ୍ ପ୍ରଫେସର ସସ୍ମିତା ଦାସ କର୍ମଶାଳା ସମ୍ପର୍କିତ ବିସ୍ତୃତ ତଥ୍ୟ ପ୍ରଦାନ କରିଥିଲେ। କର୍ମଶାଳାର ଅର୍ଗାନାଇଜିଂ ସେକ୍ରେଟାରୀ ଶ୍ରୀମତି ପ୍ରତିଭା ଖୋସଲା ଧନ୍ୟବାଦ ଅର୍ପଣ କରିଥିଲେ।

# ଦଧିଚି ଫାର୍ମାସୀ କଲେଜ ଦ୍ୱାରା ଆୟୋଜିତ ଯୁବ ଫାର୍ମାସୀ ମହୋତ୍ସବ – ୨୦୨୪

**ଭୁବନେଶ୍ୱର (ବ୍ୟୁରୋ) :** ସାମ୍ପ୍ରତିକ ସମାଜରେ ଫାର୍ମାସୀ ମାନଙ୍କ ଭୂମିକା ଅନିର୍ବାର୍ଯ୍ୟ ହୋଇପଡିଛି। ସେମାନଙ୍କ ତ୍ୟାଗ ଅତୁଳନୀୟ। ଯୁବ ଫାର୍ମାସିଷ୍ଟ ମାନେ ଏକ ନୂତନ ଓ ସୁସ୍ଥ ସମାଜ ଗଠନରେ ସାମିଲ କରିବାକୁ ବିଶିଷ୍ଟ ବ୍ୟକ୍ତିମାନେ ମତ ପୋଷଣ କରିଛନ୍ତି। ବିଦ୍ୟା ବିହାର ସୁନ୍ଦରଗ୍ରାମ, କଟକ ସ୍ଥିତ ଦଧିଚି ଫାର୍ମାସୀ କଲେଜ ଦ୍ୱାରା ଆୟୋଜିତ ହୋଇଥିବା ଦ୍ୱିତୀୟ ଯୁବ ଫାର୍ମାସୀ ମହୋତ୍ସବ - ୨୦୨୪ ଏବଂ ଚତୁର୍ଥ ଓଡ଼ିଶା ମେଡିକାଲ୍ ଏକ୍ସପୋ ୨୩ ଫେବୃୟାରୀରୁ ଆରମ୍ଭ ହୋଇଯାଇଛି। ଓଡିଶା ମେଡିକାଲ୍ ଏକ୍ସପୋ ୨୦ ଫେବୃୟାରୀରେ ଉଦ୍‌ଘାଟନ ହୋଇଥିବା ବେଳେ ୨୪ ଫେବୃୟାରୀରେ ଯୁବ ଫାର୍ମାସୀ ମହୋତ୍ସବର ଉଦ୍‌ଘାଟନୀ ଉତ୍ସବ ପାଳିତ ହୋଇଥିଲା। ଦେଶ ବିଦେଶରୁ ଆସିଥିବା ବିଭିନ୍ନ ପ୍ରକାରର ଅତି କୌଶଳୀ ଡାକ୍ତରୀ ଏବଂ ଫାର୍ମାସୀ ଉପକରଣ ଏବଂ ଯବପାତିର କାର୍ଯ୍ୟକୁଶଳ ଏବଂ ବ୍ୟବହାର ଉପରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନେ ଜ୍ଞାନ ଅର୍ଜନ କରିଥିଲେ। ଭାରତରେ ଏପରି ଏକ ସମ୍ମିଳନ ଦ୍ୱିତୀୟ ଥର ପାଇଁ ଅନୁଷ୍ଠାନ ଦ୍ୱାରା ଆୟୋଜିତ ହୋଇଥିବା ବେଳେ ଏଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୫୦ ଫାର୍ମାସୀ କଲେଜ, ୧୫୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ୨୦୦ ଅଧ୍ୟାପକ ଅଧ୍ୟାପିକା, ୩୦ ପ୍ରକ୍ଷାତ ବକ୍ତା ଯୋଗଦେଇ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରକାରର ଯୁବ ଦକ୍ଷତା ବିକାଶ ବିଷୟବସ୍ତୁ ଉପରେ ଜ୍ଞାନ ଅର୍ଜନ କରିଥିଲେ। ଦଧିଚି ସମୂହ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ଼. ମନୋଜ କୁମାର ଦାଶ ଏବଂ ମ୍ୟାନେଜିଂ ଟ୍ରଷ୍ଟି ବବିତା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ପ୍ରଫେସର ଡ଼ି. ପ୍ରମୋଦ ୟିଓଲେ, ଭାଇସ୍ ପ୍ରେସିଡେ ଫାର୍ମାସୀ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ନୂଆ ଦିଲ୍ଲୀ, ମୁଖ୍ୟବକ୍ତା ଶ୍ରୀଯୁକ୍ତ ଅଶୋକ କୁମାର ପାତ୍ର ଡ୍ରଗ୍ କଣ୍ଟ୍ରୋଲର୍ ଓଡିଶା, ସମ୍ମାନୀତ ଅତିଥି ପ୍ରଫେସର ଡ଼. ଉମାକାନ୍ତ ଶତପଥୀ, ଆଡିସିନାଲ୍ ଡ଼ିଏମ୍‌ଇଟି ଓଡିଶା, ଏସ୍. ସତ୍ୟନାରାୟଣ ଚେୟାର୍‌ମ୍ୟାନ୍ ଓପିସିଏ (ଓପ୍‌କା), ଧର୍ମେନ୍ଦ୍ର ସିଂ, ଇସି ମେମ୍ବର ଫାର୍ମାସୀ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ, ବିଶିଷ୍ଟ ଅତିଥି ପ୍ରଫେସର୍ ଡ଼ି ସଚ୍ଚିଦାନନ୍ଦ ମହାନ୍ତି, ଡିଏମ୍‌ଇଟି ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ଫାର୍ମାସିଷ୍ଟ ମାନେ ସମାଜରେ ଗୁରୁ ଦାୟିତ୍ୱ ତୁଲାଉଛନ୍ତି, ଯେଉଁଥି ପାଇଁ ଭାରତ ସରକାର ଫାର୍ମାସୀ ପାଠ୍ୟକ୍ରମକୁ ବହୁ ଗୁରୁତ୍ୱ ଦେଉଛନ୍ତି ବୋଲି କହିଥିଲେ। ଫାର୍ମାସୀ କଲେଜର ଅଧ୍ୟକ୍ଷ ଡ଼. ରଜତ କୁମାର କର ଅତିଥି ମାନଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଏବଂ ଦୂରଦର୍ଶୀ ସମ୍ପର୍କରେ ସୂଚନା ଦେଇଥିଲେ। ପାନେଲ୍ ସ୍ପିକର ସଙ୍କେତ କୁମାର ପାତ୍ର, ପ୍ରୋଗ୍ରାମ ମ୍ୟାନେଜର ଟେକ୍ ମହିନ୍ଦ୍ରା, ଡ଼. ଭେଙ୍କଟ ରାଓ, ପ୍ରଫେସର କମ୍ୟୁନିଟି ମେଡିସିନ୍, ଆଇଏମ୍‌ଏସ୍ ସମ୍ ହସ୍ପିଟାଲ୍, ନବିନ ମହାପାତ୍ର, ସେକ୍ରେଟାରୀ ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଫାର୍ମାସିଷ୍ଟ, ରତ୍ନାକର ଶତପଥୀ, ସାଇକ୍ରମ୍/୪ ପାଢୀ, ଶ୍ରୀଯୁକ୍ତ ସତ୍ୟବ୍ରତ ଗିରି, ଆସିଷ୍ଟାଣ୍ଟ ଡ୍ରଗ୍ କଣ୍ଟ୍ରୋଲର୍, ସୁବାଷ କୁମାର ସାହୁ, ଆସିଷ୍ଟା ଡାଇରେକ୍ଟର୍ ଏମ୍‌ଏସ୍‌ଏମ୍ ଇଡିଏଫ୍‌ଓ, କଟକ ଏବଂ ଶ୍ରୀଯୁକ୍ତ ରମାକାନ୍ତ ପାଣିଗ୍ରାହୀ, ଜିଏମ୍ ଏବିସି ଫାର୍ମାସିୟୁଟିକାଲ୍‌ସ ପ୍ରମୁଖ ଯୋଗଦେଇ ଲିଜେଣ୍ଡାରୀ ଟକ୍ ସୋ, ସ୍କିଲ୍ କନ୍‌କ୍ଲେଭ୍ ଏବଂ ଷ୍ଟର୍ଟ ଅପ୍ ସମିତି ଉପରେ ଆଧାରିକ ବିଭିନ୍ନ ବସ୍ତୁ ଉପରେ ଚର୍ଚ୍ଚା କରିଥିଲେ। କାର୍ଯ୍ୟକ୍ରମ ସହ ସଙ୍ଗଠକ ଏବଂ ଅନୁଷ୍ଠାନର ଉପାଧ୍ୟକ୍ଷ ପ୍ରଫେସର ଶୋଭବିକାଶ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବି ନିର୍ଦ୍ଦେଶକ ବାସୁଦେବ ବିଶ୍ୱାଳ, ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଭାତ କୁମାର ପାଢୀ, ପ୍ରଶାସକ ନିର୍ଦ୍ଦେଶକ ସୀମାଳ ପଣ୍ଡା, ନିର୍ଦ୍ଦେଶକ ଏକାଡେମିକ୍ ସଂଗ୍ରାମ ପଟ୍ଟନାୟକ, ସଂଯୋଜକ ଶ୍ରୀମତୀ ଅନିତା ସାହୁ ଏବଂ ଅନୁଷ୍ଠାନର ଅଧ୍ୟାପକ ଅଧ୍ୟାପିକା ଏବଂ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଇଏମଆଇ ଭୁବନେଶ୍ୱରର ୧୧ ତମ ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର (ବ୍ୟୁରୋ) : ଇଣ୍ଟରନ୍ୟାଶନାଲ ମ୍ୟାନେଜମେଣ୍ଟ ଇନନଷ୍ଟିଚ୍ୟୁଟ ଭୁବନେଶ୍ୱର ଗର୍ବର ସହିତ ଏହାର ୧୧ ତମ ବାର୍ଷିକ ସମ୍ମିଳନୀ ସମାରୋହ ଆୟୋଜନ କରି ପିଜିଡିଏମ ୨୦୨୧-୨୩ ବ୍ୟାଚର ଗ୍ରାଜୁଏଟିଂ ଛାତ୍ରଛାତ୍ରୀମାନଙ୍କୁ ପୋଷ୍ଟ ଗ୍ରାଜୁଏଟ ଡିପ୍ଲୋମା ପ୍ରଦାନ କରିଛି। ଏହି ଅବସରରେ ଏହି ସମ୍ମିଳନୀରେ ବିର୍ଲା କାର୍ବନର ପୂର୍ବତନ ଗ୍ରୁପ ନିର୍ଦ୍ଦେଶକ, ନିର୍ଦ୍ଦେଶକ କେମିକାଲ୍ସ, ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଏଚଆର ଗ୍ରୁପ୍ ନିର୍ଦ୍ଦେଶକ, ଡକ୍ଟର ସାନ୍ତରୁପ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ମହୋତ୍ସବରେ ଆଇଏମଆଇ ଭୁବନେଶ୍ୱରର ପରାମର୍ଶଦାତା (ଏଚଆର) ଭି.ସି. ଅଗ୍ରୱାଲ ଏବଂ ଆଇଏମଆଇ ମହାନିର୍ଦ୍ଦେଶକ ପ୍ରଫେସର ହିମାଦ୍ରୀ ଦାସ ଗ୍ରାଜୁଏଟିଂ ଛାତ୍ରଛାତ୍ରୀମାନଙ୍କୁ ଡିପ୍ଲୋମା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି, ନିର୍ଦ୍ଦେଶକ ଏବଂ ଅନ୍ୟ ଅତିଥିମାନଙ୍କ ଦ୍ୱାରା ଆଲୋକ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ସମାରୋହ ଆରମ୍ଭ ହୋଇଥିଲା। ପ୍ରାରମ୍ଭରେ ଆଇଏମଆଇ ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ରମେଶ ବେହଲ ସ୍ୱାଗତ ଭାଷଣ ପ୍ରଦାନ କରି ବାର୍ଷିକ ଏକାଡେମିକ ରିପୋର୍ଟ ଉପସ୍ଥାପନ କରିଥିଲେ। ଗ୍ରାଜୁଏଟିଂ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ମାନଙ୍କୁ ସେ ସ୍ୱାଗତ କରିଥିଲେ। ପ୍ରଫେସର ବେହଲ ଏନଆଇଆରଏଫ ର୍‍ୟାଙ୍କ ୬୭ ତମ ଦୃଷ୍ଟିରୁ ଅନୁଷ୍ଠାନର ସଫଳତା ସମ୍ପର୍କରେ ଅବଗତ କରାଇଥିଲେ। ଆସୋସିଏଶନ ଅଫ ଏମବିଏ (ଏମଏମବିଏ) ଦ୍ୱାରା ଅନ୍ତର୍ଜାତୀୟ ସ୍ୱୀକୃତି ତଥା ଏନଏଏସି ଦ୍ୱାରା ସ୍ୱୀକୃତି ମିଳିବା ନେଇ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ଅନୁସନ୍ଧାନ ଏବଂ ପ୍ରକାଶନ ଦିଗରେ ଫାକ୍ୟୁଲ୍ଟିଙ୍କ ଉଦ୍ୟମକୁ ସେ ପ୍ରଶଂସା କରିଥିଲେ। ସେମାନେ ମିଳିତ ଭାବେ ଶିକ୍ଷାନୁଷ୍ଠାନ ପକ୍ଷରୁ ୪୮ରୁ ଅଧିକ ରିସର୍ଚ୍ଚ ପେପର, ୨ ପୁସ୍ତକ ଏବଂ ୨୨ ବୁକ ଅଧ୍ୟାୟ ଗତ ଏକାଡେମିକ ବର୍ଷରେ ପ୍ରକାଶନ କରିଥିଲେ। ପ୍ରଫେସର ବେହଲ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଇଚ୍ଛିତ ସ୍ଥାନଗୁଡିକରେ ନିଯୁକ୍ତି ହାସଲ କରିଥିବାରୁ ଅଭିନନ୍ଦନ ଜଣାଇବା ସହ ଅନୁଷ୍ଠାନ ଉପରେ ବିଶ୍ୱାସ ରଖି ଆଗେଇ ଆସିଥିବା କମ୍ପାନୀମାନଙ୍କ ପ୍ରତି ମଧ୍ୟ କୃତଜ୍ଞତା ଜ୍ଞାପନ କରିଥିଲେ। ସବୁଜ ପ୍ରୟାସ ପାଇଁ ଏକ ପଦକ୍ଷେପ ଭାବରେ ସେ ଲେଟସ ଡ୍ରାଇଭ ଇ-ଭେହିକିଲ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ପରେ ଭି.ସି. ଅଗ୍ରୱାଲ ଜଣେ ବ୍ୟକ୍ତିଙ୍କ ଜୀବନରେ ଆଇକ୍ୟୁ, ଇକ୍ୟୁ, ଏବଂ ଏସକ୍ୟୁର ମହତ୍ତ୍ୱ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ ଯାହା ସେମାନଙ୍କୁ ସେମାନଙ୍କ ବୃତ୍ତିରେ ଉତ୍କର୍ଷତା ପ୍ରଦାନ କରିବାରେ ସାହାଯ୍ୟ କରିଥାଏ। ମୁଖ୍ୟ ଅତିଥି ଡକ୍ଟର ସାନ୍ତରୁପ୍ତ ମିଶ୍ର ସୁଶ୍ରୀ ମାସୁମା ଶାମିମଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ସୁଶ୍ରୀ ଲକ୍ଷ୍ମୀ ସରଓ୍ୱାଗିଙ୍କୁ ରୌପ୍ୟ ପଦକ ପ୍ରଦାନ କରିଥିଲେ। ପ୍ରଫେସର ରମେଶ ବେହେଲ ଏସଆଇପି ପ୍ରୋଜେକ୍ଟ ପୁରସ୍କାର ପିଜିଡିଏମ ୨୦୨୧-୨୩ ବ୍ୟାଚର ସୁଶ୍ରୀ କନିକା ଭଟ୍ଟାଚାର୍ଯ୍ୟ, ସୁଶ୍ରୀ ପ୍ରତ୍ୟୁଷା ମିଶ୍ର ଏବଂ ସୁଶ୍ରୀ ଅନନ୍ୟା ଅଗ୍ରୱାଲଙ୍କୁ ପ୍ରଦାନ କରିଥିଲେ। ଡକ୍ଟର ସାନ୍ତରୁପ୍ତ ମିଶ୍ର ସୁଶ୍ରୀ ଚରିତ୍ରିକା ରାଜପାଲଙ୍କୁ "ଡକ୍ଟର ରାମ ପ୍ରସାଦ ଗୋଏଙ୍କା ବେଷ୍ଟ ଷ୍ଟୁଡେଣ୍ଟ ମେଡାଲ" ଏବଂ ରୌନକ କରଙ୍କୁ "ଡାଇରେକ୍ଟରର୍ସ ମେଡାଲ" ପ୍ରଦାନ କରିଥିଲେ। ସେ ଉତ୍ସବରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ ଏବଂ ପାସ ହୋଇଥିବା ପିଜିଡିଏମ ବ୍ୟାଚକୁ ଅଭିନନ୍ଦନ ଜଣାଇଥିଲେ। ସେ ଗୁରୁତ୍ୱାରୋପ କରିଥିଲେ ଶିକ୍ଷାର ଉଦ୍ଦେଶ୍ୟ ଡିଗ୍ରୀ ଏବଂ ନିଯୁକ୍ତି ହାସଲ ନୁହେଁ। ବରଂ ଏହା କ୍ରମାଗତ ଭାବରେ ନିଜ ମଧ୍ୟରେ କୌତୁହଳ ଏବଂ କିଛି ଜାଣିବାର ଆଗ୍ରହ ତଥା ପ୍ରଶ୍ନ ଜଗାଇବାର ଭାବନା ହେବା ଆବଶ୍ୟକ। ଗ୍ରାଜୁଏଟିଂ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ, ଗଣମାଧ୍ୟମ, ଫାକ୍ୟୁଲ୍ଟି, ଅତିଥି ଏବଂ ପ୍ରଶାସନଙ୍କୁ ପ୍ରଫେସର ବିନ୍ଦୁ ଛାବ୍ରାଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା। ସେମାନଙ୍କର ନିରନ୍ତର ସମର୍ଥନ ଏବଂ ଉପସ୍ଥିତି ଦ୍ୱାରା ଏହି କାର୍ଯ୍ୟକ୍ରମ ସଫଳ ହୋଇଥିବା ନେଇ ସେ ଗୁରୁତ୍ୱାରୋପ କରିଥିଲେ।

# ପ୍ରଶ୍ନପତ୍ର ଲିକ୍ ପଛରେ ଶାସକ ବିଜେଡିର ସୁଚିନ୍ତିତ ଷଡଯନ୍ତ୍ର : ଅଭିଲାଷ ପଣ୍ଡା




**ଭୁବନେଶ୍ୱର (ବ୍ୟୁରୋ) :** ଓଡିଶାର ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ନେଇ ରାଜ୍ୟ ସରକାର ଆଦୌ ସମ୍ବେଦନଶୀଳ ନୁହଁନ୍ତି । ରାଜ୍ୟ ସରକାରଙ୍କ ଅସମ୍ବେଦନଶୀଳତା କାରଣରୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଚିନ୍ତିତ ଏବଂ ପିଲାମାନଙ୍କ ଭବିଷ୍ୟତକୁ ନେଇ ଅନ୍ଧକାରରେ ଅଛନ୍ତି । ଏହି କାରଣରୁ ଡ୍ରପ୍‌ଆଉଟ୍ ବୃଦ୍ଧି ପାଇଚାଲିଛି ଏବଂ ଏପରିକି ଜୀବନ ହରାଇବା ଭଳି କଠୋର ପଦକ୍ଷେପ ନେବାକୁ ପଛାଉନାହାଁନ୍ତି ଛାତ୍ରଛାତ୍ରୀମାନେ। ରାଷ୍ଟ୍ରୀୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ଆତ୍ମହତ୍ୟା ଅନୁପାତ ୧୨.୫ ପ୍ରତିଶତ ଥିଲାବେଳେ ଓଡିଶାରେ ଛାତ୍ରଛାତ୍ରୀମାନଙ୍କ ମାନସିକ ଚାପ ଯୋଗୁଁ ତାହା ୨୦ପ୍ରତିଶତ ରହିଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ମାଟ୍ରିକ୍ ବୋର୍ଡ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେବା ଘଟଣା ସମଗ୍ର ରାଜ୍ୟର ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀ ଏବଂ ଅଭିଭାବକମାନଙ୍କୁ ଗଭୀର ଆଘାତ ଦେଇଛି। ବିଜୁ ଜନତା ଦଳ ସରକାରରେ ନିୟମିତ ଭାବେ ମାଟ୍ରିକ୍ ପ୍ରଶ୍ନପତ୍ର ଲିକ୍ ହୋଇଚାଲିଛି ଏବଂ ଏହି ଘଟଣାର ତଦନ୍ତ କରି କୌଣସି ଜଣଙ୍କୁ ବି ଆଜି ପର୍ଯ୍ୟନ୍ତ ଦୋଷୀ ସାବ୍ୟସ୍ତ କରାଯାଇପାରିଲା ନାହିଁ । ବାରମ୍ବାର ପ୍ରଶ୍ନପତ୍ର ଲିକ୍ ପାଇଁ କୌଣସି ଅଧିକାରୀ ଉତରଦାୟୀତ୍ୱ ନନେବା ଏବଂ କୌଣସି କଠୋର ପଦକ୍ଷେପ ଗ୍ରହଣ ନକରିବା ଦ୍ୱାରା ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ପ୍ରଶ୍ନପତ୍ର ଲିକ୍ ହେବା ହେଉଛି ଶାସକ ବିଜେଡିର ସୁଚନ୍ତିତ ଷଡଯନ୍ତ୍ର ଏବଂ ଶାସକ ବିଜେଡିର ପ୍ରତ୍ୟକ୍ଷ ସୁରକ୍ଷାରେ ଏକ ବିରାଟ ର୍‍ୟାକେଟ କାର୍ଯ୍ୟ କରୁଛି ବୋଲି ଯୁବମୋର୍ଚ୍ଚା ରାଜ୍ୟସଭାପତି ଶ୍ରୀ ଅଭିଲାଷ ପଣ୍ଡା କହିଛନ୍ତି । ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପଣ୍ଡା କହିଛନ୍ତି ଯେ, ପରୀକ୍ଷା ସୁପରିଚାଳନା ଓ କପି ରୋକିବା ପାଇଁ ରାଜ୍ୟ ସରକାର ଏଆଇ ଏବଂ ସିସିଟିଭି କ୍ୟାମେରା ଲଗାଇଲେ । ମାତ୍ର ପ୍ରଶ୍ନପତ୍ର ଲିକ୍ ହେବା ଏବଂ ଏହା ପଛରେ ଥିବା ମୁଖ୍ୟ କାର୍ପଟଦାରଙ୍କୁ ଜଗିପାରିଲେ ନାହିଁ। "ବାଡ ଖାଇଲା କ୍ଷେତ"। ବାସ୍ତବରେ ଶାସକ ବିଜେଡିର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ହେଉଥିବା ପ୍ରଶ୍ନପତ୍ର ଲିକ୍ ଘଟଣାକୁ କିଏ ବା ଜଗିବ ବୋଲି ଶ୍ରୀ ପଣ୍ଡା ପ୍ରଶ୍ନ କରିଛନ୍ତି । ଯେଉଁମାନେ ପ୍ରଶ୍ନପତ୍ର ଲିକ୍ ଭଳି ଜଘନ୍ୟ ଅପରାଧରେ ସଂପୃକ୍ତ ତାଙ୍କୁ ରୋକିବା ପାଇଁ ରାଜ୍ୟ ସରକାର କାହିଁକି କଠୋର ପଦକ୍ଷେପ ଗ୍ରହଣ କରୁନାହାଁନ୍ତି ? ସେମାନଙ୍କୁ ଜଗିବା ପାଇଁ ଏଆଇର ବ୍ୟବସ୍ଥା କରୁନାହାଁନ୍ତି ? ଅନ୍ୟପକ୍ଷରେ ଏ ବ୍ୟବସ୍ଥାଗତ ତ୍ରୁଟି ପାଇଁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ବେଳେ ବିଭାଗ ତରଫରୁ କେହି ଉତର ଦାୟିତ୍ୱ ନେବା ପାଇଁ ମଧ୍ୟ ସାମ୍ନାକୁ ଆସୁନାହାଁନ୍ତି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଗଣଶିକ୍ଷା ମନ୍ତ୍ରୀ ଜଣେ କେବଳ ରବରଷ୍ଟାମ୍ପ୍ ସଦୃଶ ଏବଂ ତାଙ୍କର କୌଣସି କର୍ତ୍ତୃତ୍ୟ ନାହିଁ । ୫-ଟିର ଟ୍ରାନ୍ସପରେନ୍ସି କେବଳ ଏକ ଧୁଆଁବାଣ । ଅପାରଗ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ । ନଚେତ୍ ତାଙ୍କ ବାସଭବନ ଘେରାଓ କରାଯିବ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଓଡିଶାର ବିଜୁଜନତା ଦଳର ଅନେକ ନେତା ନିଜର ପୁଞ୍ଜିକୁ ଘରୋଇ ବିଦ୍ୟାଳୟ ଏବଂ ଶିକ୍ଷାନୁଷ୍ଠାନ ମାନଙ୍କରେ ନିୟୋଜିତ କରି ସରକାରୀ ବିଦ୍ୟାଳୟରେ ପଢୁଥିବା ଓଡିଆ ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଶିକ୍ଷାକୁ ଘରୋଇକରଣ କରି ନିଜର ବ୍ୟବସାୟକୁ ବଢାଇବା ଓ ସୁରକ୍ଷା ଦେବା ହେଉଛି ପ୍ରଶ୍ନପତ୍ର ଲିକ୍ ପଛର ପ୍ରମୁଖ କାରଣ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ପରୀକ୍ଷା ପରିଚାଳନା ତୃଟିରେ ଓଡିଶା ରାଜ୍ୟ ସର୍ବଭାରତୀୟସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଛି । ପ୍ରତିଯୋଗିତାମୂଳକ, ମାଧ୍ୟମିକ, ଉଚ୍ଚ ଶିକ୍ଷା ପାଇଁ ଅନୁଷ୍ଠିତ ହେଉଥିବା ପରୀକ୍ଷାରେ ଧାରାବାହିକ ଭାବେ ତୃଟି ପରିଲକ୍ଷିତ ହେଉଛି । ଏହା ଦ୍ୱାରା ଛାତ୍ରଛାତ୍ରୀ ଓ ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେବା ସହିତ ଧ୍ୱଂସାଭିମୁଖୀ ହେବାକୁ ବସିଲାଣି । ଓଡିଆ ମାଧ୍ୟମ ଛାତ୍ରଛାତ୍ରୀଙ୍କୁ ପଛୁଆ କରି ରଖିବା ପାଇଁ ବିଜେଡି ସରକାର ବିରାଟ ଷଡଯନ୍ତ୍ର ରଚିବା ଅକ୍ଷମଣୀୟ ଅପରାଧ । ଆଗାମୀ ସାଧାରଣ ନିର୍ବାଚନରେ ଓଡିଶାର ଛାତ୍ରସମାଜ ଓ ଅଭିଭାବକଗଣ ଏବଂ ଶିକ୍ଷକମାନେ ନିଶ୍ଚିତ ଦେବେ ବୋଲି ଶ୍ରୀ ପଣ୍ଡା କହିଛନ୍ତି। ଏହି ଅବସରରେ ରାଜ୍ୟ ସମ୍ପାଦକ ଆଶୁତୋଷ ବେହେରା, ଜୀବନ ରାଉତ, ରାଜ୍ୟ ସଂଯୋଜକ ଚଣ୍ଡୀ ପ୍ରସାଦ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# କେନ୍ଦ୍ର ସମବାୟ ବ୍ୟାଙ୍କର ୧୧୨ତମ ଜୟନ୍ତୀ



**ବାଲିଅନ୍ତା (ଅମୃତ ମିଡିଆ) :** ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ୧୧୨ତମ ଜୟନ୍ତୀ ଉପଲକ୍ଷେ ବାଲିଅନ୍ତା ବ୍ଲକର ପ୍ରଶୀଦ୍ଧ ଶକ୍ତିପୀଠ ଉତରମୁଖୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଏକ ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ସରକଣା ସେବା ସମବାୟ ସମିତିର ସଭାପତି ତଥା ପ୍ରମେୟ ପ୍ରତିନିଧି ସୋମନାଥ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଅଭିଶେକ ସିଂ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ସୁଭ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମବାୟ ବ୍ୟାଙ୍କ ସଦସ୍ୟ ପ୍ରଶନ୍ନ କୁମାର ଜାଲି, ପଦ୍ମିନିପ୍ରଭା ସଡ଼ଙ୍ଗୀ, ଚିନ୍ମୟ ସାମନ୍ତରା, ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶିକା ବନଶ୍ରୀ ମଲ୍ଲିକ, ବାଲିଅନ୍ତା ବ୍ୟାଙ୍କ ଅଧିକାରୀ ଶସ୍ମିତା ନାୟକ, ସାସ୍ୱତୀ ପଟ୍ଟନାୟକ, ଭୁବନେଶ୍ୱର (ଆରସିଏମ)ର ସଭାପତି ଧିରେନ୍ କୁମାର କର , ସମବାୟବିତ୍ ତାପସ କୁମାରେ ଜେନା, ନିଳକଣ୍ଠ ପଣ୍ଡା, ନଳିନୀକାନ୍ତ ମହାପାତ୍ର, ବେଣୁଧର ଭୋଇ , ଅକ୍ଷୟ ଛୋଟରାୟ ପ୍ରମୁଖ ଯୋଗ ଦେଇ ସମବାୟ ସମିତିର ଉପକାରିତା, କୃଷି ଋଣ ସହିତ କ୍ଷୁଦ୍ର, ମଧ୍ୟମ, ବୃହତରୁଣ, ମହିଳାମାନଙ୍କୁ ସ୍ୱାବଲମ୍ବି କରାଇବା ପାଇଁ (ଜେଲ୍‌ଜି) ମାଧ୍ୟମରେ ଋଣ ପ୍ରଦାନ, ଉଚ୍ଚତର ଶିକ୍ଷା ପାଇଁ ଶିକ୍ଷା ଋଣ ଠାରୁ ଆରମ୍ଭ କରି ଗୃହ ଋଣ ପର୍ଯ୍ୟନ୍ତ ସମସ୍ତ ପ୍ରକାରର ସୁବିଧା ଓ ସୁଯୋଗ ବାବଦରେ ଉପଭୋକ୍ତା ମାନଙ୍କୁ ଅବଗତ କରାଇଥିଲେ। ବାଲିଅନ୍ତା ଅଞ୍ଚଳର ୧୩ ଗୋଟି ସମବାୟ ବ୍ୟାଙ୍କର ନିର୍ବାଚିତ ପ୍ରତିନିଧିଙ୍କ ସହିତ ୫୦୦ରୁ ଉର୍ଦ୍ଧ ସମବାୟ ଉପଭୋକ୍ତା ଯୋଗ ଦେଇ ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ।

# ଦିଲ୍ଲୀ ସୀମାରେ କୃଷକ ହତ୍ୟାର ପ୍ରତିବାଦ




**ବାରିପଦା (ଅମୃତ ମିଡିଆ) :** ଐତିହାସିକ ଚାଷୀ ଆନ୍ଦୋଳନରେ ମୋଦି ସରକାର ଦେଇଥିବା ପ୍ରତିଶୃତିର ପ୍ରତାରଣା ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଦିଲ୍ଲୀ ସିମାରେ ଚାଲିଥିବା ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାରୀ ଅନୁମୋଦିତ, ପ୍ରାୟୋଜିତ ପୋଲିସର ଗୁଳିରେ ଯୁବ କୃଷକ ଶୁଭ କରନ ସିଂହ ସହୀଦ ହୋଇଛନ୍ତି। କୃଷକ ହତ୍ୟାକାରୀ ମୋଦି ସରକାରର ଏତାଦୃଶ ହିଂସାତ୍ମକ କାର୍ଯ୍ୟର ଦୃଢ଼ ପ୍ରତିବାଦ କରି ଦେଶରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ମିଳିତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ମାନଙ୍କଦ୍ୱାରା ଆହୂତ ଦେଶବ୍ୟାପୀ କଳାଦିବସ ପାଳନ ପରିପ୍ରେକ୍ଷୀରେ ସ୍ଥାନୀୟ ବସଷ୍ଟାଣ୍ଡ ଠାରେ ଅଖିଳ ଭାରତ କୃଷକ ସଭା, ଏଆଇଟିୟୁସି ଓ ସିଆଇଟିୟୁ ପକ୍ଷରୁ ମିଳିତ ଭାବେ ପ୍ରତିବାଦ ଓ ପ୍ରତିରୋଧ ଅନୁଷ୍ଠିତ ହୋଇ କୃଷକ ସହୀଦର ରକ୍ତ ହେବ ନାହିଁ ବ୍ୟର୍ଥ ବୋଲି ମତ ପ୍ରକାଶ ପାଇଛି। ଏଥିରେ ଅଖିଳ ଭାରତ କୃଷକ ସଭା ଓ ଏଆଇଟିୟୁସି ପକ୍ଷରୁ ଜିଲ୍ଲା ସମ୍ପାଦକ ଜଗବନ୍ଧୁ ମିଶ୍ର, ସିଆଇଟିୟୁ ପକ୍ଷରୁ ସଭାପତି ର୍ଓ୍ୱି ଗୋସ୍ୱାମୀ ଓ ଅମଳ ଦେ, ବାରିପଦା ମୋଟର କର୍ମଚାରୀ ୟୁନିଅନର ସଭାପତି ରଘୁନାଥ ପଣ୍ଡା, ଉପ ସଭାପତି ସୁବାସ ଚନ୍ଦ୍ର ତ୍ରିପାଠୀ, ସମ୍ପାଦକ ଅଶୋକ ଭଞ୍ଜଦେଓ, ମନୋରଞ୍ଜନ ପରିଡା, ଅକ୍ଷୟ ଖୁଣ୍ଟିଆ, ଏଆଇଟିୟୁସି ପକ୍ଷରୁ ଶ୍ରୀକାନ୍ତ ସାମଲ, ଇପିଏଫ ପେନସନ ଆସୋସିଏସନର ଜିଲ୍ଲା ସଭାପତି ମଦନମୋହନ ଜେନା, ଚିତ୍ତରଞ୍ଜନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଏଆଇଡିଏସଓ ପକ୍ଷରୁ ବାରିପଦା ସ୍ଥିତ ସରକାରୀ ମହିଳା ବାଳିକା ହଷ୍ଟେଲରେ କଳା ଦିବସ ପାଳିତ ହୋଇଯାଇଛି. ଏଆଇଡିଏସଓ ର ମୟୂରଭଞ୍ଜ ଜିଲ୍ଲା କମିଟି ସଦସ୍ୟ କମ୍ରେଡ ବୁଦୁନି ବାନରା ଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅଞ୍ଜଳି ବାରିକ, ସୁମି ହେମ୍ବ୍ରମ, ବର୍ଷା ଦଳେଇ, ନମିତା ମର୍ଣ୍ଡି, ଗଙ୍ଗା ମାଝୀ, ଜୟଶ୍ରୀ ବେହେରା, ସୁମୀ ଜାରିକା, ସନ୍ତୋଶୀ ନାଏକ ପ୍ରମୁଖ ଅଂଶ ଗ୍ରହଣ କରି ଚାଷୀ ମାନଙ୍କ ଉପରେ ଚାଲିଥିବା ଆକ୍ରମଣ ଏବଂ ହତ୍ୟା ଘଟଣାକୁ ନିନ୍ଦା କରିଥିଲେ ।

# ବଢୁଛି ଗୟାଧରଙ୍କ ପ୍ରତି ସମର୍ଥନ






**ଖଣ୍ଡପଡା (ଅମୃତ ମିଡ଼ିଆ) :** ନୟାଗଡ଼ ଜିଲ୍ଲା ବିଜେଡ଼ି ଉପସଭାପତି ତଥା ଭାପୁର ବ୍ଲକ୍‌ର ପୂର୍ବତନ ଅଧକ୍ଷ/ ଉପାଧ୍ୟକ୍ଷ ଗୟାଧର ପରିଡ଼ାଙ୍କ ପ୍ରତି ଲୋକସମର୍ଥନ ବୃଦ୍ଧି ପାଇବାରେ ଲାଗିଥିବା ଦେଖାଯାଇଛି। ବିଭିନ୍ନ ସ୍ଥାନରେ ତାଙ୍କୁ ଉତ୍ସସିତ ସମ୍ବର୍ଦ୍ଧନା ମିଳୁଥିବା ସହିତ ପ୍ରାୟ ପ୍ରତ୍ୟେକ ସ୍ଥାନରେ ପୂଜା, ପର୍ବ, ଅନୁଷ୍ଠାନରେ ତାଙ୍କୁ ନିମନ୍ତ୍ରିତ କରିବା ଓ ସାଧାରଣ ଜନତାଙ୍କ ପକ୍ଷରୁ ତାଙ୍କର ଉପସ୍ଥିତିକୁ କାମନା କରାଯିବା ପୂର୍ବକ ସମଗ୍ର ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ଏକ ପରିବର୍ତନର ସୁଅ ଛୁଟୁଥିବାର ଦେଖାଯାଇଛି। ସେ ମଧ୍ୟ ଅକୁଣ୍ଠିତ ଭାବେ ପ୍ରତ୍ୟେକ ସ୍ଥାନର ନିମନ୍ତ୍ରଣକୁ ରକ୍ଷାକରି ସମସ୍ତ ଉତ୍ସବ, ମହୋତ୍ସବ ଗୁଡ଼ିକରେ ଯୋଗଦେବା ସହିତ ନିଜ ଆଡ଼କୁ ଜନସମର୍ଥନ ବୃଦ୍ଧି ଦିଗରେ ଲାଗି ପଡ଼ିଛନ୍ତି। ଗତ କାଲି ଯେଉଁମାନେ ତାଙ୍କୁ ସମାଲୋଚନା କରି ବିରୋଧିକୁ ସମର୍ଥନ ଦେଇ ଆସୁଥିଲେ ସେମାନେ ମଧ୍ୟ ଗୟାଙ୍କ ନିକଟକୁ ଆସିବା ସହିତ ବନ୍ଧୁତାପୂର୍ଣ୍ଣ ସମ୍ପର୍କ ସୃଷ୍ଟି କରିବା ପ୍ରଚେଷ୍ଟାରେ ଅଛନ୍ତି। ଗତ କିଛିଦିନ ତଳେ ଖଣ୍ଡପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ସମାରୋହରେ ସେ ଯୋଗଦେଇଥିବା ସ୍ଥାନ ଗୁଡ଼ିକ ମଧ୍ୟରୁ ବନମାଳୀପୁର ଗ୍ରାମପଂଚାୟତର ନିମପାଟଣା ଗ୍ରାମରେ ପ୍ରଭୁ ଶ୍ରୀରାମ ଭକ୍ତ ହନୁମାନଙ୍କ ଏକାଦଶ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ମହୋତ୍ସବ ଅବସରରେ ଆଖପାଖ ଗ୍ରାମବାସୀଙ୍କ ସମେତ ଯୋଗଦେଇଥିବା ଶହ ଶହ ଉପସ୍ଥିତ ଦର୍ଶକ ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ସେହିଭଳି ଧଳାବନ୍ଧ ଗ୍ରାମରେ ଅଷ୍ଟପ୍ରହରୀ ନାମଯଜ୍ଞ ଅବସରରେ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ଗୟାଧରଙ୍କୁ ବିପୁଳ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ଦେଖାଯାଇଛି। ଏଥି ମଧ୍ୟରେ ଖଣ୍ଡପଡ଼ା ସହରାଂଚଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇ ଉପସ୍ଥିତ ଜନତାଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିବା ଦେଖାଯାଇଛି। ତେବେ ବଂଚିଥିବା ପର୍ଯ୍ୟନ୍ତ ସାଧାରଣ ଜନତାଙ୍କ ଦୁଃଖ ଓ ସୁଖ ସମୟରେ ନିଜର ସେବାକୁ ଅବ୍ୟାହତ ରଖିଥିବେ ବୋଲି ଗୟାଧର ଏକ ବନ୍ଧୁତାପୂର୍ଣ୍ଣ ସାକ୍ଷାତକାରରେ ପ୍ରକାଶ କରିଛନ୍ତି।

# ସଫଳତାର ପାହାଚରେ ଶ୍ରୀରାମ ଆଥ୍‌ଲେଟିକ୍ ଗ୍ରୁପ
## ୬ଜଣ କୃତିଛାତ୍ରଙ୍କୁ ସମ୍ବର୍ଦ୍ଧନା



**ପିପିଲି (ଅମୃତ ମିଡିଆ) :** ଶ୍ରୀରାମ ଆର୍ଥଲେଟିକ୍ ଗ୍ରୁପର ସାମରିକ ଶିକ୍ଷା କ୍ଷେତ୍ରରେ ସଫଳତା ପାଇଥିବା ୬ଜଣ କୃତି ଛାତ୍ର ଙ୍କୁ ଆଜି ସମ୍ବର୍ଦ୍ଧନା ଦିଆଯାଇଛି । ପିପିଲି ଜବାହର ବିଦ୍ୟାପୀଠ ଠାରେ ଅନୁଷ୍ଠାନ ର ଉପଦେଷ୍ଟା ରାକେଶ କୁମାର ବେହେରା ଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷକ ତଥା ଅବସରପ୍ରାପ୍ତ ସେନା ଅଧିକାରୀ ସୁଧିର ରଂଜନ କର ଓ ଦିଲିପ କୁମାର ରାଉତ ଉପସ୍ଥିତ ରହି କୃତିତ୍ୱ ପାଇଥିବା ୬ଜଣ ଛାତ୍ର ଙ୍କୁ ସମ୍ବର୍ଦ୍ଧନା କରିଥିଲେ । ଆତ୍ମ ବିଶ୍ୱାସ ଓ ପ୍ରଗାଢ ନିଷ୍ଠା ର ସହ ଶ୍ରୀରାମ ଆର୍ଥଲେଟିକ୍ ଗ୍ରୁପ ରେ ପ୍ରଶିକ୍ଷଣ ନେଉଥିବାରୁ ଉକ୍ତ ଛାତ୍ର ମାନଙ୍କୁ ଅତିଥି ମାନେ ବହୁ ପ୍ରଶଂସା କରିଥିଲେ। ତେବେ ଓଡ଼ିଶା ଫାୟାର ସର୍ଭିସ୍ ରେ ପାଇଥିବା ଶ୍ରୀକୃଷ୍ଣ ଡାଙ୍ଗୁଆ , ସଂଜୟ ସେଠୀ, ଉଦିପ୍ତ ଜେନା ଓ ଇଣ୍ଡିଆନ୍ ଆର୍ମି ଅଗ୍ନି ବୀର ରେ ପାଇଥିବା ସୁବ୍ରତ କୁମାର ନନ୍ଦ, ସୌମ୍ୟରଞ୍ଜନ ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ ସମେତ ୬ଜଣଙ୍କୁ ଅତିଥି ମାନେ ଫୁଲତୋଡ଼ା ଦେଇ କେକ୍ କାଟି ସମ୍ବର୍ଦ୍ଧନା ଉତ୍ସବ ପାଳନ କରିଛନ୍ତି। ତେବେ ଏହି ପ୍ରଶିକ୍ଷଣ କେନ୍ଦ୍ର ରୁ ଶିକ୍ଷା ଦାନ କରି କୃତିତ୍ୱ ହାସଲ କରିଥିବାରୁ ନିଜକୁ ଗର୍ବିତ ଅନୁଭବ କରିବା ସହ ଆଗାମୀ ଦିନରେ ଛାତ୍ରଛାତ୍ରୀଙ୍କ ସଫଳତା ପାଇଁ ସମସ୍ତ ପ୍ରକାର କାର୍ଯ୍ୟ କରାଯିବ ବୋଲି ଅନୁଷ୍ଠାନ ର ଉପଦେଷ୍ଟା ରାକେଶ କୁମାର ବେହେରା କହିଛନ୍ତି ।

# ଲଗାତାର ୩ ଦିନ ଧରି ଚୋରି, ଲୋକମାନେ ଭୟଭୀତ

**ହିନ୍ଦୋଳ (ଅମୃତ ମିଡିଆ) :** ରାସୋଳ ଅଞ୍ଚଳରେ ଦିନକୁ ଦିନ ଚୋରି ବଢିବାରେ ଲାଗିଛି। ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ଚୋରି ହେଉଛି। ଲଗାତାର ୩ ଦିନ ଧରି ଏହି ଚୋରି ଘଟଣା ଲାଗି ରହିଥିଲା । ପ୍ରଥମେ ଖରଚୁଲୀ ପୋଲ ଉପରୁ ଜଣେ ଫାଇନାନ୍ସ କର୍ମଚାରୀଙ୍କ ଠାରୁ ଦେଢ଼ ଲକ୍ଷ ଟଙ୍କାର ଚୋରି ହୋଇଥିବାର ଅଭିଯୋଗର ପର ଦିନ ଗଣ୍ଡାନାଳୀ ଖଣ୍ଡାଧୂଆ ବ୍ରିଜ୍ ନିକଟରେ ଜଣେ ମେଡ଼ିସିନ୍ ରିପ୍ରେଜଣ୍ଟେଟିଭ୍ ଙ୍କ ଠାରୁ ପ୍ରାୟ ୧୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଦୁଇ ମୁଖାଧାରୀ ଆସି ଲୁଟି ନେଇଥିବାର ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ର ପରଦିନ ଅର୍ଥାତ୍ ଗୁରୁବାର ରାତିରେ ରାସୋଳ ଗ୍ରାମର ୩ ଟି ମନ୍ଦିରରୁ ଚୋରି ହୋଇଥିବାର ମଧ୍ୟ ଅଭିଯୋଗ ହୋଇଛି। ଗ୍ରାମର ବଡପାଟଣାସ୍ଥିତ ମା ଦକ୍ଷିଣକାଳୀ ମନ୍ଦିର ,ତଳପାଟଣା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ଓ ମା ମଙ୍ଗଳାଙ୍କ ମନ୍ଦିରରୁ ଲୁଟେରାମାନେ ମନ୍ଦିରର ତାଲା ଭାଙ୍ଗି ମନ୍ଦିରର ଦାନ ବାକ୍ସକୁ ଲୁଟି ନେଇଛନ୍ତି। ଲୁଟେରାମାନେ ବାକ୍ସ ଗୁଡ଼ିକୁ ରାସୋଳ ଥାନା ନିକଟସ୍ଥ ରାଜବାଟି ପଛପାଖ ବେଲଗଛଠାରେ ଭାଙ୍ଗି ଟଙ୍କା ଓ ସୁନା ଆଦି ନେଇଯାଇଛନ୍ତି। ଏ ନେଇ ମନ୍ଦିର ପରିଚାଳନା କମିଟିର ସଭାପତି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ରାସୋଳ ପୋଲିସ୍ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ଲଗାତାର ଏମିତି ଚୋରି ହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ପୋଲିସ୍ ଏଥିପ୍ରତି ସଜାଗ ହେବା ସହ ଜୋରଦାର ପେଟ୍ରୋଲିଂ କରିବାକୁ ଲୋକମାନେ ଦାବି କରିଛନ୍ତି।

# ପଂଚମୁଖୀ ହନୁମାନଙ୍କ ବାର୍ଷିକୋତ୍ସବ



**ଖଣ୍ଡପଡା (ଅମୃତ ମିଡ଼ିଆ) :** ଖଣ୍ଡପଡ଼ା ବ୍ଲକ୍ ବେଣାଗାଡ଼ିଆ ଗ୍ରାମ ପଂଚାୟତ ଅନ୍ତର୍ଗତ ନୀଳକଣ୍ଠପ୍ରସାଦ ଗ୍ରାମରେ ଶ୍ରୀଶ୍ରୀ ରାମ ଭକ୍ତ ପଂଚମୁଖୀ ହନୁମାନଙ୍କ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦିବାରାତ୍ର ନାମଯଜ୍ଞ, ଯଜ୍ଞାନୁଷ୍ଠାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ରାମନାଟକ ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ସମାଜସେବୀ ଓ ରାଜନେତା ଇଂ. ଦଷ୍ମନ୍ତ ସ୍ୱାଇଁ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନର ଶୁଭାରମ୍ଭ ସହିତ ମଂଚ ଉଦ୍‌ଘାଟନ କରିଥିବା ଜଣାଯାଇଛି। ସମସ୍ତ ଯଜ୍ଞାଦି କାର୍ଯ୍ୟକ୍ରମ ସହିତ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଅନ୍ନଯଜ୍ଞ କାର୍ଯ୍ୟକ୍ରମରେ ଆଖପାଖ ଅଂଚଳରୁ ଶହ ଶହ ସଂଖ୍ୟକ ଲୋକଙ୍କର ଯୋଗଦାନ ଓ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିବାର ଅନୁଷ୍ଠାନର ସଭାପତି ଚର୍ତୁଭୁଜ ସ୍ୱାଇଁଙ୍କ ଠାରୁ ସୂଚନା ମିଳିଛି।

# ମୋବାଇଲ ଚୋର ଗିରଫ : କୋର୍ଟ ଚାଲାଣ

**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ବାଲିଚନ୍ଦ୍ରପୁର ପୋଲିସ ମୋବାଇଲ ଚୋରି ଅଭିଯୋଗରେ ଜଣକୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ଘଟଣାରୁ ପ୍ରକାଶ ଜାନୁଆରୀ ୨୬ ତାରିଖ ଦିନ ବାଲିଚନ୍ଦ୍ରପୁର ଖେଳପଡ଼ିଆରେ କିଛି ପିଲା ମିଶି ଖେଳୁଥିବା ସମୟରେ ପଣସପୁର ଗ୍ରାମର ରବିନ୍ଦ୍ର ସାହୁଙ୍କ ପୁଅ ବିଶ୍ୱଜିତ୍ ସାହୁଙ୍କର ଏକ ଦାମି ମୋବାଇଲ ଚୋରି ହୋଇଯାଇଥିଲା। ଏ ନେଇ ବିଶ୍ୱଜିତ୍ ବାଲିଚନ୍ଦ୍ରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ୫୬/୨୪ ଦଫା ୩୭୯ ଆଇ.ପି.ସିରେ ଏକ ମାମଲା ରୁଜୁ ହୋଇଥିଲା। ଉକ୍ତ ମୋବାଇଲକୁ ଟ୍ରାକ କରି ଶନିବାର ବାଲିଚନ୍ଦ୍ରପୁର ପୋଲିସ ବରୀ ଥାନା ଅନ୍ତର୍ଗତ ରତ୍ନଗିରି ଅଞ୍ଚଳର ଉତ୍ତମ ପଲେଇଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରିଣୀ ପ୍ରମୋଦିନୀ ସାହୁ ସୂଚନା ଦେଇଛନ୍ତି।

# ଅପରେସନ ଗ୍ରୀନ୍ କ୍ଲିନ୍

**ଜୟପୁର (ଅମୃତ ମିଡିଆ) :** ବୈପାରୀଗୁଡା ଥାନା ଝଡିଆଗୁଡା ଠାରେ ଅପରସେନ ଗ୍ରୀନ କ୍ଲିନ, ୪୦ ଏକର ଗଞ୍ଜେଇ ଚାଷ ନଷ୍ଟ କଲା ଅବକାରୀ ବିଭାଗ। ବୈପାରୀଗୁଡା ଅବକାରୀ ଅଧିକାରୀ ଭାଗବନ ମହାନନ୍ଦିଆଙ୍କ ନେତୃତ୍ୱରେ କୋରାପୁଟ ଅବକାରୀ ଅଧିକାରୀ, ନନ୍ଦପୁର ଅବକାରୀ ଅଧିକାରୀ ଜୟପୁର ଓଆଇସି ଏବଂ ବୈପାରୀଗୁଡାର ସମସ୍ତ ଅବକାରୀ ଷ୍ଟାଫଙ୍କ ଉପସ୍ଥିତି ଗଂଜେଇ ଚାଷ ନଷ୍ଟ କରାଯାଇଛି। ମାଲକାନଗିରି ବୈପାରୀଗୁଡା ସୀମାନ୍ତ ଅଂଚଳରେ ନିର୍ଭୟରେ ଗଞ୍ଜେଇ ଚାଷ କରାଯାଉଛି ବେଳେ ଆଜି ପ୍ରାୟ ଚଳିଶି ହଜାର ଗଞ୍ଜେଇ ଗଛ ପୋଡି ଦିଆଯାଇଛି।

## ବିଜେଡିର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଲା
# ଉଦ୍‌ଘାଟନ କରିବା ପୂର୍ବରୁ ଫଳକ ଭଙ୍ଗା
## ପୋଲିସ ସହାୟତାରେ ଉଦ୍‌ଘାଟନ କଲେ ବିଧାୟକ



**ବାଲିଚନ୍ଦ୍ରପୁର (ଅମୃତ ମିଡିଆ) :** ନିର୍ବାଚନ ଯେତେ ପାଖେଇ ଆସୁଛି ବଡ଼ଚଣା ବ୍ଲକରେ ବିଭିନ୍ନ ପଞ୍ଚାୟତରେ ବିଜେଡ଼ିର ଗୋଷ୍ଠି କନ୍ଦଳ ବଢିବାରେ ଲାଗିଛି। ଆଜି ଶନିବାର ଦୁଇଟି ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ରହିଥିଲା। ମାତ୍ର ଉଦଘାଟନ ପୂର୍ବରୁ ଗୋଟିକର ଫଳକ ଭାଙ୍ଗି ଫୋପାଡ଼ି ଦିଆଯାଇଥିବା ଦେଖିବାକୁ ମିଳିଛି। ଦଳରେ ଗୋଷ୍ଠି କନ୍ଦଳ ଯୋଗୁ ଏପରି ଘଟିଥିବା ଚର୍ଚ୍ଚା ହେଉଛି। ଘଟଣାରୁ ପ୍ରକାଶ ବଡ଼ଚଣା ବ୍ଲକ ଅନ୍ତର୍ଗତ ବଡ଼ବାଲିକୁଦା ପଞ୍ଚାୟତରେ ପଞ୍ଚାୟତ ସମିତି ଅଂଶଧନରୁ ମିଶନଶକ୍ତି ଗୃହ ନିମନ୍ତେ ୭ ଲକ୍ଷ ଟଙ୍କା ଓ ଶ୍ରୀ ଜଗନ୍ନାଥ ବିଜେସ୍ଥଳୀ (କୋଠଘର) ନାମରେ ବାଞ୍ଛାମଠକୁ ୪ ଲକ୍ଷ ଟଙ୍କା ଆମ ଓଡ଼ିଶା ନବୀନ ଓଡ଼ିଶାରେ ପ୍ରଦାନ କରାଯାଇଥିଲା। ମାତ୍ର ଉକ୍ତ ମଠର କୋଠଘର ପୂର୍ବରୁ ମଠ ପକ୍ଷରୁ ନିର୍ମାଣ ସରିଥିବା ବେଳେ ବିଜେଡ଼ିର ଗୋଟିଏ ଗୋଷ୍ଠି ନାମକୁ ମାତ୍ର କାମ କରି ରଙ୍ଗବୋଳି ୪ ଲକ୍ଷ ଟଙ୍କା ଆତ୍ମସାତ କରାଯାଇଥିବା ନେଇ ବିଜେଡ଼ିର ଅନ୍ୟଏକ ଗୋଷ୍ଠି ପ୍ରତିବାଦ ସ୍ୱରୂପ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥି, ପଞ୍ଚାୟତ ସମିତି ଅଧ୍ୟକ୍ଷା ମିନତୀ ସେନାପତି, ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଅରବିନ୍ଦ ସାମ. ବଡ଼ବାଲିକୁଦା ସରପଞ୍ଚ ପ୍ରିୟମ୍ବଦା ଜେନା, ସମିତି ସଭ୍ୟା କାମିନୀ ନାୟକଙ୍କ ନାମଲେଖା ଥିବା ଫଳକଟିକୁ ଉଦଘାଟନ ପୂର୍ବରୁ ଭାଙ୍ଗି ଫୋପାଡ଼ି ଦେଇଥିବା ଦେଖାଯାଇଛି। ପଞ୍ଚାୟତରେ ଏଥିନେଇ ଚାପା ଉତେଜନା ଦେଖାଯାଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିସୟବସ୍ତୁ ପାଲଟିଛି। ଅପରପକ୍ଷେ ଉକ୍ତ ମଠ କୁଅରେ ଠିକାଦାର ମାନେ ରଙ୍ଗ ଢାଳିଦେଇଥିବା ନେଇ ବାବା ମନୋଜ ଦାସ କାହାରି ନାମ ନନେଇ ଅଭିଯୋଗ ଆଣିଛନ୍ତି। ତେବେ ବିଧାୟକ ଶ୍ରୀ ଶତପଥି ପୋଲିସ ସହାୟତାରେ ଉକ୍ତ ପଞ୍ଚାୟତର ମିଶନଶକ୍ତି ଗୃହକୁ ଉଦଘାଟନ କରିଥିବା ବେଳେ ଫଳକ ଭଙ୍ଗା ପ୍ରକଳ୍ପଟିକୁ ଉଦଘାଟନ ନକରି ଫେରିଥିବା ଜଣାପଡ଼ିଛି। ଏ ନେଇ ପଞ୍ଚାୟତର ଜେ.ଇ ସଂଜୟ ମିଞ୍ଜକୁ ପଚାରିବାରେ ପ୍ରକଳ୍ପର ବିବରଣୀ ଦେଇ ଆଜି ମୁଁ ଛୁଟିରେ ଅଛି ବୋଲି ପ୍ରକାଶ କରିଥିଲେ। ଘଟଣା ସମ୍ପର୍କରେ ବାଲିଚନ୍ଦ୍ରପୁର ପୋଲିସ ସହ ଯୋଗାଯୋଗ କରିବାରେ ସେମିତି ଏକ ପରିସ୍ଥିତି ହୋଇଥିଲା। ଆମେ ଘଟଣାସ୍ଥଳକୁ ଯାଇଥିଲୁ ମାତ୍ର କୌଣସି ରିପୋର୍ଟ ଥାନାରେ ହୋଇନାହିଁ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# ଏନ୍‌ଏସି ମାନ୍ୟତା ପାଇବାପରେ ସାଲେପୁର ସହର ଉତ୍ସବମୁଖର



**ସାଲେପୁର (ଅମୃତ ମିଡିଆ) :** ଦୀର୍ଘବର୍ଷର ଦାବି ପରେ ଶେଷରେ ରାଜ୍ୟ ସରକାର ସାଲେପୁର ଅଞ୍ଚଳକୁ ଏନ୍.ଏ.ସି. (ବିଜ୍ଞାପିତ ପରିଷଦ ଅଞ୍ଚଳ) ଘୋଷଣା କରିଛନ୍ତି। ଏହାନେଇ ସାଲେପୁର ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସୀର ଲହରି ଖେଳିଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ୩୪ଟି ଅଞ୍ଚଳକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରିଥିବାବେଳେ ସେଥି ମଧ୍ୟରେ ସାଲେପୁରକୁ ମଧ୍ୟ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରିଛନ୍ତି। ଏହାନେଇ ସାଲେପୁର ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଦଳବର୍ଣ୍ଣ ନିର୍ବିଶେଷରେ ଏକ ପ୍ରକାର ଉତ୍ସବ ପାଳନ କରାଯାଇଛି। ବାଣ ଫୁଟାଇବା ଓ ମିଠାବଣ୍ଟନ କରିବା ସହ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି ଉତ୍ସବକୁ ପାଳନ କରିଛନ୍ତି। ସହରାଞ୍ଚଳ ବିକାଶ ପରିଷଦର ଅଧ୍ୟକ୍ଷ ନନ୍ଦ କିଶୋର ଭୂୟାଁ ସାଲେପୁରକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ୍ ଓ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ସେହିପରି ସାଲେପୁର ଏନ୍.ଏ.ସି. ଦାବି ନେଇ ପୂର୍ବତନ ବିଧାୟକ ପ୍ରକାଶ ବେହେରା ସାଲେପୁର ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଏନ୍.ଏ.ସି. ମାନ୍ୟତା ଦାବି ନେଇ ଟାଙ୍ଗୀ ସାଲେପୁର ବିକାଶ ମଞ୍ଚର ଅଧ୍ୟକ୍ଷ ବିଶେଶ୍ୱର ସ୍ୱାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଗଭୀର କୃତଜ୍ଞତା ଜଣାଇବା ସହ ସାଲେପୁର ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସାଲେପୁର ଅଞ୍ଚଳବାସୀଙ୍କ ଏହା ଏକ ଦୀର୍ଘଦିନର ଦାବି ହୋଇଥିବାବେଳେ ଶେଷରେ ସରକାର ଏହି ଦାବିକୁ ପୂରଣ କରିଥିବାରୁ ସାଲେପୁର ଅଞ୍ଚଳର ସମାଜସେବୀ ଶିଶିର ପଣ୍ଡା, ବାଲିସାହି ସରପଞ୍ଚ ପବିତ୍ର ସାମଲ, ସାଇରାମ ଭୂୟାଁ, ଯୁବନେତା ପରଭେଜ ଅଲ୍ଲୀ, ସାମ୍ବାଦିକ ହୃଷିକେଶ ମଲ୍ଲିକ, ଅରବିନ୍ଦ ଭୂୟାଁ, ଦୀପକ ଦାସ, ହେମନ୍ତ କୁମାର ଭୂୟାଁ, ସୁଜିତ୍ ଭୂୟାଁ, ପ୍ରତ୍ୟୁଷ ମହାନ୍ତି, ବିଭୁତିଭୂଷଣ କର, ପ୍ରତାପ ଚନ୍ଦ୍ର ଭୂୟାଁ, ତାରାକାନ୍ତ ନାୟକ, ପ୍ରଦୀପ ପରିଜା, ସାଂସଦ ପ୍ରତିନିଧି ଗୁଲରେଜ ଅଲ୍ଲୀ, ଯୁବନେତା ଜୟରାମ ବେହେରା, ଜୟଦେବ ଷଡ଼ଙ୍ଗୀ, ବିଜୟ କୁମାର ବେହେରା, ସବ୍ୟସାଚୀ ଦାସ ପ୍ରମୁଖ ଦଳବର୍ଣ୍ଣ ନିର୍ବିଶେଷରେ ଶତାଧିକ ଅଞ୍ଚଳବାସୀ ଏକ ଶୋଭାଯାତ୍ରାରେ ବଜାର ପରିକ୍ରମା କରିବା ସହ ବିଜୁ ପଟ୍ଟନାୟକ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ମାଲ୍ୟାର୍ପଣ କରି ପରସ୍ପରକୁ ମିଠା ଖୁଆଇ ବାଣ ଫୁଟାଇ ଏହି ଉତ୍ସବକୁ ପାଳନ କରିଥିଲେ। ସେହିପରି ଶତାଧିକ ଅଞ୍ଚଳବାସୀ ଡି.ଜେ. ବାଜା ଓ ଆତସବାଜୀ ଫୁଟାଇ ମାଛୁଆତି ତାରିଣୀ ଛକଠାରୁ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କୁ ଏକ ଶୋଭାଯାତ୍ରାରେ ଆଣି ସାଲେପୁର ବଜାର ପରିକ୍ରମା କରିବା ସହ ବିଜୁ ବାବୁ ଓ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବେହେରା କହିଥିଲେ ଯେ ସାଲେପୁର ଅଞ୍ଚଳବାସୀଙ୍କ ଏହା ଏକ ମୁଖ୍ୟ ଦାବି ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଳମ୍ବରେ ହେଉ ମଧ୍ୟ ଉକ୍ତ ଦାବିକୁ ପୂରଣ କରିଥିବାରୁ ମୁଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନଙ୍କୁ କୃତଜ୍ଞତା ଜଣାଇବା ସହ ସାଲେପୁର ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଉଛି। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ସଂଜିତ୍ ଦାଶ, ସରପଞ୍ଚ ସଂଜୟ କୁମାର ବେହୁରା, ସୌମ୍ୟରଂଜନ ମଲ୍ଲ, ଜୟଦେବ ଶତପଥି, ରାଜେଶ ମହାନ୍ତି, ସମିତିସଭ୍ୟା ଗୌତମୀ ମଲ୍ଲିକ, ପୁଷ୍ପିତା ଭୂୟାଁ, ନବକିଶୋର କର ପ୍ରମୁଖ ଏଥିରେ ସାମିଲ ଥିଲେ। ସେହିପରି ଦୀର୍ଘଦିନ ଧରି ସାଲେପୁର ସହରକୁ ଏନ.ଏ.ସି. ମାନ୍ୟତା ପ୍ରଦାନ ଦାବି ଜୋରଦାର ହୋଇଆସୁଥିଲେ ମଧ୍ୟ ହୋଇପାରୁନଥିଲା। ଶେଷରେ ସାଲେପୁର ବିଧାୟକଙ୍କ ଉଦ୍ୟମରେ ସାଲେପୁରକୁ ଏନ୍.ଏ.ସି. ମାନ୍ୟତା ପ୍ରଦାନ କରାଯାଇଥିବାରୁ ସାଂସଦ ପ୍ରତିନିଧି ଗୁଲରେଜ ଅଲ୍ଲୀ, ସରପଞ୍ଚ ପବିତ୍ର ସାମଲ, ଯୁବବିଜେଡି ସଭାପତି ସଂଜିତ୍ ଦାଶ, ଛାତ୍ରବିଜେଡି ସଭାପତି ଶୁଭମ୍ ଦାଶ ବିଧାୟକ ଶ୍ରୀ ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସାଲେପୁରକୁ ଏନ୍.ଏ.ସି. ଘୋଷଣା ପରେ ସାଲେପୁର ସହର ଏକ ପ୍ରକାର ଉତ୍ସବ ମୁଖର ହୋଇପଡିଥିବା ଜଣାପଡିଛି।


₹ 5/-
Saffron Blended
NB
MEENAJEE®
MAWA
₹5 ରେ
ପ୍ରିମିୟମ୍ କ୍ୱାଲିଟି
Call Toll Free: 1800 123 6292
Warning: Chewing of supari is injurious to health. Not for minors.